# ଧରିତ୍ରୀ
DHARITRI

ମଙ୍ଗଳବାର, ଜୁନ୍ ୨/୨୦୨୦ (୨୦ ପୃଷ୍ଠା) | Tuesday, June 2/2020

୪୬ଶ ଭାଗ ୧୮୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## କବିତାରେ ସଂଘର୍ଷର କଥା କହିଲେ ସୋନାକ୍ଷୀ

ବଲିଉଡ୍‌ର ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା କରୋନା ଯୋଦ୍ଧାଙ୍କ ସଂଘର୍ଷର କାହାଣୀ କବିତା ମାଧ୍ୟମରେ କହିଛନ୍ତି। ଏହାର ଏକ ଭିଡିଓ ସେ ଇନ୍‌ଷ୍ଟାଗ୍ରାମରେ ଅପ୍‌ଲୋଡ୍ କରିଛନ୍ତି।

୧୦

୨୦

## ପଙ୍ଘାଲଙ୍କ ନାମ ଖେଳରତ୍ନ ପାଇଁ ସୁପାରିସ

ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ତାରକା ବକ୍ସର ଅମିତ ପଙ୍ଘାଲଙ୍କ ନାମ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରାଯାଇଛି।








# ଶନିବାର, ରବିବାର ଶଟ୍‌ଡାଉନ

ଭୁବନେଶ୍ୱର,୧।୬(ବ୍ୟୁରୋ)

କୋଭିଡ-୧୯ ଯୋଗୁ ଜାରି ହୋଇଥିବା ଲକ୍‌ଡାଉନ ୪ର୍ଥ ପର୍ଯ୍ୟାୟ ପରେ କେନ୍ଦ୍ର ସରକାର ଜୁନ୍ ୧ତାରିଖରୁ ଅନଲକ୍ ୧.୦ ଆରମ୍ଭ କରିଛନ୍ତି। ପୂର୍ବ କଟକଣାକୁ ହଟାଇ ଅଧିକ କୋହଳ କରିଛନ୍ତି। ତେବେ ରାଜ୍ୟ ସରକାର ନିଜର କରୋନା ସଂକ୍ରମଣ ଅବସ୍ଥାକୁ ଦେଖି ନିଷ୍ପତ୍ତି ନେବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍ ଲାଇନ ଜାରି କରାଯାଇଛି। ଇତିମଧ୍ୟରେ ଗତ ୨ସପ୍ତାହ ହେବ ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଯଦି କଟକଣାକୁ କୋହଳ କରାଯିବ ତେବେ ଏହାର ପରିଣାମ ଭୟଙ୍କର ହେବାର ଆଶଙ୍କା ରହିଛି। ଇତିମଧ୍ୟରେ ୪ଲକ୍ଷ ୨୬ହଜାର ପ୍ରବାସୀ ଓଡ଼ିଶାକୁ ଫେରିଲେଣି। ସେଥିପାଇଁ ସଂକ୍ରମଣ ଆଶଙ୍କା ଅଧିକ ରହିଛି। ଅନ୍ୟପକ୍ଷରେ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ଆଗମନ ହେଉଥିବାରୁ ଜଳବାୟୁ ପରିବର୍ତ୍ତନ ହେବ। ତାପମାତ୍ରା କମିବା ସାଙ୍ଗକୁ ଜ୍ୱର ଥଣ୍ଡା ଅଧିକ ବ୍ୟାପିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି କୋଭିଡ୍ ଅନ୍‌ଲକ ୧.୦ ପାଇଁ ରାଜ୍ୟ ସରକାର ନୂତନ ନିୟମାବଳୀ ଜାରି କରିଛନ୍ତି। ଏନେଇ ସୋମବାର ଅପରାହ୍ନରେ ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍‌ଲକ ୧.୦ ଆରମ୍ଭ ହୋଇଥିଲେ ମଧ୍ୟ ରାଜ୍ୟଗୁଡ଼ିକ ନିଜ ସ୍ଥିତି ଅନୁଯାୟୀ କଟକଣା ଜାରି କରିପାରିବେ ବୋଲି ମୁଖ୍ୟଶାସନ ସଚିବ କହିଛନ୍ତି।

ମୁଖ୍ୟ ଶାସନ ସଚିବ ତ୍ରିପାଠୀ କହିଛନ୍ତି ଯେ, ଜୁନ ମାସ ରାଜ୍ୟ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ମାସରେ କରୋନା ସଂକ୍ରମଣ ଅଧିକ ବ୍ୟାପିବା ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟ ସରକାର ଅଧିକ ସତର୍କ ରହିବାକୁ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ କରୋନା ☞ପୃଷ୍ଠା-୪

## ଜାରି ହେଲା ନୂଆ ଗାଇଡ୍‌ଲାଇନ

### ୧୧ଜିଲ୍ଲାରେ ଶଟ୍‌ଡାଉନ

- ଗଞ୍ଜାମ
- ପୁରୀ
- ନୟାଗଡ଼
- ଖୋର୍ଦ୍ଧା
- କଟକ
- ଜଗତ୍‌ସିଂହପୁର
- କେନ୍ଦ୍ରାପଡ଼ା
- ଯାଜପୁର
- ଭଦ୍ରକ
- ବାଲେଶ୍ୱର
- ବଲାଙ୍ଗୀର



### ଜୁନ୍ ୩୦ ପର୍ଯ୍ୟନ୍ତ ବନ୍ଦ ରହିବ

- ଧାର୍ମିକସ୍ଥଳ, ଶପିଂ ମଲ୍, ସିନେମା ହଲ୍, ଜିମ୍ ଓ ସୁଇମିଂ ପୁଲ୍
- କୌଣସି ପ୍ରକାର ସଭା ସମିତି

### କଟକଣା ମଧ୍ୟରେ ଚାଲିବ

- ୩୦% କ୍ଷମତା ନେଇ ଖୋଲିପାରିବ ହୋଟେଲ
- ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗ ଦେଇପାରିବେ ୨୦ ଜଣ
- ବିବାହ କାର୍ଯ୍ୟକ୍ରମ ୫୦ଜଣ ମଧ୍ୟରେ ସୀମିତ

## ଜୁଲାଇ ୩୧ ଯାଏ ସ୍କୁଲ, କଲେଜ ବନ୍ଦ

ଭୁବନେଶ୍ୱର, ୧।୬(ବ୍ୟୁରୋ)

ରାଜ୍ୟର ସମସ୍ତ ସ୍କୁଲ, କଲେଜ ଓ କୋଚିଂ ସେଣ୍ଟର ଆସନ୍ତା ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରହିବ। ଏନେଇ ସୋମବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଅନଲକ୍-୧ ଘୋଷଣା ପରେ ଓଡ଼ିଶା ପାଇଁ ନୂଆ ଗାଇଡ୍‌ଲାଇନ୍ ଆଣିଛନ୍ତି ରାଜ୍ୟ ସରକାର। ଏହି ଅନୁସାରେ ଓଡ଼ିଶାରେ ଶୀଘ୍ର ଖୋଲିବନି ଶିକ୍ଷାନୁଷ୍ଠାନ। ସେ କହିଲେ, ଏ ଲଢ଼େଇ ଏତେ ଶୀଘ୍ର ସରିବ ନାହିଁ। କରୋନା ମୁକାବିଲା ପାଇଁ ସମୟୋପଯୋଗୀ ପଦକ୍ଷେପ ନେବାକୁ ପଡ଼ିବ। ଜୁନ ମାସ ରାଜ୍ୟ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଏହିମାସରେ କରୋନା ଅଧିକ କାୟା ମେଲାଇବାର ଆଶଙ୍କା ରହିଛି। ତେଣୁ ଜୁନ୍‌ରେ ହିଁ ଆମକୁ ଅଧିକ ସତର୍କ ହେବାକୁ ପଡ଼ିବ। ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। ସଂକ୍ରମିତଙ୍କ ସଂଖ୍ୟା ବଢୁଥିବା ଦେଖି ସ୍କୁଲ ଓ କଲେଜ ଖୋଲିବା ଉପରେ ସରକାର ଏଭଳି ବଡ଼ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ମଧ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଜୁନ୍ ୧୭ରୁ ସ୍କୁଲ ଖୋଲିବ ନାହିଁ ବୋଲି ସୂଚନା ଦେଇଥିଲେ।

## ଅମାନିଆଙ୍କୁ ଜରିମାନା ସହ ଗିରଫ: ଡିଜିପି

ଭୁବନେଶ୍ୱର,୧।୬ (ବ୍ୟୁରୋ)

- ବିନା ମାସ୍କରେ ଧରାପଡ଼ିଲେ ୧ ହଜାର ପର୍ଯ୍ୟନ୍ତ ଜରିମାନା
- ବାହାରେ ଛେପ ପକାଇଲେ ୫ଶହ ତଣ୍ଡ
- ରାତି ୭ରୁ ସକାଳ ୫ କର୍ଫ୍ୟୁ ଜାରି ରହିବ

ଲକ୍‌ଡାଉନ୍ ହଟିଛି। ଆରମ୍ଭ ହୋଇଛି ଅନ୍‌ଲକ୍-୧। ଏଥିରେ କେତେକ ନିର୍ଦ୍ଦିଷ୍ଟ କଟକଣା ରହିଛି। ତେବେ କେତେଜଣ ଅମାନିଆଙ୍କ ପାଇଁ ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ସେମାନେ ମାସ୍କ ପିନ୍ଧୁ ନ ଥିବାବେଳେ ଛେପ ଏଣେ ତେଣେ ପକାଇ ସ୍ଥିତିକୁ ଜଟିଳ କରୁଛନ୍ତି। ତେଣୁ କରୋନା ମୁକାବିଲା ଓ ସଂକ୍ରମଣ ଏଡ଼ାଇବା ପାଇଁ ଓଡ଼ିଶା ପୋଲିସ କଠୋର ହୋଇଛି। ଛେପ ପକାଇଲେ, ମାସ୍କ ନ ପିନ୍ଧିଲେ ଏଥର ମୋଟା ଅଙ୍କର ତଣ୍ଡ ଗଣିବାକୁ ପଡ଼ିବ। ବିନା ☞ପୃଷ୍ଠା-୪

# ଧାନ ଏମ୍‌ଏସ୍‌ପି ୧୮୬୮ ଟଙ୍କାକୁ ବୃଦ୍ଧି

ନୂଆଦିଲ୍ଲୀ,୧।୬(ପି.ଟି.)

### କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି

- ୧୪ ଖରିଫ ଫସଲର ଏମ୍‌ଏସ୍‌ପି ବଢ଼ିଲା
- କୃଷକଙ୍କୁ ବ୍ୟୟ ତୁଳନାରେ ୫୦-୮୩ ପ୍ରତିଶତ ଅଧିକ ମୂଲ୍ୟ ମିଳିବ
- ଏମ୍‌ଏସ୍‌ଏମ୍‌ଇର ସଂଜ୍ଞା ବଦଳିଲା
- ମଧ୍ୟମ ଉଦ୍ୟୋଗ କାରବାର ସୀମା ୨୫୦ କୋଟି ଟଙ୍କାକୁ ବୃଦ୍ଧି

କେନ୍ଦ୍ର ସରକାର ୨୦୨୦-୨୧ ବର୍ଷ ଲାଗି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କୁଇଣ୍ଟାଲ ପ୍ରତି ୫୩ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ଧାନ ଏମ୍‌ଏସ୍‌ପି ୧,୮୬୮ ଟଙ୍କାକୁ ବୃଦ୍ଧି ପାଇଛି। ଏଥିସହିତ ଖାଦ୍ୟଶସ୍ୟ, ଡାଲି ଓ ତୈଳବୀଜ ଆଦି ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। କୃଷି ବ୍ୟୟ ଓ ମୂଲ୍ୟ ଆୟୋଗ (ସିଏସିପି)ଙ୍କ ସୁପାରିସକ୍ରମେ ବିଭିନ୍ନ ଫସଲର ଏମ୍‌ଏସ୍‌ପି ବୃଦ୍ଧି ଲାଗି ନିଷ୍ପତ୍ତି ନିଆଯାଇଥିବା କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହାଦ୍ୱାରା କୃଷକମାନେ ବ୍ୟୟ ତୁଳନାରେ ୫୦ରୁ ୮୩ ପ୍ରତିଶତ ଅଧିକ ମୂଲ୍ୟ ପାଇପାରିବେ

ଧାନ ଏମ୍‌ଏସ୍‌ପି ୧,୮୬୮ ଟଙ୍କାକୁ ବୃଦ୍ଧି ହୋଇଥିବାରୁ ଚାଷୀଙ୍କୁ କୃଷିକାର୍ଯ୍ୟରେ ବ୍ୟୟ ତୁଳନାରେ ୫୦ ପ୍ରତିଶତ ଅଧିକ ମୂଲ୍ୟ ମିଳିବ। ଗ୍ରେଡ୍ ଏ ଧାନର ଏମ୍‌ଏସ୍‌ପି ଗତବର୍ଷ ୧,୮୩୫ ଟଙ୍କା ଥିବାବେଳେ ଚଳିତ ବର୍ଷ ଏହାକୁ ୧,୮୮୮ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କପା ଏମ୍‌ଏସ୍‌ପି ୨୬୦ ଟଙ୍କା ବୃଦ୍ଧି କରାଯାଇ ୫,୫୧୫ ଟଙ୍କା କରାଯାଇଛି। ଗତବର୍ଷ ଏହା ୫,୨୫୫ ଟଙ୍କା ଥିଲା। ସେହିପରି ଲମ୍ବା ଖୋସାଯୁକ୍ତ କପା ଦାମ୍ ୫,୫୫୦ରୁ ୫,୮୨୫ ଟଙ୍କାକୁ ବୃଦ୍ଧି ହୋଇଛି। ଜଅ କୁଇଣ୍ଟାଲ ପ୍ରତି ଏମ୍‌ଏସ୍‌ପି ୭୦ ଟଙ୍କା ବୃଦ୍ଧି ପାଇ ୨,୬୨୦ ଟଙ୍କା ହୋଇଥିବାବେଳେ ବାଜରା ୧୫୦ ଟଙ୍କା ବୃଦ୍ଧି ପାଇ ୨,୧୫୦ ଟଙ୍କା ହୋଇଛି। ହରଡ଼ ଏମ୍‌ଏସ୍‌ପି ୨୦୦ ଟଙ୍କା ବୃଦ୍ଧି ପାଇ ୬,୦୦୦ ଟଙ୍କା ହୋଇଥିବାବେଳେ ମୁଗ ଡାଲି ୧୪୬ ଟଙ୍କା ବୃଦ୍ଧି ପାଇ ୭,୧୯୬ ଟଙ୍କା, ବିରି ୩୦୦ ଟଙ୍କା ବୃଦ୍ଧି ପାଇ ୬,୦୦୦ ଟଙ୍କା,ଚିନାବାଦାମ ୧୮୫ ଟଙ୍କା ବୃଦ୍ଧି ପାଇ ୫,୨୭୫ ଟଙ୍କା ହୋଇଛି। ସେହିପରି ସୂର୍ଯ୍ୟମୁଖି ☞ପୃଷ୍ଠା-୪


ORSPL

ଘଡ଼ୀ ଡିଟର୍ଜେଣ୍ଟ

## ଭାରତର ବୀର ଦୋକାନୀ ଭାଇ

କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀ ଭାଇମାନଙ୍କ ପାଇଁ

ଆଜି ସଂପୂର୍ଣ୍ଣ ଦେଶ ଏକ ମୁସ୍କିଲ ସମୟରେ ଗତି କରୁଛି । ଆର୍.ଏସ୍.ପି.ଏଲ. ପରିବାର ସେହି ସମସ୍ତ ଦୋକାନୀ ଭାଇମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି, ଯିଏକି ଏହି ମୁସ୍କିଲ ସମୟରେ ନିଜର କାର୍ଯ୍ୟ ଏବଂ ନିଷ୍ଠା ଦ୍ୱାରା ଦେଶ ଓ ଦେଶବାସୀଙ୍କ କୌଣସି ପ୍ରକାର ସମସ୍ୟା ହେବାକୁ ଦେଇନାହାନ୍ତି ।

ଭାରତର ଏହି ବୀରମାନଙ୍କୁ ଆମେ କୋଟି କୋଟି ନମସ୍କାର ଜଣାଉଛୁ ।

ଦୋକାନୀ ଭାଇ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ଘଡ଼ି ଡିଟର୍ଜେଣ୍ଟ ପାଉଡର

| SLAB | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 3 kg ର 1 *ବସ୍ତା | 1 kg ର 1 ପ୍ୟାକେଟ୍ ମାଗଣା |
| 1 kg ର 1 *ବସ୍ତା | 500 g ର 1 ପ୍ୟାକେଟ୍ ମାଗଣା |
| 500 g ର 1 *ବସ୍ତା | 1 kg ର 1 ପ୍ୟାକେଟ୍ ମାଗଣା |
| ₹10/-(135 g) ର 1 *ବସ୍ତା | ₹10/-(135 g) ର 5 ପ୍ୟାକେଟ୍ ମାଗଣା |
| ₹5/-(67 g) ର 1 *ବସ୍ତା | ₹5/-(67 g) ର 5 ପ୍ୟାକେଟ୍ ମାଗଣା |

ଦୋକାନୀ ଭାଇ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ଘଡ଼ି ଡିଟର୍ଜେଣ୍ଟ କେକ୍

| SLAB | ଘଡ଼ି ଡିଟର୍ଜେଣ୍ଟ କେକ୍ ମାଗଣା ପିସ୍ |
|---|---|
| 1 ନଗ୍ *(ପେଟି) | ₹5/-(90 g) ର 3 pcs. ସଂପୂର୍ଣ୍ଣ ମାଗଣା |

ସ୍କିମ୍ 2 May, 2020 ରୁ ଲାଗୁ
ଅଫର୍ ସିମିତ ସମୟ ପାଇଁ

SKU (ପେଟ/ବସ୍ତା) Information
Ghadi powder : 3kgx10 pkts.,1kgx25 pkts, 500gx40 pkts, 135gx72 pkts. 67gx100 pkts.
Ghadi Cake : 90gx100 pcs., 185gx56 pcs., 300gx48 pcs., 160gx80 pcs.



*As per Nielsen Retail Index data for MAT November 2019, All India (Urban + Rural) market in Washing Powder Category.

ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ ।

B. UMA SHANKAR (BHUBANESWAR): 7873096108,
RAJESH KUMAR (SAMBALPUR): 8709987942,
DHEERENDRA VERMA (STATE HEAD): 9935279225

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ । RSPL CARE 1800 120 2800


## ଏଲ୍‌ପିଜି ଦର ୧୧.୫ ଟଙ୍କା ବଢ଼ିଲା



ନୂଆଦିଲ୍ଲୀ,୧।୬: ସୋମବାର ଅଣ ସବ୍‌ସିଡି ଏଲ୍‌ପିଜି କ୍ଷେତ୍ରରେ ସିଲିଣ୍ଡର ପିଛା ୧୧.୫ ଟଙ୍କା ମୂଲ୍ୟ ବୃଦ୍ଧି ଘଟିଛି। ସେହିଭଳି ବିମାନ ଇନ୍ଧନ ବା ଏଟିଏଫ୍ ମୂଲ୍ୟ ପ୍ରାୟ ୫୬.୫ ଟଙ୍କା ବଢ଼ିଥିବା ଜଣାପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦରରେ ପରିବର୍ତ୍ତନ ଆସିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏଟିଏଫ୍ ମୂଲ୍ୟ କିଲୋ ଲିଟର ପିଛା ୧୨,୧୨୬.୭୫ ଟଙ୍କା ☞ପୃଷ୍ଠା-୪


ଆଜିର ସମ୍ପାଦକୀୟ

ବର୍ଜନ ଅସମ୍ଭବ


# କେରଳରେ ମୌସୁମୀ

ନୂଆଦିଲ୍ଲୀ,୧।୬

### ଚଳିତବର୍ଷ ହେବ ସ୍ୱାଭାବିକ ବର୍ଷା

ସୋମବାର କେରଳରେ ମୌସୁମୀ ପହଞ୍ଚିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବରୁ ଜୁନ୍ ୧ରେ ମୌସୁମୀ କେରଳ ଛୁଇଁବ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଥିଲା। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଯୋଗୁ ଦକ୍ଷିଣ ଭାରତରେ ଏବେ ବର୍ଷାର ପଦଧ୍ୱନି ଦେଖିବାକୁ ମିଳିଛି। କେରଳର ବିଭିନ୍ନ ଅଞ୍ଚଳରେ ବର୍ଷା ଜାରି ରହିଥିବା ବେଳେ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି। ଏବେ ସୁଦ୍ଧା କୋଝିକୋଡେରେ ୯ ସେଣ୍ଟିମିଟର, ଭଡ଼କରାରେ ୧୫ ସେଣ୍ଟିମିଟର, ଥିରୁବାନନ୍ତପୁରମ୍‌ରେ ୬ ସେଣ୍ଟିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜୁନ୍ ୧୫ରେ ସୋମବାର କେରଳରେ ମୌସୁମୀ ପହଞ୍ଚିବ ବୋଲି ଗତ ୨୮ରେ ଆଇଏମ୍‌ଡି ପକ୍ଷରୁ ଆକଳନ କରାଯାଇଥିଲା। ତାହା ସତ୍ୟ ହୋଇଥିବା ଆଇଏମ୍‌ଡିର ଉପମହାନିର୍ଦ୍ଦେଶକ ଆନନ୍ଦ କୁମାର ଶର୍ମା ପ୍ରକାଶ କରିଛନ୍ତି। କେରଳରେ ମୌସୁମୀ ପହଞ୍ଚିବା ସହ ବର୍ଷାଦିନର ଆଗମନ ହୋଇଛି। ଏବେ ମୌସୁମୀର ସ୍ଥିତି ଭଲ ଥିବାରୁ ଚଳିତ ବର୍ଷ ସ୍ୱାଭାବିକ ବର୍ଷା ହେବାର ସମ୍ଭାବନା ରହିଥିବା ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେପ୍ଟେମ୍ବର ସୁଦ୍ଧା ଦେଶରେ ବର୍ଷାର ସ୍ଥିତି ଶତ ପ୍ରତିଶତ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବାରୁ ବର୍ଷାର ଆବଶ୍ୟକତା ଏଠାରେ ☞ପୃଷ୍ଠା-୪

## ୧୦ରେ ଓଡ଼ିଶା ଛୁଇଁପାରେ

ଭୁବନେଶ୍ୱର,୧।୬(ବ୍ୟୁରୋ)

- ୮ରେ ଲଘୁଚାପ
- କମିବ ତାତି, ଉପକୂଳରେ ବର୍ଷା ସମ୍ଭାବନା

ଦକ୍ଷିଣ-ପଶ୍ଚିମ ମୌସୁମୀ ସୋମବାର କେରଳ ଛୁଇଁଛି। ଆଉ ୯ ଦିନ ପରେ ଓଡ଼ିଶାରେ ପାଦ ଥାପିବ। ସେଥିପାଇଁ ପାଗ ଅନୁକୂଳ ରହିଛି। ଆସନ୍ତା ୮ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ମୌସୁମୀ ଅଧିକ ସକ୍ରିୟ ହେବ ଏବଂ ଆଗକୁ ବଢ଼ିବ। ମୌସୁମୀ ଉପକୂଳ ଓଡ଼ିଶା ବାଲେଶ୍ୱର, ପୁରୀ ଦେଇ ରାଜ୍ୟକୁ ପ୍ରବେଶ କରିବ। ଉପକୂଳବର୍ତ୍ତୀ ଜିଲା କେନ୍ଦ୍ରାପଡ଼ା, କଟକ, ☞ପୃଷ୍ଠା-୪

**ୟୁପି: ବର୍ଷା, ବଜ୍ରପାତରେ ୪୩ ମୃତ**

ଉତ୍ତରପ୍ରଦେଶରେ ଗୋଟିଏ ଦିନରେ ବର୍ଷା ଓ ବଜ୍ରପାତରେ ୪୩ ଜଣଙ୍କ ଜୀବନ ଯାଇଛି। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଶନିବାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ଧୂଳିଝଡ଼ ସାଙ୍ଗକୁ ପ୍ରବଳ ବର୍ଷା ଯୋଗୁ କାନ୍ଥ ଭୁଶୁଡ଼ିବା, ଗଛଡାଳ ପଡ଼ିବା ଓ ବଜ୍ରପାତ ଯୋଗୁ ୪୩ ଜଣଙ୍କ ମୃତ୍ୟୁ ଘଟିଥିଲା।

# ବ୍ରିଟେନକୁ ବ୍ୟାପିଲା ବର୍ଣ୍ଣବୈଷମ୍ୟ ବିକ୍ଷୋଭ

ଲଣ୍ଡନ,୧।୬

ଆମେରିକାରେ ଜର୍ଜ ଫ୍ଲୋୟଡ୍ ନାମକ ଜଣେ କୃଷ୍ଣକାୟଙ୍କର ପୋଲିସ ନିର୍ଯାତନାରେ ମୃତ୍ୟୁ ପରେ ଦେଶରେ ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗିଛି। ପୋଲିସ ବର୍ବରତା ବିରୋଧରେ ଆମେରିକାର ମିନିଆପଲିସ ସହରରେ ଆରମ୍ଭ ହୋଇଥିବା ଆନ୍ଦୋଳନର ନିଆଁ ସାରା ଆମେରିକାକୁ ବ୍ୟାପିବା ପରେ ଏବେ ବ୍ରିଟେନରେ ପହଞ୍ଚିଛି। କୃଷ୍ଣକାୟ ବ୍ୟକ୍ତିଙ୍କ ମୃତ୍ୟୁ ପ୍ରତିବାଦରେ ଦକ୍ଷିଣ ଲଣ୍ଡନସ୍ଥିତ ଆମେରିକା ଦୂତାବାସ ସମ୍ମୁଖରେ ହଜାର ହଜାର ଲୋକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସର ଆଣ୍ଠୁ ଚାପାରେ ପ୍ରାଣ ହରାଇଥିବା ଜର୍ଜ ଫ୍ଲୋୟଡଙ୍କୁ ନ୍ୟାୟ ଦାବିରେ ସେମାନେ ଟ୍ରାଫଲଗର ସ୍କୋୟାରରୁ ଶୋଭାଯାତ୍ରାରେ ଆମେରିକା ଦୂତାବାସ ପର୍ଯ୍ୟନ୍ତ ଯାଇଥିଲେ। ଏହାବ୍ୟତୀତ ମଞ୍ଚେଷ୍ଟର ସହର ଏବଂ କାର୍ଡିଫ୍‌ରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବର୍ଣ୍ଣବୈଷମ୍ୟବାଦର କୌଣସି ସ୍ଥାନ ନାହିଁ ବୋଲି ଆନ୍ଦୋଳନକାରୀମାନେ ସ୍ଲୋଗାନ ଦେଉଥିଲେ। ବିକ୍ଷୋଭ ବେଳେ କୋଭିଡ୍-୧୯ କଟକଣା ଉଲ୍ଲଂଘନ ଏବଂ ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ଦୂତାବାସ ନିକଟରୁ ୫ ଜଣଙ୍କୁ ଗିରଫ କରାଯାଇଛି।

## ଆମେରିକାର ୪୦ ସହରରେ କର୍ଫ୍ୟୁ



ଫିଲାଡେଲ୍‌ଫିଆ ପୋଲିସ ଜଣେ ବିକ୍ଷୋଭକାରୀଙ୍କୁ ଅଟକାଉଛନ୍ତି।

ୱାଶିଂଟନ,୧।୬

ପୋଲିସ ହାଜତରେ କୃଷ୍ଣକାୟଙ୍କୁ ହତ୍ୟା ପ୍ରତିବାଦରେ ଆମେରିକାରେ ବର୍ଣ୍ଣବୈଷମ୍ୟ ଆନ୍ଦୋଳନ ଷଷ୍ଠ ଦିନରେ ପହଞ୍ଚିଥିବାବେଳେ ବିଭିନ୍ନ ସ୍ଥାନରେ ଏହା ହିଂସାର ରୂପ ନେଇଛି। ଏହି ବିକ୍ଷୋଭରେ ୫ ଜଣଙ୍କ ଜୀବନ ଗଲାଣି। ଆମେରିକା ପୋଲିସ ୨୫୦୦ରୁ ଅଧିକ ଲୋକଙ୍କୁ ଗିରଫ କରିବା ସହ ପାଖାପାଖି ୪୦ ସହରରେ କର୍ଫ୍ୟୁ ଜାରି କରିଛି। ଆମେରିକାରେ ବହୁ ଦଶନ୍ଧି ମଧ୍ୟରେ ଏହା ସବୁଠୁ ହିଂସାତ୍ମକ ଆନ୍ଦୋଳନ ବୋଲି କୁହାଯାଉଛି। ଆମେରିକାର ୧୪୦ ସହରକୁ ଆନ୍ଦୋଳନ ବ୍ୟାପିଲାଣି। କେତେକ ସ୍ଥାନରେ ହିଂସାକାଣ୍ଡ ଲାଗି ରହିଥିବାରୁ ୨୦ଟି ରାଜ୍ୟରେ ନ୍ୟାଶନାଲ ଗାର୍ଡଙ୍କୁ ମୁତୟନ କରାଯାଇଛି। ଲସ୍ ଏଞ୍ଜେଲସ୍‌ରୁ ସର୍ବାଧିକ ଲୋକଙ୍କୁ ଗିରଫ କରାଯାଇଛି। ମିନେସୋଟାର ମିନିଆପଲିସ୍‌ରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସାରା ଦେଶକୁ ଗ୍ରାସ କରିସାରିଲାଣି। ବୋଷ୍ଟନରେ ବିକ୍ଷୋଭକାରୀ ପୋଲିସ ଗାଡ଼ିକୁ ଜାଳିଦେଇଛନ୍ତି। ଫିଲାଡେଲଫିଆରେ ଦଙ୍ଗାକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ପିପର ସ୍ପ୍ରେ କରିଛି। ନ୍ୟୁୟର୍କରେ ବିକ୍ଷୋଭକାରୀ ବ୍ରୁକଲିନରୁ ୱିଲିୟମ୍ସବର୍ଗ ବ୍ରିଜ୍ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ମାନହାଟାନ ବ୍ରିଜ୍‌ରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ୟୁନିୟନ ସ୍କୋୟାରରେ ପୋଡ଼ାଜଳା ଯୋଗୁ ଆତଙ୍କ ସୃଷ୍ଟି ହୋଇଥିଲା। ୧୯୬୮ ପରେ ପ୍ରଥମ ଥର ଲାଗି ଏତେ ସଂଖ୍ୟାରେ ସ୍ଥାନୀୟ ନେତା ଏକସଙ୍ଗେ ଆନ୍ଦୋଳନରେ ସାମିଲ ହୋଇଥିବା ଜଣାପଡ଼ିଛି।

### ବଙ୍କରରେ ଲୁଚିଲେ ଟ୍ରମ୍ପ୍



ଗତ ଶୁକ୍ରବାର ରାତିରେ ହଜାର ହଜାର ବିକ୍ଷୋଭକାରୀ ହ୍ୱାଇଟ ହାଉସ୍‌କୁ ଚାରିପଟୁ ଘେରି ବିକ୍ଷୋଭ କରିବା ଫଳରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭୟଭୀତ ହୋଇଯାଇଥିଲେ। ସୁରକ୍ଷା କର୍ମୀମାନେ ତାଙ୍କୁ କିଛିସମୟ ପାଇଁ ହ୍ୱାଇଟ ହାଉସ୍‌ରେ ଥିବା ଅଣ୍ଡରଗ୍ରାଉଣ୍ଡ ବଙ୍କର ମଧ୍ୟକୁ ନେଇଯାଇଥିଲେ। ପାଖାପାଖି ଘଣ୍ଟାଏ ଉକ୍ତ ବଙ୍କରରେ ରହିବା ପରେ ଟ୍ରମ୍ପ୍‌ଙ୍କୁ ଉପର ମହଲାକୁ ଅଣାଯାଇଥିଲା। ବିକ୍ଷୋଭକାରୀଙ୍କୁ ଅଟକାଇବା ପାଇଁ ସିକ୍ରେଟ ସର୍ଭିସ ଏବଂ ୟୁନାଇଟେଡ ଷ୍ଟେଟ୍ ପାର୍କ ପୋଲିସ ଅଫିସରଙ୍କୁ ଡକାଯାଇଥିଲା। ତେବେ ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍ ଓ ପୁଅ ବାରୋନ ଟ୍ରମ୍ପ୍ ବଙ୍କର ମଧ୍ୟକୁ ଯାଇଥିଲେ କି ନାହିଁ ଜଣାପଡିନାହିଁ।

### ହ୍ୱାଇଟ ହାଉସ ପାଖରେ ନିଆଁ ଜଳିଲା

ହ୍ୱାଇଟ ହାଉସ୍ ନିକଟରେ ୩ ରାତି ଧରି ବିକ୍ଷୋଭ ଲାଗି ରହିଥିବାବେଳେ ଉତ୍ୟକ୍ତ ଲୋକେ ନିଆଁ ଜାଳିଛନ୍ତି। କର୍ଫ୍ୟୁ ଘୋଷଣା ପୂର୍ବରୁ ବିକ୍ଷୋଭକାରୀଙ୍କୁ ଘଉଡାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ହ୍ୱାଇଟ ହାଉସ ନିକଟରୁ ପଳାଇଯାଇ ବିକ୍ଷୋଭକାରୀମାନେ ଏଚ୍ ଷ୍ଟ୍ରିଟ୍ ମଧ୍ୟଭାଗରେ ନିଆଁ ଜାଳିଥିଲେ। ରାସ୍ତାରେ ଥିବା ପ୍ଲାଷ୍ଟିକ୍ ବ୍ୟାରିୟର ସହ ପାଖ ବିଲ୍ଡିଂଗୁଡ଼ିକରେ ଥିବା ଆମେରିକୀୟ ପତାକାକୁ ମଧ୍ୟ ସେମାନେ ଜାଳିଦେଇଥିଲେ। ଏହି ନିଆଁରେ ଲାଫୟେଟ ପାର୍କର ଉତ୍ତର ପାର୍ଶ୍ୱରେ ଥିବା ବାଥରୁମ୍ ଓ ମେଣ୍ଟେନାନ୍ସ ଅଫିସ ଜଳିଯାଇଛି।



ଲକ୍‌ଡାଉନ କୋହଳ ପରେ ସୋମବାର ଗଙ୍ଗାନଦୀରେ ବୋଟ୍ ସେବା ଆରମ୍ଭ ହୋଇଛି।

## ୧୮ ରାଜ୍ୟ ସଭା ଆସନ ଲାଗି ୧୯ରେ ନିର୍ବାଚନ

ନୂଆଦିଲ୍ଲୀ,୧।୬(ପି.ଟି.)

ରାଜ୍ୟ ସଭାର ୧୮ଟି ଆସନ ଲାଗି ଆସନ୍ତା ୧୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସୋମବାର ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ଏହା ଘୋଷଣା କରାଯାଇଛି। ଏହିସବୁ ଆସନରେ ମାର୍ଚ୍ଚରେ ନିର୍ବାଚନ ହେବାକୁ ଥିଲା। ତେବେ କରୋନା ମହାମାରୀ ଜନିତ ଲକ୍‌ଡାଉନ କାରଣରୁ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା। ଲକ୍‌ଡାଉନ୍ ଏବେ କୋହଳ ହୋଇଥିବାରୁ ଇସି ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ଘୋଷଣା ଅନୁଯାୟୀ ଆନ୍ଧ୍ରପ୍ରଦେଶ ଓ ଗୁଜରାଟର ୪ଟି ଲେଖାଏ ଆସନ, ମଧ୍ୟପ୍ରଦେଶ ଓ ରାଜସ୍ଥାନର ୩ଟି ଲେଖାଏ ଆସନ, ଝାଡ଼ଖଣ୍ଡର ୨ଟି ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମେଘାଳୟ ଓ ମଣିପୁରର ଗୋଟିଏ ଲେଖାଏ ଆସନରେ ଜୁନ୍ ୧୯ ସକାଳ ୯ଟାରେ ଭୋଟଗ୍ରହଣ ଆରମ୍ଭ ହେବ। ସେହିଦିନ ସନ୍ଧ୍ୟାରେ ଭୋଟଗଣନା କରାଯିବ। ନିର୍ବାଚନ ପରିଚାଳନା ବେଳେ କୋଭିଡ୍-୧୯ କଟକଣା ଯେପରି ପାଳନ କରାଯାଏ ସେଥିପ୍ରତି ଦୃଷ୍ଟି ରଖିବା ଲାଗି ଜଣେ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରିବାକୁ ରାଜ୍ୟ ମୁଖ୍ୟ ସଚିବମାନଙ୍କୁ ଇସି ନିର୍ଦ୍ଦେଶ ଦେଇଛନ୍ତି।

୧୭ ରାଜ୍ୟରୁ ଖାଲି ହେବାକୁ ଥିବା ୫୫ ରାଜ୍ୟ ସଭା ଆସନରେ ନିର୍ବାଚନ ଲାଗି ଫେବୃୟାରୀରେ ଘୋଷଣା କରାଯାଇଥିଲା। ମାର୍ଚ୍ଚରେ ୧୦ ରାଜ୍ୟରୁ ୩୭ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ଅନ୍ୟ ଆସନରେ ମାର୍ଚ୍ଚ ୨୬ରେ ନିର୍ବାଚନ ହେବାର ଥିଲା। ତେବେ ଲକ୍‌ଡାଉନ ଯୋଗୁ ନିର୍ବାଚନକୁ ଘୁଞ୍ଚାଇଦିଆଯାଇଥିଲା। ଏହି ନିର୍ବାଚନରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଭାଜପା ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ କଂଗ୍ରେସର କେ.ସି. ବେଣୁଗୋପାଳଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବାକୁ ଯାଉଛି।

## 'ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପ୍ରତି ହିଂସା ଗ୍ରହଣୀୟ ନୁହେଁ'

ନୂଆଦିଲ୍ଲୀ,୧।୬(ପି.ଟି.)

ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପ୍ରତି ହିଂସା ଏବଂ ରୁକ୍ଷ ବ୍ୟବହାର ଗ୍ରହଣୀୟ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କହିଛନ୍ତି। ଏଗୁଡ଼ିକ ଭିଡ଼ ମାନସିକତାର ପରିଣାମ ବୋଲି ରାଜୀବ ଗାନ୍ଧୀ ୟୁନିଭର୍ସିଟି ଅଫ୍ ହେଲ୍ଥ ସାଇନ୍ସେସ୍‌ର ୨୫ତମ ପ୍ରତିଷ୍ଠା ଦିବସ ଅବସରରେ ଭିଡିଓ ବାର୍ତ୍ତା ଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଡାକ୍ତର, ନର୍ସ, ସଫେଇ କର୍ମଚାରୀ ଓ ଅନ୍ୟମାନେ ଆଗଧାଡ଼ିର କରୋନା ଯୋଦ୍ଧା। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ସୈନିକ ଭଳି କୋଭିଡ୍-୧୯ ବିରୋଧରେ ଯୁଦ୍ଧ ଲଢୁଛନ୍ତି। ଏହି ଭୂତାଣୁ ଅଦୃଶ୍ୟ ଶତ୍ରୁ ହୋଇଥିବାବେଳେ ଆମ କରୋନା ଯୋଦ୍ଧା ମେଡିକାଲ କର୍ମଚାରୀ ହେଉଛନ୍ତି ଅପରାଜେୟ। ସେମାନେ ନିଶ୍ଚୟ ବିଜୟୀ ହେବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ନରେନ୍ଦ୍ର ମୋଦି

ଯେକୌଣସି ପ୍ରକାର ହିଂସାରୁ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସୁରକ୍ଷା ଲାଗି ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଆଗଧାଡ଼ିର ଏହି ଯୋଦ୍ଧାଙ୍କ ଲାଗି ୫୦ ଲକ୍ଷ ଟଙ୍କାର ବୀମା ପ୍ରଦାନ କରାଯାଇଛି। କରୋନା ଯୁଦ୍ଧରେ ସାମିଲ ଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପ୍ରତି ହିଂସା କିମ୍ବା ରୁକ୍ଷ ବ୍ୟବହାର ପ୍ରଦର୍ଶନକୁ ଜାମିନବିହୀନ ଅପରାଧ ବିବେଚିତ କରାଯାଉଛି। ଏଥିପାଇଁ ସରକାର ଏପ୍ରିଲରେ ଏକ ଅଧ୍ୟାଦେଶ ଜାରି କରିଥିଲେ। ଏଥିରେ ସର୍ବାଧିକ ୭ ବର୍ଷ ଜେଲ୍‌ଦଣ୍ଡ ଏବଂ ୫ ଲକ୍ଷ ଟଙ୍କା ଜରିମାନା ବ୍ୟବସ୍ଥା ରହିଛି। ହିଂସାରେ ସ୍ୱାସ୍ଥ୍ୟ କର୍ମଚାରୀ ଗୁରୁତର ହେଲେ ଦୋଷୀଙ୍କ ବିରୋଧରେ ଦଣ୍ଡ ପରିମାଣ ୬ ମାସରୁ ୭ ବର୍ଷ ଏବଂ ଜରିମାନା ପରିମାଣ ୧ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିବ।

## ସୀମାରେ ଚକ୍କର ମାରୁଛି ଚାଇନା ଯୁଦ୍ଧବିମାନ

ଲଦାଖ,୧।୬

ପ୍ରକୃତ ନିୟନ୍ତ୍ରଣ ରେଖାରେ କିଛିଦିନ ହେଲା ଭାରତ ଓ ଚାଇନା ସୈନ୍ୟ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଥିବାବେଳେ ପୂର୍ବ ଲଦାଖଠାରୁ ପାଖାପାଖି ୩୦ କିଲୋମିଟର ଭିତରକୁ ଚାଇନାର ଲଢୁଆ ବିମାନ ଚକ୍କର କାଟୁଥିବା ଦେଖାଯାଇଛି। ହୋଟନ ଏବଂ ଗରଗୁନ୍‌ସାସ୍ଥିତ ପିଏଲ୍‌ଏ ଏୟାରଫୋର୍ସ ବେସ୍‌ରେ ଚାଇନା ୧୦ରୁ ୧୨ଟି ଯୁଦ୍ଧବିମାନ ମହଜୁଦ ରଖିଛି। ଏହି ବେସ୍ ଉପରେ ଭାରତୀୟ ସେନା ତୀକ୍ଷ୍ଣ ନଜର ରଖିଛନ୍ତି। ଚାଇନାର ଜେ-୭ ଏବଂ ଜେ-୧୧ ଯୁଦ୍ଧବିମାନ ଭାରତୀୟ ଅଞ୍ଚଳରୁ ୩୦ କିଲୋମିଟର ଦୂରତାରେ ସୋମବାର ୧୦ରୁ ୧୨ ଥର ଲେଖାଏ ଚକ୍କର କାଟିଥିଲେ। ସେଠାରୁ ଆମ ଅଞ୍ଚଳ ମଧ୍ୟକୁ ଆସିବାରେ ଏହି ଯୁଦ୍ଧବିମାନକୁ ୧ ମିନିଟ୍‌ରୁ କମ୍ ସମୟ ଲାଗିବ ବୋଲି ଏକ ସୂତ୍ରରୁ କୁହାଯାଇଛି। ବିପଦ ଆଶଙ୍କା ଥିବାରୁ ଭାରତୀୟ ସେନା ମଧ୍ୟ ପୂର୍ବ ଲଦାଖ ସେକ୍ଟରକୁ ଯୁଦ୍ଧବିମାନ ପଠାଇଛି। ମେ' ପ୍ରଥମ ସପ୍ତାହରେ ଉଭୟ ସେନାର ହେଲିକପ୍ଟର ପରସ୍ପରର ନିକଟବର୍ତ୍ତୀ ହୋଇଥିଲେ।

## ସଙ୍ଗୀତ ନିର୍ଦ୍ଦେଶକ ୱାଜିଦ୍ ଖାନ୍‌ଙ୍କ ପରଲୋକ

ମୁମ୍ବାଇ,୧।୬(ପି.ଟି.)

ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଯୋଡ଼ି ସାଜିଦ-ୱାଜିଦଙ୍କ ମଧ୍ୟରୁ ୱାଜିଦ୍ ଖାନଙ୍କର ରବିବାର ବିଳମ୍ବିତ ରାତିରେ କରୋନାରେ ପରଲୋକ ହୋଇଯାଇଛି। ୪୨ ବର୍ଷୀୟ ଏହି କଣ୍ଠଶିଳ୍ପୀ ତଥା ସଙ୍ଗୀତକାରଙ୍କର ପୂର୍ବରୁ କିଡ୍‌ନୀ ସମସ୍ୟା ରହିଥିଲା। ସେ କିଡ୍‌ନୀ ପ୍ରତିରୋପଣ କରିଥିଲେ। କିଛିଦିନ ପୂର୍ବରୁ ତାଙ୍କଠାରେ କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଚେମ୍ବୁରସ୍ଥିତ ସୁରାନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ୪ ଦିନ ହେଲା ସେ ଭେଣ୍ଟିଲେଟରରେ ରହିଥିଲେ। ତେବେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ୱାଜିଦ୍‌ଙ୍କ ଭାଇ ସାଜିଦ କହିଛନ୍ତି।

ସୁପରଷ୍ଟାର ସଲମାନ୍ ଖାନ୍‌ଙ୍କ ଚଳଚ୍ଚିତ୍ର ୱାଣ୍ଟେଡ୍, ଦବଙ୍ଗ, ଏକ୍ ଥା ଟାଇଗର ଆଦିରେ ସାଜିଦ-ୱାଜିଦ ଯୋଡ଼ି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।



୧୯୯୮ରେ ସଲମାନ୍‌ଙ୍କ 'ପ୍ୟାର କିୟା ତୋ ଡର୍‌ନା କ୍ୟା'ରେ ସଙ୍ଗୀତକାର ଭାବେ ଏହି ଯୋଡ଼ି ପ୍ରଥମେ ବଲିଉଡ୍‌ରେ ପାଦ ଥାପିଥିଲେ। ପରେ ସୁପରଷ୍ଟାରଙ୍କ 'ଗର୍ବ', 'ତେରେ ନାମ୍', ତୁମ୍‌କୋ ନା ଭୁଲ୍ ପାୟେଙ୍ଗେ', 'ପାର୍ଟନର' ଆଦିରେ ସେମାନେ କାମ କରିଥିଲେ। ରିଏଲିଟି ଶୋ' ସାରେଗାମାପା ୨୦୧୨ ଏବଂ ସାରେଗାମାପା ସିଙ୍ଗିଙ୍ଗ୍ ସୁପରଷ୍ଟାରରେ ସାଜିଦ-ୱାଜିଦ ମେଣ୍ଟର ଭାବେ କାର୍ଯ୍ୟ କରିଥିଲେ। ୱାଜିଦ୍‌ଙ୍କ ପରଲୋକରେ ସିନେମା ତଥା ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ବହୁ ଅଭିନେତା, ଅଭିନେତ୍ରୀ ଟୁଇଟର ଯୋଗେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ୱାଜିଦ୍‌ଙ୍କ ହସ ସବୁବେଳେ ମନେ ରହିବ ବୋଲି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କହିଛନ୍ତି। ସଙ୍ଗୀତ ଜଗତରେ ସେ ଜଣେ ଅତି ସୁନ୍ଦର ବ୍ୟକ୍ତି ଥିଲେ ବୋଲି ଅଭିନେତ୍ରୀ ପରିଣିତି ଚୋପ୍ରା କହିଛନ୍ତି। ସେହିପରି ଅଭିନେତା ବରୁଣ ଧାୱନ ତାଙ୍କ ପ୍ରଯୋଜକ ପିତା ଡାଭିଡ୍ ଧାୱନଙ୍କ ସହ ୱାଜିଦଙ୍କ ଏକ ଫଟୋ ଶେୟାର କରି ଏହି ସଙ୍ଗୀତକାର ସବୁଦିନ ସ୍ମରଣୀୟ ହୋଇ ରହିବେ ବୋଲି କହିଛନ୍ତି। କଣ୍ଠଶିଳ୍ପୀ ତଥା ସଙ୍ଗୀତକାର ଶଙ୍କର ମହାଦେବନ ୱାଜିଦଙ୍କ ପରଲୋକରେ ଶୋକବ୍ୟକ୍ତ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଛନ୍ତି।

## ୧୩ ପାକ୍ ଆତଙ୍କବାଦୀ ନିହତ

ଜମ୍ମୁ,୧।୬

ଭାରତକୁ ଅନୁପ୍ରବେଶ ଲାଗି ଉଦ୍ୟମ କରୁଥିବା ୧୩ ପାକିସ୍ତାନୀ ଆତଙ୍କବାଦୀ ଭାରତୀୟ ସେନାର ଗୁଳିମାଡ଼ରେ ନିହତ ହୋଇଛନ୍ତି। ଏଥିସହ ଏକ ଟେରର୍ ଲଞ୍ଚ୍‌ପ୍ୟାଡ୍‌କୁ ମଧ୍ୟ ଧ୍ୱଂସ କରାଯାଇଛି। ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲ୍ଲା ଅନ୍ତର୍ଗତ ମେନ୍ଧାର ସେକ୍ଟରରେ ଏହି ଲଞ୍ଚ୍‌ପ୍ୟାଡ୍ ଧ୍ୱଂସ କରାଯାଇଥିବା ବେଳେ ଏଠାରେ

**ଲଞ୍ଚ୍‌ପ୍ୟାଡ୍ ଧ୍ୱଂସ**

ଥିବା ୧୦ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡ଼ିଛି। ଅନୁରୂପ ଭାବେ ରାଜୌରି ଜିଲ୍ଲା ଅନ୍ତର୍ଗତ ନୌଶେରା ସେକ୍ଟର ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟରେ ସେନା ଗୁଳିରେ ୩ ପାକିସ୍ତାନ ଆତଙ୍କବାଦୀ ନିହତ ହୋଇଛନ୍ତି। ବିପୁଳ ଅସ୍ତ୍ରଶସ୍ତ୍ର ଧରି ସେମାନେ ସୀମାପାର୍ ହେଉଥିବା ବେଳେ ଏଭଳି ଘଟଣା ଘଟିଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ସେମାନଙ୍କଠାରୁ ୨ଟି ଏକେ ଆସଲ୍ଟ ରାଇଫଲ, ୧୩ ଫିଲ୍ଡ ମାଗାଜିନ, ୯ ଏମ୍‌ଏମ୍ ଚାଇନିଜ୍ ପିସ୍ତଲ, ଅଣ୍ଡର ବ୍ୟାରେଲ ଗ୍ରେନେଡ୍ ଲଞ୍ଚର, ୬ ଗ୍ରେନେଡ୍, ୫ ହ୍ୟାଣ୍ଡ ଗ୍ରେନେଡ୍, ୨ ଛୁରୀ, ଖାଦ୍ୟ, ଔଷଧ, ୧୭ ହଜାର ଟଙ୍କା ଆଦି ମିଳିଛି। ପାକ୍‌ସମର୍ଥିତ ଆତଙ୍କବାଦୀମାନେ ଭାରତ ଭିତରକୁ ଅନୁପ୍ରବେଶ ଲାଗି ଉଦ୍ୟମ କରୁଥିବାରୁ ସୀମାରେ ଭାରତୀୟ ସେନାକୁ ସଜାଗ୍ ରଖାଯାଇଛି।

## ସପ୍ତାହେ ପାଇଁ ଦିଲ୍ଲୀ ସୀମା ସିଲ୍

ନୂଆଦିଲ୍ଲୀ,୧।୬(ପି.ଟି.)

କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ଦିଲ୍ଲୀ ସୀମାକୁ ଏକ ସପ୍ତାହ ପାଇଁ ସିଲ୍ କରିବାକୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର ଘୋଷଣା କରିଛନ୍ତି। ଏହାକୁ ଖୋଲିବା ସମ୍ପର୍କରେ ସେ ଶୁକ୍ରବାର ସୁଦ୍ଧା ଜନସାଧାରଣଙ୍କ ମତାମତ ଲୋଡ଼ିଛନ୍ତି। ଏହି ମତାମତ ଆଧାରରେ ସୀମା ଖୋଲିବା ନେଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। କରୋନା ସଙ୍କଟ ବେଳେ ସୀମା ଖୋଲିଦେଲେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବା ଲାଗି ଅନ୍ୟ ରାଜ୍ୟରୁ ଲୋକମାନେ ଚାଲିଆସିବେ। ଫଳରେ ଜାତୀୟ ରାଜଧାନୀରେ ରହୁଥିବା ଲୋକଙ୍କ ପାଇଁ ହସ୍ପିଟାଲଗୁଡ଼ିକରେ ଶଯ୍ୟା ଅଭାବ ଦେଖାଦେବ। ତେଣୁ କେବଳ ପାସ୍ ପାଇଥିବା ଓ ଜରୁରୀ ସେବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ରାଜଧାନୀରେ ପ୍ରବେଶ ଲାଗି ଅନୁମତି ମିଳିବ।

## ଡିପ୍ରେସନର ରୂପ ନେଲା 'ନସର୍ଗ'



ଆରବସାଗରରେ ବାତ୍ୟା ପୂର୍ବରୁ ମତ୍ସ୍ୟଜୀବୀମାନେ କୂଳକୁ ଫେରୁଛନ୍ତି।

ନୂଆଦିଲ୍ଲୀ,୧।୬

- ବୁଧବାର ସନ୍ଧ୍ୟାରେ ଉଗ୍ରରୂପ ନେବ ବାତ୍ୟା
- ଘଣ୍ଟାପ୍ରତି ପବନର ବେଗ ହେବ ୧୨୫ କି.ମି.

କ୍ରମଶଃ ଉଗ୍ରରୂପ ଧାରଣ କରୁଛି ବାତ୍ୟା 'ନସର୍ଗ'। ସୋମବାର ଏହା ଡିପ୍ରେସନର ରୂପ ନେଇଥିବା ବେଳେ ଆଗାମୀ ୧୨ ଘଣ୍ଟା ପରେ ଏହା ଡିପ୍ ଡିପ୍ରେସନର ରୂପ ନେବ। ବୁଧବାର ସନ୍ଧ୍ୟାରେ ଏହା ଭୟଙ୍କର ରୂପ ଧାରଣ କରି ମୁମ୍ବାଇ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇବ ବୋଲି କୁହାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟାକୁ ୧୧୫ରୁ ୧୨୫ କି.ମି. ରହିବାର ଆଶଙ୍କା ରହିଛି। ଜୁନ୍ ୪ ସନ୍ଧ୍ୟାରେ ଏହା ଦୁର୍ବଳ ହୋଇଯିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ମହାରାଷ୍ଟ୍ର ଓ ଗୁଜରାଟ ଉପକୂଳରେ ବାତ୍ୟା 'ନସର୍ଗ' ୩ରେ ମାଡ଼ ହେବ। ହରିହରେଶ୍ୱର ଓ ଦାମନ ମଧ୍ୟରେ ଏହି ବାତ୍ୟା ଅତିକ୍ରମ କରିବ। ଫଳରେ ଏହି ଦୁଇ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# କରୋନା ସଂକ୍ରମଣ: ସପ୍ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୧।୬: ଭାରତ ବିଶ୍ୱର ସର୍ବାଧିକ କରୋନା ରୋଗୀଥିବା ଦେଶ ତାଲିକାର ସପ୍ତମ ସ୍ଥାନରେ ପହଞ୍ଚିଛି। ଫ୍ରାନ୍ସ, ଜର୍ମାନୀ ଭଳି ଦେଶକୁ ପଛକୁ ଠେଲି ଭାରତ ଉପରକୁ ଉଠିଛି। ଏବେ ଭାରତରେ ୧ ଲକ୍ଷ ୯୩ ହଜାର ୪୭୩ ସଂକ୍ରମିତ ବ୍ୟକ୍ତି ଥିବାବେଳେ ୫,୪୩୭ ଲୋକଙ୍କ ଜୀବନ ଗଲାଣି। ପରିସ୍ଥିତି ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ପ୍ରବାସୀଙ୍କ ଆଗମନ ପରିସ୍ଥିତିକୁ ବିଗାଡ଼ିଦେଇଛି। ତାଲିକାର ବହୁ ପଛରେ ଥିବା ଭାରତ ଗୋଟିଏ ପରେ ଗୋଟିଏ ଦେଶକୁ ପଛକୁ ଠେଲି ଅଗ୍ରସର ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ୭,୮୨୫ ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ୩୦ ଜଣଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ଆମେରିକା, ବ୍ରାଜିଲ, ରୁଷିଆ, ସ୍ପେନ୍, ବ୍ରିଟେନ, ଇଟାଲୀ ପଛକୁ ଏବେ ଭାରତ ରହିଛି। ଏଭଳି ସଂକ୍ରମଣ ଲାଗିରହିଲେ କିଛିଦିନ ମଧ୍ୟରେ ଭାରତ ସଂକ୍ରମଣ ତାଲିକାର ଶୀର୍ଷରେ ପହଞ୍ଚିବା କିଛି ଅସମ୍ଭବ ନୁହେଁ।

ମହାରାଷ୍ଟ୍ରରେ ଉଗ୍ର ସଂକ୍ରମଣ ଦେଖିବାକୁ ମିଳିଥିବା ବେଳେ ଏବେ ଏଠାରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୬୭, ୬୫୫ରେ ପହଞ୍ଚିଛି। ତାମିଲନାଡୁରେ ସଂକ୍ରମିତଙ୍କ ସଂଖ୍ୟା ୨୪,୫୦୦ରେ ପହଞ୍ଚିଛି। ଏହି ଦୁଇ ରାଜ୍ୟରେ ଯଥାକ୍ରମେ ୨,୨୮୬ ଓ ୧୮୭ ଲୋକଙ୍କ ମୃତ୍ୟୁ ହୋଇଛି। ରାଜଧାନୀ ଦିଲ୍ଲୀ ଓ ଗୁଜରାଟରେ କରୋନା ରୋଗୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଦିଲ୍ଲୀରେ ପ୍ରାୟ ୨୦ ହଜାର ସଂକ୍ରମିତ ହୋଇଥିବା ବେଳେ ଗୁଜରାଟରେ ଏହି ସଂଖ୍ୟା ବଢ଼ି ୧୬,୭୯୪ରେ ପହଞ୍ଚିଛି। ଦିଲ୍ଲୀରେ ୪୭୩ ଓ ଗୁଜରାଟରେ ୧,୦୩୮ ଜଣ ପ୍ରାଣ ହରାଇଛନ୍ତି। ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ମଧ୍ୟ ସ୍ଥିତି ସଙ୍କଟାପନ୍ନ ରହିଛି। ଏହି ରାଜ୍ୟଗୁଡ଼ିକରେ ସଂକ୍ରମିତଙ୍କ ସଂଖ୍ୟା ଯଥାକ୍ରମେ ୮,୯୮୦; ୮,୦୮୯; ୮,୦୭୫; ୫,୭୭୨କୁ ବୃଦ୍ଧିପାଇଛି। ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ରାଜସ୍ଥାନରେ ୧୯୮, ମଧ୍ୟପ୍ରଦେଶରେ ୩୫୦, ଉତ୍ତରପ୍ରଦେଶରେ ୨୧୭, ପଶ୍ଚିମବଙ୍ଗରେ ୩୨୫, ତେଲଙ୍ଗାନାରେ



୮୨, ପଞ୍ଜାବରେ ୪୫, ଆନ୍ଧ୍ରପ୍ରଦେଶରେ ୬୪, କର୍ନାଟକରେ ୫୨, ଜମ୍ମୁ-କଶ୍ମୀରରେ ୩୧ ବ୍ୟକ୍ତି ଅଛନ୍ତି।

ବର୍ତ୍ତମାନ ସୁଦ୍ଧା ଯଦିଓ ଭାରତରେ ୯୩ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ସୁସ୍ଥହୋଇ ଘରକୁ ଫେରିଛନ୍ତି, ତଥାପି ସଂକ୍ରମଣର କ୍ରମବର୍ଦ୍ଧିଷ୍ଣୁ ସ୍ଥିତି ସମସ୍ତଙ୍କୁ ଆତଙ୍କିତ କରିପକାଇଛି। ଏବେ ବି ଭାରତରେ ୯୪ ହଜାରରୁ ଊର୍ଦ୍ଧ୍ୱ ଆକ୍ଟିଭ୍ ମାମଲା ରହିଛି। ପ୍ରତିଦିନ ସହସ୍ରାଧିକ ନୂଆ ମାମଲା ଦେଖାଦେବା ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। କରୋନା ରୋଗର ସଫଳ ଚିକିତ୍ସା ଲାଗି କୌଣସି ଔଷଧ ବାହାରି ନ ଥିବାବେଳେ ରୋଗୀସଂଖ୍ୟା ବଢ଼ି ବଢ଼ି ଚାଲିଛି। ପ୍ରକାଶଥାଉକି, ବିଶ୍ୱର ସର୍ବାଧିକ କରୋନା ରୋଗୀ ଏବେ ଆମେରିକାରେ ରହିଥିବା ବେଳେ ଏଠାରେ ମୃତ୍ୟୁସଂଖ୍ୟା ୧.୦୬ ଲକ୍ଷରୁ

- ୫,୪୩୭କୁ ବଢ଼ିଲା ମୃତ୍ୟୁସଂଖ୍ୟା
- ୧.୯୩ ଲକ୍ଷରୁ ଅଧିକ ସଂକ୍ରମିତ

ଅଧିକ ରହିଛି। ମୋଟ ୧୮.୩୯ ଲକ୍ଷରୁ ଅଧିକ ରୋଗୀ ଏଠାରେ ଅଛନ୍ତି। ଏହା ପଛକୁ ବ୍ରାଜିଲରେ ୫୧.୪ ଲକ୍ଷ ସଂକ୍ରମିତ ଥିବାବେଳେ ମୃତ୍ୟୁସଂଖ୍ୟା ୨୯,୩୪୧କୁ ବୃଦ୍ଧିପାଇଛି। ରୁଷିଆରେ ମୃତ୍ୟୁସଂଖ୍ୟା ୪,୮୫୫ ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୪୧.୪ ଲକ୍ଷ ରହିଛି। ସ୍ପେନ୍, ବ୍ରିଟେନ ଓ ଇଟାଲୀରେ ଯଥାକ୍ରମେ ୨.୮୬ ଲକ୍ଷ, ୨.୭୪ ଲକ୍ଷ ଓ ୨.୩୨ ଲକ୍ଷରୁ ଅଧିକ ଥିବାବେଳେ ମୃତ୍ୟୁସଂଖ୍ୟା ୨୭,୧୨୭; ୩୮,୪୮୯ ଓ ୩୩,୪୧୫କୁ ବୃଦ୍ଧିପାଇଛି। ଏହି ଦେଶଗୁଡ଼ିକ ପଛକୁ ଭାରତ ସର୍ବାଧିକ କରୋନା ଆକ୍ରାନ୍ତ ତାଲିକାର ସପ୍ତମ ଦେଶ ଭାବେ ଉଭା ହୋଇଛି।




# ରେକର୍ଡ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ, ସର୍ବାଧିକ ସୁସ୍ଥ

■ ୧୫୬ ନୂଆ କରୋନା ପଜିଟିଭ୍, ୧୧୯ ସୁସ୍ଥ ହେଲେ
■ କେନ୍ଦ୍ରାପଡ଼ା ଜିଲାରେ ଥରକେ ୫୦ ଆକ୍ରାନ୍ତ
■ ରାଜ୍ୟରେ ୨ହଜାର ଟପିଲା ସଂକ୍ରମିତ ସଂଖ୍ୟା

ଭୁବନେଶ୍ୱର, ୧।୬(ବ୍ୟୁରୋ)

ରାଜ୍ୟରେ ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ କରୋନା ଆକ୍ରାନ୍ତ ଚିହ୍ନଟ ଓ ସୁସ୍ଥ ହୋଇଛନ୍ତି। ୨୪ଘଣ୍ଟାରେ ୧୫୬ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ ଏଥିମଧ୍ୟରେ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୫୦ଜଣ ରହିଛନ୍ତି। କଟକ ଜିଲାରେ ୨୦, ଗଞ୍ଜାମରେ ୧୭, ଜଗତ୍‌ସିଂହପୁରରେ ୧୪, ଯାଜପୁରରେ ୧୧, କନ୍ଧମାଳରେ ୯, ଭଦ୍ରକରେ ୭, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ନୂଆପଡ଼ା, ମୟୂରଭଞ୍ଜ, ବରଗଡ଼ ଓ ସୋନପୁରରେ ୩ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀର ଓ ସମ୍ବଲପୁରରେ ଦୁଇଜଣ ଲେଖାଏ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବୌଦ୍ଧ, କେନ୍ଦୁଝର ଓ ମାଲକାନଗିରିରେ ଜଣେ ଲେଖାଏ କରୋନା ପଜିଟିଭ୍ ରହିଛନ୍ତି। ଏହି ସମସ୍ତ ନୂଆ ଆକ୍ରାନ୍ତ ୧୯ ଜିଲାର ଓ ଏମାନଙ୍କ ମଧ୍ୟରୁ ୧୫୩ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୩ଜଣ ଲୋକାଲ କେସ୍ ଅନ୍ତର୍ଭୁକ୍ତ। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୧୦୪କୁ ବୃଦ୍ଧି ପାଇଯାଇଛି।

କେନ୍ଦ୍ରାପଡ଼ାରେ ୫୦ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ଏବେ ଏହି ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୩୯କୁ ବୃଦ୍ଧି ପାଇଛି। ଏଥିସହ ରାଜ୍ୟର ସଂକ୍ରମିତ ଜିଲା ତାଲିକାରେ ଭଦ୍ରକ ଓ କଟକ ଜିଲାକୁ ଅତିକ୍ରମ କରି କେନ୍ଦ୍ରାପଡ଼ା ୫ମ ସ୍ଥାନକୁ ଉଠିଯାଇଛି। ସେପଟେ କିଛିଦିନ ହେବ କରୋନାମୁକ୍ତ ବୌଦ୍ଧ ଜିଲାରେ ପୁଣି ଜଣେ ସଂକ୍ରମିତ ଠାବ ହେବା ପରେ ଜିଲାବାସୀଙ୍କ ଚିନ୍ତା ବଢ଼ିଛି। ବୌଦ୍ଧ ଜିଲାରେ ୩୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। କିଛିଦିନ ପୂର୍ବରୁ ଜିଲାର ସମସ୍ତ କରୋନା ରୋଗୀ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ଏବେ ଆଉଜଣେ ଚିହ୍ନଟ ହେବାପରେ ଏଠାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୪ ଛୁଇଁଛି।

ଅନ୍ୟପଟେ ସୋମବାର ରାଜ୍ୟକୁ ମିଳିଛି ଖୁସି ଖବର। ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ ୧୧୯ଜଣ ରୋଗୀ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଯାଜପୁର ଜିଲାରେ ସର୍ବାଧିକ ୬୦ଜଣ ଏକାଥରକେ ସୁସ୍ଥ ହୋଇଥିବାବେଳେ କଟକ ୧୩, କେନ୍ଦ୍ରାପଡ଼ା ୧୨, ଗଜପତି ୯, ନୟାଗଡ଼ ୬, ସୁନ୍ଦରଗଡ଼ ୫, ବାଲେଶ୍ୱର, ପୁରୀ ଓ ଖୋର୍ଦ୍ଧାରେ ୩ଜଣ ଲେଖାଏ ରହିଛନ୍ତି। ସେହିପରି ଗଞ୍ଜାମ ଓ ବଲାଙ୍ଗୀର ଜିଲାରେ ଦୁଇଜଣ ଲେଖାଏ ସୁସ୍ଥ ହୋଇଥିବା ବେଳେ ସମ୍ବଲପୁରରେ ଜଣେ ସୁସ୍ଥ ହୋଇଛନ୍ତି। ଫଳରେ ଓଡ଼ିଶାରେ ଏବେ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୨୪୫କୁ ବୃଦ୍ଧି ପାଇଯାଇଛି ଓ ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୫୦ ରହିଛି। ସେପଟେ ଯାଜପୁରରେ ୬୦ଜଣ ସୁସ୍ଥ ହେବାପରେ ଜିଲାରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୧କୁ ଖସିଆସିଛି। ଜିଲାରେ ମୋଟ ୨୮୦ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୩୯ଜଣ ସୁସ୍ଥ ହୋଇସାରିଲେଣି।

# ସୌରଶକ୍ତି ଚାଳିତ ହେବ ବିଧାନସଭା

■ ୪ ମାସରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ
■ କମିଯିବ ବିଦ୍ୟୁତ ବିଲ୍ ଖର୍ଚ୍ଚ: ବାଚସ୍ପତି

ଭୁବନେଶ୍ୱର,୧।୬(ବ୍ୟୁରୋ): ଓଡିଶା ବିଧାନସଭା ସୌରଶକ୍ତି ଚାଳିତ ହେବ। ବିଧାନସଭା ଛାତ ଉପରେ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ ହେବ। ଏନେଇ ସୋମବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ବିଧାନସଭାକୁ ସୌର ଶକ୍ତି ଚାଳିତ କରାଯିବ ବୋଲି ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରେଡା)ଯୁଗ୍ମ ନିର୍ଦ୍ଦେଶକ ଅଶୋକ ଚୌଧୁରୀ କହିଛନ୍ତି। ଏଥିରେ ୩୫ଲକ୍ଷ ଟଙ୍କା ବ୍ୟୟ କରାଯିବ। ଏହି ପ୍ରକଳ୍ପର କାର୍ଯ୍ୟ ଶାନ୍ତି ଆସୋସିଏଟକୁ ଦିଆଯାଇଛି। ଛାତର ବର୍ଗ ଅନୁଯାୟୀ ୯୦କିଲୋୱାଟ୍‌ର ପ୍ଲାଣ୍ଟ ସ୍ଥାପିତ ହେବ। ବର୍ଷକୁ ୧ଲକ୍ଷ ୧୮ହଜାର ୟୁନିଟ ବିଦ୍ୟୁତ ସଞ୍ଚୟ ହେବ ବୋଲି ଆକଳନ କରାଯାଇଛି। ଏହି ପ୍ରକଳ୍ପର କାର୍ଯ୍ୟ ୪ମାସ ମଧ୍ୟରେ ଶେଷ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ସ୍ଥାପନ ହେଲେ ବିଧାନସଭାର ବିଦ୍ୟୁତ ଜନିତ ଖର୍ଚ୍ଚ ବହୁ ପରିମାଣରେ ହ୍ରାସ ପାଇବ ବୋଲି ବାଚସ୍ପତି କହିଛନ୍ତି। ବୈଠକରେ ଓରେଡାର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶାରୁ ଚାଲିଲା ୧୨ ଯୋଡ଼ା ଟ୍ରେନ୍

ଭୁବନେଶ୍ୱରରୁ ପ୍ରଥମେ କୋଲକାତା ଗଲା ଜନଶତାବ୍ଦୀ

**ଭୁବନେଶ୍ୱର, ୧।୬ (ବ୍ୟୁରୋ):** ଅନ୍‌ଲକ୍-୧.୦ର ପ୍ରଥମ ପର୍ଯ୍ୟାୟରେ ସାରା ଦେଶରେ ୨ଶହ ଯାତ୍ରିବାହୀ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରୁ ୧୨ ଯୋଡ଼ା ଟ୍ରେନ୍ ଗଡ଼ିଛି। ସୋମବାର ସକାଳେ ପ୍ରଥମ ଟ୍ରେନ୍ ଭାବେ ଜନଶତାବ୍ଦୀ ଏକ୍ସପ୍ରେସ୍ ଭୁବନେଶ୍ୱରରୁ କୋଲକାତା ଅଭିମୁଖେ ଯାତ୍ରା କରିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ପୂର୍ବରୁ ଚାଲିଥିବା ଶ୍ରମିକ ସ୍ପେଶାଲ୍ ଟ୍ରେନ୍ ଓ ସ୍ପେଶାଲ ଏସି ଟ୍ରେନ ସହ ଏସବୁ ଟ୍ରେନ୍ ଚଳାଚଳ ଆରମ୍ଭ କରିଛି। ସାରା ଦେଶରେ ପ୍ରଥମ ଦିନରେ ୧ ଲକ୍ଷ ୪୫ ହଜାରରୁ ଅଧିକ ଯାତ୍ରୀ ନିଜ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିବା ନେଇ ରେଳ ମନ୍ତ୍ରଣାଳୟ ସୂଚନା ଦେଇଛି। ଜୁନ ୧ରୁ ୩୦ ମଧ୍ୟରେ ୨୬ ଲକ୍ଷ ଯାତ୍ରୀ ଆଡଭାନ୍ସ ରିଜର୍ଭେଶନ୍ ବା ଆଗୁଆ ସିଟ୍ ବୁକ୍ କରିଛନ୍ତି। ଯାତ୍ରୀଙ୍କୁ ୯୦ମିନିଟ୍ ପୂର୍ବରୁ ଷ୍ଟେଶନରେ ପହଞ୍ଚିବା ପାଇଁ ନିର୍ଦ୍ଦେଶାବଳୀ ଜାରି ହୋଇଛି। କେବଳ ଟିକେଟ କନଫର୍ମ ହୋଇଥିବା ଓ ଆର୍‌ଏସି ଯାତ୍ରୀଙ୍କୁ ଟ୍ରେନ୍ ଯିବାକୁ ଅନୁମତି ଦିଆଯିବ। ଯାତ୍ରୀଙ୍କ ପାଇଁ ମାସ୍କ ପିନ୍ଧିବା ଓ ସ୍କ୍ରିନିଂକୁ ବାଧ୍ୟତାମୂଳକ କରାଯାଇଥିବାବେଳେ କେବଳ କରୋନା ଲକ୍ଷଣ ନ ଥିବା ଯାତ୍ରୀ ହିଁ ଟ୍ରେନ୍ ଯାତ୍ରା କରିପାରିବେ ବୋଲି ନିର୍ଦ୍ଦେଶ ରହିଛି।

# ୱାନ୍ ନେଶନ ୱାନ୍ ରାଶନରେ ସାମିଲ ହେଲା ଓଡ଼ିଶା

ଅନ୍ୟ ରାଜ୍ୟରୁ ବିଏମ୍‌ସି ହିତାଧିକାରୀ ରାଶନ ନେଇ ପାରିବେ

ଭୁବନେଶ୍ୱର, ୧।୬(ବ୍ୟୁରୋ)

ୱାନ୍ ନେଶନ ୱାନ୍ ରାଶନରେ ଓଡ଼ିଶା ସାମିଲ ହେଲା। ସିକିମ, ମିଜୋରାମ ସହିତ ଓଡ଼ିଶାକୁ କେନ୍ଦ୍ର ସରକାର ଇଣ୍ଟିଗ୍ରେଟ୍ ମ୍ୟାନେଜମେଣ୍ଟ ଅଫ ପବ୍ଲିକ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ (ଆଇଏମ୍-ପିଡିଏସ୍)ସ୍କିମ୍‌ରେ ସାମିଲ କରିଛନ୍ତି। ଏ ନେଇ ସୋମବାର କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ରାମ ବିଳାସ ପାଶୱାନ ଘୋଷଣା କରିଛନ୍ତି। ଏହାଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ(ଏନ୍‌ଏଫ୍‌ଏସ୍‌ଏ)ରେ ସାମିଲ ଥିବା ହିତାଧିକାରୀ ୱାନ୍ ନେଶନ ୱାନ୍ ରାଶନ ଯୋଜନାରେ ନିଜର ଖାଦ୍ୟ ସାମଗ୍ରୀ ଦେଶର ଯେକୌଣସି ସ୍ଥାନରୁ ନେଇ ପାରିବେ। ହିତାଧିକାରୀଙ୍କର ଆଧାର କାର୍ଡକୁ ଲିଙ୍କ କରିବା ପରେ ଇ-ପିଓଏସ୍ ଜରିଆରେ ନିଜର ଖାଦ୍ୟସାମଗ୍ରୀ ନେଇ ପାରିବେ। ଏହି ସୁବିଧା ବର୍ତ୍ତମାନ ୨୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଉପଲବ୍ଧ ହୋଇପାରିବ।

ରାଜ୍ୟ ସରକାର ୨୦୧୯ ସେପ୍ଟେମ୍ବରରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ପରୀକ୍ଷାମୂଳକ ଭାବେ ରାଜ୍ୟ ଭିତରେ ପୋର୍ଟେବିଲିଟି ଆରମ୍ଭ କରିଥିଲେ। ସହରରେ ଥିବା ୨ ଲକ୍ଷ ରାଶନ କାର୍ଡକୁ ଆଧାର ସଂଯୋଗ କରାଯାଇଥିଲା। ବିଏମ୍‌ସି ଅଞ୍ଚଳରେ ଥିବା ୧୧୭ଟି ସାଧାରଣ ବଣ୍ଟନ କେନ୍ଦ୍ର (ପିଡିଏସ୍)ଗୁଡିକୁ ଅନ୍‌ଲାଇନ କରାଯାଇ ଖାଦ୍ୟଶସ୍ୟ ବଣ୍ଟନ କରାଯାଇଥିଲା। ଏହା ସଫଳ ହୋଇଛି। ବିଏମ୍‌ସିର ରାଶନକାର୍ଡ ତାଲିକାକୁ ସିକିମ ସହ ଲିଙ୍କ୍ କରାଯାଇ ପରୀକ୍ଷା କରାଯାଇଛି। ଏହା ସଫଳ ହୋଇଛି। ବିଏମ୍‌ସି ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀ ଦେଶର ଯେକୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରୁ ରାଶନ ନେଇପାରିବେ। ଆଗାମୀ ଦିନରେ ଆଉ ଦୁଇ ତିନି ଥର ଏଭଳି ପରୀକ୍ଷା କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ବିଏମ୍‌ସିରେ ଅନ୍‌ଲାଇନ ଖାଦ୍ୟଶସ୍ୟ ବଣ୍ଟନ ସଫଳ ହେବା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ୧୧୩ଟି ସହରାଞ୍ଚଳରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି। ସହରାଞ୍ଚଳଗୁଡ଼ିକର ଡାଟା ସଂଯୋଗ ହେବା ପରେ ଗ୍ରାମାଞ୍ଚଳକୁ ଅନ୍ତର୍ଭୁକ୍ତ କରାଯିବ ବୋଲି ସେ କହିଛନ୍ତି।

# ଅନ୍‌ଲାଇନ୍ ଖାତାଦେଖା ଆରମ୍ଭ

ଯୁକ୍ତଦୁଇ ପରୀକ୍ଷା

■ କଟକରେ ୬୪ ଅଧ୍ୟାପିକା ଅଧ୍ୟାପକ ନିଯୁକ୍ତ
■ ପ୍ରଥମ ଦିନରେ ଖାତା ଦେଖିବାକୁ ଆସିଲେ ମାତ୍ର ୧୪

କଟକ ଅଫିସ,୧।୬

ରାଜ୍ୟରେ ସୋମବାରଠାରୁ ଅନ୍‌ଲାଇନ୍‌ରେ ଯୁକ୍ତଦୁଇ ପରୀକ୍ଷା ଖାତାଦେଖା ଆରମ୍ଭ ହୋଇଛି। ପ୍ରଥମ ଦିନରେ କଟକ ଓ ଭୁବନେଶ୍ୱରରେ ଖାତା ଦେଖାଯାଇଛି। କଟକ ଲିଙ୍କ୍‌ରୋଡ୍‌ସ୍ଥିତ ଏକ କମ୍ପ୍ୟୁଟର ସେଣ୍ଟରରେ ଖାତାଦେଖା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଏଥିପାଇଁ ୬୪ ଜଣ ଅଧ୍ୟାପିକା ଅଧ୍ୟାପକ ନିଯୁକ୍ତ ହୋଇଥିଲେ। ତେବେ ଖାତାଦେଖାର ପ୍ରଥମ ଦିନରେ ମାତ୍ର ୧୪ ଜଣ ଆସିଛନ୍ତି। ପ୍ରଥମ ସିଫ୍ଟରେ ୧୦ ଓ ଦ୍ୱିତୀୟ ସିଫ୍ଟରେ ମାତ୍ର ୪ ଜଣ ଖାତା ଦେଖିବାକୁ ପହଞ୍ଚିଥିଲେ ବୋଲି ଜଣାପଡ଼ିଛି। ଦିନରେ ଦୁଇଟି ସିଫ୍ଟରେ ଖାତାଦେଖା କାମ ହେଉଛି। ପ୍ରଥମ ସିଫ୍ଟ ସକାଳ ସାଢ଼େ ୭ଟାରୁ ମଧ୍ୟାହ୍ନ ୧୨ଟା ଓ ଦ୍ୱିତୀୟ ସିଫ୍ଟ ଅପରାହ୍ନ ସାଢ଼େ ୧ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ରହିଛି। ସୋମବାର ପ୍ରଥମ ଦିନରେ ଯୁକ୍ତଦୁଇ ବିଜ୍ଞାନ ବିଭାଗର ଇଂରାଜୀ ବିଷୟର ଖାତାଦେଖା ହୋଇଥିଲା। ଏହା ପୂର୍ବରୁ କେନ୍ଦ୍ର ପରିସରକୁ ସମ୍ପୂର୍ଣ୍ଣ ବିଶୋଧନ କରାଯାଇଥିଲା। ଖାତା ଦେଖିବାକୁ ଆସୁଥିବା ଅଧ୍ୟାପିକା ଓ ଅଧ୍ୟାପକଙ୍କ ସମେତ ସେଣ୍ଟରର ସମସ୍ତ କର୍ମକର୍ତ୍ତାଙ୍କ ଥର୍ମାଲ ସ୍କ୍ରିନିଂ କରାଯିବା ସହ ହ୍ୟାଣ୍ଡ ସାନିଟାଇଜର ଓ ମାସ୍କ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ଆସନ୍ତା ୩ତାରିଖଠାରୁ ଅନ୍ୟ ସ୍ଥାନରେ ମଧ୍ୟ ପରୀକ୍ଷା ଖାତା ଦେଖା ଆରମ୍ଭ ହେବ ବୋଲି ସୂଚନା ମିଳିଛି।



**ଆଜିର ମନ୍ତବ୍ୟ**
"ଭାରତରେ ମୋଦି ହେଉଛନ୍ତି ରିସାଇକ୍ଲିଂ ଚାମ୍ପିୟନ।
– ଯଶୱନ୍ତ ସିହ୍ନା, ପୂର୍ବତନ ଅର୍ଥମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ


ଉପାଂଶୁ
ପରିବାରବର୍ଗ


ପ୍ରିୟଙ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# 'ଡିସ୍‌ଚାର୍ଜ ପୂର୍ବରୁ କରାଯାଇ ନ ଥିଲା ସ୍ୱାବ୍ ପରୀକ୍ଷା'

ଯାଜପୁର ଅଫିସ୍/ରସୁଲପୁର, ୧।୬ (ଡି.ଏନ୍.ଏ.)

## କରୋନା ଚିକିତ୍ସାକୁ ନେଇ ସାଂଘାତିକ ଅଭିଯୋଗ

- ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ
- ଭିଡିଓ ଭାଇରାଲ ପରେ ଚର୍ଚ୍ଚା ଜୋରଦାର

କରୋନା ଚିକିତ୍ସାକୁ ନେଇ ଗୁରୁତର ଅଭିଯୋଗ ଆଣିଛନ୍ତି ଆରୋଗ୍ୟ ହୋଇ ଫେରିଥିବା ଜଣେ ସଂକ୍ରମିତ। ମେଡିକାଲରୁ ଡିସ୍‌ଚାର୍ଜ କରାଯିବା ପୂର୍ବରୁ ତାଙ୍କର ସ୍ୱାବ୍ ପରୀକ୍ଷା କରାଯାଇ ନ ଥିଲା। ଏପରିକି ସେ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ ମାଗିଥିଲେ ବି ତାଙ୍କୁ ଦିଆଯାଇ ନ ଥିଲା। ତେବେ ସେ କିପରି ସୁସ୍ଥ ହେଲେ ବୋଲି ଆଶଙ୍କା ବ୍ୟକ୍ତ କରିବା ସହ ଏ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ମାମଲା ରୁଜୁ କରିଛନ୍ତି। ଅଭିଯୋଗ ଆସିଛି ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତରୁ। ଏ ନେଇ ଅଭିଯୋଗକାରୀ କହିଛନ୍ତି, ଜଣେ ରୋଗୀର ନିଜର ଚିକିତ୍ସା ପ୍ରଣାଳୀ ଓ ସ୍ୱାସ୍ଥ୍ୟ ପରୀକ୍ଷାର ରିପୋର୍ଟ ସମ୍ପର୍କରେ ଜାଣିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ହେଲେ ଏଥିରୁ ତାଙ୍କୁ ବଞ୍ଚିତ ରଖାଯାଇଛି। ଏହା ଫଳରେ ତାଙ୍କ ମାନବାଧିକାର କ୍ଷୁଣ୍ଣ ହୋଇଥିବାରୁ ସେ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୋଲି କହିଛନ୍ତି। ତାଙ୍କ ପାଇଁ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳ ଏନ୍‌ଏଚ୍‌ଆର୍‌ସିରେ କରିଥିବା ଅଭିଯୋଗ ଉପରେ ଏକ ମାମଲା (ନଂ. ୬୯୧୫/ଆଇଏନ୍/୨୦୨୦) ରୁଜୁ ହୋଇଛି।

ଗତ ୨୫ ତାରିଖରେ ସମ୍ପୃକ୍ତ ଅଭିଯୋଗକାରୀ (ମଙ୍ଗରାଜପୁର ପଞ୍ଚାୟତର ୪୭ ବର୍ଷୀୟ ବ୍ୟକ୍ତି) ଡୁବୁରୀସ୍ଥିତ କୋଭିଡ୍-୧୯ ହସ୍‌ପିଟାଲରୁ ଆରୋଗ୍ୟ ଲାଭ କରି ଫେରିବା ପରେ ଏକ ଭିଡିଓ କ୍ଲିପ୍ ଜାରି କରି କରିଥିଲେ। ସେ ଦର୍ଶାଇଥିଲେ, କୋଭିଡ୍-୧୯ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯିବା ପୂର୍ବରୁ ତାଙ୍କ ସ୍ୱାବ୍ ପରୀକ୍ଷା କରାଯାଇ ନ ଥିଲା। ତା'ହେଲେ ସେ କିପରି ସୁସ୍ଥ ହେଲେ ବୋଲି ପ୍ରଶ୍ନ କରିଥିଲେ। ସେ ଆହୁରି କହିଥିଲେ, ତାଙ୍କୁ ୫ ଦିନ ଯାଏ ହସ୍ପିଟାଲରେ କେବଳ ଆଜିଥ୍ରୋମାଇସିନ, ଗ୍ୟାସ ବଟିକା, ଭିଟାମିନ-ସି ଓ ବି-କମ୍ପ୍ଲେକ୍ସ ବଟିକା ଦିଆଯାଉଥିଲା। ତେବେ ତାଙ୍କୁ ସୁସ୍ଥ ଅବସ୍ଥାରେ ହିଁ କୋଭିଡ୍-୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବୋଲି ସେ ଅଭିଯୋଗ ଆଣିଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସାଧାରଣରେ ଚର୍ଚ୍ଚା ଜୋର ଧରିଥିବା ବେଳେ କରୋନା ଚିକିତ୍ସାକୁ ନେଇ ସନ୍ଦେହ ପ୍ରକାଶ ପାଇବା ସହିତ ଏହାର ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। ଏ ସମ୍ପର୍କରେ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧୀର କୁମାର ସାହୁଙ୍କୁ ପଚାରିବାରେ ପ୍ରତ୍ୟେକ ଆକ୍ରାନ୍ତଙ୍କୁ କୋଭିଡ୍-୧୯ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିବା ପୂର୍ବରୁ ନମୁନାର ରିପୋର୍ଟ ପଠାଯିବା ସହ ରେଫରେନ୍ସ ଲେଟର ଦିଆଯାଇଥାଏ। ନଚେତ୍ ହସ୍ପିଟାଲରେ ସେମାନଙ୍କୁ ପ୍ରବେଶ କରିବାକୁ ଦିଆଯିବନାହିଁ ବୋଲି ସେ କହିଛନ୍ତି। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗକାରୀଙ୍କ ପକ୍ଷରୁ ଜାରି କରାଯାଇଥିବା ଭିଡିଓ ସମ୍ପର୍କରେ ଜିଲା ପ୍ରଶାସନ ଅବଗତ ଅଛି। ଅଭିଯୋଗର ଯାଞ୍ଚ କରାଯିବା ପରେ ଯାହା ପଦକ୍ଷେପ ନିଆଯିବ। ଜିଲା ପ୍ରଶାସନ ଏ ନେଇ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୮ତାରିଖରେ ସମ୍ପୃକ୍ତ ବ୍ୟକ୍ତି ଜଣକ କୋଲକାତାରୁ ବାହାରି ୪ ଜଣଙ୍କ ସହ ଏକ ଘରୋଇ ଗାଡ଼ିରେ କୁଆଖିଆରେ ପହଞ୍ଚିଥିଲେ। ସେମାନଙ୍କୁ ସୁଆଁସାହି କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ୫ ଦିନ ପରେ ତାଙ୍କର ସ୍ୱାବ୍ ପରୀକ୍ଷା କରାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ଡୁବୁରୀସ୍ଥିତ କୋଭିଡ୍-୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୧୦ଦିନ ରଖାଯାଇଥିଲା ଏବଂ ୫ ଦିନ ପର୍ଯ୍ୟନ୍ତ ଔଷଧ ଦିଆଯାଇଥିଲା। ଗତ ୨୫ ତାରିଖରେ ସେ ଡିସଚାର୍ଜ ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗତ ଏ ଦିନେ ବିଆଳି ବଛା,**
**ପିଠି ଖାଉଥିଲା ଖରା;**
**ଆଗେ ଖାଉଥିଲୁ କୁଣ୍ଡା ଚକୁଳି,**
**ଏବେ ରୁଚୁନାହିଁ ବିରିବରା।**

ବହୁ କ୍ଷେତ୍ରରେ ଅତିଦରିଦ୍ର ଭାବେ ଜୀବନଯାପନ କରିଥିବା ବ୍ୟକ୍ତି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇଯିବା ପରେ ସେ ନିଜ ଅତୀତରେ କଟାଇଥିବା ଦୁଃସ୍ଥ ଜୀବନକୁ ଭୁଲିଯିବା ସହ ବର୍ତ୍ତମାନ ଅବସ୍ଥାକୁ ନେଇ ଗର୍ବ କରି ବସୁଥିବାର ଲକ୍ଷ୍ୟ କରାଯାଇଥାଏ। ହାତରେ ଧନ ଆସିଗଲେ ବ୍ୟକ୍ତି କ୍ରମଶଃ ଗର୍ବୀ ଓ ଅହଙ୍କାରୀ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗାଆଁ ଧୋଅରା, ସାଇ ବେହେରା**
**ନ ମିଳେ ଋଣ, ପିତା ତିଉଣ,**
**ସରସ ଲୁଣ, ଝିଅ ମରଣ,**
**ଆଗ ଦୁଃଖ ପଛେ ସୁଖ ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଝାରସୁଗୁଡ଼ାରୁ ଭୁବନେଶ୍ୱର, କୋଲକାତାକୁ ବିମାନ ସେବା ଆରମ୍ଭ



ଝାରସୁଗୁଡା ବିମାନ ବନ୍ଦର

ଝାରସୁଗୁଡ଼ା ଅଫିସ,୧।୬

ଝାରସୁଗୁଡାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଭୁବନେଶ୍ୱର ଓ କୋଲକାତାକୁ ସୋମବାରଠାରୁ ବିମାନ ସେବା ଆରମ୍ଭ ହୋଇଛି। ଆଲାଏନ୍ସ ଏୟାର ପକ୍ଷରୁ ଏହି ସେବା ଆରମ୍ଭ ହୋଇଛି। ଏହି ବିମାନ କୋଲକାତାରୁ ୭ଜଣ ଯାତ୍ରୀଙ୍କୁ ନେଇ ସକାଳ ୫ଟା ୫୫ରେ କଲିକତାରୁ ବାହାରି ୭ଟା ୪୦ରେ ଝାରସୁଗୁଡା ପହଞ୍ଚିଥିଲା। ଝାରସୁଗୁଡ଼ାରୁ ୧୨ ଜଣ ଯାତ୍ରୀଙ୍କୁ ନେଇ ସକାଳ ୮ଟା ୧୦ରେ ଭୁବନେଶ୍ୱର ଅଭିମୁଖେ ଉଡ଼ାଣ କରିଥିଲା। ଭୁବନେଶ୍ୱରରେ ୯ଟା ୧୫ରେ ପହଞ୍ଚି ୨୩ଜଣ ଯାତ୍ରୀଙ୍କୁ ଧରି ୯ଟା ୪୫ରେ ଝାରସୁଗୁଡ଼ାକୁ ଯାତ୍ରା କରିଥିଲା। ଝାରସୁଗୁଡ଼ାରେ ୧୦ଟା ୫୦ରେ ଅବତରଣ କରିଥିଲା। ଏଠାରୁ ୨୪ଜଣ ଯାତ୍ରୀଙ୍କୁ ନଇେ ୧୧ଟା ୩୦ରେ କୋଲକାତା ଅଭିମୁଖେ ଉଡ଼ାଣ ଭରିଥିଲା। ପ୍ରକାଶଥାଉ କି, ଗତ ମେ ୨୫ତାରିଖରୁ ବିମାନ ଚଳାଚଳ ପାଇଁ ସରକାର ଅନୁମତି ପ୍ରଦାନ କରିଥିଲେ। ଝାରସୁଗୁଡାଠାରୁ ସ୍ପାଇସଜେଟ୍ ପକ୍ଷରୁ ଦିଲ୍ଲୀ ଓ ହାଇଦ୍ରାବାଦକୁ ବିମାନ ଚଳାଚଳ କରିଥିଲା। ହେଲେ ଆଲାଏନ୍ସ ଏୟାର ପକ୍ଷରୁ କୌଣସି କାରଣରୁ କୋଲକାତା ଓ ଭୁବନେଶ୍ୱର ବିମାନ ସେବାକୁ ବାତିଲ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଶନିବାର,...

ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ କଟକଣା ଅଧିକ କୋହଳ କରାଯିବ ନାହିଁ। ଜୁନ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶନିବାର ଓ ରବିବାର ୧୧ ଜିଲା ସମ୍ପୂର୍ଣ୍ଣ ଶଟଡାଉନ ରହିବ। ସେହି ଜିଲାଗୁଡ଼ିକ ହେଲା ଗଞ୍ଜାମ, ପୁରୀ, ନୟାଗଡ଼, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ବଲାଙ୍ଗୀର। ଶଟଡାଉନ ସମୟରେ କେବଳ ଅତ୍ୟାବଶ୍ୟକ ସେବା ପ୍ରଦାନକାରୀଙ୍କୁ ଯିବା ଆସିବା ଅନୁମତି ମିଳିବ। ବିନା କାରଣରେ ବାହାରେ ନ ବୁଲିବାକୁ ସରକାର କଡ଼ା ତାଗିଦ କରିଛନ୍ତି। ସାମାଜିକ, ଧାର୍ମିକ ଓ ରାଜନୈତିକ ସମାବେଶ ଉପରେ ପୂର୍ବଭଳି କଟକଣା ଜାରି ରହିବ। ଜୁନ ୮ରୁ ଧାର୍ମିକ ଅନୁଷ୍ଠାନ ଖୋଲିବା ନେଇ କେନ୍ଦ୍ର ଗାଇଡ୍‌ଲାଇନରେ ଉଲ୍ଲେଖ ରହିଥିଲା। ହେଲେ ରାଜ୍ୟରେ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଧାର୍ମିକସ୍ଥଳକୁ ସର୍ବସାଧାରଣ ଯାଇପାରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ସପିଂ କମ୍ପ୍ଲେକ୍ସ ଜୁନ ୩୦ ପର୍ଯ୍ୟନ୍ତ ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସିନେମାହଲ, ଜିମ୍ନାସିୟମ ଓ ସୁଇମିଂପୁଲ ଜୁନ ୩୦ ଯାଏ ବନ୍ଦ ରହିବ। ହୋଟେଲଗୁଡ଼ିକ ୩୦ପ୍ରତିଶତ କର୍ମଚାରୀଙ୍କୁ ନେଇ ଖୋଲି ପାରିବେ। ନୂତନ ଗାଇଡ୍‌ଲାଇନରେ ଅନ୍ତ୍ୟେଷ୍ଟି ପାଇଁ ୨୦ଜଣ ଏବଂ ବିବାହ କାର୍ଯ୍ୟ ପାଇଁ ୫୦ଜଣଙ୍କୁ ଅନୁମତି ଦିଆଯାଇଛି। ରାତ୍ରିକାଳୀନ କର୍ଫ୍ୟୁରେ କେନ୍ଦ୍ର ସରକାର କୋହଳ କରି ରାତି ୯ଟାରୁ ସକାଳ ୫ଟା ଯାଏ କର୍ଫ୍ୟୁ ବଳବତ୍ତର ରଖିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ହେଲେ ରାଜ୍ୟରେ ଏହି କୋହଳ ଲାଗୁ ହେବ ନାହିଁ। ପୂର୍ବପରି ରାତ୍ରିକାଳୀନ କର୍ଫ୍ୟୁ ସନ୍ଧ୍ୟା ୭ରୁ ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ଅମାନିଆଙ୍କୁ ଜରିମାନା...

ମାସ୍କରେ ପ୍ରଥମ ଦୁଇଥର ଧରାପଡ଼ିଲେ ୫ଶହ ଟଙ୍କା ଲେଖାଏ ଜରିମାନା ଦେବାକୁ ପଡିବ। ତେବେ ତୃତୀୟଥର ମାସ୍କ ନ ପିନ୍ଧି ଘରୁ ବାହାରିଥିଲେ ୧ ହଜାର ଟଙ୍କା ଗଣିବାକୁ ପଡିବ। ସେହିପରି ସର୍ବସାଧାରଣରେ ଛେପ ପକାଇଲେ ୫ଶହ ଟଙ୍କା ଜରିମାନା ଦେବାକୁ ପଡିବ। ଆବଶ୍ୟକ ହେଲେ ଜରିମାନା ଆଦାୟ ସହ ଗିରଫ ମଧ୍ୟ କରାଯିବ ବୋଲି ପୋଲିସ ଡିଜି ଅଭୟ କହିଛନ୍ତି। ନିୟମ ମାନିବା ପାଇଁ ପୋଲିସ ଲୋକଙ୍କୁ ବୁଲି ବୁଲି ଲୋକଙ୍କୁ ସଚେତନ କରୁଛି। ଏବେ ଏନ୍‌ଫୋର୍ସମେଣ୍ଟ କାମ କଡାକଡି କରାଯିବ। ସାମାଜିକ ଦୂରତ୍ୱ ନ ମାନିଥିବାରୁ ଆମେ କଟକ ଓ ଭୁବନେଶ୍ୱରରେ ୧୪ହଜାର କେସ୍ କରି ଜରିମାନା ଆଦାୟ କରିଛୁ। ଘରୁ ବାହାରିଲେ ୨ ମିଟର ଦୂରତ୍ୱ ବଜାୟ ରଖିବା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ରାଜ୍ୟରେ ପୂର୍ବରୁ ଲାଗୁ ହୋଇଥିବା ରାତ୍ରିକାଳୀନ କର୍ଫ୍ୟୁ ରାତି ୭ରୁ ସକାଳ ୫ ପର୍ଯ୍ୟନ୍ତ ଜାରି ରହିବ। କେନ୍ଦ୍ର ସରକାର ରାତ୍ରିକାଳୀନ କର୍ଫ୍ୟୁ ପାଇଁ କରିଥିବା ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ପାଳନ କରାଯିବ। ସରକାର ଲୋକଙ୍କୁ ଆର୍ଥିକ ମାନଦଣ୍ଡ ବଜାଇୟ ରଖିବାକୁ ଲକ୍‌ଡାଉନ୍‌କୁ କୋହଳ କଲେ। ହେଲେ ଏହାର ଫାଇଦା ନେଇ ଅମାନିଆ ନିୟମ ମାନୁନାହାନ୍ତି। କିନ୍ତୁ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ପୋଲିସ ଡିଜି ଅଭୟ କହିଛନ୍ତି।

### ଧାନ ଏମ୍‌ଏସ୍‌ପି...

ମଞ୍ଜି କୁଇଣ୍ଟାଲ ୨୩୫ ଟଙ୍କା ବୃଦ୍ଧି ପାଇ ୫,୮୮୫ ଟଙ୍କା ଏବଂ ସୋୟାବିନ ୧୭୦ ଟଙ୍କା ବଢ଼ି ୩,୮୮୦ ଟଙ୍କା ହୋଇଛି। ଏହାବ୍ୟତୀତ କୃଷକମାନେ ନେଇଥିବା ଋଣ ପରିଶୋଧ ପାଇଁ ଅଧିକ ସମୟ ପାଇବେ। ଏଥିପାଇଁ ଅଗଷ୍ଟକୁ ନୂଆ ସମୟସୀମା ଧାର୍ଯ୍ୟ କରାଯାଇଛି। କିଷାନ କ୍ରେଡିଟ୍ କାର୍ଡରେ ସେମାନେ ସାନି ଋଣ ନେଇପାରିବେ ଏବଂ ନିଜର ଉତ୍ପାଦିତ ଶସ୍ୟକୁ ସେମାନେ ଯେକୌଣସି ସ୍ଥାନରେ ବିକିପାରିବେ ବୋଲି କୃଷିମନ୍ତ୍ରୀ କହିଛନ୍ତି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଏବଂ ରାସ୍ତାପାର୍ଶ୍ୱ ଦୋକାନୀଙ୍କ ପାଇଁ ମଧ୍ୟ କ୍ୟାବିନେଟରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସରକାର ଗାଁ, ଗରିବ ଓ କୃଷକଙ୍କୁ ପ୍ରାଥମିକତା ଦେଉଛନ୍ତି। କ୍ୟାବିନେଟ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର, ନୀତିନ ଗଡ଼କରୀ ଓ ତୋମାର କହିଥିଲେ, ବ୍ୟବସାୟ ବଢ଼ାଇବା ସହ ଅଧିକ ପୁଞ୍ଜି ଆକୃଷ୍ଟ କରିବା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଧ୍ୟାନ ଦିଆଯାଇଛି। ସରକାରଙ୍କ ଏହି ପଦକ୍ଷେପ ବ୍ୟବସାୟ ସରଳୀକରଣରେ ସହାୟକ ହେବ। ଆତ୍ମନିର୍ଭର ଭାରତ ପ୍ୟାକେଜ୍ ଘୋଷଣା ପରେ ଏମ୍‌ଏସ୍‌ଏମ୍‌ଇର ସଂଜ୍ଞାରେ ପୁନର୍ବାର ପରିବର୍ତ୍ତନ କରାଯାଇ ମଧ୍ୟମ ଉଦ୍ୟୋଗଗୁଡ଼ିକ ଲାଗି କାରବାର ସୀମାକୁ ୧୦୦ କୋଟିରୁ ୨୫୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଉକ୍ତ ଉଦ୍ୟୋଗରେ ନିବେଶ ସୀମାକୁ ୫୦ କୋଟିକୁ ବୃଦ୍ଧି କରାଯାଇଥିବା ଜାଭଡେକର କହିଛନ୍ତି। କ୍ଷତିର ସମ୍ମୁଖୀନ ହୋଇଥିବା ଏମ୍‌ଏସ୍‌ଏମ୍‌ଇ ପାଇଁ ୨୦ ହଜାର କୋଟି ସହାୟତା ପ୍ୟାକେଜ ଏବଂ ୫୦ ହଜାର କୋଟିର ଇକ୍ୟୁଟି ଇନ୍‌ଫ୍ୟୁଜନ ପ୍ୟାକେଜ୍‌କୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏହା ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଆର୍ଥିକ ସୁଦୃଢ଼ କରିବା ସହ ସେମାନେ ଷ୍ଟକ୍ ଏକ୍ସଚେଞ୍ଜ ତାଲିକାଭୁକ୍ତ ହେବାରେ ସକ୍ଷମ ହୋଇପାରିବେ। ଆତ୍ମନିର୍ଭର ଭାରତ ପ୍ୟାକେଜ୍‌ରେ ଏମ୍‌ଏସ୍‌ଏମ୍‌ଇକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ଜାଭେଡକର କହିଛନ୍ତି।

### କେରଳ ଛୁଇଁଲା...

ଯଥେଷ୍ଟ ରହିଛି। ଦେଶରେ ୫୦% କୃଷିକ୍ଷେତ୍ର ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ଧାନ, ମକା, ତୁଳା, ସୋୟାବିନ୍ ଆଦି ଚାଷ ଲାଗି ମୌସୁମୀ ବର୍ଷାର ବେଶ୍ ଆବଶ୍ୟକତା ରହିଛି। ଚଳିତବର୍ଷ ଦେଶରେ ସ୍ୱାଭାବିକ ବର୍ଷା ହେବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଥିଲା। ଏବେ କେରଳରେ ମୌସୁମୀ ପହଞ୍ଚିବା ଓ ସ୍ୱାଭାବିକ ବର୍ଷାର ସମ୍ଭାବନା ଥିବା ଚାଷୀକୁଳଙ୍କ ମୁହଁରେ ହସ ଆଣିଦେଇଛି। ଏହା କୃଷି ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ସହାୟକ ହେବ ବୋଲି କୁହାଯାଉଛି। ଜୁନ୍ ୧୦ ବେଳକୁ ପୂର୍ବ ଭାରତରେ ମୌସୁମୀ ପହଞ୍ଚିବାର ସମ୍ଭାବନା ରହିଥିବା କୁହାଯାଇଛି।

### ୧୦ରେ ଓଡ଼ିଶା...

ଯାଜପୁର, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ ଆଦି ଜିଲାରେ ବର୍ଷା ପରିମାଣ ବଢ଼ିବ। ଚଳିତ ବର୍ଷ ମୌସୁମୀ ଭଲ ବର୍ଷିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ରାଜ୍ୟରେ ୯୬ରୁ ୧୦୪ ପ୍ରତିଶତ ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ଜୁଲାଇରେ ୧୦୬ ମିଲିମିଟର ବର୍ଷା ହେବା ବେଳେ ଅଗଷ୍ଟରେ ୯୬ ପ୍ରତିଶତ ବର୍ଷା ହେବ ବୋଲି ଆକଳନ କରାଯାଇଛି। ବାତ୍ୟା ଅମ୍ଫନ୍ ଯୋଗୁ ମୌସୁମୀ ବିଳମ୍ବ ହେବ ବୋଲି କୁହାଯାଉଥିଲା। ମାତ୍ର ମୌସୁମୀ ଉପରେ ଏହାର କୌଣସି ପ୍ରଭାବ ପଡି ନାହିଁ। ମୌସୁମୀ ନିର୍ଦ୍ଧାରିତ ସମୟରେ କେରଳରେ ପହଞ୍ଚିଛି। ମୌସୁମୀ ଆସିବା ଯାଏ ରାଜ୍ୟରେ ତାତି ବଢ଼ିବ ନାହିଁ। ତାପମାତ୍ରା ୪୦ ଡିଗ୍ରୀ ତଳକୁ ଖସିଯିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ ଏବଂ ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ପୁରୀ, ଅନୁଗୋଳ, କଟକ, ଢେଙ୍କାନାଳ ଏବଂ ନୟାଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଏଲ୍‌ପିଜି ଦର...

ବଢ଼ିବା ଯୋଗୁ ଏହା ୩୩,୫୭୫.୩୭ ଟଙ୍କା ଛୁଇଁଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ପ୍ରଦାନ କରିଥିବା ସୂଚନାରୁ ଜଣାଯାଇଛି। ପୂର୍ବରୁ ଏଟିଏଫ୍‌ର କିଲୋ ଲିଟର ପିଛା ଦର ୬୪,୩୨୩.୭୬ ଟଙ୍କା ରହିଥିଲା। ପ୍ରାୟ ୭ ଥର ଦର ହ୍ରାସ ପାଇ ୨୧,୪୪୮.୬୨ ଟଙ୍କା ରହିଥିଲା। ଏଥିରେ ପୁଣି ଥରେ ବୃଦ୍ଧି ଘଟିଛି। ସେହିଭଳି ଅଣସବ୍‌ସିଡି ଏଲ୍‌ପିଜି ଦର ୧୧.୫୦ ଟଙ୍କା ବଢ଼ିବା ଯୋଗୁ ୧୪.୨ ଲିଟର ବିଶିଷ୍ଟ ସିଲିଣ୍ଡରର ମୂଲ୍ୟ ୫୯୩ ଟଙ୍କାକୁ ବୃଦ୍ଧି ଘଟିଛି। ଏହା ପୂର୍ବରୁ ଏଲ୍‌ପିଜି ଦର ୩ ଥର ହ୍ରାସ ହେବା ଫଳରେ ଦର ୨୭୭ ଟଙ୍କା ନିମ୍ନରେ ରହିଥିଲା। ଏହି ସମୟରେ ପେଟ୍ରୋଲ ଏବଂ ଡିଜେଲ ଦରରେ କୌଣସି ପରିବର୍ତ୍ତନ ଆସି ନ ଥିବା ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଦ୍ୱିଜା ନକ୍ଷତ୍ର ଦିନଟିରେ ବହୁତ ଭଲ କାମଗୁଡ଼ିଏ କରିବେ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମଧ୍ୟ ସମ୍ମାନିତ ହେବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାର ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ଓ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ।

**ବୃଷ** – ମଙ୍ଗଳଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ମଧ୍ୟାହ୍ନରେ ଟେନ୍‌ସନ୍ ଦୂର ହେବ ଏବଂ କଳ୍ପନା କିମ୍ବା ଆଶା କରି ନ ଥିବା ଜିନିଷ ଲାଭ କରି ଖୁସୀ ହୋଇଯିବେ। କଳା, ସାହିତ୍ୟ, ସଙ୍ଗୀତ ଓ ବକ୍ତୃତା କ୍ଷେତ୍ରରୁ ସୁଫଳ ମିଳିବ ଓ ପ୍ରଶଂସିତ ହେବେ।

**ମିଥୁନ** – ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ମନକଥା ମନରେ ରଖିପାରିବେ ନାହିଁ, ଫଳରେ ପାରିବାରିକ ସମସ୍ୟା ସୃଷ୍ଟି ହେବ। ସାମାଜିକ କ୍ଷେତ୍ର କିମ୍ବା ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** – ମଙ୍ଗଳଙ୍କ ଦୃଷ୍ଟିରେ ରବିଙ୍କ ଯୋଗୁ ଅଭାବ ଅସୁବିଧା ନ ଥିଲେ ମଧ୍ୟ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଗତକାଲିଠାରୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବା ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ନେବାକୁ ପଡ଼ିପାରେ।

**ସିଂହ** – ଶୁକ୍ରଙ୍କ କୁପ୍ରଭାବରେ ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ସୂଚନା ରହିଛି। ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ ଓ କେତେକ କ୍ଷେତ୍ରରେ ଅର୍ଥସାହାଯ୍ୟ ମଧ୍ୟ ଦେଇପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାରେ ହେଳା କଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ।

**କନ୍ୟା** – ବୁଧ ଗୃହରେ ରବିଙ୍କ ସ୍ଥିତି କାରଣରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ପାଖ,ପଡ଼ୋଶୀଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଅର୍ଥ ସଂକଟ ହେତୁ କାମଗୁଡିକ ସମ୍ପନ୍ନ ଦିଗରେ ସମସ୍ୟା ସୃଷ୍ଟି ହେବ।

**ତୁଳା** – ଆଜି ସ୍ୱାତୀ ନକ୍ଷତ୍ର ଯାହା ଚାହୁଁଥିଲେ ତାହା ପାଇବେ ନାହିଁ କିନ୍ତୁ ଯାହା ଆଶା କରୁ ନ ଥିଲେ ତାହା ପାଇ ଖୁସୀ ହୋଇ ଯିବେ। ରୋଜଗାର ବୃଦ୍ଧି ପାଇବ କିନ୍ତୁ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ବନ୍ଧୁ ସାହାଯ୍ୟ କରିବେ। ପରିବହନ, ରପ୍ତାନି, ବାଣିଜ୍ୟ, ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ।

**ବିଛା** – ଅସାଧ୍ୟ କାମଗୁଡିକୁ ସାଧନ କରିବାରେ ସମର୍ଥ ହେବେ। ଆପୋଷ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। ଅନୁରାଧା ନକ୍ଷତ୍ର କୌଣସି ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ମନରେ ଉଙ୍କି ମାରିବ।

**ଧନୁ** – ମୂଳା ନକ୍ଷତ୍ରର ପରୋକ୍ଷଶତ୍ରୁତା କାରଣରୁ ନିଜ ଲୋକମାନଙ୍କ ନିକଟରୁ କ୍ରମଶଃ ଦୂରେଇ ଯାଇ ପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡିବେ କିନ୍ତୁ କୌଣସି କାମ ଅଟକିବ ନାହିଁ। ସମ୍ପର୍କ ହାନି ଯୋଗୁଁ ଚିନ୍ତା ପ୍ରକଟ କରିପାରନ୍ତି। ଘରେ ବିତର୍କକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ।

**ମକର** – ହଠାତ୍ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହେବାରୁ ଦୁଶ୍ଚିନ୍ତା ବଢିଯାଇପାରେ। ଅର୍ଥ ସାହାଯ୍ୟ ପାଇବା ଆଶାରେ ସହକର୍ମୀଙ୍କୁ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହିବେ। ଆପଣଙ୍କ ପାଇଁ ବିଚାର ବଦଳି ଯାଇପାରେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର କରିବା ସକାଶେ ଆପ୍ରାଣ ଚେଷ୍ଟା କରିବେ।

**କୁମ୍ଭ** – ଆଗନ୍ତୁକଟି ଆପଣଙ୍କ ପ୍ରଶଂସାରେ ଶତମୁଖ ହୋଇ ଉଠିବ। ଶତଭିଷା ନକ୍ଷତ୍ର ଜମା ଭଲ ପଡୁ ନ ଥିବା ଅନ୍ୟମାନଙ୍କ ମନଗଢ଼ା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ରାଜନୀତି କ୍ଷେତ୍ରରେ କିମ୍ବା ଆଲୋଚନା କାଳରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ପରିବାରର ବ୍ୟତିକ୍ରମ ଘଟଣାଟି ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ।

**ମୀନ** – ରେବତୀ ନକ୍ଷତ୍ର ଅଯଥା ଭାବପ୍ରବଣତାରେ ଭାସିଯାଇ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତ। ଦୂରଦୃଷ୍ଟି ରଖି ପାଖ ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ମାତି ରହିପାରନ୍ତି।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ସର୍ବସମ୍ମତ ନିର୍ଜଳା ଏକାଦଶୀ ଯୁକ୍ତ ଦ୍ୱାଦଶୀ ମଙ୍ଗଳବାର, ଶ୍ରୀମନ୍ଦିରରେ ରୁକ୍ମିଣୀହରଣ ଏକାଦଶୀ, ବିବାହ ମହୋତ୍ସବ ଓ ଜଳକ୍ରୀଡ଼ା, ଆଦିଶକ୍ତି ଗାୟତ୍ରୀ ଜୟନ୍ତୀ, ଜୁନ୍ ୨ ତାରିଖ, ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ.୧୧.୫୯ମି. ଗତେ ତୁଳା ଚନ୍ଦ୍ର, ମକର ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୧୦ମି. ଗତେ ଘ.୦୭.୪୮ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୨.୧୧ମି. ମଧ୍ୟେ, ଘ.୦୩.୪୧ମି. ଗତେ ଘ.୦୪.୩୩ ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୮ମି. ଗତେ ଘ.୦୭.୦୨ମି. ମଧ୍ୟେ, ରାତ୍ରି ଘ.୧୨.୦୬ମି. ଗତେ ଘ.୦୨.୧୬ମି. ମଧ୍ୟେ ଅମୃତବେଳା। ଦିବା. ଘ ୦୨.୪୮ମି. ଗତେ ଘ. ୦୩.୪୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ୦୩.୦୧ମି. ଗତେ ଘ.୦୪.୪୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

3BHK Duplex 36,00,000/-, 2BHK SIMPLEX 28,00,000/, finishing Hanspal, 8093465134, 9668194157. D-68687

BBSR ରବିଟକିଜ୍ ଛକରୁ 700mt. ଦୂରରେ yellowzone, Gharabari, boundarywall, 30' road ଥାଇ per sqft. 2600/- ରେ plot କିଣନ୍ତୁ। 7978641199. D-69508

ଭୁବନେଶ୍ୱର ଗଙ୍ଗପଡ଼ାଛକରୁ 800mtr ଦୂରତାରେ Gitam Collage front ରେ sqft. 549/-, ପ୍ଲଟ୍ ମିଳୁଅଛି। 9938655900. D-69118




**Interested to Construct newly built house with complete finishing@1200/- sqft. onward. Contact- 9861448065, 7992819489.** D-17351

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Rejuvenate and Ayurvedic full body massage by smart therapist. 9114402304. D-69275

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69273

Herbal full body massage by smart / expert therapist. Contact: 8338067247. D-69274

Ayurvedic full body massage Ladies and Gents. Contact: 9861064981. D-69507

Newly open full body massage SPA in Bhubaneswar. Contact: 7205058838. D-69271

Newly open SPA centre full body massage smart Ladies: 8260347387. D-59949

Monalisa massage club : All types body massage with hiprofile smart lady rooms service available 9708545108. D-17374

Full body massage with Gents and Ladies, Aaiginia Square. 9777167531. D-59950

**AFFIDAVIT**

ନୋଟାରି ପବ୍ଲିକ୍, ଭୁବନେଶ୍ୱରଙ୍କ ସମ୍ମୁଖରେ ସମ୍ପାଦିତ ସତ୍ୟପାଠ ଅନୁଯାୟୀ ମୁଁ ଶ୍ରଦ୍ଧା ପ୍ରଶାନ୍ତ, ସ୍ୱାମୀ- ପ୍ରଶାନ୍ତ ଏମ୍ ରାଓ, ମନୋରମା ଇଷ୍ଟେଟ୍, ରସୁଲଗଡ଼, ଭୁବନେଶ୍ୱର ମୋ ନାମକୁ ରେକର୍ଡ ସମେତ ସମସ୍ତ ଉଦ୍ଦେଶ୍ୟ ପାଇଁ ଶ୍ରଦ୍ଧା କେ.ଆର୍.ରୁ ଶ୍ରଦ୍ଧା ପ୍ରଶାନ୍ତଙ୍କୁ ପରିବର୍ତ୍ତନ କରିଛି।
ଧ-୧୭୪୦୧

## ସଂକ୍ଷେପରେ

### ୧୧ଜଣିଆ ଅନ୍ତରୀଣ କମିଟି ଗଠିତ

■ହାଇକୋର୍ଟ ଓକିଲ ସଂଘ ପରିଚାଳନା ପ୍ରସଙ୍ଗ
■ବିଜୟକୃଷ୍ଣ ମହାନ୍ତି କମିଟିର ଅଧ୍ୟକ୍ଷ

**କଟକ ଅଫିସ,୧।୬:** ଲକ୍‌ଡାଉନ୍ ଯୋଗୁ ହାଇକୋର୍ଟ ସମେତ ରାଜ୍ୟର ସମସ୍ତ ଓକିଲ ସଂଘର ନିର୍ବାଚନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସ୍ଥଗିତ ରହିଛି। ଏଭଳି ସ୍ଥଳେ ଓକିଲ ସଂଘଗୁଡ଼ିକର ପରିଚାଳନା ପାଇଁ ହାଇକୋର୍ଟ ଓକିଲ ସଂଘର ଅନ୍ତରୀଣ କମିଟି ଗଠିତ ହୋଇଛି। କମିଟିରେ ଜଣେ ଅଧ୍ୟକ୍ଷଙ୍କ ସମେତ ୧୧ଜଣ ସଦସ୍ୟ ଅଛନ୍ତି। ବିଜୟକୃଷ୍ଣ ମହାନ୍ତି କମିଟିର ଅଧ୍ୟକ୍ଷ ଥିବାବେଳେ ସଦସ୍ୟ ଭାବେ ଅଶୋକ କୁମାର ମହାନ୍ତି, ୟେଶାନ୍ ମହାନ୍ତି, ଟହଲି ଚରଣ ମହାନ୍ତି, ଅଶୋକ କୁମାର ମହାପାତ୍ର, ଭୀମସେନ ସାହୁ, ବନୋଜ କୁମାର ପଟ୍ଟନାୟକ, ବିରେନ ଶଙ୍କର ତ୍ରିପାଠୀ, ଲଲାଟେନ୍ଦୁ ସାମନ୍ତରାୟ, ବିଦ୍ୟାଧର ପ୍ରଧାନ ଓ ଉମେଶ ଚନ୍ଦ୍ର ବେହୁରା ରହିଛନ୍ତି। ଏହି କମିଟିକୁ ଆଇନଜୀବୀ ପରିଷଦ ସୋମବାର ଅନୁମୋଦନ ଦେଇଛି। ଅଧ୍ୟକ୍ଷଙ୍କ ଆବାହନରେ ପ୍ରଥମ ବୈଠକ ଡକାଯାଇ ଏଥିରେ କମିଟିର ସଦସ୍ୟମାନେ ଜଣେ ସମ୍ପାଦକଙ୍କୁ ଚୟନ କରିବେ। ପୂର୍ବତନ ସଭାପତି ଓ ସମ୍ପାଦକମାନେ ସଂଘର ସମସ୍ତ ଦସ୍ତାବିଜ ଅନ୍ତରୀଣ କମିଟିକୁ ହସ୍ତାନ୍ତର କରିବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୨୮ରେ ହାଇକୋର୍ଟ ଓ ସମସ୍ତ ଓକିଲ ସଂଘର ନିର୍ବାଚନ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ରାଜ୍ୟ ଆଇନଜୀବୀ ପରିଷଦ ଏପ୍ରିଲ୍ ୧୫ରେ ନିର୍ଦ୍ଦେଶନାମା ଜାରି କରି ଓକିଲ ସଂଘର ନିର୍ବାଚନ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଥିଲା। ଏହା ପରେ ମାର୍ଚ୍ଚ ୪ରେ ଅନ୍ତରୀଣ କମିଟି ଗଠନ କରିବାକୁ ସମସ୍ତ ଓକିଲ ସଂଘକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ କମିଟିର ଏଭଳି ନିଷ୍ପତ୍ତିକୁ ଅନେକ ଓକିଲ ସଂଘ ବିରୋଧ କରୁଛନ୍ତି। ଏନେଇ ଗୋଟିଏ ମାମଲା ହାଇକୋର୍ଟରେ ଖାରଜ ହୋଇଥିବା ବେଳେ ଆଉ ଗୋଟିଏ ମାମଲା ବର୍ତ୍ତମାନ ବିଚାରାଧୀନ ରହିଛି।

### ୭୨ଘଣ୍ଟା ଲାଗି ଶିଳ୍ପାଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା

**ଖୋର୍ଦ୍ଧା ଅଫିସ,୧।୬:** ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ.୩ ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଜଣେ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏ ନେଇ ସୋମବାର ଜିଲାପାଳ ଶୀତାଂଶୁ କୁମାର ରାଉତ ଉକ୍ତ ଅଞ୍ଚଳକୁ ସନ୍ଧ୍ୟା ୭ଟାରୁ ଆସନ୍ତା ୪ ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୭୨ଘଣ୍ଟା ଲାଗି ନିଷିଦ୍ଧାଞ୍ଚଳ ଘୋଷଣା କରିଛନ୍ତି। ପୌର ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳର ଚତୁଃପାର୍ଶ୍ୱକୁ ବ୍ୟାରିକେଡ କରାଯିବ ସହ ଲୋକଙ୍କ ଯାତାୟାତ ଉପରେ କଟକଣା ଜାରି କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳକୁ ସାନିଟାଇଜ କରାଯାଇଛି। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସ୍ୱାବ୍ ସଂଗ୍ରହ କରାଯିବ। ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଇଦେବାର ମଧ୍ୟ ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ସହ ଡାଟା ସଂଗ୍ରହ କରିବେ। ଏଡିଏମଓ(ଜନସ୍ୱାସ୍ଥ୍ୟ ବିଭାଗ) ଭି.ଆର.ପତି ନିଷିଦ୍ଧାଞ୍ଚଳରେ ସମସ୍ତ ଗତିବିଧି ଉପରେ ନଜର ରଖିବେ ବୋଲି ଜିଲାପାଳ ରାଉତ କହିଛନ୍ତି।

# ଏବର୍ଷ ବିଦେଶରେ ଗଡ଼ିବନି ରଥ

ଭୁବନେଶ୍ୱର,୧।୬(ବ୍ୟୁରୋ)



### କରୋନା ପ୍ରଭାବ

■ରାଜ୍ୟ ବାହାରେ ମଧ୍ୟ ସମାନ ସ୍ଥିତି
■ଅନୁମତି ମିଳିଲେ ରଥଯାତ୍ରା କରିବ ଇସ୍କନ

କରୋନା ଲାଗି ପୁରୀରେ ଏଥର ଭକ୍ତଙ୍କ ବିନା ରଥଯାତ୍ରା ହେବ। ଶ୍ରୀଜୀଉଙ୍କ ପହଣ୍ଡିରୁ ଆରମ୍ଭକରି ରଥଟଣା ପର୍ଯ୍ୟନ୍ତ ସବୁକିଛି ସେବାୟତ ଓ ପୋଲିସ ଦ୍ୱାରା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ହେଲେ ପ୍ରତିବର୍ଷ ଦେଶ ବିଦେଶରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ହେବା ନେଇ ଅନିଶ୍ଚିତତା ଲାଗିରହିଛି। ଶ୍ରୀଜଗନ୍ନାଥ ସଂସ୍କୃତିର ଉପସ୍ଥିତି ସମଗ୍ର ବିଶ୍ୱରେ ରହିଛି। ସବୁଠି ଶ୍ରୀଜଗନ୍ନାଥ ମନ୍ଦିର ଓ ଇସ୍କନ ମନ୍ଦିର ରହିଛି, ଯେଉଁଠାରେ ପ୍ରତିବର୍ଷ ମହାସମାରୋହରେ ତିନି ଠାକୁରଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ହେଲେ ଚଳିତବର୍ଷ ବିଦେଶର ବହୁ ସ୍ଥାନରେ ରଥଯାତ୍ରା ହେବା ସମ୍ଭାବନା କ୍ଷୀଣ ରହିଥିବା ସୂଚନା ମିଳିଛି। ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ କରୋନା ସଂକ୍ରମଣ ମାରାତ୍ମକ ରୂପ ନେଇଥିବାରୁ ସେସବୁ ସ୍ଥାନରେ ଏଥର ରଥଯାତ୍ରା ନ ହେବା ଏକପ୍ରକାର ନିଶ୍ଚିତ ହୋଇଛି। କରୋନା ଲାଗି ସମସ୍ତ ଉତ୍ସବ, ମହୋତ୍ସବ ଏବଂ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିବାରୁ ୩୦ରୁ ଅଧିକ ଦେଶରେ ରଥଯାତ୍ରା ହେବନି ବୋଲି କୁହାଯାଉଛି। ଆମେରିକାରେ ସର୍ବାଧିକ ଓଡ଼ିଆ ରହୁଥିବା ବେଳେ ଏଠାରେ ସବୁଠାରୁ ଅଧିକ ଜଗନ୍ନାଥ ମନ୍ଦିର ରହିଛି। ନ୍ୟୁୟର୍କ ସିଟି ସହ କାଲିଫର୍ନିଆ, ସିକାଗୋ, ଡଲାସ, ମିଚିଗାନ ଆଦି ସହରରେ ଥିବା ଜଗନ୍ନାଥ ମନ୍ଦିରରେ ପ୍ରତିବର୍ଷ ଧୁମ୍‌ଧାମରେ ରଥଯାତ୍ରା ପାଳନ କରାଯାଇଥାଏ। କେବଳ ଓଡ଼ିଆ କିମ୍ବା ଭାରତୀୟ ନୁହନ୍ତି, ବହୁସଂଖ୍ୟାରେ ସ୍ଥାନୀୟ ଲୋକେ ମଧ୍ୟ ଏଥିରେ ଭାଗନେଇଥାନ୍ତି। ସେହିଭଳି ଏଠାରେ ଥିବା ଇସ୍କନ ମନ୍ଦିରଗୁଡ଼ିକ ପକ୍ଷରୁ ମଧ୍ୟ ରଥଯାତ୍ରା ଆୟୋଜନ କରାଯାଇଥାଏ। ଏହାବ୍ୟତୀତ ଇଂଲଣ୍ଡ, ଜର୍ମାନୀ, ଅଷ୍ଟ୍ରେଲିଆ, କାନାଡା, ବ୍ରାଜିଲ ଆଦି ରାଷ୍ଟ୍ରରେ ମଧ୍ୟ ଓଡ଼ିଆଙ୍କ ଦ୍ୱାରା ରଥଯାତ୍ରା କରାଯାଇଥାଏ। କିନ୍ତୁ ଚଳିତବର୍ଷର କୋଭିଡ୍-୧୯ ମହାମାରୀ ଯୋଗୁ ଏହିସବୁ ଦେଶରେ ରଥଯାତ୍ରା ଉତ୍ସବ ପାଳନ ନ କରିବାକୁ ସ୍ଥିର ହୋଇଛି। ସାମାଜିକ ଦୂରତ୍ୱ ନିୟମକୁ ପାଳନ କରି ମନ୍ଦିରଗୁଡ଼ିକରେ କେବଳ ପୂଜାବିଧି କରାଯିବ। ଇସ୍କନ ଦ୍ୱାରା ହେଉଥିବା ରଥଯାତ୍ରାକୁ ଯଦି କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରନ୍ତି ତା'ହେଲେ ଏହା ଅନୁଷ୍ଠିତ ହେବ ବୋଲି ଇସ୍କନ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ରାଜଧାନୀ ଦିଲ୍ଲୀର ହଉଜଖାସ୍ ଓ ତ୍ୟାଗରାଜ ନଗରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଦୀର୍ଘବର୍ଷ ଧରି ରଥଯାତ୍ରା ଆୟୋଜିତ ହୋଇଆସୁଛି। ହେଲେ କରୋନା ଭୂତାଣୁର ଏକ ହଟ୍‌ସ୍ପଟ୍ ହୋଇଥିବା ଯୋଗୁ ଏ ବର୍ଷ ଦିଲ୍ଲୀରେ ଜନସମାଗମକୁ ଏଡାଇବା ପାଇଁ ରାସ୍ତାରେ ରଥ ଗଡାଇବା ସମ୍ଭବ ନୁହେଁ ବୋଲି କୁହାଯାଇଛି। ସେହିଭଳି ଗୁଜରାଟ ଅହମଦାବାଦସ୍ଥିତ ଜଗନ୍ନାଥ ମନ୍ଦିରରେ କାହିଁ କେତେ ବର୍ଷରୁ ରଥଯାତ୍ରା ଧୁମ୍‌ଧାମରେ ପାଳନ କରାଯାଉଛି। ଏଥର ଅହମଦାବାଦ ସମେତ ସାରା ଗୁଜରାଟରେ କରୋନା ସ୍ଥିତି ଭୟଙ୍କର ଥିବାରୁ ରଥଯାତ୍ରା ଉତ୍ସବ ନ ହେବା ନେଇ ମନ୍ଦିର କର୍ତ୍ତୃପକ୍ଷ ଆଶଙ୍କା ପ୍ରକାଶ କରିଛନ୍ତି। ସେହିଭଳି କରୋନା ଭୂତାଣୁର ଆଉଏକ ହଟ୍‌ସ୍ପଟ୍ ସୁରଟ ସମେତ ଗୁଜରାଟର ଅନ୍ୟ ସ୍ଥାନରେ ମଧ୍ୟ ରଥଯାତ୍ରା ହେବ ନାହିଁ ବୋଲି ଜଣାପଡିଛି। ଏହା ବ୍ୟତୀତ ପଡ଼ୋଶୀ ପଶ୍ଚିମବଙ୍ଗରେ ଏକାଧିକ ସ୍ଥାନରେ ରଥଯାତ୍ରା କରାଯାଉଥିବା ବେଳେ ଏଥର ଆୟୋଜନକୁ ନେଇ ଅନିଶ୍ଚିତତା ଲାଗିରହିଛି। ସେହିଭଳି ବେଙ୍ଗାଲୁରୁ, ଚେନ୍ନାଇ, କାନପୁର, ହାଇଦ୍ରାବାଦ, ମୁମ୍ବାଇ ଆଦି ସ୍ଥାନରେ ରଥ ନ ଗଡ଼ିବାର ଅଧିକ ସମ୍ଭାବନା ରହିଛି।

# ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ଦାୟିତ୍ୱ ନେଲେ ଭୂପେନ୍ଦ୍ର

ଭୁବନେଶ୍ୱର, ୧।୬(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ଅଧ୍ୟକ୍ଷ ଭାବେ ସୋମବାର ବରିଷ୍ଠ ଆଇଏଏସ୍ ଅଫିସର ଭୂପେନ୍ଦ୍ର ସିଂ ପୁନିଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ପୁନିଆ ପୂର୍ବରୁ ମଧ୍ୟ ଶିକ୍ଷା ବିଭାଗ ସହ ଜଡ଼ିତ ଥିଲେ। ସେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଥିଲେ। ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସେ କହିଛନ୍ତି, କରୋନା ସମୟରେ ଯୁକ୍ତ୨ ପରୀକ୍ଷା ଖାତା ଦେଖା ଏବଂ ବାକି ରହିଥିବା ବିଷୟର ପରୀକ୍ଷା କରିବା ଆମ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେବେ ଠିକ୍ ସମୟରେ ପରୀକ୍ଷା ଫଳ ପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି।

# ଦାୟିତ୍ୱ ନେଲେ ସତ୍ୟଜିତ ମହାନ୍ତି

କଟକ ଅଫିସ,୧।୬

ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି ସତ୍ୟଜିତ ମହାନ୍ତି। ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ମହାନ୍ତି ଉପରୋକ୍ତ ଦାୟିତ୍ୱ ସହ ହୋମଗାର୍ଡ କମାଣ୍ଡାଣ୍ଟ ଜେନେରାଲ ଓ ସିଭିଲ୍ ଡିଫେନ୍ସର ନିର୍ଦ୍ଦେଶକ ଭାବେ ମଧ୍ୟ ଅତିରିକ୍ତ କାର୍ଯ୍ୟ ତୁଲାଇବେ।



ବର୍ତ୍ତମାନ ମହାନ୍ତି ଗୁଇନ୍ଦା ବିଭାଗର ସ୍ୱତନ୍ତ୍ର ମହାନିର୍ଦ୍ଦେଶକ ଅଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସେ କହିଛନ୍ତି, ଓଡ଼ିଶା ଅଗ୍ନିଶମ ବିଭାଗର ସୁନାମ ସାରା ଦେଶରେ ରହିଛି। ବାତ୍ୟା ହେଉ କିମ୍ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ, ଅଗ୍ନିଶମ ବିଭାଗ ସର୍ବଦା ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇଛି। ବର୍ତ୍ତମାନ ପଶ୍ଚିମବଙ୍ଗରେ ବାତ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟରେ ପ୍ରାୟ ୩୭୫ ଜଣ ଅଗ୍ନିଶମ କର୍ମଚାରୀ ନିୟୋଜିତ ଅଛନ୍ତି। ଫେରିବା ପରେ ସେମାନଙ୍କୁ ସଙ୍ଗରୋଧରେ ରଖାଯିବ। ଏହା ପୂର୍ବରୁ ବିଶୋଧନ କାର୍ଯ୍ୟରେ ସେମାନେ ନିୟୋଜିତ ଥିଲେ। ନିଜ କାର୍ଯ୍ୟକାଳ ଭିତରେ ଅଗ୍ନିଶମ ବିଭାଗର ଗୌରବ ବଜାୟ ରଖିବା ଦିଗରେ କାମ କରିବି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଏହି ପଦବୀରେ ଥିବା ୧୯୮୭ ବ୍ୟାଚ୍‌ର ଆଇପିଏସ୍ ଅଫିସର୍ ସୁନିଲ ରାୟ ରବିବାର ଅବସର ନେବା ପରେ ମହାନ୍ତିଙ୍କୁ ଏହି ଦାୟିତ୍ୱ ମିଳିଛି।

# ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ଏଏସ୍‌ଆଇଙ୍କ ସ୍ତ୍ରୀ

### କମିଶନରେଟ ପୋଲିସ ଏଏସ୍‌ଆଇ, ସ୍ତ୍ରୀଙ୍କୁ ବାଣିଗୋଛା ଥାନାଧିକାରୀଙ୍କ ମାଡ଼ ଘଟଣା

ଭୁବନେଶ୍ୱର,୧।୬ (ବ୍ୟୁରୋ)





ମାଡ଼ ଯୋଗୁ ମହିଳାଙ୍କ ଜଙ୍ଘରେ କ୍ଷତ ଚିହ୍ନ।

■ମିଛ ମାମଲାରେ ଦେଢ଼ମାସ ଜେଲରେ ରହିଥିବା ଅଭିଯୋଗ
■ପୂର୍ବରୁ ମଧ୍ୟ ଏସ୍‌ପି, ଓପିଏ ସଂଘକୁ ଭେଟିଥିଲେ
■ତଦନ୍ତ ରିପୋର୍ଟ ଦେଇଥିବା କହିଲେ ଏସ୍‌ଡିପିଓ

ଲକ୍‌ଡାଉନ୍ ସମୟରେ ଓଡ଼ିଶା ପୋଲିସରେ ବହୁ ଅଧିକାରୀ କ୍ଷମତାର ଦୁରୁପଯୋଗ କରି ନିଲମ୍ବିତ ହୋଇଛନ୍ତି। ଆଉ କେତେଜଣଙ୍କ ଔଦ୍ଧତ୍ୟ ସୀମା ଟପିଛି। ତେବେ ଭୁବନେଶ୍ୱରରେ କାର୍ଯ୍ୟରତ କମିଶନରେଟ ପୋଲିସର ଜଣେ ଏଏସ୍‌ଆଇ ଓ ତାଙ୍କ ସ୍ତ୍ରୀଙ୍କୁ ନୟାଗଡ଼ ବାଣିଗୋଛା ଥାନା ଅଧିକାରୀ ନିସ୍ଥୁକ ପିଟିବା ଏବଂ ଏଏସ୍‌ଆଇଙ୍କୁ କୋର୍ଟଚାଲାଣ କରିବା ଘଟଣା ଏବେ ଭିନ୍ନମୋଡ ନେଇଛି। ଏଏସ୍‌ଆଇ ଜଣକ ଦେଢ଼ମାସ ଧରି ଜେଲରେ ରହି ବେଲ୍‌ରେ ଆସିବା ପରେ ସୋମବାର ତାଙ୍କ ସ୍ତ୍ରୀ ନ୍ୟାୟ ପାଇଁ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁସାରେ, ନୟାଗଡ଼ ଜିଲା ବାଣିଗୋଛା ଥାନା ନେଫାରୀ ଗ୍ରାମର ବୀରେନ୍ ମାଝି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ମୈତ୍ରୀବିହାର ଫାଣ୍ଡି ଅଧିକାରୀଭାବେ କାର୍ଯ୍ୟ କରୁଛନ୍ତି। ଏପ୍ରିଲ ୭ରେ ତାଙ୍କ ଭାଉଜଙ୍କର ହଠାତ୍ ମୃତ୍ୟୁ ହୋଇଥିଲା। ତେଣୁ କମିଶନରେଟ ପୋଲିସର ସମସ୍ତ ଅନୁମତି ସହ ପାସ୍ ନେଇ ସ୍ତ୍ରୀ ଗୀତାଞ୍ଜଳି ମଲ୍ଲିକଙ୍କ ସହ କାର (ଓଡ଼ି୨୫ଇ୦୮୧୮)ରେ ବାଣିଗୋଛା ଯାଉଥିଲେ। ନୟାଗଡ ତୁମୁଡ଼ିବିଡା ରାସ୍ତାରେ ଯାଞ୍ଚ କରୁଥିବା ବାଣିଗୋଛା ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ସେଠାରେ ଦଶପଲ୍ଲା ତହସିଲଦାର ମଧ୍ୟ ଉପସ୍ଥିତ ଥିଲେ। ବୀରେନ ନିଜର ପରିଚୟ ଦେବା ସହ କମିଶନରେଟ ପୋଲିସର ପାସ୍ ଦେଖାଇଥିଲେ। ହେଲେ ଥାନା ଅଧିକାରୀ ତାଙ୍କୁ ଗାଡ଼ି ପଛକୁ ନେଇ ଓହ୍ଲାଇବାକୁ କହିଲେ। ସେ ଗାଡିରୁ ନ ଓହ୍ଲାଇବାରୁ ଥାନାଧିକାରୀ ତାଙ୍କ ଗାଡ଼ିର ଷ୍ଟିଅରିଂ ମୋଡି ଦେଇଥିଲେ। ଫଳରେ କାର୍‌ଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ଏହି ସମୟରେ ଗାଡ଼ି ନିକଟରେ ଠିଆ ହୋଇଥିବା ତହସିଲଦାର ତଳେ ପଡ଼ିଯାଇଥିଲେ। ଥାନା ଅଧିକାରୀ ଏଏସ୍‌ଆଇ ବୀରେନ୍‌ଙ୍କୁ ଗାଳିଗୁଲଜ କରିବା ସହ ଧରିଥିବା ଲାଠିରେ ପିଟିଥିଲେ। ଏହାପରେ ପୋଲିସ ଗାଡିରେ ବସାଇ ତାଙ୍କୁ ଥାନାକୁ ନେଇ ଖାକି ପୋଷାକ ଖୋଲି ନିସ୍ଥୁକ ପିଟିଥିଲେ। ତାଙ୍କ ସ୍ତ୍ରୀ ଏହାର ପ୍ରତିବାଦ କରିବାରୁ ଥାନାଧିକାରୀ ଜଣକ ତାଙ୍କୁ ମଧ୍ୟ ଛାଡ଼ି ନ ଥିଲେ। ଲାଠି ମାଡ଼ରେ ଏଏସ୍‌ଆଇ ଆହତ ହୋଇଥିବାବେଳେ ତାଙ୍କ ସ୍ତ୍ରୀଙ୍କ ଜଙ୍ଘ, ପିଠି, ହାତ ଫାଟି ଯାଇଥିଲା। ସେ ଦୁଇଦିନ ମେଡିକାଲରେ ଚିକିତ୍ସିତ ହୋଇଥିଲେ ବୋଲି ଗୀତାଞ୍ଜଳି କହିଛନ୍ତି। ପୂର୍ବରୁ ଘଟଣା ନେଇ ନୟାଗଡ଼ ଏସ୍‌ପି ଓ ଓପିଏ ସଂଘକୁ ଭେଟି ଜଣାଇଥିଲେ ମଧ୍ୟ କେହି ନ୍ୟାୟ ଦେଇନାହାନ୍ତି। ତାଙ୍କୁ କମିଶନ ନ୍ୟାୟ ଦେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏନେଇ ନୟାଗଡ ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ କହିଛନ୍ତି, ମୁଁ ତଦନ୍ତ କରି ଏସ୍‌ପିଙ୍କୁ ରିପୋର୍ଟ ଦେଇଛି। ଏସ୍‌ପି ଯାହା କାର୍ଯ୍ୟାନୁଷ୍ଠାନ ନେବେ।

# ରୂପେଶ ଭଦ୍ରଙ୍କୁ ହାଇକୋର୍ଟରୁ ଜାମିନ

କଟକ ଅଫିସ୍/ଧର୍ମଶାଳା, ୧।୬(ଡି.ଏନ୍.ଏ.)

### ସ୍ମିତାରାଣୀ ମୃତ୍ୟୁ ମାମଲା

ଯାଜପୁର ହରିଦାଶପୁର ପଞ୍ଚାୟତର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ରୂପେଶ ଭଦ୍ରଙ୍କୁ ସୋମବାର ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି। ଗତ ଅକ୍ଟୋବରରୁ ସେ ଜେଲ୍‌ରେ ଥିଲେ। ଜଷ୍ଟିସ୍ ବିଭୂ ପ୍ରସାଦ ରାଉତରାୟ ମାମଲାର ଶୁଣାଣି କରି ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଜାମିନ୍‌କାଳରେ ସେ ସାକ୍ଷୀମାନଙ୍କୁ ପ୍ରଭାବିତ କରିବେ ନାହିଁ ଓ ତଦନ୍ତରେ ସହଯୋଗ କରିବେ ବୋଲି ସର୍ତ୍ତ ରହିଛି। ତାଙ୍କ ବିରୋଧରେ ଆଇପିସିର ଧାରା ୩୦୬ରେ ମାମଲା ବିଚାରାଧୀନ ରହିଛି। ଶୁଣାଣିରେ କୁହାଯାଇଛି ଯେ, ସ୍ମିତାରାଣୀ ଓ ରୂପେଶଙ୍କ ମଧ୍ୟରେ ସମ୍ପର୍କ ରହିଥିଲା। କିନ୍ତୁ ସ୍ମିତାରାଣୀଙ୍କୁ ରୂପେଶ ଉତ୍ପୀଡନ କରିଥିବା ସ୍ପଷ୍ଟ ନାହିଁ। ତେଣୁ ରୂପେଶଙ୍କ ଦ୍ୱାରା ନିର୍ଯାତିତ ହେବା ପରେ ସ୍ମିତାରାଣୀ ଆତ୍ମହତ୍ୟା କରିଥିବା ବିଷୟକୁ ଗ୍ରହଣ କରାଯାଇପାରିବ ନାହିଁ। ସେହି କ୍ରମରେ ରୂପେଶଙ୍କୁ ଜାମିନ୍ ଦିଆଯାଇଥିବା ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ମହାନ୍ତି ମାମଲା ପରିଚାଳନା କରୁଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବାତିଲକରଣ**

ତା୧୫।୦୬।୨୦୨୦ରିଖରେ ଖୋଲାଯିବା ପାଇଁ ଧାର୍ଯ୍ୟ ଇ-ଟେଣ୍ଡର ବିଜ୍ଞପ୍ତି ନଂ. ସିନିୟର ଡିଇଇ-ଜି-ଆର୍-ଓଟିପି- ୨୦-୨୧-୦୧, ତାରିଖ ୦୬।୦୫।୨୦୨୦କୁ ଏତଦ୍ୱାରା ପ୍ରଶାସନିକ କାରଣବଶତଃ ବାତିଲ କରାଯାଉଛି।

ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)
ଡିଭିଜନାଲ ରେଲୱେ ମ୍ୟାନେଜର (ଇଲେକ୍ଟ-ଜି)

PR/R/Sr DEE(G)/AP/29 ଏସ୍.ଇ.ସି. ରେଳପଥ, ରାୟପୁର

South East Central Railway @secrail

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

(୧) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୧୪-୨୦-୨୧, ତାରିଖ: ୨୭।୦୫।୨୦୨୦। କାର୍ଯ୍ୟ: ରାୟପୁର ଡିଭିଜନରେ ଘଷରା ପଏଣ୍ଟ ଓ କ୍ରସିଂ, ଏସ୍‌ଇଜେ ଏବଂ ଟଙ୍ଗ୍ ରେଲ୍‌ର ରିକଣ୍ଡିସନିଂ। ଟେଣ୍ଡର ମୂଲ୍ୟ: ₹୮୧,୮୫,୧୨୨/-। ଇଏମ୍‌ଡି: ₹୧,୬୩,୭୦୦/-। ଟେଣ୍ଡର ଦାଖଲ: ତା୨୫।୦୬।୨୦୨୦ରିଖ ୧୧.୦୦ ଘଟିକା। ଟେଣ୍ଡର ଖୋଲାଯିବ: ତା୨୫।୦୬।୨୦୨୦ରିଖ ୧୧.୦୦ ଘଟିକା।

ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ ଇଞ୍ଜିନିୟର (କୋ.)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ।

ଡିଭିଜନାଲ ଇଞ୍ଜିନିୟର (ଲାଇନ୍) / ରାୟପୁର

PR/R/ENGG/IP/28

South East Central Railway @secrail

**ନିୟନ୍ତ୍ରିତ ବଜାର କମିଟି, ଜୟପୁର**

**୨୦୧୯-୨୦୨୦ ରବି ବର୍ଷ ପାଇଁ ଚିନାବାଦାମର କ୍ରୟ ବ୍ୟବସ୍ଥା କୋରାପୁଟ ଜିଲ୍ଲା, ଜୟପୁର ଉପଖଣ୍ଡ**

ଏତଦ୍ୱାରା କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୧୯-୨୦୨୦ ରବି ବର୍ଷ ପାଇଁ ସରକାର ନିମ୍ନ ପ୍ରକାରେ ଚିନାବାଦାମର ଦର ସ୍ଥିର କରିଛନ୍ତି।

**ଚିନାବାଦମ କୁଇଣ୍ଟାଲ ପିଛା ନିର୍ଦ୍ଧାରିତ ମାନର ଦର ଟ.୫୦୯୦.୦୦ ଚଳିତ ୨୦୧୯-୨୦୨୦ ବର୍ଷରେ ନିମ୍ନ ଲିଖିତ ସ୍ଥାନରେ ଚିନାବାଦାମ କ୍ରୟ କରାଯିବ।**

| ସାପ୍ତାହିକ ବାର | କ୍ରୟ କେନ୍ଦ୍ର ସ୍ଥାନର ନାମ |
|---|---|
| ସୋମବାର ଓ ବୁଧବାର | ବୈପାରିଗୁଡ଼ା RMC YARD |

(କ) ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଦିଆଯାଇଥିବା ନିର୍ଦ୍ଧାରିତ ଦିନରେ ସଫା ଶୁଖିଲା ଓ ନିର୍ମଳ ଚିନାବାଦାମ ଆଣିବା ସହ ନିଜ ପରିଚୟର ପ୍ରମାଣ ପାଇଁ ଜମିପଟ୍ଟାର ନକଲ ସହ ଭୋଟର ପରିଚୟ ପତ୍ର କିମ୍ବା କିଷାନ କ୍ରେଡିଟ୍ କାର୍ଡ କିମ୍ବା ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ କିମ୍ବା ଆଧାର କାର୍ଡର ନକଲ କିମ୍ବା ବିପିଏଲ୍ କାର୍ଡର ନକଲ ଧରି ଆସିବେ।

(ଖ) ଆସନ୍ତା ୦୫।୦୬।୨୦୨୦ ତାରିଖଠାରୁ ବୈପାରିଗୁଡ଼ା RMC YARDରେ ଚିନାବାଦାମ କିଣା ଆରମ୍ଭ ହେବ।

(ଗ) ଚିନାବାଦାମ ମଣ୍ଡିକୁ ଆଣିବା ସମୟ ସକାଳ ୮ ଘଣ୍ଟାଠାରୁ ଦିନ ୨ ଘଣ୍ଟା ପର୍ଯ୍ୟନ୍ତ।

(ଘ) ଚିନାବାଦାମ ବିକ୍ରି ପାଇଁ ଆଗୁଆ ଟୋକେନ ସମ୍ପୃକ୍ତ ଲ୍ୟାମ୍ପସ୍‌ରୁ ପାଇପାରିବେ।

(ଙ) ପ୍ରତ୍ୟେକ ଚାଷୀ ଏକର ପିଛା ୮ କୁଇଣ୍ଟାଲ ହିସାବରେ ଗୋଟିଏ ଦିନରେ ୪୦ କୁଇଣ୍ଟାଲ ପର୍ଯ୍ୟନ୍ତ ଚିନାବାଦାମ ମଣ୍ଡିରେ ବିକ୍ରି କରିପାରିବେ।

(ଚ) ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ଚିନାବାଦାମ ବିକ୍ରି କରିବା ପାଇଁ ପ୍ରଥମେ ନିଜର ନାମ ନିକଟସ୍ଥ ଲ୍ୟାମ୍ପସ୍ ଠାରେ ଜମି ପଟ୍ଟା ସହ ଭୋଟର ପରିଚୟ ପତ୍ର କିମ୍ବା କିଷାନ କ୍ରେଡିଟ୍ କାର୍ଡ କିମ୍ବା ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ କିମ୍ବା ଆଧାର କାର୍ଡର ନକଲ କିମ୍ବା ବିପିଏଲ୍ କାର୍ଡର ନକଲ ଦାଖଲ କରି ନିଜର ନାମ ଚିନାବାଦାମ ବିକ୍ରି ପାଇଁ ପଞ୍ଜୀକରଣ କରିବେ।

ସ୍ୱା./- ଉପଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ଜୟପୁର

# ଖର୍ଚ୍ଚ ନ ହୋଇ ଫେରିଯିବ ୧.୦୭ କୋଟି

କଟକ ଅଫିସ,୧।୬

### ଡିଜିପିଙ୍କୁ ଚିଠି

■ଅସନ୍ତୋଷ ପ୍ରକାଶ କଲା ବାଣିଜ୍ୟ ଓ ପରିବହନ ବିଭାଗ
■ସଡ଼କ ସୁରକ୍ଷା ପାଇଁ ଆସିଥିଲା ଏହି ଅନୁଦାନ ରାଶି
■୧୫ ଦିନ ଭିତରେ ସୁଧ ସହ ଟଙ୍କା ଫେରାଇବାକୁ ଚିଠି

ଗୋଟିଏ ପଟେ ରାଜ୍ୟରେ ସଡ଼କ ଦୁର୍ଘଟଣା ପ୍ରତି ବର୍ଷ ବଢୁଥିବା ବେଳେ ଏହାକୁ ରୋକିବାରେ ପୋଲିସ ଏକପ୍ରକାର ବିଫଳ ହେଉଛି। ଅନ୍ୟପଟେ ସଡ଼କ ସୁରକ୍ଷା ଦିଗରେ ପଦକ୍ଷେପ ପାଇଁ ମିଳିଥିବା ଟଙ୍କାକୁ ମଧ୍ୟ ଖର୍ଚ୍ଚ କରିପାରୁନାହିଁ। ସଡ଼କ ସୁରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ରାଜ୍ୟ ପୋଲିସକୁ ଅର୍ଥ ଦିଏ। ୨୦୧୬ରେ ଏଥିପାଇଁ ଯେଉଁ ଅର୍ଥ ଆସିଥିଲା, ତାହା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ଅସନ୍ତୁଷ୍ଟ ହେବା ସହ ପଡ଼ିରହିଥିବା ୧ କୋଟି ୭ ଲକ୍ଷ ଟଙ୍କା ଓ ଏହାର ସୁଧ ସହ ଫେରାଇବା ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଚିଠି କରିଛି। ୧୫ଦିନ ଭିତରେ ଟଙ୍କା ଫେରାଇବାକୁ ଚିଠିରେ ଉଲ୍ଲେଖ ରହିଛି।

ସୂଚନା ଅନୁଯାୟୀ, ପରିବହନ ବିଭାଗ ତରଫରୁ ୨୦୧୬ ନଭେମ୍ବର ୨୯ରେ ସଡ଼କ ସୁରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ନେବା ପାଇଁ ୧ କୋଟି ୭ ଲକ୍ଷ ଟଙ୍କା ଦିଆଯାଇଥିଲା। ଏହା ଭିତରେ ପ୍ରାୟ ସାଢ଼େ ୪ ବର୍ଷ ହୋଇଗଲାଣି। କିନ୍ତୁ ପୋଲିସ ବିଭାଗ ଟଙ୍କା ଖର୍ଚ୍ଚ କରିପାରି ନାହିଁ। ପ୍ରତି ବର୍ଷ ଅଡିଟ୍ ସମୟରେ ଏହାକୁ ନେଇ ଆକାଉଣ୍ଟାଣ୍ଟ ଜେନେରାଲ (ଏଜି) ଅଧିକାରୀ ଆପତ୍ତି ଉଠାଉଛନ୍ତି। ଗତ ମାର୍ଚ୍ଚ ୧୯ରେ ସଡ଼କ ସୁରକ୍ଷା ପାଣ୍ଠି ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ବିଭାଗୀୟ ପ୍ରମୁଖ ସଚିବଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଖର୍ଚ୍ଚ ନ ହୋଇ ପଡ଼ି ରହିଥିବା ଟଙ୍କା ଫେରାଇ ଆଣିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅନୁଯାୟୀ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ଏଥିସହ ସଡ଼କ ସୁରକ୍ଷା ପାଇଁ ଯେଉଁ ଟଙ୍କା ମିଳୁଛି, ତାହାକୁ ଜମା କରିବା ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ପରାମର୍ଶ ଦିଆଯାଇଛି।

ଅନ୍ୟପଟେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଜାତୀୟ ରାଜପଥରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବ। ରାଜ୍ୟର ୫ଟି ସ୍ଥାନରେ ଆବଶ୍ୟକ ପଦକ୍ଷେପ ନିଆଯିବ। ଭିତ୍ତିଭୂମିର ବିକାଶ ପାଇଁ ୨୦୧୯ ଅଗଷ୍ଟରେ ୧୦ କୋଟି ଟଙ୍କା ରାଜ୍ୟ ପୋଲିସକୁ ଦିଆଯାଇଛି। ରାଜପଥ ପାଟ୍ରୋଲିଂ ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଇଛି, ଜୁଲାଇ ୩୧ ଭିତରେ ଜଣାଇବାକୁ ସଡ଼କ ସୁରକ୍ଷା ପାଇଁ ଗଠିତ ସୁପ୍ରିମକୋର୍ଟଙ୍କ କମିଟି ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ତୁରନ୍ତ ପାଟ୍ରୋଲିଂ ଭିତ୍ତିଭୂମି ବିକାଶ କରିବା ସହ ଜୁନ୍ ୧୫ ଭିତରେ ଖର୍ଚ୍ଚ ବିବରଣୀ ଦେବାକୁ ଡିଜିପିଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ ରହିଛି।

**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
OPTCL Lifeline of Orissa
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, PH./FAX: 0680-2291905, 2291904

**E-TENDER NOTICE NO.BAM-03/2020-21**

For and on behalf of ODISHA POWER TRANSMISSION CORPORATION LTD General Manager, EHT (O&M) Circle, Berhampur, invites Tenders from reputed Bidders in single part bidding system for **"AMC of Cleaning, up keeping & sanitation work of various Grid Sub-Stations, different office buildings, courtyards etc. under EHT (O&M) Circle, Berhampur"**. The interested bidders would be required to enroll themselves on the tender portal www.tenderwizard.com/OPTCL. Complete set of bidding documents are available at www.tenderwizard.com/OPTCL from **01.06.2020(10.00Hrs) to Dt.22.06.2020(12.30Hrs)**. Interested Bidders/manufacturers/Suppliers may visit OPTCL's official website http://www.ootcl.co.in and www.tenderwizard.com/OPTCL for detail specification. N.B:All subsequent addendums/corrigendum to the tender shall be hosted in the OPTCL's official web site **http://www.optcl.co.in** and **www.tenderwizard.com/OPTCL** only.

*General Manager (Elect.)*

Odisha Coal and Power Limited OCPL

**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

**NOTICE INVITING TENDER - SECOND CALL**

NIT No: OCPL/CIVIL-112/2020 Date: 02.06.2020 Date: 07.03.2020

Sealed bids in prescribed format are invited from Companies/Contractors/Agencies/Firms for the following work:

| Sl. No. | Name of the work | Cost of Tender Paper | BID Security | Date for Issue of Tender Document (Revised) | Last date of Sale/Download of Tender Document (Revised) | Last date of Submission/ Opening of bid (Revised) |
|---|---|---|---|---|---|---|
| 01 | Development of Road from Sarbahal to Laikera, Hemgir, Sundargarh, Odisha | Rs.11,800/- (Rupees Eleven Thousand and Eight Hundred Only) inclusive of GST @ 18% | Rs.2,00,000/- (Rupees Two Lakhs Only) | 02.06.2020 | 15.06.2020 | 3:00 PM on 22.06.2020<br>3:30 PM on 22.06.2020 |

For further details, bidders may visit our website, i.e **www.ocpl.org.in**. Any clarification may please be addressed to the undersigned at the above address or by email to: **a.kanungo@ocpl.org.in**.

Sd./- Addl. General Manager (Commercial & Contracts)

ଇହୁଦୀମାନେ ଭଗବାନଙ୍କୁ ଭୟ କରୁଥିବା ଭକ୍ତମାନଙ୍କୁ ଆବିଷ୍କାର କରିଛନ୍ତି। କିନ୍ତୁ ଭାରତବର୍ଷ ଭଗବତ୍-ଜ୍ଞାନୀ ଓ ଭଗବତ୍-ପ୍ରେମୀମାନଙ୍କୁ ଆବିଷ୍କାର କରିଛି।... ଭଗବାନଙ୍କ ଦାସ କୁଡିଆ ଦେଶରେ ଜନ୍ମିଥିଲେ। କିନ୍ତୁ ଭାରତବର୍ଷର ଭଗବତ୍- ଦାସ ଜଣେ ଦାସ୍ୟଭକ୍ତ। -ଶ୍ରୀଅରବିନ୍ଦ



# ବର୍ଜନ ଅସମ୍ଭବ

ହଠାତ୍ ଭାରତୀୟଙ୍କ ନିଦ୍ରାଭଙ୍ଗ ହୋଇଛି। ଏଯାଏଁ ବିନା କାରଣରେ ମୁସଲମାନ ସମ୍ପ୍ରଦାୟର ଭାରତୀୟଙ୍କୁ ଘୃଣା କରୁଥିବା କିଛି ଲୋକ ବହୁ ଦିନରୁ ପାକିସ୍ତାନକୁ ଏକ ନମ୍ବର ଶତ୍ରୁ ଭାବେ ଚିତ୍ରଣ କରିଆସିଛନ୍ତି। ପିଲାଦିନରୁ ସମସ୍ତେ ଶିଖିଛନ୍ତି ଯେ, କେବଳ ପରୀକ୍ଷା ପାଇଁ ପ୍ରସ୍ତୁତ କରୁଥିବା ଛାତ୍ରୀଛାତ୍ର ପରବର୍ତ୍ତୀ ଜୀବନରେ ବଡ଼ ମଣିଷ ହୋଇପାରନ୍ତି ନାହିଁ। ପାଠପଢ଼ା ସହ ଯେତେବେଳେ ଖେଳ ବା ସାଧାରଣଜ୍ଞାନ, ଯାହାକୁ ଇଂଲିଶରେ କମନ୍‌ସେନ୍ସ କୁହାଯାଏ, ତାହାର ମିଶ୍ରଣ ହୁଏ ସେତେବେଳେ ସେହି ଛାତ୍ରୀଛାତ୍ର ପରବର୍ତ୍ତୀ ଜୀବନରେ ସଫଳତା ହାସଲ ହୋଇଥାଏ। ପାକିସ୍ତାନ ଭଳି ଏକ ଓଷିକିଆ ଦେଶକୁ ମୁଖ୍ୟ ଶତ୍ରୁ ଭାବେ ପ୍ରଦର୍ଶିତ କରିଆସୁଥିବା ମୁଷ୍ଟିମେୟ ଲୋକଙ୍କର ଅନେକ ବ୍ୟକ୍ତିଗତ ସ୍ୱାର୍ଥ ଲୁକ୍କାୟିତ ରହିଛି ବୋଲି ଏବେ କ୍ରମଶଃ ବୁଝାପଡୁଛି। ପାକିସ୍ତାନକୁ ଅର୍ଥନୀତି ଭାଷାରେ ଫେଲ୍‌ଡ ଷ୍ଟେଟ୍ ବା ବିଫଳ ରାଷ୍ଟ୍ର ଆଖ୍ୟା ଦିଆଯାଉଛି। ତେଣୁ ଏକ ବିଫଳ ରାଷ୍ଟ୍ରକୁ ସାମ୍ନା କରିବା ପାଇଁ ଅଣ୍ଟାଭିଡ଼ି ଭାରତ ଛିଡ଼ା ହୋଇଥିବା ବେଳେ ରାଜନେତାଙ୍କଠାରୁ ବ୍ୟବସାୟୀମାନେ ଆମ ଦେଶର ଲୋକଙ୍କୁ ବୋକା କରି ନିଜର ସୁବିଧା ସୁଯୋଗ ନେଇ ଚାଲିଛନ୍ତି।

ଏବେ ହଠାତ୍ ନିଦ୍ରାଭଙ୍ଗ ଯୋଗୁ ଭାରତୀୟଙ୍କୁ ଚୀନ ଓ ତାଙ୍କର ଦକ୍ଷତା, ଜନସଂଖ୍ୟା, ଶିକ୍ଷାଗତ ଯୋଗ୍ୟତା, ପ୍ରାକୃତିକ ସମ୍ବଳ ଭଳି ଅନେକ ଦିଗରୁ ଦେଖିଲେ ବାସ୍ତବ ଦୀର୍ଘମିଆଦୀ ଶତ୍ରୁ ହେଉଛି କେବଳ ମାତ୍ର ଚାଇନା। ବର୍ତ୍ତମାନ ସେହି ମୁଷ୍ଟିମେୟ ଗୋଷ୍ଠୀ ଦ୍ୱାରା ପ୍ରଚାର କରାଯାଉଛି ଯେ, ଚାଇନା ସାମଗ୍ରୀ ବ୍ୟବହାରକୁ ବନ୍ଦ କରାଯାଉ। ତାହା ହେଲେ ଯାଇ ଭାରତରୁ ଚାଇନା ଅର୍ଥନୈତିକ ଦୃଷ୍ଟିରୁ ଝଟକା ପାଇବ। କିନ୍ତୁ ଏହି ସବୁ ଦାୟିତ୍ୱ ଜନସାଧାରଣଙ୍କ ଉପରେ ଲଦି ଦିଆଯାଉଛି। ଏହା ଅବାସ୍ତବ ଏଥିପାଇଁ ଲାଗୁଛି କାରଣ କେନ୍ଦ୍ର ସରକାରଙ୍କ ଦ୍ୱାରା ଉପଯୁକ୍ତ ବାଣିଜ୍ୟ ନୀତି ନିର୍ଦ୍ଧାରିତ ନ ହେବା ପର୍ଯ୍ୟନ୍ତ ଚାଇନା ସାମଗ୍ରୀ ଦୋକାନ ବଜାରରେ ମିଳୁଥିବ। ତାହାକୁ ବର୍ଜନ କରିବା ଅସମ୍ଭବ ହୋଇପଡ଼ିବ। ଅନେକ ସମୟରେ ବାହାରକୁ ଦିଶୁଥିବା ଭାରତୀୟ ସାମଗ୍ରୀର ଅନ୍ତଃକୁଳାରେ ଚାଇନାର ନାଁ ଲୁଚିଥାଉଛି। ତେଣୁ ଚାଇନା ସାମଗ୍ରୀକୁ ବର୍ଜନ ନିଷ୍ପତ୍ତି ଜନସାଧାରଣଙ୍କ ଉପରେ ଲଦିଦେଇ ସରକାର ନୀରବରେ ବସିଯିବା ସମ୍ଭବପର ହେବ ନାହିଁ।

କୁଆଡ଼େ ଗଲା 'ମେକ୍ ଇନ୍ ଇଣ୍ଡିଆ' ଯୋଜନା, ଯାହାକି ୬ ବର୍ଷ ପୂର୍ବରୁ ମୋଦି ଘୋଷଣା କରିଥିଲେ। ପ୍ରତୀକ ଭାବରେ କେବଳ ସିଂହର ଚିତ୍ର ଦେଖିବାକୁ ମିଳୁଛି। ତଥାକଥିତ ଭାରତୀୟ କମ୍ପାନୀଗୁଡ଼ିକ ବିକ୍ରି କରୁଥିବା ସବୁ ସାମଗ୍ରୀ ଚାଇନାରୁ ଆସୁଛି। ଭାରତୀୟ ଉଦ୍ୟୋଗ ଭାବେ ପରିଚିତ ମାରୁତିର ହେଡ୍‌ଲାଇଟ୍ ଚାଇନାର ବୋଲି କୁହାଯାଉଛି। ସେହିପରି ମାଇକ୍ରୋମାକ୍ସ ମୋବାଇଲ୍ ଫୋନ୍‌କୁ ଉଦାହରଣ ଭାବେ ନିଆଯାଇପାରେ। ସମ୍ପୂର୍ଣ୍ଣ ଫୋନ୍ ସେଟ୍‌ଟି ସ୍ୱଦେଶୀ ବୋଲି କୁହାଯାଉଥିଲେ ମଧ୍ୟ ଏହାର ଅଧିକାଂଶ ଅଂଶ ଚାଇନାରୁ ଆମଦାନୀ ହେଉଛି। ଚାଇନା ସହ ବ୍ୟବସାୟିକ ନିଷ୍ପତ୍ତି ଉପରେ ମୋଟର ସାଇକେଲ ତିଆରି କରୁଥିବା ଭାରତୀୟ-ବିଦେଶୀ ଯୌଥ ଉଦ୍ୟୋଗ ପରସ୍ପରଠାରୁ କିଛିବର୍ଷ ପୂର୍ବେ ଅଲଗା ହୋଇଥିଲେ। ଭାରତୀୟ କମ୍ପାନୀ ଭାବିଥିଲା ତା'ର ସୁନାମ ଯୋଗୁ ସେ ଅଧିକ ଉପାର୍ଜନ କରିବ। କିନ୍ତୁ ତାହା ନିମ୍ନମୁଖୀ ହୋଇଛି। ଏହାର କାରଣ ଗବେଷଣା ଓ ବିକାଶ (ଆର୍ ଆଣ୍ଡ୍ ଡି) ଦିଗରେ ଏହି କମ୍ପାନୀ ଖର୍ଚ୍ଚ କରିବାକୁ ଚାହିଁ ନାହିଁ। ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟରେ ଏକ ଅବଧାରଣା ରହିଛି ଯେ, ଆର୍ ଆଣ୍ଡ ଡି ପାଇଁ ଅଧିକ ବ୍ୟୟ କରିବା ଅର୍ଥ ବଦଖର୍ଚ୍ଚ। ବାସ୍ତବରେ ଦେଖିଲେ ଚାଇନା ଆଜି ତା'ର ସାମଗ୍ରୀ ବିଶ୍ୱ ବଜାରରେ ମେଲେଇଦେବା ସହ ଲାଭ ଅର୍ଜନ କରିବା ପଛରେ 'ଆର୍ ଆଣ୍ଡ ଡି'ର ଅବଦାନ ସର୍ବାଧିକ ରହିଛି।

ଭାରତକୁ ଆଇଟି (ସୂଚନା ପ୍ରଯୁକ୍ତିବିଦ୍ୟା) କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ଭାବେ ବିବେଚନା କରାଯାଉଛି। କିନ୍ତୁ ବାସ୍ତବରେ ଦେଖିଲେ ଏଠାରେ ଆଇଟି ଠିକାଦାର ଅଧିକ ହାଉଯାଉ ହେଉଛନ୍ତି। ସେ ଇନ୍‌ଫୋସିସ୍ ହେଉ ବା ୱିପ୍ରୋ କିମ୍ବା ଟାଟା କନ୍‌ସଲଟାନ୍ସି ବା ଏଚ୍‌ସିଏଲ୍ ପ୍ରତିଟି ଆଇଟି କମ୍ପାନୀ କୌଣସି ନୂତନ ଉଦ୍ଭାବନ କରି ନାହାନ୍ତି। ସେମାନେ କେବଳ ଜବ୍ ଅର୍ଡର ଠିକାଦାର ଭାବେ କାର୍ଯ୍ୟ କରି ଅର୍ଥ ରୋଜଗାର କରିଛନ୍ତି। ଏଗୁଡ଼ିକ ବିପୁଳ ଚାକିରି ଦେଇଥାଇପାରନ୍ତି, କିନ୍ତୁ ଦେଶର ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ମୂଳଦୁଆକୁ କୌଣସି ଭାବେ ସୁଦୃଢ଼ କରିବାକୁ ଚେଷ୍ଟା କରିନାହାନ୍ତି। କୌଣସି ନୂତନ ସଫ୍ଟୱେର ସୃଷ୍ଟି କରି ବିଶ୍ୱ ବଜାରକୁ ଆକର୍ଷିତ କରିଥିବାର ଉଦାହରଣ ଖୋଜିଲେ ନିରାଶ ହେବାକୁ ପଡ଼େ। ଆଇଟି କ୍ଷେତ୍ରରେ ଅନେକ ଭାରତୀୟ କମ୍ପାନୀ ସ୍ୱଦେଶୀ ସାମଗ୍ରୀ ନିର୍ମାଣ କରୁଥିବା ଦାବି କରୁଥିଲେ ହେଁ ସେମାନେ ଯାହା ତିଆରି କରନ୍ତି ସବୁର ବୁଦ୍ଧି ଓ କାରିଗରି ବିଦେଶୀ କମ୍ପାନୀଠାରୁ ଆସିଥାଏ। ଏହିଭଳି ବିରାଟକାୟ ଭାରତୀୟ କମ୍ପାନୀଗୁଡ଼ିକ ଠିକାଦାରି କରୁଥିବା ବେଳେ ଚାଇନା ତା'ର ନାଗରିକଙ୍କ ପାଇଁ ଗୁଗଲ୍‌ର ବିକଳ୍ପ ବାଇଡୁ, ହ୍ୱାଟ୍‌ସଆପ୍‌ର ବିକଳ୍ପ ୱିଚାଟ୍, ଇ-କମର୍ସ ପ୍ଲାଟଫର୍ମ ଆମାଜନ୍ ଡଟ୍ କମ୍ ପରିବର୍ତ୍ତେ ଆଲିବାବା ଡଟ୍‌କମ୍ ଏବଂ ଅନେକ ଢଙ୍ଗରେ ନିଜତ୍ୱ ବଜାୟ ରଖିପାରିଛି। ଅପରପଟେ ଟିକ୍‌ଟକ୍ ମାଧ୍ୟମରେ ଭାରତର ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଯୁବତୀଯୁବକଙ୍କୁ ନଚାଉଛି ଚାଇନାର ସଫ୍ଟୱେର। ଏଭଳି ପରିସ୍ଥିତିରେ କାହା ବିରୋଧରେ ଲଢ଼ିବା। ଭାରତର ସବୁ ସରକାର (ଉଭୟ କଂଗ୍ରେସ ଓ ଆଜିର ମୋଦି ସରକାର) ବାଣିଜ୍ୟିକ ପରିବେଶକୁ ବିଷାକ୍ତ କରିବାରେ ସକ୍ରିୟ ସହଯୋଗ କରିଚାଲିଛନ୍ତି।

ଚାଇନା ସବୁବେଳେ ଭାରତକୁ ବିରୋଧ କରିଆସିଛି। ଜାତିସଂଘର ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତାକୁ ବିରୋଧ କରିବାଠାରୁ ଆରମ୍ଭ କରି ପାକିସ୍ତାନୀ ଆତଙ୍କବାଦୀ ମାସୁଦ ଆଝାରଙ୍କୁ ଆତଙ୍କବାଦୀ ନ ଦର୍ଶାଇବା, ଅରୁଣାଚଳ ପ୍ରଦେଶର ସୀମାନ୍ତ ଅଞ୍ଚଳରେ ଭାରତୀୟ ନେତାଙ୍କୁ ପୂରାଇ ନ ଦେବା ଭଳି ଭାରତ ବିରୋଧୀ କାର୍ଯ୍ୟରେ ଚାଇନା ବ୍ୟସ୍ତ ରହୁଛି। ଏପରି କି ଉପରଠାଉରିଆ ଭାବେ ଭାରତକୁ ବନ୍ଧୁରାଷ୍ଟ୍ର କହିବାକୁ ଦ୍ୱିଧାବୋଧ କରୁଛି। ହେଲେ ଏବେ ଭାଜପା ସରକାର ଏ ଦେଶର ଦୃଷ୍ଟିକୁ ଝିଣ୍ଟିକା ପାକିସ୍ତାନ ଆଡ଼କୁ ମୁହାଁଇ ରଖିଛି। କାରଣ ମୁସଲମାନ ବିରୋଧୀ ଭାବନା ଥିବା ହେତୁ ପାକିସ୍ତାନ ହୋଇଯାଇଛି ଭାରତ ପାଇଁ ସର୍ବୋଚ୍ଚ ଶତ୍ରୁ। ଦୁଃଖର ବିଷୟ ସେହି ଗୋଷ୍ଠୀର ମାନସିକତାର ଶତ୍ରୁ ଏବଂ ଦେଶ ଭାବେ ଭାରତବର୍ଷର ପ୍ରକୃତ ଶତ୍ରୁ ସମ୍ପୂର୍ଣ୍ଣ ଭିନ୍ନ। କେବଳ ରାଜନୀତି ପାଇଁ ପାକିସ୍ତାନ ଓ ମୁସଲମାନଙ୍କୁ ବିରୋଧ କରାଯାଉଛି। ଭାରତର ଅର୍ଥନୈତିକ ସ୍ୱାଧୀନତା ଓ ଗଣତାନ୍ତ୍ରିକ ଚିନ୍ତାଧାରାକୁ ଚାଇନା ବିରୋଧ କରିଆସିଛି, କରୁଛି, କରିଚାଲିବ ମଧ୍ୟ।

ତଥାଗତ ସତପଥୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 2 | B | | | | 9 | | | | | | 8 |
| | | 5 | C | | | | 8 | | | 6 | | | 3 | E |
| | E | 7 | | 4 | | | | | | 9 | | | | |
| | | 2 | | 1 | | D | 3 | | A | 5 | | 9 | | C |
| 4 | 3 | | | | | | | 2 | | D | | | | 1 |
| | 9 | | | | | | | 1 | C | 2 | | | 0 | |
| | | | 7 | | | | 6 | 8 | D | | | | | A |
| | | E | | | | | | A | | | 6 | | | 4 |
| | | 1 | A | | | | B | | 3 | 8 | 4 | | | |
| | D | B | | 5 | | 7 | | | | E | | | 9 | 2 |
| A | 7 | 9 | | | | | 4 | | | 0 | 5 | | 1 | |
| | | | 1 | 0 | | | | C | | | 3 | B | D | |
| B | | | E | | | | | 7 | | | | | 2 | |
| 5 | | | | 9 | | | | | 1 | | | 8 | 4 | |
| D | 0 | | | | 5 | | | | 7 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 6 | 3 | A | 7 | B | 2 | 0 | E | 1 | 9 | 8 | 5 | D | 4 |
| 0 | 9 | 7 | 6 | 4 | 3 | D | A | B | 2 | 5 | C | 8 | 1 | E |
| 1 | D | 2 | 8 | E | 0 | C | 5 | 9 | 6 | 4 | B | 3 | 7 | A |
| 4 | A | E | 1 | 2 | 5 | 7 | 6 | 8 | 0 | D | 3 | B | 9 | C |
| 5 | B | 8 | 9 | C | D | 3 | 4 | 1 | E | 7 | A | 0 | 6 | 2 |
| 8 | E | 6 | B | 3 | 4 | A | D | 7 | C | 0 | 9 | 1 | 2 | 5 |
| 9 | 0 | 1 | 7 | D | 8 | 5 | C | 2 | 4 | B | 6 | E | A | 3 |
| A | 3 | 4 | 5 | 1 | 9 | 8 | B | 6 | 7 | E | 2 | D | C | 0 |
| B | 2 | 5 | C | A | 6 | E | 9 | 0 | 3 | 1 | D | 4 | 8 | 7 |
| 7 | C | D | E | 0 | 2 | 4 | 1 | 3 | 8 | A | 5 | 6 | B | 9 |
| D | 7 | B | 0 | 9 | C | 6 | 2 | 4 | 5 | 8 | E | A | 3 | 1 |
| 6 | 1 | 0 | 4 | 8 | E | 9 | 3 | A | B | 2 | 7 | C | 5 | D |
| 2 | 5 | A | 3 | B | 7 | 1 | E | C | D | 6 | 0 | 9 | 4 | 8 |
| E | 4 | C | 2 | 5 | A | B | 8 | D | 9 | 3 | 1 | 7 | 0 | 6 |
| 3 | 8 | 9 | D | 6 | 1 | 0 | 7 | 5 | A | C | 4 | 2 | E | B |

ଗତକାଲିର ଉତ୍ତର

# ମହାମାରୀର ମହାସଂକେତ

ଡ. ପ୍ରଫୁଲ୍ଲ କୁମାର ସାହୁ

ସାରା ବିଶ୍ୱ ଏବେ ମହାମାରୀ କରୋନା କବ୍‌ଜାରେ। ଦୀର୍ଘ ପାଞ୍ଚ ମାସର ପ୍ରୟାସ ପରେ ବି ବିଜ୍ଞାନୀ ମଣିଷ ଖୋଜି ପାଉନି ସେଥିରୁ ମୁକୁଳିବାର ରାସ୍ତା। ପ୍ରତିଷେଧକ ଅନୁପସ୍ଥିତିରେ ଲୋକଙ୍କ ଜୀବନ ଏବେ ଗତିକରୁଛି ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଭିତରେ। ଉଜୁଡ଼ି ଯାଇଛି ଲୋକଙ୍କ ରୋଜଗାର ପନ୍ଥା। ଭୁଶୁଡି ପଡିଛି ଦେଶର ଅର୍ଥନୀତି। ଏଥିପାଇଁ ସମସ୍ତେ ଚିନ୍ତିତ ଅଥଚ କିଂକର୍ତ୍ତବ୍ୟବିମୂଢ଼। ସମସ୍ତଙ୍କ ମୁହଁରେ ବିଷାଦର ଛାୟା। କେବଳ ପ୍ରକୃତି ହସୁଛି ସତେଜତାର ହସ। ମନେହେଉଛି ସେ ହସ ଭିତରେ ଭରି ରହିଛି ସମଗ୍ର ମାନବଜାତି ପାଇଁ ଅନେକ କିଛି ସଂଦେଶ।

ସଭ୍ୟତା ଆରମ୍ଭରୁ ପ୍ରକୃତି ଉପରେ ଜାରି ରହିଛି ମଣିଷର ଅତ୍ୟାଚାର। ସହିବାର ସବୁ ସୀମା ଟପିଲାପରେ ପ୍ରକୃତି ମଣିଷକୁ ବାରମ୍ବାର ଚେତେଇ ଦେଇଛି ବନ୍ୟା, ବାତ୍ୟା, ସୁନାମୀ ଓ ଭୂକମ୍ପ ଆଦି ବିପର୍ଯ୍ୟୟ ରୂପରେ। ଏଥିରେ ବିପର୍ଯ୍ୟସ୍ତ ହୋଇଛି ବିକାଶର ଭିତ୍ତିଭୂମି। ତଥାପି ବଦଳି ନାହିଁ ମଣିଷର ପ୍ରକୃତିବିରୋଧୀ ଆଚରଣ। ମାତ୍ର ପ୍ରକୃତିର କୋପ ଆଗରେ ମଣିଷର ସ୍ଥିତି ଯେ କେତେ ତୁଚ୍ଛ ଓ ନଗଣ୍ୟ ତା'ର ସଦ୍ୟତମ ଦୃଷ୍ଟାନ୍ତ ନେଇ ଉଭା ହୋଇଛି ମହାମାରୀ କରୋନା। କ୍ଷୁଦ୍ରାଦପି କ୍ଷୁଦ୍ର ଏକ ଅଦୃଶ୍ୟ ଭୂତାଣୁକୁ ମାରିବା ପାଇଁ ସକ୍ଷମ ହୋଇପାରିନି ପ୍ରକୃତିଠାରୁ ନିଜକୁ ବଳୀୟାନ୍ କହୁଥିବା ମଣିଷ। ପରସ୍ପରକୁ ଧ୍ୱଂସ କରିବା ପାଇଁ ସେ ତିଆରି କରି ରଖିଛି ଗଦାଗଦା ମାରଣାସ୍ତ୍ର। ପୃଥିବୀ ସାରା ଗଚ୍ଛିତ ହୋଇ ରହିଥିବା ସେ ବିପୁଳ ମାରଣାସ୍ତ୍ର କିନ୍ତୁ ଗୋଟେ ଭୂତାଣୁକୁ ମାରିବା ପାଇଁ ନିଅଣ୍ଟ। କରୋନା ବଦଳାଇ ଦେଇଛି ସୁପର ପାୱାରର ସଂଜ୍ଞା। ନିଜକୁ ବିକଶିତ କହୁଥିବା ରାଷ୍ଟ୍ରରେ ଗଛରୁ ପଡୁଥିବା ଫଳ ଗୋଟାଇଲା ପରି ମୃତ୍ୟୁକୁ ଗୋଟାଇ ଚାଲିଛି କରୋନା। ଅସହାୟ ହୋଇ ହାତ ଟେକିଦେଇ ସାରିଲେଣି ସାମରିକ ଖର୍ଚ୍ଚର ପାହାଡ ଉପରେ ବସିଥିବା ପ୍ରବଳପ୍ରତାପୀମାନେ। ଜାତି, ଧର୍ମ, ବର୍ଣ୍ଣ, ଧନୀ, ଦରିଦ୍ର ନିର୍ବିଶେଷରେ କରୋନା ସମସ୍ତଙ୍କୁ ନେଇ ଠିଆ କରାଇ ଦେଇଛି ଗୋଟିଏ ସରଳ ରେଖାରେ। ଆଉ ଚେତାବନୀ ନୁହେଁ, କରୋନା ଏଥର ଜାରି କରିଛି ମୃତ୍ୟୁର ମହାପରୱାନା।

ମଣିଷ ପ୍ରକୃତିର ଅନୁଶାସନକୁ ମାନି ଚଳିବା ପାଇଁ ବାଧ୍ୟ ହୋଇଛି ଲକ୍‌ଡାଉନ୍ ସକାଶେ। ଏହାଦ୍ୱାରା ପାରିବେଶିକ ସ୍ୱଚ୍ଛତା ଆସିବା ସହିତ ମଣିଷର ଅନ୍ତଃପ୍ରକୃତିରେ ବି ଆସିଛି ଅନେକ ପରିବର୍ତ୍ତନ। ପାରସ୍ପରିକ ଅସହିଷ୍ଣୁତା ଓ ସଂକୀର୍ଣ୍ଣତାର ଅନ୍ଧାର ଭିତରୁ ଧୀରେ ଧୀରେ ଆତ୍ମପ୍ରକାଶ କଲାପରି ଲାଗୁଛି ମାନବୀୟ ମହନୀୟତା। ସମାଜରୁ ହ୍ରାସପାଉଛି ଅପରାଧର ମାତ୍ରା। ସାମାଜିକ ବ୍ୟବସ୍ଥାରେ ବି ଦେଖିବାକୁ ମିଳିଲାଣି ପରିବର୍ତ୍ତନ। ଅସ୍ପୃଶ୍ୟତା ଆଉ ବେଆଇନ୍ ହୋଇନାହିଁ, ତାହା ଏବେ ନୂଆ ଆଇନ୍। ହାତଯୋଡି ନମସ୍କାର କରିବା ବଦଳରେ ଆଉ ଚଳୁନି କରମର୍ଦ୍ଦନ, ଚୁମ୍ବନ ଓ ଆଲିଙ୍ଗନ। ଏହାଦ୍ୱାରା ଭାରତୀୟ ସଂସ୍କୃତିର ଶ୍ରେଷ୍ଠତ୍ୱକୁ ସ୍ୱୀକୃତି ଦେଇଛି କରୋନା। ଲକ୍‌ଡାଉନ୍ ପୂର୍ବରୁ ଯେଉଁମାନେ ନିଜ ରାଜ୍ୟ ଛାଡି ବାହାରକୁ ଧାଇଁଥିଲେ ଅଧିକ ରୋଜଗାର ଆଶାରେ, ସେମାନେ ଏବେ ଗାଁକୁ ଫେରିବା ପାଇଁ ବ୍ୟାକୁଳ। ହଜାର ହଜାର ମାଇଲ୍ ଦୂରରୁ ଭିଟାମାଟିକୁ ସେମାନେ ଫେରୁଛନ୍ତି। ସେମାନଙ୍କ ଦୁଃଖଦ ଘର ବାହୁଡା କାହାଣୀକୁ ନେଇ ଏବେ ଖୁବ୍ ଚଳଚଞ୍ଚଳ ହୋଇ ଉଠିଛି ଆମ ସାହିତ୍ୟ। ଆଗାମୀ ଦିନରେ ତା' ହୋଇପାରେ ଇତିହାସର ଉପାଦାନ। ନିଜର ଦୁଃଖଦ ଅନୁଭୂତି ବର୍ଣ୍ଣନା କରି ସେମାନେ ଏବେ ଖୋଲାଖୋଲି କହିଲେଣି ଗାଁରେ ପଛେ ଶାଗପଖାଳ ଖାଇ ବଞ୍ଚିବେ, ହେଲେ ଆଉ କେବେ ଅନ୍ୟ ରାଜ୍ୟକୁ ଯିବେନି ଅଧିକ ରୋଜଗାର ଲୋଭରେ। ସେମାନେ ବୁଝିଗଲେଣି ଜୀବିକାଠାରୁ ଜୀବନ ବେଶି ମୂଲ୍ୟବାନ। କୁଟୀର ଶିଳ୍ପର ବିକାଶ ଦିଗରେ କରୋନାର ଏହା ଏକ ସକାରାତ୍ମକ ସୂଚନା। ଭାବି ଦେଖନ୍ତୁ ତ ଏଇ କେଇ ମାସ ପୂର୍ବରୁ ଯେଉଁ ବାପାମାନେ ପୁଅ ଆମେରିକାରେ ଅଛି ବୋଲି କହି ଛାତି ଫୁଲାଇ ବାଟ ଚାଲୁଥିଲେ, ଏବେ କି ଗଭୀର ମାନସିକ ଯନ୍ତ୍ରଣାରେ ଅଛନ୍ତି ସେମାନେ। ଭାରତୀୟ ଯୁବପିଢ଼ିଙ୍କ ମୁଣ୍ଡରୁ ବି ଓହ୍ଲାଇଗଲାଣି ଆମେରିକାରେ ଚାକିରି କରିବା ନିଶା। ଏଣିକି ଝିଅମାନେ ବି ସେଭଳି ପୁଅକୁ ବାହା ହେବାପାଇଁ ରାଜି ହେବେନି, ଯିଏ ଚାକିରି କରିଥିବ ଆମେରିକା, ଫ୍ରାନ୍ସ, ଇଟାଲୀ ଓ ଇଂଲଣ୍ଡ ଆଦି କରୋନାପ୍ରବଣ ଦେଶରେ। କରୋନା ଯୋଗୁ ବିଶ୍ୱାୟନ କ୍ଷେତ୍ରରେ ଯେଉଁ ବାଧା ସୃଷ୍ଟି ହୋଇଛି, ତାହା ନିଶ୍ଚୟ ଆତ୍ମନିର୍ଭରଶୀଳତା ବା ଗାନ୍ଧିଜୀଙ୍କ ସ୍ୱଦେଶୀ ଆନ୍ଦୋଳନ ଆଡକୁ ଫେରି ଚାହିଁବାର ଏକ ଶୁଭ ସୂଚନା।

ଏବେ ଲୋକେ ଧର୍ମପୀଠକୁ ନ ଯାଇ ଠାକୁରଙ୍କୁ ଧ୍ୟାନ କରୁଛନ୍ତି ନିଜ ନିଜ ଘରେ। ଦେଶରେ ତିରିଶ ଲକ୍ଷ ମନ୍ଦିର ଓ ଚାରି ଲକ୍ଷ ମସ୍‌ଜିଦ୍‌ରେ ତାଲା ଝୁଲାଇ ଦେଇଛନ୍ତି ସରକାର। ଗୋଟେ ନିଷ୍ଠୁର ନୀରବତା ଭିତରେ ମଣିଷ ଶିଖୁଛି ନିରାଡମ୍ବର ଜୀବନ ଜିଇବା କୌଶଳ। ଅଳ୍ପରେ ସନ୍ତୁଷ୍ଟ ହେବା ସହିତ ସେ ବୁଝିଗଲାଣି ଆବଶ୍ୟକତାଠାରୁ ଅଧିକ ବ୍ୟବହାର କରିବା ଅନୁଚିତ। ଏହା ନିଶ୍ଚୟ ତା'ର ଐକାନ୍ତିକ ସରଳ ଜୀବନଶୈଳୀ ପାଇଁ ଏକ ମହାପ୍ରସ୍ତୁତି। ମଣିଷର ଏହି ପରିବର୍ତ୍ତିତ ଭାବନା ଓ ଆଚରଣ ଯୋଗୁ ଆଶ୍ୱସ୍ତ ହେଲାଣି ଧରା। ଧୀରେ ଧୀରେ ପରିଷ୍କାର ହେଲାଣି ପରିବେଶ।

ପୃଥିବୀପୃଷ୍ଠରେ ଜୀବନ ଧାରଣ ପାଇଁ ମଣିଷର ପ୍ରଥମ ଆବଶ୍ୟକତା ହେଉଛି ନିର୍ମଳ ବାୟୁ ଓ ଶୁଦ୍ଧ ଜଳ। ଏ ଦୁଇଟି ପ୍ରମୁଖ ପ୍ରାକୃତିକ ସଂପଦକୁ ଆବର୍ଜନା କୁଣ୍ଡରେ ପରିଣତ କରି ସାରିଥିଲା ମଣିଷ। ବିଶେଷ କରି ବାୟୁ ପ୍ରଦୂଷଣ ଏଭଳି ସ୍ତରରେ ପହଞ୍ଚି ଯାଇଥିଲା ଯେ ଶ୍ୱାସକ୍ରିୟା ପାଇଁ ମିଳୁ ନ ଥିଲା ଆଞ୍ଜୁଳାଏ ଶୁଦ୍ଧ ବାୟୁ। ତା'ର ସବୁଠାରୁ ବଡ ଦୃଷ୍ଟାନ୍ତ ହେଉଛି ଆମ ରାଜଧାନୀ ଦିଲ୍ଲୀ ସହର। ଶୀତଦିନେ ଏଠି ଜାରି କରିବାକୁ ପଡୁଥିଲା ସ୍ୱାସ୍ଥ୍ୟଗତ ଜରୁରୀ ପରିସ୍ଥିତି। ଏକା ଦିଲ୍ଲୀ ସହର ନୁହେଁ, ବାୟୁ ପ୍ରଦୂଷଣ ଜ୍ୱାଳାରେ ଛଟପଟ ହେଉଥିଲା ସାରା ବିଶ୍ୱ। ଅଥଚ ସେଥିରୁ ନିସ୍ତାର ପାଇବା ପାଇଁ ଆବଶ୍ୟକ ହେଉଥିବା କଠୋର ନିଷ୍ପତ୍ତି ଗ୍ରହଣ କରିପାରୁ ନ ଥିଲା ବିଶ୍ୱ ନେତୃତ୍ୱ। ସେ ଆହ୍ୱାନକୁ ଗ୍ରହଣ କରି ଖୁବ୍ ସହଜରେ ତା'ର ସମାଧାନ କରି ଦେଖାଇଦେଲା କରୋନା। ବିଶେଷଜ୍ଞଙ୍କ କହିବା ଅନୁସାରେ ଲକ୍‌ଡାଉନ୍ ଯୋଗୁ ଆଶାତୀତ ଭାବେ ହ୍ରାସ ପାଇଛି କାର୍ବନ ଉତ୍ସର୍ଜନ। ଆପେ ଆପେ ମରାମତି ହୋଇଗଲାଣି ଓଜୋନ ସ୍ତରରେ ସୃଷ୍ଟି ହୋଇଥିବା କ୍ଷତ। ଏଥିରୁ ସ୍ପଷ୍ଟ ସଂକେତ ମିଳୁଛି ଯେ, ମଣିଷର ଅତ୍ୟାଚାର କମିଲେ ନିଜକୁ ନିଜେ ସଜାଡି ନେଇପାରିବ ପ୍ରକୃତି। ପ୍ରକୃତିର ସ୍ୱୟଂକ୍ରିୟ ଶୋଧନ ପ୍ରକ୍ରିୟା ଯୋଗୁ ଏବେ ସାଧାରଣ ଭାବରେ ଅନୁଭୂତ ହେଲାଣି ବାୟୁମଣ୍ଡଳର ସ୍ୱଚ୍ଛତା। ପଞ୍ଜାବର ଜଳନ୍ଧର ସହରର ଲୋକେ ଦେଖି ପାରିଲେଣି ଦୁଇ ଶହ କି.ମି. ଦୂରରେ ଥିବା ହିମାଳୟ ପର୍ବତମାଳାର ଶୋଭା। ଦିଲ୍ଲୀ ସହରବାସୀଙ୍କୁ ଉଲ୍ଲସିତ କଲାଣି ତାରାଖଚିତ ଆକାଶର ମନୋରମ ଦୃଶ୍ୟ। ଦୀର୍ଘ ଚାରି ଦଶନ୍ଧି ଧରି କୋଟି କୋଟି ଟଙ୍କା ବ୍ୟୟରେ ଚାଲିଥିବା ଗଙ୍ଗା ସଫେଇ ଅଭିଯାନ ଦ୍ୱାରା ଯାହା ସମ୍ଭବ ହୋଇପାରି ନ ଥିଲା, ତାହା ସମ୍ଭବ ହୋଇଗଲା ମାତ୍ର ଦୁଇ ମାସ ଲକ୍‌ଡାଉନ୍ ଅବଧି ଭିତରେ। ଉତ୍ତରାଖଣ୍ଡ ପ୍ରଦୂଷଣ ବୋର୍ଡ କହିବା ଅନୁସାରେ ବହୁ ବର୍ଷପରେ ପାନୀୟଯୋଗ୍ୟ ହୋଇପାରିଛି ଗଙ୍ଗାନଦୀର ଜଳ। ଏକା ଗଙ୍ଗା ନୁହେଁ, ଦେଶରେ ପ୍ରବାହିତ ପ୍ରାୟ ସବୁ ନଦୀର ଜଳ ଏବେ କାଚକେନ୍ଦୁ ପରି ସ୍ୱଚ୍ଛ। ଏଥିରୁ ପ୍ରମାଣ ହୋଇଗଲା ଯେ ପ୍ରଦୂଷଣ ରୋକିବା ନାମରେ ଆମେ ଯାହା କିଛି ପଦକ୍ଷେପ ନେଉଛୁ, ତାହା କେବଳ ଛଳନା।

ସ୍ରଷ୍ଟାଙ୍କ ସୃଷ୍ଟିରେ ଓ ଦୃଷ୍ଟିରେ ପ୍ରତ୍ୟେକ ପ୍ରାଣୀ ସମାନ। ଜୈବବିବିଧତା ଦୃଷ୍ଟିରୁ ଏଠି ସକଳ ପ୍ରକାର ଜୀବଜନ୍ତୁ ନିର୍ବିଘ୍ନରେ ଓ ନିଜସ୍ୱ ଢଙ୍ଗରେ ବାସ କରିବା ଜରୁରୀ। ଏହା ହିଁ ପ୍ରକୃତିର ଏକ ଅଲଘଂନୀୟ ନିୟମ। ମାତ୍ର ମଣିଷର ହିଂସ୍ରତାରେ ଅନେକ ପ୍ରଜାତିର ପଶୁପକ୍ଷୀ ବିଲୁପ୍ତିର ଦ୍ୱାରଦେଶରେ। ଏବେ ଜୈବବିବିଧତା ସୁରକ୍ଷାର ଆବଶ୍ୟକତାକୁ ସୂଚେଇ ଦେଇଛି କରୋନା। ଲକ୍‌ଡାଉନ୍ ଯୋଗୁ ଜଙ୍ଗଲ ପାଖ ରାସ୍ତାରେ ଏବେ ନିର୍ଭୟରେ ବିଚରଣ କଲେଣି ହରିଣ, କୁଟୁରା, ବିଲୁଆ ଓ ଠେକୁଆ ଆଦି ବିଭିନ୍ନ ବନ୍ୟପ୍ରାଣୀ। ଘରକୁ ଫେରି ଆସିଲେଣି ଘର ଛାଡି ଚାଲିଯାଇଥିବା ଘରଚଟିଆ। ଏ ଫୁଲରୁ ସେ ଫୁଲକୁ ଉଡ଼ି ଉଡ଼ି ରେଣୁ ବାଣ୍ଟିଲାଣି ବହୁଦିନରୁ ନିଖୋଜ ହୋଇଯାଇଥିବା ପ୍ରଜାପତି। ନୀଳ ଆକାଶରେ ମନ ଆନନ୍ଦରେ ଉଡିଲେଣି ଅସୁମାରି ମୁକ୍ତ ବିହଙ୍ଗ। ସାରାଦିନ ଘର ଚାରି ପାଖରେ କିଚିରି ମିଚିରି ହେଲେଣି ନାନା ଜାତିର ପକ୍ଷୀ। ସେମାନେ ବୋଧହୁଏ ତାଙ୍କ ଭାଷାରେ ମଣିଷକୁ ଡାକି ଡାକି କହୁଛନ୍ତି, ପ୍ରକୃତିର ନିୟମ ମାନି ପରିବେଶକୁ ସୁସ୍ଥ ରଖ, ନଚେତ୍ କ୍ୱାରାଣ୍ଟାଇନରେ ରୁହ ସବୁଦିନ ପାଇଁ। ଅର୍ଥାତ୍ ପ୍ରକୃତି ଓ ପର୍ଯ୍ୟାବରଣ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ହିଁ ମହାମାରୀର ମହାସଂକେତ।

ପଡ଼ିଆବେଡ଼ା, ମୟୂରଭଞ୍ଜ,
ମୋ-୯୪୩୮୮୫୫୦୮୮

# ବିଧ୍ୱଂସୀ ପଙ୍ଗପାଳ

ଅଜୟ କୁମାର ସାହୁ

କରୋନା ଦାଉରୁ ଭାରତ ଉଦ୍ଧାର ପାଇ ନ ଥିବା ବେଳେ ପଙ୍ଗପାଳ ଦଳ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଭାରତୀୟ ଚାଷୀ ତ୍ରାହି ତ୍ରାହି ଡାକୁଛନ୍ତି। କୋଟି କୋଟି ପଙ୍ଗପାଳ ଯେଉଁ ଖେତରେ ପଶୁଛନ୍ତି ସେ ଖେତକୁ ଖାଇ ସଫା କରିଦେଉଛନ୍ତି। ଫଳରେ ହଜାର ହଜାର ଏକର ଜମିର ଗହମ, ସୋରିଷ, ଅମୃତଭଣ୍ଡା, ଅଙ୍ଗୁର, ଭେଣ୍ଡି, ବାଇଗଣ, ତରଭୁଜ, ମକା, ବାର୍ଲି, କପା ଓ ପନିପରିବା ଖେତ ଛାରଖାର ହୋଇଯାଉଛି। ଏମାନେ ସବୁ ଖାଇ ତୁରନ୍ତ ଜୀର୍ଣ୍ଣ କରିଦିଅନ୍ତି। ପଙ୍ଗପାଳ ଦଳକୁ ଘଉଡାଇବା ପାଇଁ ଚାଷୀ ବାଜା ବଜାଇ, ଢୋଲ ପିଟି, ଥାଳି ବାଡ଼େଇ, ଟ୍ରକ ହର୍ନ ଶବ୍ଦ କରି, ନିଆଁ ଲଗାଇ, ଧୂଆଁ କରି, ଡିଜେ ଶବ୍ଦ କରି, କପଡା ଉଡ଼ାଇ ପାରୁପର୍ଯ୍ୟନ୍ତ ଉଦ୍ୟମ କରୁଛି। କିନ୍ତୁ ଫଳ କିଛି ମିଳୁନାହିଁ। ଚାଷୀ ମୁଣ୍ଡରେ ହାତ ଦେଇ ବସିଛି।

ଏପରି ପରିସ୍ଥିତି ସହ ସଂଗ୍ରାମ କରୁଛି ପଶ୍ଚିମ ଓ ମଧ୍ୟ ଭାରତର ରାଜସ୍ଥାନ, ହରିୟାଣା, ପଞ୍ଜାବ, ଉତ୍ତରପ୍ରଦେଶ, ଗୁଜରାଟ ଓ ମଧ୍ୟପ୍ରଦେଶର ଚାଷୀ। ଦିଲ୍ଲୀ ଓ ମହାରାଷ୍ଟ୍ରରେ ମଧ୍ୟ ଏମାନଙ୍କ ଉପସ୍ଥିତି ଦେଖାଗଲାଣି। କିଛିଦିନ ହେଲା ଇରାନରୁ ପାକିସ୍ତାନର ସିନ୍ଧ୍ ପ୍ରଦେଶ ଓ ବେଲୁଚିସ୍ତାନ ଦେଇ ପ୍ରାୟ ପଚାଶରୁ ଷାଠିଏ କୋଟି ପଙ୍ଗପାଳ ରାଜସ୍ଥାନର ଜୈସଲମାର ଦେଇ ଭାରତରେ ପ୍ରବେଶ କରିଛନ୍ତି। ତୀକ୍ଷ୍ଣ ଦୃଷ୍ଟି ସମ୍ପନ୍ନ ଏହି ପଙ୍ଗପାଳ ଦଳ ଦିନକୁ ୯୦ ମାଇଲ ବେଗରେ ଗତି କରି ଭାରତରେ ପହଞ୍ଚିଛନ୍ତି। ଏମାନେ ଖେତ ନଷ୍ଟ କରିବା ସହ ଗୋଟିଏ ଗୋଟିଏ ପଙ୍ଗପାଳ ୫୦ରୁ ୧୦୦ ଲାର୍ଭା ଦେଇ ସେ ସବୁକୁ ଛୁଆ କରାଇ ସଂଖ୍ୟା ବଢାଇ ଆଗକୁ ବଢ଼ିବାରେ ଲାଗିଛନ୍ତି। ଏମାନେ ବର୍ଷକୁ ତିନିଥର ଲାର୍ଭା ଦିଅନ୍ତି। ୩ରୁ ୫ ଇଞ୍ଚ ଏମାନଙ୍କ ଆକାର ଓ ଧୂସର ସବୁଜିଆ ଏମାନଙ୍କ ରଙ୍ଗ ହୋଇଥାଏ। ଏହି ଉଡ଼ନ୍ତା ପତଙ୍ଗ ନିଜଠାରୁ ଦୁଇ ଗୁଣ ଓଜନର ଫସଲ ଖାଇ ଜୀର୍ଣ୍ଣ କରିଦିଅନ୍ତି। ଗୋଟିଏ ଛୋଟିଆ ପଙ୍ଗପାଳ ଦଳ ୧୦ ହାତୀ ଓ ୨୫ ଓଟର ଦୈନିକ ଖାଦ୍ୟ ଚରିଯାଆନ୍ତି, ଯାହା ୩୫୦୦୦ ଲୋକଙ୍କର ଦୈନିକ ଖାଦ୍ୟ ସହ ସମାନ। ଦୈନିକ ୨୦୦କିମି ଉଡିପାରୁଥିବା ଏହି ପତଙ୍ଗ ସନ୍ଧ୍ୟାରେ ଯେଉଁଠି ପହଞ୍ଚନ୍ତି ସେଠି ଏକ ଘଣ୍ଟା ପାଇଁ ପୂରା ବିଶ୍ରାମ ନିଅନ୍ତି ଏବଂ ନୂତନ ଶସ୍ୟ କ୍ଷେତ ଅନ୍ୱେଷଣରେ ପୁଣି ଉଡିବା ଆରମ୍ଭ କରନ୍ତି। ପବନର ଦିଗ ସହ ତାଳଦେଇ ରାତିରେ ଯାତ୍ରା କରିବାକୁ ଏମାନେ ଅଧିକ ଭଲ ପାଆନ୍ତି। ଆଗରୁ ପଙ୍ଗପାଳ ସବୁଜ ଗଛ ଉପରେ ବସିବାକୁ ଭଲ ପାଉଥିଲେ। ଏବେ କିନ୍ତୁ ଏମାନେ ଯେଉଁଠି ପାରୁଛନ୍ତି ସେଇଠି ବସିଯାଉଛନ୍ତି। ତେଣୁ ଯାବତୀୟ ସାମାଜିକ ସମସ୍ୟା ସୃଷ୍ଟି ହେଉଛି। ଏଯାବତ୍ ୫୦ ପଙ୍ଗପାଳ ଦଳ ଭାରତ ଉପରେ ଆକ୍ରମଣ କରିସାରିଛନ୍ତି। ଆଗାମୀ ଦିନରେ ଆଠ ହଜାର କୋଟି ପଙ୍ଗପାଳ ଭାରତ ଉପରେ ଆକ୍ରମଣ କରିବାର ସମ୍ଭାବନା ରହିଛି ବୋଲି ମିଳିତ ଜାତିସଂଘ ସତର୍କ କରିଛି। ଏଥରର ପଙ୍ଗପାଳ ଗୋଟିଏ ଦଳରେ ୫୦୦ ଗୁଣା ଅଧିକ ରହିଥିବା ଭାରତୀୟ କୃଷି ବିଜ୍ଞାନୀ ଅନୁମାନ କରୁଛନ୍ତି। ପାକିସ୍ତାନ ଚାହିଁଥିଲେ କୀଟନାଶକ ଔଷଧ ଛିଞ୍ଚି ଏହି ପଙ୍ଗପାଳ ଦଳକୁ ନଷ୍ଟ କରିପାରିଥାନ୍ତା। କିନ୍ତୁ ସେମିତି କଲାନାହିଁ କି ଭାରତକୁ ସୂଚନା ମଧ୍ୟ ଦେଲା ନାହିଁ। ସାଧାରଣତଃ ଜୁଲାଇରୁ ଅକ୍ଟୋବର ମାସ ମଧ୍ୟରେ ବଂଶ ବୃଦ୍ଧିକରି ଖାଦ୍ୟ ଅନ୍ୱେଷଣରେ ଏମାନେ ବାହାରିଥାନ୍ତି। କିନ୍ତୁ ଏଥର ବହୁ ଆଗରୁ ଆସି ଅଧିକ ସମସ୍ୟା ସୃଷ୍ଟି କରିଛନ୍ତି। ଫଳରେ ଫସଲ ନଷ୍ଟ ସହ ରାସ୍ତାରେ ଉଡ଼ି ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି କରୁଛନ୍ତି।

ଏହା ଝିଣ୍ଟିକା ପ୍ରଜାତିର ଛୋଟ ପତଙ୍ଗ। ଅସନ୍ତୁଳିତ ଜଳବାୟୁ କାଳରେ ଏମାନେ ଜନ୍ମ ନେଇ ପ୍ରାୟ ତିନି ମାସ ବଞ୍ଚି ରୁହନ୍ତି। ମେ ୨୦ରେ ଏହି ପଙ୍ଗପାଳ ଦଳ ଭାରତରେ ପଶି ପ୍ରାୟ ୩.୫ଲକ୍ଷ ଲୋକଙ୍କର ବର୍ଷକର ଖାଦ୍ୟ ଖାଇ ସାରିଲେଣି। ଏଥିପୂର୍ବରୁ ଏମାନେ ପୂର୍ବ ଆଫ୍ରିକାର ଇଥିଓପିଆ, ସୋମାଲିଆ, ଉଗାଣ୍ଡା, ସୁଦାନ, କେନିଆ, ତାଞ୍ଜାନିଆ ଆଦି ଦେଶରେ ପ୍ରଭୂତ କ୍ଷତି ଘଟାଇ ଖାଦ୍ୟାଭାବ ସମସ୍ୟା ସୃଷ୍ଟି କରି ସାରିଛନ୍ତି। ଏହି ଦଳ ମଧ୍ୟପ୍ରଦେଶ ଦେଇ ଓଡ଼ିଶାରେ ପ୍ରବେଶ କରିପାରେ ବୋଲି ଆକଳନ କରାଯାଉଛି। ଇତିମଧ୍ୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ଚାଷୀମାନଙ୍କ ପାଇଁ ଉପଦେଶାବଳୀ ଜାରି କରାଯାଇଛି। ଫସଲ ଉପରେ ନିମ୍ବ ତେଲ ଓ ନିମ୍ବ ଜାତୀୟ ଔଷଧ ସିଞ୍ଚନ ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ଷାଠିଏ ଦଶକ ପରେ ଓଡ଼ିଶାରେ କେବେ ପଙ୍ଗପାଳ ଆକ୍ରମଣ ହୋଇ ନ ଥିଲା। ତେଣୁ ଭୟଭୀତ ନ ହୋଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହି ପଙ୍ଗପାଳ ଦଳକୁ ଘଉଡାଇବା ପାଇଁ ପ୍ରାୟ ୭୦୦ ଟ୍ରାକ୍ଟର, ୭୫ ଅଗ୍ନିଶମ ଇଞ୍ଜିନ ଓ ୫୦ ଯାନବାହନ କୀଟନାଶକ ସ୍ପ୍ରେ କରିବା ପାଇଁ ଲଗାଯାଇଛି ବୋଲି ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ପକ୍ଷରୁ ଜଣାପଡ଼ିଛି। ଆବଶ୍ୟକ ପଡିଲେ ଡ୍ରୋନ୍‌ର ସହଯୋଗ ମଧ୍ୟ ନିଆଯିବ। ୧୯୭୮,୧୯୯୩ ଓ ୧୯୯୮ ମସିହାରେ ଏମିତିକା ପଙ୍ଗପାଳ ଦଳ ଭାରତରେ ବହୁତ କ୍ଷତି କରିଥିଲେ। ଦୀର୍ଘ ୨୬ ବର୍ଷ ପରେ ଏମାନେ ଭାରତରେ ପୁଣି ଆତଙ୍କ ଖେଳାଇଛନ୍ତି।

ବିଶ୍ୱରେ ମରୁଭୂମି, ପ୍ରବାସୀ ଓ ଆଫ୍ରିକୀୟ ପ୍ରବାସୀ ଭାବରେ ତିନି ପ୍ରକାର ପଙ୍ଗପାଳ ଦଳ ଦେଖାଦେଇଥାନ୍ତି। ବିଶ୍ୱରେ ମରୁଭୂମି ପଙ୍ଗପାଳ ପ୍ରଜାତି ବହୁତ ଭୟଙ୍କର ଏବଂ ଏମାନେ ଉଡିବା ବେଳେ ବାଟରେ ଯାହା ପଡେ ତାକୁ ଖାଇ ଦିଅନ୍ତି। ଏମାନେ ନିୟୁତ ନିୟୁତ ଲୋକଙ୍କ ଖାଦ୍ୟ ଯୋଗାଣ, ଜୀବନ ଓ ଜୀବିକା ପାଇଁ ବିପଦ ସୃଷ୍ଟି କରିଥାନ୍ତି। ଏବେ ଆତଙ୍କ ସୃଷ୍ଟି କରିଥିବା ପଙ୍ଗପାଳ ଏହି ମରୁଭୂମି ପ୍ରଜାତିର ବୋଲି ଜଣାପଡିଛି। ଥରେ ଏହି ଦଳ ଉଡ଼ିବା ଆରମ୍ଭ କଲେ ୧୬ ବର୍ଗ ନିୟୁତ କିମି ଅଞ୍ଚଳ ଆଚ୍ଛାଦିତ କରି ଉଡ଼ିଥାନ୍ତି। ମଉରିଟାନିଆରୁ ଯାତ୍ରା ଆରମ୍ଭ କରି ସାହାରା ମରୁଭୂମି ଦେଇ ଆରବ, ପାକିସ୍ତାନ ଓ ଭାରତରେ ପ୍ରବେଶ କରିଥାନ୍ତି। ବିଶ୍ୱରେ ଉତ୍ତାପ ଆଶାତୀତ ବୃଦ୍ଧି ପାଇଥିବାରୁ ପଙ୍ଗପାଳ ଅଧିକ ସୃଷ୍ଟି ହେଉଛନ୍ତି ବୋଲି ୟୁନିଭରସିଟି ଅଫ୍ ହମବର୍ଗ (ସେଣ୍ଟର ଫର ନ୍ୟାଚୁରାଲ ସାଇନ୍‌ସ)ର ଏଣ୍ଟୋମୋଲୋଜି ବିଭାଗ ପ୍ରମୁଖ ମାର୍ଟିନ ହୁସେମାନ କହିଛନ୍ତି। ଏମାନଙ୍କୁ ନିୟନ୍ତ୍ରଣକୁ ଆଣି ନ ପାରିଲେ ସଭ୍ୟତା ଏକ ମହାବିପତ୍ତିର ସମ୍ମୁଖୀନ ହେବ, ଏମାନେ ଖାଦ୍ୟ ସୁରକ୍ଷାକୁ ବିପଦ ସୃଷ୍ଟି କରିବେ ଏବଂ ଆର୍ଥିକ ବିକାଶ ଧାରାକୁ ମଧ୍ୟ ପ୍ରଭାବିତ କରିବେ ବୋଲି ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ୍ ଏକ୍‌ଜିକ୍ୟୁଟିଭ ଡିରେକ୍ଟର ଡେଭିଡ୍ ଏସ୍‌ଲେ ସତର୍କ କରାଇଛନ୍ତି। ଏମାନଙ୍କ ଯୋଗୁ ମଣିଷ ଛଡ଼ା ପଶୁ ଓ ପକ୍ଷୀ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇ ମୃତ୍ୟୁବରଣ କରିପାରନ୍ତି ବୋଲି ଆଶଙ୍କା ସୃଷ୍ଟି ହୋଇଛି।

ଭାରତ ଏବେ ଏହି ସମସ୍ୟାକୁ ଗୁରୁତର ସହ ନେଇଛି। କୃଷି ବିଭାଗରେ ସ୍ୱତନ୍ତ୍ର ମନିଟରିଙ୍ଗ କକ୍ଷ ଖୋଲାଯାଇଛି। ପ୍ରଧାନମନ୍ତ୍ରୀ ମଧ୍ୟ ପ୍ରତ୍ୟକ୍ଷ ଭାବରେ ଏହି ସମସ୍ୟାକୁ ଅନୁଧ୍ୟାନ କରୁଛନ୍ତି ଏବଂ ବିହିତ ପଦକ୍ଷେପ ପାଇଁ ପରାମର୍ଶ ଦେଉଛନ୍ତି। ଜୁନ୍ ଓ ଜୁଲାଇରେ ହେବାକୁ ଥିବା ସମ୍ଭାବ୍ୟ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଇରାନ ଓ ପାକିସ୍ତାନ ସରକାର ସହ ମିଳିତ ଆଲୋଚନା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ମିଳିତ ଜାତିସଂଘ ମଧ୍ୟ ଚିନ୍ତା ପ୍ରକଟ କରିଛି। ବିକଶିତ ରାଷ୍ଟ୍ର ସମୂହଠୁ ଆର୍ଥିକ ସହାୟତା ସଂଗ୍ରହ କରି ପ୍ରଭାବିତ ରାଷ୍ଟ୍ରମାନଙ୍କୁ ଯୋଗାଇବା ଯୋଜନା କରିଛି। ବିଶ୍ୱ ବ୍ୟାଙ୍କ ମଧ୍ୟ ୫୦୦ ମିଲିୟନ ଡଲାରର ଆର୍ଥିକ ଅନୁଦାନ ଅନୁମୋଦିତ କରିଛି। ପଙ୍ଗପାଳ ପ୍ରଭାବିତ ଚାଷୀଙ୍କୁ ସ୍ୱଳ୍ପ ସୁଧରେ ଏହି ଅର୍ଥ ଋଣ ଆକାରରେ ଦେବା ପାଇଁ ପ୍ରସ୍ତାବ ରଖିଛି। ଏ ପଙ୍ଗପାଳ ସମସ୍ୟାର ସ୍ଥାୟୀ ସମାଧାନ ଖୋଜିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

କୋରାପୁଟ, ମୋ-୯୪୩୭୦୯୦୯୫୪

## ଏଇ ଭାରତରେ

ହଜାର ହଜାର ଯୁବକଙ୍କୁ ହିଂସା ପଥରୁ ଦୂରେଇ ରଖି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି ମଣିପୁରର ଜାମଖୋଜାଙ୍ଗ ମିଶାଓ। ସେ ଏଥିପାଇଁ 'ଗନ୍ ଟୁ ପେନ୍' ଅଭିଯାନ ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ୫ ହଜାର ଯୁବକଙ୍କୁ ସ୍ୱାବଲମ୍ବୀ ହେବାର ବାଟ ଦେଖାଇଛନ୍ତି। ବ୍ୟକ୍ତିତ୍ୱ ବିକାଶ ଏବଂ କ୍ୟାରିୟର ସମ୍ପର୍କିତ ଶିକ୍ଷା ଉପରେ ବି ଜୋର ଦେଉଛନ୍ତି। ସେ ଦଶମ ଶ୍ରେଣୀରେ ପଢୁଥିବା ସମୟରେ ଗେରିଲା ଯୁଦ୍ଧ ସମ୍ପର୍କରେ ଶିକ୍ଷା ପାଇଥିଲେ। କିନ୍ତୁ ସେ ସନ୍ତ୍ରାସବାଦୀଙ୍କ ସପକ୍ଷରେ ନ ଯାଇ ଗାଁକୁ ଫେରିଯାଇ ଗାଁ ସୁରକ୍ଷାରେ ଲାଗିଥିଲେ। ଇତିହାସରେ ଡିଗ୍ରୀ ହାସଲ କରିବା ପରେ ମିଶାଓ ଏକ ବେସରକାରୀ ସ୍କୁଲରେ ପଢ଼ାଉଥିଲେ। ତାକୁ ଛାଡି ସାମାଜିକ କର୍ମୀ ଭାବେ ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରି ଅଭିଜ୍ଞତା ହାସଲ କରିବା ପରେ 'ଗନ୍ ଟୁ ପେନ୍' ଅଭିଯାନ ଆରମ୍ଭ କରିଥିଲେ। ମଣିପୁରର ଦୁର୍ଗମ ଅଞ୍ଚଳରେ ଏହା ମାଧ୍ୟମରେ ବୁକ୍ ବ୍ୟାଙ୍କ୍ ଖୋଲିଛନ୍ତି। ମିଶାଓ ଓ ତାଙ୍କ ଟିମ୍ ଗାଁଗୁଡିକରେ ପହଞ୍ଚି ସେଠାରେ ପିଲାମାନଙ୍କୁ ବହି ଦେଉଛନ୍ତି। ଏକ ଫୁଟବଲ ଏକାଡେମୀ ପ୍ରତିଷ୍ଠା କରି ୪୦ରୁ ଊର୍ଦ୍ଧ୍ୱ ଝିଅଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଗୃହିଣୀମାନଙ୍କୁ ଧନ୍ଦାମୂଳକ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରାଉଛନ୍ତି। ଯେଉଁ ମହିଳାମାନେ ଛୋଟ ବ୍ୟବସାୟ ଆରମ୍ଭ କରୁଛନ୍ତି ସେମାନଙ୍କୁ ଆର୍ଥିକ ସହଯୋଗ ବି କରୁଛନ୍ତି ମିଶାଓ। କୋଭିଡ୍-୧୯ ମହାମାରୀ ସମୟରେ ସେ ଅନାଥ ଆଶ୍ରମକୁ ରାଶନ ସାମଗ୍ରୀ ମଧ୍ୟ ଯୋଗାଇ ଦେଉଛନ୍ତି। ତାଙ୍କୁ ଜୀବନରୁ ମାରିଦେବା ଲାଗି ସନ୍ତ୍ରାସବାଦୀମାନେ ବାରମ୍ବାର ଚେଷ୍ଟା କରିଛନ୍ତି। ଏମିତି ୨୦୧୫ରେ ସେମାନେ ତାଙ୍କ ଘରେ ଆସି ପହଞ୍ଚିଯାଇଥିଲେ ବି ସେ ଅଳ୍ପକେ ରକ୍ଷା ପାଇଯାଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨ ଜୁନ୍ ୧୯୯୫

- ସେମିପାଲାଟିସ୍କି ଆଣବିକ ପରୀକ୍ଷାଗାରରେ ସଂରକ୍ଷିତ ଥିବା ଶେଷ ସୋଭିଏଟ୍ ଆଣବିକ ବୋମାକୁ ନିୟନ୍ତ୍ରିତ ବିସ୍ଫୋରଣ ପଦ୍ଧତିରେ ନଷ୍ଟ କରିଦିଆଯାଇଛି।
- କାଲୁବାଧନ ଷ୍ଟେସନ ନିକଟରେ ୩୧୫ ଅପ ଜମ୍ମୁ-ତାୱି ଏକ୍ସପ୍ରେସ ଓ ଏକ ମାଲବାହୀ ଟ୍ରେନ ମଧ୍ୟରେ ଧକ୍କା ହେବା ଫଳରେ ୫୭ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ମହାତ୍ମା ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ତଥା ସ୍ୱାଧୀନତା ସଂଗ୍ରାମୀ କୁସୁମବେନ ଆଦାନୀଙ୍କର ୮୩ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ସମାଜ ସଂସ୍କାରକଙ୍କ ଦାୟିତ୍ୱ

ମହାଶୟ,

ଆମ ଦେଶରେ ଶିକ୍ଷା ଓ ବିଜ୍ଞାନର ପ୍ରଭୂତ ବିକାଶ ଘଟିଥିବା ସତ୍ତ୍ୱେ କୁସଂସ୍କାର ଓ ଅନ୍ଧବିଶ୍ୱାସ କମିବାର ନାଁ ଧରୁନାହିଁ। ଭୂତ, ପ୍ରେତ, ଡାଆଣି, ଗୁଣିଗାରେଡି, ଝଡ଼ାଫୁଙ୍କା ପରି ଅନ୍ଧବିଶ୍ୱାସ ସମାଜକୁ କବଳିତ କରି ରଖିଛି। ପ୍ରତିଦିନ ଏହିପରି ଅନେକ ଅଘଟନ ଘଟି ଧନ, ଜୀବନର କ୍ଷତି ହେଉଛି। ସମାଜରେ ଏହି ଅନ୍ଧବିଶ୍ୱାସ ଓ କୁସଂସ୍କାର ବୃଦ୍ଧି ପାଇବା ପାଇଁ ଲୋକଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ଓ ସଚେତନତାର ଅଭାବ ମୁଖ୍ୟତଃ ଦାୟୀ। ଅତୀତରେ ସମାଜ ସଂସ୍କାରକମାନେ ଏହି ଦାୟିତ୍ୱଟି ସୁଚାରୁ ରୂପେ ନିର୍ବାହ କରୁଥିଲେ। ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ଏବେ ସେମାନଙ୍କର ଅଭାବ ପରିଲକ୍ଷିତ ହେଉଛି। ମହାତ୍ମା ଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ଦୟାନନ୍ଦ ସରସ୍ୱତୀ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ରାଜା ରାମମୋହନ ରାୟଙ୍କ ପରି ଯୋଗଜନ୍ମା ସମାଜ ସଂସ୍କାରକ ବହୁସଂଖ୍ୟାରେ ଆବିର୍ଭୂତ ହେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଚିରନ୍ତନୀ

ଏ ଦେହି ମୋର ସାଜଇଁ ବସି
ତୁମରି ପ୍ରେମ ଲାଗି ଯେ
ନିଜକୁ ମୁଁ ଯେ କରଇଁ ପ୍ରେମ
ତୁମରି ଅନୁରାଗୀ ହେ।
(ପ୍ରସାଧନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସପ୍ତାହ ଭିତରେ ଓଡ଼ିଶା ସୀମା ଛୁଇଁ ପାରନ୍ତି ପଙ୍ଗପାଳ

ସମ୍ବଲପୁର୧।୬(ବ୍ୟୁରୋ)

ପଡ଼ୋଶୀ ରାଜ୍ୟ ଛତିଶଗଡ଼ର କୋରିଆ ଜିଲାରେ ପଙ୍ଗପାଳ ପ୍ରବେଶ କରିଛନ୍ତି। ଏହାକୁ ନେଇ ଓଡ଼ିଶା ପାଇଁ ଚିନ୍ତା ବଢ଼ିଛି। ମାତ୍ର ଗୋଟିଏ ସପ୍ତାହ ଭିତରେ ସେମାନେ ଛତିଶଗଡ଼ର ସୀମାକୁ ଲାଗି ରହିଥିବା ପଶ୍ଚିମ ଓଡ଼ିଶାରେ ପ୍ରବେଶ କରିପାରନ୍ତି। ଏଥିପାଇଁ ସୋମବାର କୃଷି ବିଭାଗ ପକ୍ଷରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଜିଲାର କୃଷି ବିଭାଗ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, ଝାରସୁଗୁଡ଼ା, ବରଗଡ, ସମ୍ବଲପୁର, ସୁନ୍ଦରଗଡ଼ ଆଦି ଜିଲା ପ୍ରଶାସନକୁ ସତର୍କ କରାଯାଇଛି। ଜିଲାପ୍ରଶାସନ ଓ କୃଷି ବିଭାଗ ପକ୍ଷରୁ ମଙ୍ଗଳବାରଠାରୁ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଏହାସହ ବ୍ଲକ ଓ ପଞ୍ଚାୟତସ୍ତରରେ ଅଧିକାରୀମାନେ କ୍ଷେତ୍ର ପ୍ରଦର୍ଶନ କରି ଚାଷୀଙ୍କ ସହ ଏନେଇ ଆଲୋଚନା କରି ସଚେତନ କରାଇବେ। କୌଣସି ସ୍ଥାନରେ ଏଭଳି କୀଟ ଦେଖିଲେ କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦେବାକୁ ଚାଷୀମାନଙ୍କୁ ଅନୁରୋଧ କରାଯାଇଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ କୃଷି ବିଭାଗ ଏନେଇ ସଚେତନତା ସୃଷ୍ଟି କରୁଛି।

ସମ୍ବଲପୁର ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍.କେ.ରାୟଙ୍କ କହିବା ଅନୁସାରେ, ଜିଲା ପ୍ରଶାସନ ଓ କୃଷି ବିଭାଗ ଏନେଇ ପ୍ରସ୍ତୁତ ରହିଛି। ପଶ୍ଚିମ ଓଡ଼ିଶା ପ୍ରତି ଏ ପର୍ଯ୍ୟନ୍ତ ଭୟ ନାହିଁ। ହେଲେ ଆଗକୁ ପଙ୍ଗପାଳ ପହଞ୍ଚିବାର ଆଶଙ୍କା ରହିଛି। ପଙ୍ଗପାଳ ଝିଣ୍ଟିକା ଭଳି ଦେଖାଯାଆନ୍ତି। ହେଲେ ସେମାନଙ୍କ ମୁଣ୍ଡର ରଙ୍ଗ ନାଲି। ସେମାନେ ସବୁଜ ଓ କଅଁଳ ପତ୍ରକୁ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି। ହେଲେ ଏବେ ପଶ୍ଚିମ ଓଡ଼ିଶାରେ ଧାନ ଅମଳ ପ୍ରାୟ ଶେଷ ହେବାକୁ ବସିଛି। ପାଚିଲା ଧାନ ଗଛର ରଙ୍ଗ ହଳଦିଆ ଥିବାରୁ ପଙ୍ଗପାଳମାନେ ବିଶେଷ କ୍ଷତି କରିପାରିବେ ନାହିଁ। ତଥାପି ଅଧିକାଂଶ ସ୍ଥାନରେ ଚାଷୀମାନେ ପଲ୍ଲା କରିଛନ୍ତି। ପଲ୍ଲାଗୁଡ଼ିକୁ ପଙ୍ଗପାଳ ନିଶ୍ଚିତ ଭାବେ ଖାଇଦେବାର ଆଶଙ୍କା ରହିଛି। ଲକ୍ଷାଧିକ ପଙ୍ଗପାଳ ଏକସାଥିରେ ଉଡି ଆସିଥାନ୍ତି। ଗୋଟିଏ ସ୍ଥାନରେ ଖାଦ୍ୟ ସରିଗଲେ ସେମାନେ ପୁଣି ଅନ୍ୟ ସ୍ଥାନକୁ ଉଡ଼ିଯାଆନ୍ତି। ପବନର ବେଗ ଓ ପାଣିପାଗ ସେମାନଙ୍କ ଉଡ଼ିବାର ଗତିକୁ ନିୟନ୍ତ୍ରଣ କରିଥାଏ। ପବନ ବହୁଥିବା ଦିଗକୁ ସେମାନେ ବେଶ୍ ଆରାମରେ ଉଡି ପାରନ୍ତି। ଭୂମିଠାରୁ ମାତ୍ର ୨୦ରୁ ୫୦ ମିଟର ଉଚ୍ଚତାରେ ସେମାନେ ଉଡନ୍ତି। ୩ରୁ ୪ କିଲୋମିଟର ପର୍ଯ୍ୟନ୍ତ ଉଡିବା ପରେ ଖାଦ୍ୟ ସଂଗ୍ରହ କରନ୍ତି। ଏହା ପରେ ପୁଣି ଆଉ ଗୋଟିଏ ସ୍ଥାନକୁ ଉଡିଯାଆନ୍ତି। ଖାଦ୍ୟ ଖାଇବା ଓ ବିଶ୍ରାମ ନେବା ସ୍ଥାନରେ ସେମାନେ ଅଣ୍ଡା ଦିଅନ୍ତି। ସେମାନେ ଚାଲି ଯିବାର ପ୍ରାୟ ୧୫ ଦିନ ପରେ ଅଣ୍ଡାଗୁଡିକରୁ ପୁଣି କୀଟ ବାହାରି କାୟାବିସ୍ତାର କରିଥାନ୍ତି। ଏହି କୀଟଙ୍କ ଆୟୁଷ ୧୫୦ ଦିନ। ଯଦି ମୌସୁମୀ ଠିକ୍ ରହେ ତା'ହେଲେ ପଶ୍ଚିମ ଓଡିଶା–ଛତିଶଗଡ ସୀମାରେ ପଙ୍ଗପାଳମାନେ ୧ ସପ୍ତାହ ଭିତରେ ପହଞ୍ଚିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି।

ସମସ୍ତ ଜିଲା ପ୍ରଶାସନ ଏଥିପାଇଁ ସଜାଗ ରହିଛନ୍ତି। ପର୍ଯ୍ୟାପ୍ତ ପରିମାଣ କୀଟନାଶକ ଗଚ୍ଛିତ ରଖିବା ପାଇଁ ଡିଲର୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ଷ୍ଟକ୍ ଯାଞ୍ଚ କରାଯାଇଛି। ମାଲାଥିଅନ୍ କ୍ଲୋରୋପେରିଫସ୍, କୁଇନାଇଲ୍‌ଫସ୍ ଔଷଧ ସହ ନିମ୍ବ ପତ୍ର ପାଣି ସିଞ୍ଚନ କରି ଏହି କୀଟଙ୍କୁ ନିୟନ୍ତ୍ରଣ କରାଯାଇପାରିବ। କୌଣସି ସ୍ଥାନରେ ଏଭଳି କୀଟ ଦେଖିଲେ ପୂର୍ବରୁ ପ୍ରତିଷେଧକ ଭାବେ ମଧ୍ୟ କୀଟନାଶକ ସିଞ୍ଚନ ବ୍ୟବସ୍ଥା କରାଯିବ। ଏଥିପାଇଁ କୀଟନାଶକ ସିଞ୍ଚନ ସ୍ପ୍ରେ ମେସିନର ବ୍ୟବସ୍ଥା କରାଯାଇଛି ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି।

ସୂଚନାଯୋଗ୍ୟ, ପାକିସ୍ତାନରୁ ପଙ୍ଗପାଳ ଭାରତ ସୀମାରେ ପ୍ରବେଶ କରି ରାଜସ୍ଥାନ, ଗୁଜରାଟ, ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ଦିଲ୍ଲୀ, ମଧ୍ୟପ୍ରଦେଶ, ଛତିଶଗଡରେ ପହଞ୍ଚି ସାରିଛନ୍ତି।


ଝାରସୁଗୁଡ଼ା ୨ କୃଷି ଅଧିକାରୀ ସୀମାନ୍ତବର୍ତ୍ତୀ ଅଞ୍ଚଳ ଚାଷଜମି ବୁଲି ଦେଖୁଛନ୍ତି।

- ସତର୍କ କଲା କୃଷି ବିଭାଗ
- ଆଜି ଖୋଲିବ କଣ୍ଟ୍ରୋଲ ରୁମ୍
- କ୍ଷେତ୍ର ପରିଦର୍ଶନ କରିବେ କୃଷି ଅଧିକାରୀ

## ଝିଣ୍ଟିକା ଦେଖି ଭୟଭୀତ ନ ହେବାକୁ ପରାମର୍ଶ

ଝାରସୁଗୁଡ଼ା ଅଫିସ,୧।୬

ଝାରସୁଗୁଡ଼ା ଜିଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମୀନାରାୟଣ ଶତପଥୀ କହିଛନ୍ତି, ପଙ୍ଗପାଳ ଏପର୍ଯ୍ୟନ୍ତ ଝାରସୁଗୁଡ଼ା ସୀମାରେ ପହଞ୍ଚି ନାହାନ୍ତି। ରବିବାର ଲଖନପୁର ବ୍ଲକ କୃଷି ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ସୀମାବର୍ତ୍ତୀ ଅଞ୍ଚଳକୁ ଯାଇଥିଲେ। ସେଠାରେ ଚାଷ ଜମିରେ ଝିଣ୍ଟିକା ଦେଖିବାକୁ ପାଇଥିଲେ। ଝିଣ୍ଟିକାକୁ ଦେଖି ଚାଷୀମାନେ ପଙ୍ଗପାଳ ଭାବି ଭୟଭୀତ ହୋଇ ଫୋନ କରିଥିଲେ। ଉପରୋକ୍ତ କର୍ମଚାରୀମାନେ ସ୍ଥାନୀୟ ଚାଷୀଙ୍କୁ ଝିଣ୍ଟିକାକୁ ଦେଖି ଭୟଭୀତ ନ ହେବାକୁ ସଚେତନ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଟେଷ୍ଟ ମନିଟରିଂ ଟିମ୍‌ର ବୈଠକ ମଙ୍ଗଳବାର ଅନୁଷ୍ଠିତ ହେବ। ଟିଣ ବାଡେଇ ପଙ୍ଗପାଳକୁ ଘଉଡାଇ ହେବ। ଏହା ସହିତ କିରୋସିନ ମିଶା ପାଣି ପକାଇଲେ ପଙ୍ଗପାଳଙ୍କ ମୃତ୍ୟୁ ସୁନିଶ୍ଚିତ। ଜିଲାସ୍ତରରେ ଏକ କଣ୍ଟ୍ରୋଲ ରୁମ ଖୋଲାଯିବ। ଲଖନପୁର ଅଞ୍ଚଳକୁ ମଙ୍ଗଳବାର ୨ଟି ଟିମ୍ ଗସ୍ତ କରିବ। ସେମାନେ ଚାଷୀମାନଙ୍କୁ ଗ୍ରୁପ ମିଟିଂ କରି ସଚେତନ କରିବ ବୋଲି ଶତପଥୀ କହିଛନ୍ତି।

## ଟାଟା ପାୱାର ଅଧୀନକୁ ଗଲା ସେସୁ

ଭୁବନେଶ୍ୱର, ୧।୬(ବ୍ୟୁରୋ)

'ସେସୁ' ସୋମବାର ଟାଟା ପାୱାର କମ୍ପାନୀ ଅଧୀନକୁ ଯାଇଛି। ଏନେଇ ସେସୁ ଏବଂ ଟାଟା ପାୱାର କମ୍ପାନୀ ମଧ୍ୟରେ ବିଧିବଦ୍ଧ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁଯାୟୀ ସେସୁର ୫୧ପ୍ରତିଶତ ଅଂଶଧନ ଟାଟାକୁ ହସ୍ତାନ୍ତର ହେବ। ଏହା ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ନାମରେ ନାମିତ ହେବ। ଏହି ନୂତନ କମ୍ପାନୀର ପରିଚାଳନା ନିମନ୍ତେ ୯ଜଣିଆ ବୋର୍ଡ ଅଫ୍ ଡାଇରେକ୍ଟର୍ସ ରହିବେ। ସେଥିରେ ଟାଟା ପାୱାର ୫ ଜଣ ଏବଂ ସରକାରଙ୍କ ତରଫରୁ ୪ଜଣ ଡାଇରେକ୍ଟର ରହିବେ। ବୁଝାମଣା ଅନୁଯାୟୀ ବର୍ତ୍ତମାନ ଗ୍ରୀଡ୍‌କୋର ଅଧ୍ୟକ୍ଷ ସୌରଭ ଗର୍ଗ ଏହି ବୋର୍ଡର ଅଧ୍ୟକ୍ଷଭାବେ କାର୍ଯ୍ୟ ଚଳାଇବେ। ଏହାବ୍ୟତୀତ ଯେଉଁ କର୍ମଚାରୀମାନେ ସେସୁ ଅଧୀନରେ କାର୍ଯ୍ୟ କରୁଥିଲେ ସେମାନେ ପୂର୍ବବତ୍ ନୂତନ କମ୍ପାନୀରେ କାର୍ଯ୍ୟ କରିବେ। ତାଙ୍କର ଚାକିରି ସର୍ତ୍ତରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏହି ହସ୍ତାନ୍ତର ପ୍ରକ୍ରିୟା ଯୋଗୁ ସେସୁର ୫ଟି ସର୍କଲ ଟାଟା ପାୱାର ଅଧୀନକୁ ଆସିଛି। ଏଥିରେ ଭୁବନେଶ୍ୱରର ୨ଟି ସର୍କଲ, ଢେଙ୍କାନାଳ, କଟକ ଓ ପାରାଦୀପର ଗୋଟିଏ ଲେଖାଏ ସର୍କଲ ରହିଛି। ଏହି ସର୍କଲଗୁଡ଼ିକ ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ ଓ ନୟାଗଡ଼ ଜିଲା ମଧ୍ୟରେ ଅନ୍ତର୍ଗତ।

## ସଂକ୍ଷେପରେ

### ଦିଲ୍ଲୀରେ ଯୁବକଙ୍କ ମୃତ୍ୟୁ

#### ମୃତଦେହ ଆଣିବାକୁ ସ୍ତ୍ରୀଙ୍କ ନିବେଦନ

**କେନ୍ଦ୍ରାପଡ଼ା ଅଫିସ, ୧।୬:** ଦେଶରେ ତାଲାବନ୍ଦ ଘୋଷଣା ପରେ କେନ୍ଦ୍ରାପଡା ଜିଲାର ୪ ପ୍ରବାସୀଙ୍କ ମୃତ୍ୟୁ ହୋଇଥିଲା। ମାର୍ଶାଘାଇ ବ୍ଲକ ହାତିଆ ଗ୍ରାମର ନଟବର ସାହୁଙ୍କ ପୁଅ ରଞ୍ଜନ (୩୯)ଙ୍କର ଦିଲ୍ଲୀରେ ରବିବାର ମୃତ୍ୟୁ ପରେ ପ୍ରବାସୀଙ୍କ ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଛି। ରଞ୍ଜନ ଦିଲ୍ଲୀ ଏନ୍‌ସିଆରରେ ପାଣିପାଇପ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ୩ଦିନ ପୂର୍ବେ ତାଙ୍କର ଦେହ ଖରାପ ହେବାରୁ ସାଥୀମାନେ ସ୍ଥାନୀୟ ଲୋକନାୟକ ହସ୍ପିଟାଲକୁ ନେଇଥିଲେ। ରବିବାର ରାତି ୧ଟାରେ ତାଙ୍କର ମୃତ୍ୟୁ ହୋଇଥିବା ଚିକିତ୍ସାଳୟ ପକ୍ଷରୁ ଘୋଷଣା କରାଯାଇଥିଲା। ଏ ସମ୍ପର୍କରେ ସ୍ତ୍ରୀ ଅନସୂୟା କହିଛନ୍ତି, ମୃତ୍ୟୁର କାରଣ ଟାଇଫଏଡ୍ ବୋଲି ହସ୍ପିଟାଲରେ କୁହାଯାଉଛି। ଆର୍ଥିକ ଦୁରବସ୍ଥା ଯୋଗୁ ମୃତଦେହ ଆଣିବା ପାଇଁ ଜିଲାପାଳଙ୍କୁ ଇମେଲ ଯୋଗେ ନିବେଦନ କରାଯାଇଛି। ତାଲାବନ୍ଦ ଯୋଗୁ ଘରକୁ ଫେରିପାରୁ ନ ଥିବା ରଞ୍ଜନ ବହୁବାର ତାଙ୍କୁ ଫୋନ କରିଥିବା ସେ କହିଛନ୍ତି। ୧୪ ବର୍ଷର ପୁଅ ଓ ୮ ବର୍ଷର ଝିଅର ଭବିଷ୍ୟତ ପାଇଁ ସେ ସରକାରୀ ଓ ବେସରକାରୀ ସହଯୋଗ ଲୋଡିଛନ୍ତି।

### ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ଜଣେ ମୃତ

**କେନ୍ଦ୍ରାପଡ଼ା ଅଫିସ, ୧।୬:** କେନ୍ଦ୍ରାପଡ଼ା ସହର ୧୪ନଂ. ୱାର୍ଡରେ ସୋମବାର ଏକ ଅଘଟଣ ଘଟିଛି। ପୋଷ୍ଟଅଫିସ ଲେନରେ ସେକ୍ ଅନିସଙ୍କ ନିର୍ମାଣାଧୀନ ପାଇଖାନାରେ ଶ୍ୱାସରୁଦ୍ଧ ହୋଇ ସହରର ଇଦ୍‌ଘା ମହଲାର ରାଜମିସ୍ତ୍ରି ସେକ୍ ମୁନା (୫୮)ଙ୍କ ମୃତ୍ୟୁ ହୋଇଛି। ଏଥିସହିତ ସହଯୋଗୀ ଏହି ଗ୍ରାମର ସେକ୍ ମୋଜୋ ଓ ସେକ୍ ସୋମା ଗୁରୁତର ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଟାଉନ ଥାନା ପୋଲିସ ସେକ୍ ମୁନାଙ୍କ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରୁଛି। ଥାନା ଏସ୍‌ଆଇ ଅନ୍ତର୍ଯାମୀ ବିଶ୍ୱାଳଙ୍କ ସୂଚନା ଅନୁଯାୟୀ, ନିର୍ମାଣାଧୀନ ପାଇଖାନା ପାଇଁ କଂକ୍ରିଟ ଛାତ ପଡିଛି। ଏହି ଛାତରେ ଏକ ହୋଲ କରିବା ପାଇଁ ସେକ୍ ମୁନା ଓ ଦୁଇ ସହଯୋଗୀ ପାଇଖାନା ଟାଙ୍କି ମଧ୍ୟକୁ ପଶିଥିଲେ।

### ୩ଶହ ପ୍ରବାସୀଙ୍କୁ ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କୁ ରଣେନ୍ଦ୍ରଙ୍କ ଚିଠି

**ଭୁବନେଶ୍ୱର,୧।୬(ବ୍ୟୁରୋ):** କରୋନା ସଂକ୍ରମଣ ପରିପ୍ରେକ୍ଷୀରେ ବିଦେଶରେ ଅଟକିଥିବା ଓଡ଼ିଆଙ୍କୁ ରାଜ୍ୟକୁ ଫେରାଇ ଆଣିବା ଲାଗି ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପତ୍ର ଲେଖିଛନ୍ତି। ସୂଚନାଯୋଗ୍ୟ, ଗତ ୩୦ତାରିଖରେ ମନ୍ତ୍ରୀ ସ୍ୱାଇଁ ୧୮ଦେଶର ପ୍ରବାସୀ ଓଡ଼ିଆଙ୍କ ସହିତ ଜୁମ୍ ଆପ୍‌ରେ ଆଲୋଚନା କରିଥିଲେ। ଏହି ସମୟରେ ୟୁନାଇଟେଡ୍ ଆରବ ଏମିରେଟ୍ସ(ୟୁଏଇ)ରେ ଅଟକି ଥିବା ପ୍ରାୟ ୩୦୦ ପ୍ରବାସୀ ଓଡ଼ିଆ ଫେରିବାକୁ ଚାହୁଁଥିବା କଥା ଅବଗତ ହୋଇଥିଲେ। ପ୍ରକ୍ରିୟାଗତ ଅସୁବିଧା ଯୋଗୁ ସେମାନଙ୍କ ଫେରିବାରେ ବିଳମ୍ବ ହେଉଥିବା କଥା ଜାଣିବା ପରେ ମନ୍ତ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରଣାଳୟ ସହ ଯୋଗାଯୋଗ କରି ସେମାନଙ୍କୁ ଓଡ଼ିଶାକୁ ଫେରିବା ନିମନ୍ତେ ବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ଅନୁରୋଧ କରିଥିଲେ। ମନ୍ତ୍ରୀ ସ୍ୱାଇଁ ବୈଦେଶିକ ମନ୍ତ୍ରଣାଳୟରେ ଓଡ଼ିଶା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ରାହୁଲ ଶ୍ରୀବାସ୍ତବଙ୍କ ସହ ଯୋଗାଯୋଗ କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ସେ ଅନୁରୋଧ କରିଛନ୍ତି। ଏଥିସହ ଓଡ଼ିଶା ଫେରିବା ପରେ ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବା ବ୍ୟବସ୍ଥା କରାଯିବ। ୟୁଏଇରେ ଅଟକି ରହିଯାଇଥିବା ପ୍ରାୟ ୩ଶହ ଓଡ଼ିଆ ଜୁନ୍ ୫ରେ ଚାର୍ଟାର୍ଡ ପ୍ଲେନ୍‌ରେ ଫେରିବା ପାଇଁ ସ୍ଥିର ହୋଇଛି। ଏହି ପରିପ୍ରେକ୍ଷୀରେ ଯେପରି ଧାର୍ଯ୍ୟ ତାରିଖରେ ସେମାନେ ଓଡ଼ିଶା ଫେରିପାରିବେ ସେଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଇଁ ଅନୁରୋଧ କରିଛନ୍ତି।

# ପୁରୀରୁ କଳିଙ୍ଗନଗରକୁ ଆସିବ ବିପିଏନ୍‌ଏସ୍‌ଆଇ

ଯାଜପୁର ଅଫିସ୍,୧।୬

**ଇଡ୍‌କୋ ପକ୍ଷରୁ ୧୦ ଏକର ଜମି ଆବଣ୍ଟିତ**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଷ୍ଟିଲ୍, ପେଲେଟ, ସ୍ପଞ୍ଜ ଓ ସିମେଣ୍ଟ କାରଖାନା ପରେ ଏକ ତାଲିମ ଶିକ୍ଷାନୁଷ୍ଠାନ ପାଦ ଥାପିବାକୁ ଯାଉଛି। ପୁରୀରେ ଥିବା ବିଜୁ ପଟ୍ଟନାୟକ ନ୍ୟାଶନାଲ ଷ୍ଟିଲ୍ ଇନ୍‌ଷ୍ଟିଚ୍ୟୁଟ୍ (ବିପିଏନ୍‌ଏସ୍‌ଆଇ) କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସ୍ଥାନାନ୍ତର କରାଯାଉଛି। ଏଥିପାଇଁ ଇଡକୋ(ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ କର୍ପୋରେଶନ) ପକ୍ଷରୁ ବିପିଏନ୍‌ଏସ୍‌ଆଇକୁ ଦାନଗଦି ତହସିଲ ଅଧୀନ ଯଖପୁରା ଓ କଚେରିଗାଁ ମୌଜାରେ ୧୦ ଏକର ଜମି ଆବଣ୍ଟିତ ହୋଇଛି। ଏହି ମର୍ମରେ ଇଡ୍‌କୋର ଚିଫ୍ ଜେନେରାଲ ମ୍ୟାନେଜର(ଜମି) ସୁଶାନ୍ତ କୁମାର ମହାନ୍ତି ବିପିଏନ୍‌ଏସ୍‌ଆଇର ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ଜମି ସମ୍ବନ୍ଧୀୟ ସୂଚନା ଓ ନକ୍ସା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୦୨ରେ ପୁରୀଠାରେ ବିପିଏନ୍‌ଏସ୍‌ଆଇ ପ୍ରତିଷ୍ଠା ହୋଇଥିଲା। ହେଲେ ବିଭିନ୍ନ କାରଣରୁ ସେଠାରେ ଏହି ଅନୁଷ୍ଠାନ ଉପଯୁକ୍ତ ଭାବେ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। କଳିଙ୍ଗନଗରଠାରେ ରାଜ୍ୟର ସର୍ବାଧିକ ଷ୍ଟିଲ ଉତ୍ପାଦନ ଲକ୍ଷ୍ୟ ରହିଥିବାରୁ ବିପିଏନ୍‌ଏସ୍‌ଆଇର ଆବଶ୍ୟକତାକୁ ଉପଲବ୍ଧି କରି ସରକାର ଏହି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଉତ୍ପାଦିତ ଷ୍ଟିଲ ସାମଗ୍ରୀର ମାନ ଏହି ଅନୁଷ୍ଠାନରେ ପରୀକ୍ଷା ହେବ। ଏହାସହିତ ଏଠାରେ ଷ୍ଟିଲ କାରଖାନାରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀମାନଙ୍କୁ ବିଭିନ୍ନ ତାଲିମ ପ୍ରଦାନ କରାଯିବ। ସେହିପରି କାରଖାନାରେ ନିଯୁକ୍ତି ପାଇଁ ଅପେକ୍ଷାରତ କିମ୍ବା ବିଭିନ୍ନ ବୈଷୟିକ ଡିଗ୍ରୀଧାରୀମାନେ ଏହି ଅନୁଷ୍ଠାନରେ ତାଲିମ ନେଇ ଅଭିଜ୍ଞତା ହାସଲ କରିପାରିବେ ବୋଲି ସୂଚନା ମିଳିଛି। ବିପିଏନ୍‌ଏସ୍‌ଆଇକୁ କଳିଙ୍ଗନଗର ଶିଳ୍ପାଞ୍ଚଳର ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟିଆଲ ପାର୍କ ନିକଟରେ ଜମି ଆବଣ୍ଟିତ ହୋଇଥିବା ଜଣାପଡ଼ିଛି।

# କେନ୍ଦ୍ରାପଡ଼ା ଏବେ କରୋନା ହଟ୍‌ସ୍ପଟ୍

କେନ୍ଦ୍ରାପଡ଼ା ଅଫିସ, ୧।୬

**ଆକ୍ରାନ୍ତ ସଂଖ୍ୟା ୧୦୦ ଟପିଲା**

କେନ୍ଦ୍ରାପଡ଼ା ଜିଲା ଏବେ କରୋନା ହଟ୍‌ସ୍ପଟ୍ ପାଲଟିଛି। ଏପ୍ରିଲ ୭ରେ ଜିଲାରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଇତିମଧ୍ୟରେ ଏହା ୧୦୦ ଟପିଛି। ସୋମବାର ୫୦ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧୩୯ରେ ପହଞ୍ଚିଛି। ନୂଆ ଚିହ୍ନଟଙ୍କ ମଧ୍ୟରେ ଗୁଜରାଟରୁ ୩୬, ଚେନ୍ନାଇରୁ ଜଣେ, ଦିଲ୍ଲୀରୁ ୩, ମୁମ୍ବାଇରୁ ୮, ଆନ୍ଧ୍ରପ୍ରଦେଶ ଓ ଉତ୍ତରପ୍ରଦେଶରୁ ଜଣେ ଲେଖାଏ କିଛି ଦିନ ପୂର୍ବେ ଜିଲାକୁ ଆସିଥିଲେ। ଏମାନଙ୍କୁ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ବେଳେ ଚିହ୍ନଟଙ୍କ ମଧ୍ୟରୁ ୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଯାଇ ଘରେ ରହିଥିଲେ। କେନ୍ଦ୍ରାପଡ଼ା ବ୍ଲକ କଂସାର ଗ୍ରାମର ଚିହ୍ନଟ ଆକ୍ରାନ୍ତ ବ୍ୟକ୍ତି ବାହାରେ ଯାତାୟାତ କରିଥିବାରୁ ଏହି ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମସ୍ତ ଚିହ୍ନଟ ଆକ୍ରାନ୍ତଙ୍କୁ ଛତାସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ସଙ୍ଗରୋଧ କେନ୍ଦ୍ରରେ ସ୍ୱାବ୍ ଟେଷ୍ଟ ହୋଇପାରୁ ନ ଥିବା ନେଇ ପ୍ରବାସୀମାନେ ଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି। ଡେରାବିଶ ବ୍ଲକର ଏକ ସଙ୍ଗରୋଧ କେନ୍ଦ୍ରରେ ରହିଥିବା ମହାକାଳପଡାର ଧର୍ମେଞ୍ଜୟ ପ୍ରଧାନ ଫୋନ ଯୋଗେ କହିଛନ୍ତି, ସ୍ୱାବ୍ ଟେଷ୍ଟ ହୋଇପାରୁ ନ ଥିବାରୁ କରୋନା ଆକ୍ରାନ୍ତ କି ନୁହେଁ ସନ୍ଦେହରେ ଅଛନ୍ତି। ନମୁନା ସଂଗ୍ରହ ଓ ରିପୋର୍ଟ ଆସିବା ପରେ ଅନ୍ତେବାସୀଙ୍କୁ ଛାଡିବା ପ୍ରସଙ୍ଗ ନେଇ ସଙ୍ଗରୋଧ କେନ୍ଦ୍ରର ସମସ୍ତ ଅନ୍ତେବାସୀ ଅନଶନରେ ବସିଛନ୍ତି। ଏ ସମ୍ପର୍କରେ ଜିଲାପାଳ ବର୍ମା କହିଛନ୍ତି, ଯେଉଁମାନଙ୍କର କରୋନା ଭୂତାଣୁ ସଂକ୍ରମଣ ନେଇ ଲକ୍ଷଣ ନାହିଁ, ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ଘରକୁ ଯାଇ ସଙ୍ଗରୋଧ ନିୟମରେ ରହିବା ପାଇଁ ପରାମର୍ଶ ଦିଆଯାଇଛି।

# ମୋଦିଙ୍କ ଫୋକସରେ ଓଡ଼ିଶା ରହିଛି: ସମୀର

ଭୁବନେଶ୍ୱର, ୧।୬(ବ୍ୟୁରୋ)

**ଦ୍ୱିତୀୟ ପାଳିର ପ୍ରଥମ ବର୍ଷର ହିସାବ ଦେଲା ଭାଜପା**

କେନ୍ଦ୍ରରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂରଣ ହୋଇଛି। ଏଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫୋକସରେ ଓଡ଼ିଶା ରହିଛି। ମୋଦି ସରକାର ଗୋଟିଏ ବର୍ଷରେ ଅନେକ ନିଷ୍ପତ୍ତି ନେଇଛନ୍ତି, ଯାହା ରାଜ୍ୟବାସୀଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ପୂର୍ବ ଭାରତର ବିକାଶର ରୋଡ୍‌ମ୍ୟାପ୍‌ର କେନ୍ଦ୍ରରେ ଓଡ଼ିଶା ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଫନୀ ମହାବାତ୍ୟା ଆସିବା ପୂର୍ବରୁ ବାତ୍ୟା ମୁକାବିଲା ପାଇଁ ଓଡ଼ିଶାକୁ ମୋଦି ସରକାର ଆଗୁଆ ୩୪୧ କୋଟି ଟଙ୍କା ଦେଇଥିଲେ। ବାତ୍ୟା ପରେ ପ୍ରଧାନମନ୍ତ୍ରୀ ଆଉ ହଜାରେ କୋଟି ଟଙ୍କା ଦେଲେ। ସମ୍ପୂର୍ଣ୍ଣ କ୍ଷୟକ୍ଷତି ଆକଳନ କରାଯିବା ପରେ ୩୩୩୮ କୋଟି ଟଙ୍କା ରାଜ୍ୟକୁ ମିଳିଲା। ସେହିପରି ଅମ୍ଫାନ ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ୫ଶହ କୋଟି ଟଙ୍କାର ପ୍ୟାକେଜ ରାଜ୍ୟକୁ ଦେଇଛନ୍ତି। ୨୦୨୦–୨୧ରେ କେନ୍ଦ୍ର ସରକାରଙ୍କ ଟିକସରେ ରାଜ୍ୟର ଅଂଶ ବାବଦରେ ଓଡ଼ିଶା ୩୬,୩୦୦ କୋଟି ଟଙ୍କା ପାଉଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ୨୦୨୦–୨୧ରେ ଓଡ଼ିଶା କେନ୍ଦ୍ରୀୟ ଅନୁଦାନ ବାବଦରେ ୩୨ହଜାର କୋଟି ଟଙ୍କା ପାଉଛି। ୨୦୧୪–୧୫ରୁ ୨୦୨୦–୨୧ ଭିତରେ କେନ୍ଦ୍ରୀୟ ଅନୁଦାନ ଓ ଟିକସ ବାବଦରେ ରାଜ୍ୟକୁ ୩,୬୮,୫୯୨ କୋଟି ଟଙ୍କା ମିଳିଛି। ଆଗରୁ ଓଡ଼ିଶାକୁ ରେଳ ଅନୁଦାନ ବାର୍ଷିକ କେବେ ହଜାର କୋଟି ଛୁଇଁ ନ ଥିଲା, ହେଲେ ୨୦୨୦–୨୧ ରେଳ ବଜେଟରେ ରାଜ୍ୟକୁ ୫୨୯୬ କୋଟି ମିଳିଛି। ମୋଦି ସରକାରଙ୍କ ୬ ବର୍ଷରେ ଓଡ଼ିଶା ରେଳ ବିକାଶ ପାଇଁ ୩୧,୪୪୪ କୋଟି ଟଙ୍କା ପାଇଛି। ସେହିପରି କୋଣାର୍କକୁ ସୂର୍ଯ୍ୟନଗରୀ ଭାବେ ଗଢି ତୋଳିବା ପାଇଁ କେନ୍ଦ୍ର ସରକାର ସୋଲାର ପ୍ରକଳ୍ପ ବାବଦରେ ୨୫ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ଯୋଗାଇ ଦେଇଛନ୍ତି। ମୋଦିଙ୍କ ଶାସନକାଳ ମଧ୍ୟରେ ଓଡ଼ିଶାରୁ ୩ ଜଣଙ୍କୁ ରାଜ୍ୟପାଳ, ପ୍ରଥମ ଓ ଦ୍ୱିତୀୟ ଉଭୟ ସରକାରରେ ୨ଜଣ କେନ୍ଦ୍ରମନ୍ତ୍ରୀ, ଓଡ଼ିଶାରୁ ପ୍ରଥମ ଥର ପାଇଁ ଦୁଇ ମନୋନୀତ ରାଜ୍ୟ ସଭା ସଦସ୍ୟ ଗର୍ବର କଥା। ଶ୍ରମିକ ସ୍ପେଶିଆଲ ଟ୍ରେନ୍‌ରେ କେନ୍ଦ୍ର ସରକାର ଟିକେଟ ମୂଲ୍ୟର ୮୫% ଅର୍ଥ ବହନ କରୁଛନ୍ତି। ରାଜ୍ୟରେ କୋଭିଡ୍ ହସ୍ପିଟାଲ ନିର୍ମାଣରେ କେନ୍ଦ୍ର ସରକାରଙ୍କର ଭୂମିକା ମହତ୍ତ୍ୱପୂର୍ଣ୍ଣ। ବର୍ତ୍ତମାନ ରାଜ୍ୟରେ ୫ରୁ ଅଧିକ କେନ୍ଦ୍ରୀୟ ଅନୁଷ୍ଠାନରେ କରୋନା ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ରାଜନୀତି ଭୁଲି ଆଗେଇ ଆସିବାକୁ ପଡ଼ିବ ଏବଂ ଚାଷୀଙ୍କୁ ସେମାନଙ୍କ ହକ୍ ଦେବାରେ ସହଯୋଗ କରିବାକୁ ହେବ ବୋଲି ସମୀର କହିଛନ୍ତି।

# ସଙ୍ଗରୋଧ କେନ୍ଦ୍ର ପାଚେରି ପାର୍ଶ୍ୱରୁ ପ୍ରବାସୀଙ୍କ ମୃତଦେହ ଉଦ୍ଧାର

ବଡ଼ମ୍ବା,୧।୬(ଡି.ଏନ୍.ଏ.)

କଟକ ଜିଲା ବଡ଼ମ୍ବା ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ସଙ୍ଗରୋଧ କେନ୍ଦ୍ର ବାହାର ପାଚେରି ପାର୍ଶ୍ୱରୁ ସୋମବାର ଜଣେ ପ୍ରବାସୀଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ କୃଷ୍ଣଚନ୍ଦ୍ରପୁର ଗ୍ରାମର ବ୍ରଜବନ୍ଧୁ ରଣା(୩୮)। ସେ ମହାରାଷ୍ଟ୍ରରୁ ଫେରି ମେ ୨୬ରୁ ଏହି ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଖବରପାଇ ବଡ଼ମ୍ବା ଥାନା ଆଇଆଇସି ପ୍ରଭାତ କୁମାର ମଲ୍ଲିକ, ତହସିଲଦାର ଅନିଲ କୁମାର ପଟ୍ଟନାୟକ ଓ ବିଡିଓ ଭକ୍ତରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ସଙ୍ଗରୋଧ କେନ୍ଦ୍ରରୁ ମାତ୍ର ୫୦ ମିଟର ଦୂରରେ ବ୍ରଜବନ୍ଧୁଙ୍କ ଘର ରହିଛି। ଏଥିଯୋଗୁ ପାଚେରି ଡେଇଁବା ଉଦ୍ୟମ ବେଳେ ପଡ଼ିଯିବାରୁ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ପକ୍ଷରୁ ମୃତଦେହ ଜବତ କରାଯାଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୬/୨୦)ରୁଜୁ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମୃତକଙ୍କ ସ୍ୱାବ୍ ସଂଗ୍ରହ ନିମନ୍ତେ ତହସିଲଦାର ଓ ବିଡିଓଙ୍କ ତତ୍ତ୍ୱାବଧାନରେ ମୃତଦେହ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଏହାପରେ ସେଠାରେ ବ୍ୟବଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ତହସିଲଦାର ପଟ୍ଟନାୟକ କହିଛନ୍ତି, ବ୍ରଜବନ୍ଧୁ ପୂର୍ବରୁ ଅସୁସ୍ଥ ଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

ODISHA LIFT IRRIGATION CORPORATION LTD.
(A Govt. of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, BARGARH
No. CAD-101
E-Procurement Notice - 02/2020-21
E-mail: eeolicbgh@gmail.com, Ph.: 06646-246126
No.: 817 Dated: 30.05.2020

1. Name of the Tender Inviting Officer : Executive Engineer, L.I. Division, Bargarh
2. Name of the Work : Power Supply, Installation of Pump sets and energisation of 13 Nos. River Lift Projects and of 26 Nos. Borewell Projects in different Blocks of Bargarh District.
3. No. of Packages : 14 Nos.
4. Tender Amount : Varies from 13.17 lakhs to 37.22 lakhs
5. Date and time of availablity of bid documents in the portal for Online bidding : From 10.00 hrs. dated 29.06.2020 to 24.00 hrs. dated 06.07.2020.
6. Last date and time of receipt of bids in the portal : Upto 24.00 hrs. Dated 06.07.2020
7. Last date and time of clarification : Upto 17.00 hrs. Dated 04.07.2020
8. Date of opening of Technical Bid (Cover-1) : At 11.00 hrs. Dated 07.07.2020
9. Date of opening of Financial Bid (Cover-2) will be informed after evaluation of Technical Bids.
10. Further details can be seen from the e-procurement portal of govt. of Odisha i.e. **www.tendersodisha.gov.in**.
11. Subsequent Corrigendum/Addendum if required shall be available in the above portal.

Sd./- Executive Engineer
L.I. Division, Bargarh
OIPR-32277/11/0002/2021

GOVERNMENT OF ODISHA jajpurrwd@yahoo.com
OFFICE OF THE EXECUTIVE ENGINEER, RURAL WORKS DIVISION, JAJPUR
E-PROCUREMENT NOTICE FOR BUILDING WORK IDENTIFICATION
No. O-66 No. ONLINE-01 JJPT 0f 2020-21 Dtd.27.05.2020

1. Name of the Work : Detail name of work as in Annexure
2. Total No. of Works : 3 Nos.
3. Estimated Cost : 5 lakhs to 30 lakhs
4. Class of Contractor : 'B', 'C' & 'D' Class
5. Period of Complete : 03 (three months)
6. Other details :

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking tender clarification | Submission of conformation of EMD & Paper Cost with Affidavit | Date, Time & Place of Opening of Tender |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Jajpur | Tender Online - 01 jjpt 2020-21 | 01.06.2020 at 10.00 A.M. | 10.06.2020 upto 5.00 P.M. | 09.06.2020 upto 5.00 P.M. | Online | 11.06.2020 at 11.00 A.M. O/o. the E.E.R.W. Division, Jajpur |

Further details can be seen from the website **www.tendersorissa.gov.in**.
Sd./- Executive Engineer, Rural Works Division, Jajpur
OIPR-25047/11/0001/2021

GOVERNMENT OF ODISHA No. O-67
OFFICE OF THE EXECUTIVE ENGINEER, RWS&S DIVISION, RAYAGADA
Tel. No.: 8280408061, E-mail: eerwss_rgd@nic.in, eergdrwss@rediffmail.com
NATIONAL COMPETITIVE BIDDING THROUGH e-Procurement
Tender Identification No. 02/RWSS/RGD/2020-21
No. 23 Date: 30.05.2020

1. Name of Works : Supplying & Laying of rising main and distribution system pipe line of UPVC/DI/GI Construction of Compound Wall RCC OGR/ESR, SV/NRV Chamber, Air Valve Pillar stand post etc. for different PWS projects & Spring Based Water Supply Projects in Rayagada District.
2. Total Number of Works : 7 Nos. (Detailed list available in the website)
3. Estimated Cost : Rs.34.90 lakhs to 86.35 lakhs
4. Class of Contractor : C, B & A
5. Period of Completion : 04 Months respectively

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Water Supply & Sanitation Division, Rayagada | Online Tender/ 02/ RWSS/RGD/2020-21 | 08.06.2020 at 10.00 A.M. | 26.06.2020 upto 5.00 P.M. |

N.B.: Further details can be seen from the website **www.tendersodisha.gov.in**.
Sd./- 30.05.2020
Executive Engineer, RWS&S Division, Rayagada
OIPR-25072/11/0002/2021

ODISHA CONSTRUCTION CORPORATION LIMITED, BHUBANESWAR, ODISHA
PIN: 751012, Tel. No. (0674) 2562020, E-mail: theoccltd@odishaconstruction.com
"e" Procurement Notice No. 05/OCCL/2020-21 (Online)
No. CAD-102:- Online tender is invited on EPC Contract (Turn-Key Basis) for the works as detailed below:

| Sl. No. | Name of Work | Bid Identification No. | Period of Completion | Date & time of availability of bid document in the portal | Last date/ time for receipt of bids in the portal | Time and Date of Opening of Technical Bid | Seeking Clarification |
|---|---|---|---|---|---|---|---|
| 01 | Construction of under Ground Pipe Line Irrigation System (Gravity Flow) for 640 Ha. of CCA and Command Area Development (CAD) for 1362 Ha. CCA of Sadasivpur Branch Canal of Rengali Right Irrigation Project in Dhenkanal district of Odisha on EPC - Turn Key Basis | OCCL-DGP/02/ 2020-21 | 11 (Eleven) Calendar Months including rainy seasons | From 03.06.2020 10.00 A.M. to 17.06.2020 upto 5.30 P.M. | 17.06.2020 upto 05.30 P.M. | 18.06.2020 at 12.00 Noon | 10.00 A.M. of 03.06.2020 to 03.00 P.M. of 12.06.2020 |
| 02 | Construction of Dharmadandinalla and Gurandinalla lift project in Sonepur district with intake on Dharmadandinalla to feed to Sukha distributary near RD 31200ft to stabilise 734 Ha. and intake on Gurandinall to feed to Dunguripalli Minor near RD 29000 ft to stabilize 1078 Ha. on "EPC-Turn Key" basis including power system connectivity and operation & maintenance of complete commissioned project for five year. | OCCL-SGP/03/ 2020-21 | 11 (Eleven) Calendar Months including rainy seasons | From 03.06.2020 10.00 A.M. to 17.06.2020 upto 5.30 P.M. | 17.06.2020 upto 05.30 P.M. | 18.06.2020 at 12.00 Noon | 10.00 A.M. of 03.06.2020 to 03.00 P.M. of 12.06.2020 |

Name & address of the Officer Inviting Bid: Managing Director, Odisha Construction Limited, Unit-VIII, Gopabandhu Nagar, BBSR-12. Further details can be seen from the e-Procurement portal **https://tendersodisha.gov.in**.
Sd./- Managing Director, OCCL
OIPR-34120/11/0001/2021

## ସଂକ୍ଷେପରେ

### ଓଏସ୍ଏଚ୍‌ବିରେ ବନ୍ଦେ ଉତ୍କଳ ଜନନୀ ସାମୂହିକ ଗାନ

**ଭୁବନେଶ୍ୱର, ୧।୬ (ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ପାଇଁ ଶନିବାର ଓଡ଼ିଶା ତଥା ବାହାରେ ଥିବା ଓଡ଼ିଆମାନେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା (ଓଏସ୍ଏଚ୍‌ବି)ମୁଖ୍ୟାଳୟ ଓ ଶାଖା କାର୍ଯ୍ୟାଳୟଗୁଡ଼ିକରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ସାମୂହିକ ଭାବେ ଏହି ସଙ୍ଗୀତ ଗାନ କରିଥିଲେ। ସଂସ୍ଥାର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଚିବ ଗଙ୍ଗାଧର ପାତ୍ର, ମୁଖ୍ୟ ହିସାବ ରକ୍ଷକ ପଦ୍ମିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

**ପୁରୀ ଅଫିସ,୧।୬:** ଗତ କିଛିଦିନ ହେବ ପୁରୀ ସହରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ସୋମବାର ଅପରାହ୍ନରେ ଷ୍ଟେଶନ-ରାମ ମନ୍ଦିର ରାସ୍ତାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପୂର୍ବ ବିବାଦକୁ କେନ୍ଦ୍ର କରି ଖଣ୍ଡା ଓ ଭୁଜାଲିରେ କେତେକ ଯୁବକ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଛନ୍ତି। ଏ ନେଇ ସମୁଦ୍ରକୂଳ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ବାଲିସାହିର ଦେବ ବାରିକ (୨୪) ତାଙ୍କର ଜଣେ ସାଙ୍ଗଙ୍କ ସହିତ ଷ୍ଟେଶନ ପଟୁ ରାମମନ୍ଦିର ଆଡ଼କୁ ଯାଉଥିଲେ। ହଠାତ୍ ପଛପଟୁ କେତେକ ଯୁବକ ବାଇକ୍‌ରେ ଯାଇ ସେମାନଙ୍କୁ ଅଟକାଇଥିଲେ। ପରେ ଖଣ୍ଡାରେ ଦେବଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ବେକ ଓ ମୁଣ୍ଡରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ରାତିରେ ସର୍ବୋଦୟ ନଗରରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଥିଲା।

### ସରିଲା ରାଜେନ୍ଦ୍ରାଭିଷେକ

**ପୁରୀ ଅଫିସ,୧।୬:** ବିଦର୍ଭ ରାଜା ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀଙ୍କୁ ମଙ୍ଗଳବାର ବିବାହ କରିବେ ମହାପ୍ରଭୁ। ଏଥିଲାଗି ସୋମବାର ଜ୍ୟେଷ୍ଠ ଶୁକ୍ଳ ଦଶମୀରେ ସନ୍ଧ୍ୟାଧୂପ ବଢ଼ିବା ପରେ ଘଣ୍ଟ, କାହାଳୀ, ମହୁରୀ ବାଜି ମହାପ୍ରଭୁଙ୍କ ଅଭିଷେକ ନୀତି ସମ୍ପନ୍ନ ହୋଇଛି। ଏହି ନୀତିକୁ ରାଜେନ୍ଦ୍ରାଭିଷେକ କୁହାଯାଏ। ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ମଦନମୋହନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଭୋଗବାଟ ଗଣେଶଙ୍କଠାରେ ପଡ଼ିଥିବା ଖଟରେ ବିଜେ କରିଥିଲେ। ଭିତର ଶୋଧ ହୋଇ ଜୟ ବିଜୟ ଦ୍ୱାର ବନ୍ଦ ରହି ଆଲଟ ଲାଗି ହୋଇଥିଲା। ଜଣେ ସେବକ ଡଗର ଭାବେ ଆସି ମଦନମୋହନଙ୍କୁ ରୁକ୍ମିଣୀ ବିବାହ ପ୍ରସ୍ତାବ ଜଣାଇଥିଲେ। ମହାଜନେ ଠାକୁରଙ୍କୁ ବଟମୂଳେ ଥିବା ରଥରେ ବିଜେ କରାଇଥିଲେ। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହିତ ରଥାରୂଢ଼ ମହାପ୍ରଭୁଙ୍କୁ ଭିତର ବେଢ଼ାରେ ଘେରାଏ ବେଢ଼ା ପରିକ୍ରମା କରାଇ ବଟ ମୂଳେ ରଖିଥିଲେ। କୁତ କଉତୁକ ଋଷି (ଜଣେ ସେବକ) ଦଣ୍ଡ ପ୍ରଣାମ କରି ମହାପ୍ରଭୁଙ୍କୁ ଦକ୍ଷିଣୀ ଘରକୁ ନେଇଥିଲେ। ଠାକୁର ଖଟରେ ବିଜେ ହେବା ପରେ ପଞ୍ଚାମୃତ ମହାସ୍ନାନ ସହ ଫୁଲ ଚନ୍ଦନ ଲାଗି ହୋଇ ବେଶ ହୋଇଥିଲା। ଶୀତଳ ଭୋଗ ମଣୋହୀ ହୋଇ ଖିରି, ଅମାଲୁ ଭୋଗ ବନ୍ଦାପନା ବଢ଼ିଥିଲା। ଠାକୁର ଦକ୍ଷିଣଘର ସ୍ୱଆସ୍ଥାନକୁ ବିଜେ ହୋଇଥିଲେ। ଶ୍ରୀଜଗନ୍ନାଥଙ୍କ ନିକଟରେ ଛତି ଟେକା ହୋଇ ଅଭିଷେକ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଭିତରେ ପଣା ଭୋଗ ହୋଇ ଅନ୍ୟାନ୍ୟ ନୀତି ବଢ଼ିଥିଲା।

### ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ପୁରୀ ଅଫିସ,୧।୬:** ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର ଅଣଶିକ୍ଷକ କର୍ମଚାରୀ ଓ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ହରିହର ହୋତା ଓ କର୍ମଚାରୀ ସଂଘ ସଭାପତି ଶିବସୁନ୍ଦର ମିଶ୍ର ମାସ୍କ, ସାନିଟାଇଜର, ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ, ବସ୍ତିବାସିନ୍ଦା ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଜନତା ସଫେଇ କର୍ମଚାରୀମାନଙ୍କୁ ପୁଷ୍ପବୃଷ୍ଟି କରିବା ସହିତ ବନ୍ଦାପନା କରିଥିଲେ। କାର୍ଯ୍ୟକ୍ରମରେ କୁଳସଚିବ, ପିଜି କାଉନ୍‌ସିଲ ଚେୟାରମ୍ୟାନ, ପରୀକ୍ଷା ନିୟନ୍ତ୍ରକଙ୍କ ସମେତ ସୌରଶଙ୍କର କର, ରମାକାନ୍ତ ମହାପାତ୍ର, ସନାତନ ପତି, ଅବ୍‌ଦୁଲ ବସର, ରାଧୁଚରଣ ସ୍ୱାଇଁ, ନିରଞ୍ଜନ ମିଶ୍ର, ରତିକାନ୍ତ ବେହେରା, ପ୍ରିୟବ୍ରତ ଦାସ, ସଂଗ୍ରାମ ଦାଶ, କୁଳମଣି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସକାଳେ ସ୍ୱାଭାବିକ, ସନ୍ଧ୍ୟାରେ ଖାଁ ଖାଁ

ଭୁବନେଶ୍ୱର,୧।୬(ବ୍ୟୁରୋ)




ଦୁଇମାସର ଲକ୍‌ଡାଉନ୍ ପରେ ସୋମବାର ଥିଲା ଅନ୍‌ଲକ୍-୧.୦ର ପ୍ରଥମ ଦିନ। କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ଗାଇଡ୍‌ଲାଇନ୍ ଅନୁଯାୟୀ ସବୁକିଛି ପୂର୍ବଭଳି ନ ହେଲେ ବି ପ୍ରାୟତଃ ସ୍ୱାଭାବିକ ହୋଇଯିବ ବୋଲି ଆଶା କରାଯାଉଥିଲା। ଏଥିପାଇଁ ସକାଳ ହେବାକ୍ଷଣି ରାଜ୍ୟ ରାଜଧାନୀ ଚଳଚଞ୍ଚଳ ହୋଇଉଠିଥିଲା। ବଜାର ଓ ଅଫିସ୍ ଯିବାପାଇଁ ଲୋକେ ଘରୁ ବାହାରିଥିଲେ। ରାଜଧାନୀର ଟ୍ରାଫିକ୍ ପୁଣି ପୂର୍ବ ଅବସ୍ଥାକୁ ଫେରିବା ଭଳି ମନେହୋଇଥିଲା। ଦୋକାନ, ବଜାର ସବୁକିଛି ଖୋଲା ଥିବାବେଳେ ଲୋକେ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଭିଡ଼ ଜମାଇଥିଲେ। ପୁଣିଥରେ ସବୁକିଛି ଠିକ୍ ହୋଇଯିବ ଭାବି ଲୋକେ ବେଶ୍ ଖୁସି ଥିଲେ। ହେଲେ ଅପରାହ୍ନରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଖବରଦାତା ସମ୍ମିଳନୀ ପରେ ସବୁକିଛି ଓଲଟପାଲଟ ହୋଇଯାଇଥିଲା। ଶନିବାର ଓ ରବିବାର ୧୧ଟି ଜିଲା ଶଟ୍‌ଡାଉନ୍ ସହ ରାତି ୭ରୁ ସକାଳ ୫ ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହିବ ବୋଲି ସୂଚନା ଦେଇଥିଲେ। ତେବେ ଏହି ନିଷ୍ପତ୍ତିକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଆର୍ଥିକ କ୍ଷତି ସହୁଥିବା ଛୋଟ ବଡ଼ ବ୍ୟବସାୟୀମାନେ ପୁଣିଥରେ ରାତିରେ ବେପାର କରି ନ ପାରି ନିରାଶ ହୋଇ ଘରକୁ ଫେରିଥିଲେ। ଏନେଇ ରାଜମହଲ ଛକର ଜଣେ ମିଠା ବ୍ୟବସାୟୀ ଦେବପ୍ରସାଦ ସାହୁ କହିଛନ୍ତି, ଭଲ ବେପାର ହେବ ଭାବି ପୂର୍ବରୁ ବରାପାଇଁ ବିରିବାଟଣଠାରୁ ଆରମ୍ଭକରି ମିଠା ତିଆରି ପାଇଁ ଅଧିକ ଛେନା ମଗାଇଥିଲୁ। ହେଲେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଯୋଗୁ ସବୁକିଛି ନଷ୍ଟ ହୋଇଗଲା। ଅଧା ବେପାର ବି ହୋଇପାରିଲାନି। ୭ଟା ନ ହେଉଣୁ ପୋଲିସ ଭୟରେ ସବୁକିଛି ବନ୍ଦକରି ଏବେ ଘରକୁ ଯାଉଛୁ। ଫଳ ବ୍ୟବସାୟୀ ରଘୁନନ୍ଦନ ମହାପାତ୍ର କହିଛନ୍ତି, ରାତ୍ରି କର୍ଫ୍ୟୁକୁ ଆମେ ସ୍ୱାଗତ କରୁଛୁ। ହେଲେ ଶନିବାର ଓ ଶଟ୍‌ଡାଉନ୍ ହେଲେ ବ୍ୟବସାୟ ବହୁଳଭାବେ ପ୍ରଭାବିତ ହେବ। ଏମିତି ବି ପରିବାର ଚଳାଇବା ବହୁ କଷ୍ଟକର ହୋଇପଡୁଛି। ଏବେ ସପ୍ତାହକୁ ଦୁଇଦିନ ବେପାର ବନ୍ଦ ହେଲେ ଆମକୁ କିଏ କ୍ଷତିପୂରଣ ଦେବ ବୋଲି ସେ ପ୍ରଶ୍ନ କରିଥିଲେ।



# ଯାଞ୍ଚ ହେବ ପୁରୁଣା ମଦ ଷ୍ଟକ

ଭୁବନେଶ୍ୱର, ୧।୬(ବ୍ୟୁରୋ)

- ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ପୁରୁଣା ମଦରେ ଲାଗିବ କୋଭିଡ ଟିକସ
- ମଦ ଦୋକାନ ଯାଞ୍ଚ କରିବେ ସମବାୟ ଅଧିକାରୀ



ରାଜ୍ୟରେ ଥିବା ସମସ୍ତ ଠିପି ଖୋଲା ଏବଂ ଠିପି ବନ୍ଦ ମଦ ଦୋକାନଗୁଡ଼ିକର ପୁରୁଣା ଷ୍ଟକ୍ ଯାଞ୍ଚ ହେବ। ଏନେଇ ସୋମବାର ପ୍ରମୁଖ ଶାସନ ସଚିବ ଏସ୍.କେ ଲୋହାନୀ ଜିଲାପାଳମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଗତ ୨୩ତାରିଖରେ ଏକ ଚିଠି କରି ମଦ ଉପରେ ସ୍ୱତନ୍ତ୍ର କୋଭିଡ ଟିକସ ୫୦ପ୍ରତିଶତ ବୃଦ୍ଧି କରିଥିଲେ। ଏଥିଯୋଗୁ ମଦ ଦାମ୍ ୨୦୨୦-୨୧ ପାଇଁ ବୃଦ୍ଧି ପାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟରେ ୪ଟି ପର୍ଯ୍ୟାୟରେ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଲକ୍‌ଡାଉନ ଘୋଷଣା କରାଯାଇଥିଲା। ଏହି ସମୟରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଗତ ସପ୍ତାହରେ ରାଜ୍ୟ ସରକାର ଅନ୍‌ଲାଇନ ଜରିଆରେ ହୋମ୍ ଡେଲିଭରି କରିବା ପାଇଁ ମଦ ଦୋକାନୀଗୁଡ଼ିକୁ ଅନୁମତି ପ୍ରଦାନ କରିଛନ୍ତି। ତେବେ ଲକ୍‌ଡାଉନ ପୂର୍ବରୁ ୨୦୧୯-୨୦ ଆର୍ଥିକ ବର୍ଷରେ ଦୋକାନୀମାନେ ନେଇଥିବା ମଦ ସମ୍ପୂର୍ଣ୍ଣ ବିକ୍ରି ହୋଇନାହିଁ। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଟିକସ ବଢ଼ାଇବା ପରେ ପୂର୍ବରୁ ରହିଥିବା ମଦଗୁଡ଼ିକର ଅତିରିକ୍ତ ମୂଲ୍ୟକୁ ଓଡ଼ିଶା ରାଜ୍ୟ ପାନୀୟ ନିଗମ(ଓଏସ୍‌ବିସି) ନିକଟରେ ଦାଖଲ କରିବେ। ଏହି ଅର୍ଥକୁ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କ ରାଜକୋଷରେ ଜମା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅବକାରୀ ବିଭାଗର କର୍ମଚାରୀମାନଙ୍କୁ ହୋମ୍‌ଡେଲିଭରି ପୂର୍ବରୁ ମଦ ଦୋକାନଗୁଡ଼ିକୁ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସ୍ୱଚ୍ଛତା ରକ୍ଷା କରିବା ପାଇଁ ମଦ ଦୋକାନଗୁଡ଼ିକ ଯାଞ୍ଚ ମାଜିଷ୍ଟ୍ରେଟ୍ କିମ୍ବା ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ତଦାରଖ କରାଯିବ। ଏହି ପ୍ରକ୍ରିୟା ସପ୍ତାହକ ମଧ୍ୟରେ ଶେଷ କରି ସମବାୟ ବିଭାଗ ନିକଟରେ ରିପୋର୍ଟ ଦାଖଲ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ହୋମ୍ ଡେଲିଭରି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ଓଏସ୍‌ବିସି ପକ୍ଷରୁ ଏକ ସ୍ୱତନ୍ତ୍ର ପୋର୍ଟାଲ ଆରମ୍ଭ କରାଯାଇଛି।

# ରାଜଧାନୀରେ ଉଚ୍ଛେଦ ଜୋର୍‌ଦାର

## ନୀଳମାଧବ ବସ୍ତିରେ ଭଙ୍ଗାହେଲା ୧୦୪ ଘର




ଭୁବନେଶ୍ୱର, ୧।୬ (ବ୍ୟୁରୋ)

ଲକ୍‌ଡାଉନ୍ ସରିବା ପରେ ରାଜଧାନୀରେ ଜୋର୍‌ଦାର ହୋଇଛି ଉଚ୍ଛେଦ। ଏହା ପୂର୍ବରୁ ଏକାମ୍ରକ୍ଷେତ୍ର ଯୋଜନାରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସୋମବାର ଚନ୍ଦ୍ରଶେଖରପୁରସ୍ଥିତ ନୀଳମାଧବ ବସ୍ତିର ବ୍ଲକ୍-ସିରେ ଉଚ୍ଛେଦ କରିଛି ବିଡିଏ, ବିଏମ୍‌ସି ଓ କମିଶନରେଟ୍ ପୋଲିସର ମିଳିତ ଉଚ୍ଛେଦକାରୀ ଟିମ୍। ମୋଟ ୧୦୪ ଟିଣ ଓ ଆଜ୍‌ବେଷ୍ଟସ ଘର ଭଙ୍ଗାଯାଇଛି। ଯେଉଁଥିରେ ୩୦ଟି ଘର ରାଜୀବ ଆବାସ ଯୋଜନା (ଆର୍‌ଏଓ୍ୱାଇ)ରେ ପଞ୍ଜୀକୃତ ଥିବାବେଳେ ୩ଟି ନନ୍ ଆରଏଓ୍ୱାଇ ଘର ଥିବା ଉଚ୍ଛେଦକାରୀ ଟିମ୍‌ର ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି। ବିଡିଏ ଦ୍ୱାରା ନୀଳମାଧବ ବସ୍ତିରେ ପର୍ଯ୍ୟାୟକ୍ରମେ ଆର୍‌ଏଓ୍ୱାଇ ଯୋଜନାରେ ଗୃହ ନିର୍ମାଣ କରାଯାଉଛି। ଏଥିପାଇଁ ବସ୍ତିର ଗୋଟିଏ ପରେ ଗୋଟିଏ ଅଂଶକୁ ଭଙ୍ଗାଯାଉଛି। ଗତ ଡିସେମ୍ବରରେ ବସ୍ତିର ବ୍ଲକ୍-ଏକୁ ଭଙ୍ଗାଯାଇଥିଲା। ଉଚ୍ଛେଦରେ ବିଡିଏ ଓ ବିଏମ୍‌ସିର ଗୋଟିଏ ଲେଖାଏ ଜେସିବି ବ୍ୟବହୃତ ହୋଇଥିଲା। ସମୟ ଅଭାବରୁ ବାକି ରହିଥିବା ଉଚ୍ଛେଦ ମଙ୍ଗଳବାର କରାଯିବ। ଏଠାରେ ରହୁଥିବା ଲୋକଙ୍କୁ ଅନ୍ୟତ୍ର ସ୍ଥାନନ୍ତର କରାଯାଇଛି। ଆର୍‌ଏଓ୍ୱାଇ ଘର ନିର୍ମାଣ ସରିଲେ ହିତାଧିକାରୀମାନେ ନିଜ ଘରକୁ ଫେରିବେ ବୋଲି ଉଚ୍ଛେଦ ଅଧିକାରୀ ପ୍ରମୋଦ କୁମାର ପାତ୍ରୋ କହିଛନ୍ତି। ଏହି ଉଚ୍ଛେଦରେ ଜୋନ୍ ଏସିପି ପ୍ରକାଶ ଚନ୍ଦ୍ର ପାଲ, ଚନ୍ଦ୍ର ଶେଖରପୁର ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ୟୁନିଟ୍-୧ ମାର୍କେଟ୍‌ରୁ ହଟିଲା ଜବରଦଖଲ

ୟୁନିଟ୍-୧ ମାର୍କେଟ୍‌ର କସ୍ତୁରବା ନାରୀ ମହଲ ଓ ଭାରତୀୟ ବିମାନ ସେବା କାର୍ଯ୍ୟାଳୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବିଡିଏ, ବିଏମ୍‌ସି ଓ କମିଶନରେଟ୍ ପୋଲିସର ମିଳିତ ଉଚ୍ଛେଦକାରୀ ଦଳ ୨୨ଟି ବାଉଁଶ ବନ୍ଧା ଦୋକାନ, ଗୋଟିଏ ଓପୋଲ୍‌ଫେଡ୍, ୩ କ୍ୟାବିନ୍ ଓ ୨ଟି ବାଉଁଶ ବନ୍ଧା ଘର ଭାଙ୍ଗିଛି। କ୍ୟାପିଟାଲ ଥାନା ପୋଲିସ ଫୋର୍ସ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଥିଲା।

### ୨ ପଞ୍ଚାୟତର ୪ ଗାଁ ଶଟ୍‌ଡାଉନ

**ଖୋର୍ଦ୍ଧା ଅଫିସ,୧।୬:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନାଚୁଣୀ ପଞ୍ଚାୟତ ଅନ୍ତର୍ଗତ ଜୀବନଦେଇପୁର ଶାସନ, କହ୍ନେଇପୁର, ଗୋରଡାଝରା ଗ୍ରାମକୁ ସରପଞ୍ଚ କାବୁଲି ପ୍ରଧାନ ତିନି ଦିନ ଲାଗି ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ମେ ୩୧ ତାରିଖ ସନ୍ଧ୍ୟା ୬ ଟାରୁ ଜୁନ ୩ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଉକ୍ତ ଗ୍ରାମରେ ଶଟ୍‌ଡାଉନ ବଳବତ୍ତର ରହିବ। ସେହିପରି ବାଣପୁର ବ୍ଲକ ଅଧୀନ ମୋରମାରୀ ପଞ୍ଚାୟତର ସରପଞ୍ଚ ସବିତା ନାୟକ ଗହୀର ମୋରାମୋରୀ ଗ୍ରାମକୁ ୪୮ ଘଣ୍ଟା ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ଶଟ୍‌ଡାଉନ ମଙ୍ଗଳବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ବଳବତ୍ତର ରହିବ।

## ରଥଖଳାରୁ...



ରଥ ଉପରକୁ ଗୟଳ ଉଠାଯାଉଛି।

# ଆଜି ଉଠିବ ଚାରିନାହାକା

**ପୁରୀ ଅଫିସ,୧।୬:** ବିଳମ୍ବରେ ରଥ ନିର୍ମାଣ କାମ ଆରମ୍ଭ ହୋଇଥିଲା। ତେଣୁ ଧାର୍ଯ୍ୟ ସମୟରେ ରଥ କାମ ସାରିବାକୁ ନିର୍ମାଣକାରୀ ମହାରଣା ସେବକ, ଭୋଇ ସେବକ, ରୂପକାର ସେବକ, ଓଝା ସେବକ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲେ। ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଦିନରାତି ଏକ କରିଦେଇଥିଲେ। ଘର ଛାଡ଼ି ସଙ୍ଗରୋଧରେ ରହି ଦିନକୁ ପ୍ରାୟ ୧୨ଘଣ୍ଟା କାମ କରୁଥିଲେ। ଯେଉଁଥିପାଇଁ ଏବେ କାମ ଆଗେଇ ଯାଇଛି। ପ୍ରାୟ ପ୍ରତିବର୍ଷ ସ୍ନାନଯାତ୍ରାରେ ଚାରି ନାହାକା ଉଠିଥାଏ। ମାତ୍ର ଏଥର ସ୍ନାନଯାତ୍ରାର ଦୁଇଦିନ ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ଚାରିନାହାକା ଉଠିବ ବୋଲି ଜଣାପଡ଼ିଛି। ରଥ ନିର୍ମାଣକାରୀ ସେବକଙ୍କ ପ୍ରତିବଦ୍ଧତା ଓ ମହାପ୍ରଭୁଙ୍କ ଆଶୀର୍ବାଦରୁ ହିଁ ଆଜି କାମ ଆଗେଇ ପାରିଛି ବୋଲି କହିଛନ୍ତି ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ କୁମାର ମହାପାତ୍ର। ମଙ୍ଗଳବାର ଚାରିନାହାକା ଉଠାଇବା ଲାଗି ଆମେ ଚେଷ୍ଟା କରୁଛୁ। ସବୁ ସେହି ମହାପ୍ରଭୁଙ୍କ ଇଚ୍ଛା ବୋଲି ମହାପାତ୍ର କହିଛନ୍ତି।

ସୋମବାର ଗରଗରା ଖାପ କାମ ପରେ ପାଞ୍ଚଦଣ୍ଡା ଉପରେ ସେଟ୍ କରାଯାଇ ପୋଲ ଗୟଳ ଫିଟିଂ କରାଯାଇଛି। ନାଟଗୋଡ଼ରେ ରୂପକାର ସେବକମାନେ ରାହୁ ରୂପ ଖୋଦେଇ କରୁଛନ୍ତି। ଛନ୍ଦା ଗୟଳ ଚଉପଟ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଓଝା ସେବକମାନେ ଏବେ ପୋଟଳ କଣ୍ଟା ତିଆରି କରୁଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ପାଣିଆପଟ, ଟାହିଆ, ତଢଉକରଣ, ଦତ୍ତମହାପାତ୍ର, ସୁଦ୍ଧଶୁଆର, ମୁଦୁଲି, ଖୁଣ୍ଟିଆ, ପୁରୀ ଘଣ୍ଟୁଆ, କୋଠସୁଆଁସିଆ, ଘଟୁଆରୀ, ଦଇତାପତି, ପତ୍ରୀବଡୁ, ଦେଉଳକରଣ, ଶ୍ରୀମନ୍ଦିର କାର୍ଯ୍ୟାଳୟ, ଶାଖା କାର୍ଯ୍ୟାଳୟ କର୍ମଚାରୀ, ସୁଆର ସେବକ ଏହିପରି ମୋଟ ୧୩୬ ଜଣଙ୍କ କୋଭିଡ୍ ଟେଷ୍ଟ ଲାଗି ସ୍ୱାବ୍ ସଂଗ୍ରହ କରାଯାଇଛି।

# ସ୍ନାନବେଦିରେ ରହିବେ ସର୍ବନିମ୍ନ ସେବାୟତ

ପୁରୀ ଅଫିସ,୧।୬

ଆସନ୍ତା ୫ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରିବେ ମହାପ୍ରଭୁ। ଏଥର କରୋନା ପାଇଁ ବିଭିନ୍ନ ପ୍ରକାର କଟକଣା ମଧ୍ୟରେ ସ୍ନାନଯାତ୍ରା ହେବ। ତେଣୁ ସ୍ନାନଯାତ୍ରାକୁ କିପରି ଶୃଙ୍ଖଳିତ କରାଯିବ ସେ ନେଇ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଡିଆଇଜି ଆଶିଷ ସିଂ, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ଆଲୋଚନା କରିଛନ୍ତି। ବୈଠକ ପରେ ମୁଖ୍ୟ ପ୍ରଶାସକ କହିଛନ୍ତି, ସର୍ବନିମ୍ନ ସେବାୟତ ସ୍ନାନବେଦି ଉପରକୁ ଯାଇ ଠାକୁରଙ୍କ ନୀତିକାନ୍ତି କରିବେ। ଠାକୁରଙ୍କ ଦର୍ଶନରେ କେହି ବାଧା ଉପୁଜାଇବେ ନାହିଁ। ଫଳରେ ମହାପ୍ରଭୁଙ୍କୁ ଭକ୍ତମାନେ ଟିଭି ମାଧ୍ୟମରେ ଭଲ ଭାବେ ଦର୍ଶନ କରିପାରିବେ। ତେବେ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା, ସୁନାବେଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟ ପ୍ରଶାସକ। ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତଙ୍କୁ କିଛି ନା କିଛି ତ୍ୟାଗ କରିବାକୁ ପଡ଼ିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ସ୍ନାନଯାତ୍ରାରେ ସମ୍ପୃକ୍ତ ସେବକମାନଙ୍କର କୋଭିଡ୍ ଟେଷ୍ଟ କରାଯାଉଛି। ୫୦ ପ୍ରତିଶତରୁ ଅଧିକ ସେବକଙ୍କ ସ୍ୱାବ୍ ସଂଗ୍ରହ ସରିଥିବା ବେଳେ ଦୁଇଦିନ ଭିତରେ ଏହା ଶେଷ କରାଯିବ। ଏଥର କିପରି ପୂର୍ବାପେକ୍ଷା ବହୁଗୁଣା ଶ୍ରଦ୍ଧାଳୁ ଘରେ ବସି ଟିଭିରେ ସ୍ନାନଯାତ୍ରା ଦେଖିପାରିବେ ସେ ବ୍ୟବସ୍ଥା ହେଉଛି। ଏ ନେଇ ସେବାୟତ ନିଯୋଗଗୁଡ଼ିକ ସହ ଆଲୋଚନା ହୋଇଛି। ସମସ୍ତେ ସହଯୋଗ କରିବେ ବୋଲି ସମ୍ମତି ଦେଇଛନ୍ତି। ନୀଳାଦ୍ରି ବିଜେ ପରେ ଦାରୁବିଗ୍ରହ ରତ୍ନସିଂହାସନକୁ ବିଜେ କରିବେ। ଏହାପରେ ସମସ୍ତେ ଯେମିତି ଠାକୁରଙ୍କୁ ଶ୍ରୀମନ୍ଦିରରେ ଦର୍ଶନ କରିପାରିବା ସେହି ଆଶା ରଖିଛୁ। ତଥାପି ଭକ୍ତଙ୍କ ଦର୍ଶନ ନେଇ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ବୈଠକ ପରେ ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଡିଆଇଜି ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ରଥଖଳା ଓ ସ୍ନାନମଣ୍ଡପ ବୁଲି ଦେଖିଥିଲେ।

# ଲୋଡ଼ାଗଲା ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ



ଶଙ୍କରାଚାର୍ଯ୍ୟଙ୍କ ସହ ପ୍ରଶାସନିକ ଅଧିକାରୀ ଓ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଆଲୋଚନା କରୁଛନ୍ତି।

ପୁରୀ ଅଫିସ,୧।୬

## ଚମ୍ପକ ଦ୍ୱାଦଶୀ ନୀତି

### ସ୍ନାନଯାତ୍ରା ଦର୍ଶନ ପାଇଁ ଜଗଦ୍‌ଗୁରୁଙ୍କୁ ନିମନ୍ତ୍ରଣ

ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଧାର୍ମିକ ପୀଠକୁ ଭକ୍ତମାନେ ଯାଇପାରିବେ ନାହିଁ। କୌଣସି ଧାର୍ମିକ ସମାବେଶ ହୋଇପାରିବ ନାହିଁ। ରାଜ୍ୟ ସରକାରଙ୍କ ଏଭଳି ନୂଆ ଗାଇଡ୍‌ଲାଇନ ପରେ ୩ ତାରିଖରେ ଶ୍ରୀମନ୍ଦିରରେ ପାଳନ ହେବାକୁ ଥିବା ଚମ୍ପକ ଦ୍ୱାଦଶୀ ନୀତିକୁ ନେଇ ଚିନ୍ତା ବଢ଼ିଛି। ଚମ୍ପକ ଦ୍ୱାଦଶୀ ନୀତିରେ ଠାକୁର ବାହାରକୁ ବିଜେ କରିଥାନ୍ତି। ହେଲେ ଏଥର କିପରି ଏହା କରାଯିବ ସେ ନେଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଲୋଡ଼ିଛି ଶ୍ରୀମନ୍ଦିର ପ୍ରଶାସନ। ସୋମବାର ସନ୍ଧ୍ୟାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶଙ୍କ ସମେତ ପରିଚାଳନା କମିଟି ସଦସ୍ୟମାନେ ଗୋବର୍ଦ୍ଧନ ମଠକୁ ଯାଇ ଗୁରୁଜୀଙ୍କ ମାର୍ଗଦର୍ଶନ ଲୋଡ଼ିଛନ୍ତି। ସ୍ନାନଯାତ୍ରା ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରିଛନ୍ତି। ଚମ୍ପକ ଦ୍ୱାଦଶୀକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ନାହିଁ। ଚନ୍ଦନଯାତ୍ରା ଭଳି ଏହା ଶ୍ରୀମନ୍ଦିର ଭିତରେ ହୋଇପାରେ ବୋଲି ଶୁଣିବାକୁ ମିଳୁଛି।

ଚମ୍ପକ ଦ୍ୱାଦଶୀ ନୀତିରେ ବରକନ୍ୟା ମଦନମୋହନ ଓ ଶ୍ରୀଦେବୀ (ରୁକ୍ମିଣୀ) ବିମାନରେ ଶ୍ରୀନଅରକୁ ବିଜେ କରନ୍ତି। ସେଠାରେ ନୀତି ସମ୍ପନ୍ନ ହେବା ପରେ ଯମେଶ୍ୱରଙ୍କ ମନ୍ଦିରକୁ ଯାଆନ୍ତି। ପଞ୍ଚୁଗ୍ରାସୀ ନୀତି ସରିବା ପରେ ବରକନ୍ୟା ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ନୂତନ ଗାଇଡଲାଇନ ତଥା କଟକଣା ଜାରି ଯୋଗୁ ଏହି ନୀତି ହେବା ନେଇ ଆଶଙ୍କା ଦେଖାଦେଇଛି। ଶଙ୍କରାଚାର୍ଯ୍ୟ ସବୁ ଶୁଣିବା ପରେ ଠାକୁରଙ୍କ ବିଧି ପରମ୍ପରା ରକ୍ଷା ସହ ବିକଳ୍ପ ବ୍ୟବସ୍ଥା କରାଯିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି। ତେବେ ବିକଳ୍ପର ରୂପରେଖ ଖୁବ୍‌ଶୀଘ୍ର ସ୍ପଷ୍ଟ ହେବ। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି, ସ୍ନାନପୂର୍ଣ୍ଣିମାକୁ ନେଇ ପରିଚାଳନା କମିଟିରେ ଯାହାସବୁ ନିଷ୍ପତ୍ତି ହୋଇଥିଲା ସେ ବିଷୟରେ ଶଙ୍କରାଚାର୍ଯ୍ୟଙ୍କୁ ଅବଗତ କରାଇଛୁ। ଅନ୍ୟପକ୍ଷରେ ବିକଳ୍ପ ବ୍ୟବସ୍ଥାକୁ ବିରୋଧ କରି ସେବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଫଳରେ ଏହାକୁ ନେଇ ସୋମବାର ଶ୍ରୀମନ୍ଦିରରେ ଠାକୁରଙ୍କ ନୀତିରେ ପ୍ରାୟ ୨ଘଣ୍ଟା ବିଳମ୍ବ ହୋଇଥିଲା। ନୀତି ପ୍ରଶାସକଙ୍କ ହସ୍ତକ୍ଷେପ ପରେ ଠାକୁରଙ୍କ ନୀତି ସ୍ୱାଭାବିକ ହୋଇଥିଲା।

# ବଜ୍ରପାତରେ ୬ ଜୀବନ ଗଲା

ବୁଗୁଡ଼ା/ଟିକିଟି/ଶଙ୍କରାଖୋଲ/ଫିରିଙ୍ଗିଆ,୧।୬(ଡି.ଏନ.ଏ.)

ଗଞ୍ଜାମ ଓ କନ୍ଧମାଳ ଜିଲାରେ ସୋମବାର ବଜ୍ରପାତରେ ୬ ଜଣଙ୍କ ଜୀବନ ଯାଇଛି। ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଡେଙ୍ଗାବାଡ଼ି ଗ୍ରାମରେ ୨ ଯୁବକ ଓ ନାଗିରି-ଠଣାପଲ୍ଲୀ ରାସ୍ତାରେ ଜଣେ ବୃଦ୍ଧ ବଜ୍ରପାତରେ ଟଳିପଡ଼ିଥିବା ବେଳେ ଟିକିଟି ବ୍ଲକ କଳବାଡ଼ ପଞ୍ଚାୟତର ପାରସମା ଗ୍ରାମରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେହିପରି କନ୍ଧମାଳ ଜିଲା ଚକାପାଦ ଥାନା ଅଞ୍ଚଳର ଜଣେ ଓ ଫିରିଙ୍ଗିଆ ଥାନା ଅଞ୍ଚଳରେ ଜଣେ ବଜ୍ରପାତର ଶିକାର ହୋଇଛନ୍ତି।

ବୁଗୁଡ଼ା ଥାନା ଡେଙ୍ଗାବାଡ଼ି ଗ୍ରାମରେ ଅପରାହ୍ନରେ ଜଣଙ୍କ ବାରଣ୍ଡାରେ ୩ ଯୁବକ ବସି କଥା ହେଉଥିବା ବେଳେ ମେଘପବନ ଆସି ବଜ୍ରପାତ ହୋଇଥିଲା। ଏଥିରେ ସେମାନେ ଗୁରୁତର ହୋଇପଡିଥିଲେ। ସମସ୍ତଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ୨ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକମାନେ ଡେଙ୍ଗାବାଡ଼ି ଗ୍ରାମର ସନ୍ତୋଷ ଗୌଡ଼ (୩୦) ଓ ଡାକରଡ଼ା ଗ୍ରାମର ନୀଳାଞ୍ଚଳ ଆଲଟିଆ (୨୮)। ଅବସ୍ଥା ଗୁରୁତର ଥିବାରୁ ଡେଙ୍ଗାବାଡ଼ିର ବଳରାମ ଗୌଡ଼ (୩୦)ଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଏ ଦୁଇଟି ଅପମୃତ୍ୟୁ ମାମଲା (ନଂ. ୧୧,୧୨/୨୦ ) ରୁଜୁ ହୋଇଛି। ସେହିପରି ବୁଗୁଡ଼ା ଥାନା ନାଗିରି-ଠଣାପଲ୍ଲୀ ରାସ୍ତାରେ ସାଇକେଲରେ ଯାଉଥିବା ଜଣେ ବୃଦ୍ଧ ବଜ୍ରପାତରେ ଟଳି ପଡିଛନ୍ତି। ସେ ହେଲେ ବୁରୁଝୋଲା ଗ୍ରାମର ସୀମାଞ୍ଚଳ ପ୍ରଧାନ (୬୫)। ସାଇକେଲରେ ନାଗିରି ଗ୍ରାମରୁ ଫେରୁଥିବା ବେଳେ ଠଣାପଲ୍ଲୀ ରାସ୍ତାରେ ବଜ୍ରପାତରେ ବାପାଙ୍କ ମୃତ୍ୟୁ ଘଟିଥିବା ସୀମାଞ୍ଚଳଙ୍କ ପୁଅ ଜୟରାମ ପ୍ରଧାନ କହିଛନ୍ତି। ଏ ନେଇ ବୁଗୁଡ଼ା ଥାନାରେ ନଂ ୧୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଟିକିଟି ବ୍ଲକ କଳବାଡ ପଞ୍ଚାୟତ ପାରସମା ଗ୍ରାମ ଶିବମନ୍ଦିର ନିକଟରେ ବଜ୍ରପାତରେ ଟିକିଟିଗଡ କୁମ୍ଭାରସାହିର ନନ୍ଦିନୀ ବେହେରା (୧୬)ଙ୍କ ମୃତ୍ୟୁ ଘଟିଛି। ନନ୍ଦିନୀ କିଛି ଦିନ ହେଲା ଅଜାଙ୍କ ଘର ପାରସମା ଗ୍ରାମକୁ ଆସିଥିଲେ। ଅପରାହ୍ନରେ ସେ ଏକ ଗଛମୂଳେ ଠିଆ ହୋଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଏ ନେଇ କେ.ନୂଆଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସେହିପରି ବଜ୍ରପାତରେ ଚକାପାଦ ଥାନା ଚକାପାଦ ଗ୍ରାମ ନୂଆସାହିର ସୁମନ୍ତ ବିଷୋୟୀ (୨୮)ଙ୍କ ମୃତ୍ୟୁ ଘଟିଛି। ସୁମନ୍ତ ଦାଣ୍ଡରେ ଠିଆ ହୋଇଥିବା ବେଳେ ବଜ୍ରପାତ ହେବାରୁ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ବ୍ରାହ୍ମଣପାଦ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଚକାପାଦ ଥାନାରେ ନଂ.୧/୨୦ରେ ଅପମୃତ୍ୟୁ ମାମଲା ହୋଇଛି। ଅନ୍ୟପକ୍ଷରେ ବଜ୍ରପାତରେ ବ୍ରାହ୍ମଣପାଦ ପଞ୍ଚାୟତ ଅର୍ଚ୍ଛାଙ୍ଗି ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟ ଏକ ଗଛମୂଳରେ ଥିବା ୧୦ ଗୋରୁଙ୍କ ମୃତ୍ୟୁ ଘଟିଛି । ସରକାରଙ୍କ ପକ୍ଷରୁ ଗୋରୁ ମାଲିକଙ୍କୁ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ଚକାପାଦ ତହସିଲଦାର ପ୍ରଣତୀ ପ୍ରିୟଦର୍ଶିନୀ ରାଉତ କହିଛନ୍ତି।

## ଅର୍ଚ୍ଛାଙ୍ଗି ଗ୍ରାମରେ ୧୦ ଗୋରୁ ମୃତ

ସେହିପରି ଫିରିଙ୍ଗିଆ ବ୍ଲକ ରବଙ୍ଗିଆ ପଞ୍ଚାୟତ ବଙ୍ଗମୁଣ୍ଡାଠାରେ ବଜ୍ରପାତରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବଙ୍ଗମୁଣ୍ଡା ଗ୍ରାମର ଦାନାସିଂ କହଁର । ଦାନାସିଂ ବାରଣ୍ଡାରେ ବସିଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ସେହି ଗ୍ରାମର ଧନଞ୍ଜୟ କହଁର ଓ ଗୁନି କହଁର ମଧ୍ୟ ବଜ୍ରପାତରେ ଆହତ ହୋଇ ଫିରିଙ୍ଗିଆ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଧନଞ୍ଜୟଙ୍କ ଅବସ୍ଥା ଗୁରୁତର ଥିବାରୁ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ସହରକୁ ଫେରିବେ ନାହିଁ ୩୦% ପ୍ରବାସୀ

ନୂଆଦିଲ୍ଲୀ,୧।୬

## ଲକ୍‌ଡାଉନରେ ନିଯୁକ୍ତିଦାତାଙ୍କ ଅସହଯୋଗ କାର୍ଯ୍ୟକଳାପର ପ୍ରଭାବ

କରୋନା ଭାଇରସ୍ ବଦଳାଇଦେଇଛି ପ୍ରବାସୀ ଶ୍ରମିକଙ୍କ ଚିନ୍ତାଧାରା। ପେଟ ପାଇଁ ଭିଟାମାଟି ଛାଡ଼ି ରାଜ୍ୟବାହାର ସହରକୁ ଚାଲି ଆସିଥିବା ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ଏବେ ନିଜ ଗ୍ରାମକୁ ଫେରିଛନ୍ତି। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଯେଉଁ ପ୍ରବାସୀ ଶ୍ରମିକମାନେ ଗ୍ରାମକୁ ଚାଲିଯାଇଛନ୍ତି, ସେମାନଙ୍କ ମଧ୍ୟରୁ ୩୦% ଆଉ ସହରକୁ ଫେରିବେ ନାହିଁ। ନିଯୁକ୍ତିଦାତାଙ୍କ ଅସହଯୋଗ କାର୍ଯ୍ୟକଳାପ ସେମାନଙ୍କୁ ଏଭଳି ଚିନ୍ତା କରିବାକୁ ବାଧ୍ୟ କରିଥିବା ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଲକ୍‌ଡାଉନ ଭଳି ଦୁର୍ଦ୍ଦିନ ସମୟରେ ଅଧିକାଂଶ କଳକାରଖାନା ଓ ଶିଳ୍ପ ସଂସ୍ଥାର ମାଲିକମାନେ ସେମାନଙ୍କ ଅଧୀନରେ ବର୍ଷବର୍ଷ ଧରି କାର୍ଯ୍ୟକରୁଥିବା ଶ୍ରମିକମାନଙ୍କ କଥାକୁ ଭୁଲି ଯାଇଛନ୍ତି। ଅଳ୍ପ କେତେଜଣ ମାଲିକ ଯେଉଁମାନେ ସେମାନଙ୍କ ଶ୍ରମିକଙ୍କ ଦୁଃଖ ବୁଝିବା ସହ ସେମାନଙ୍କ ପାଇଁ ଯଥାସାଧ୍ୟ ବ୍ୟବସ୍ଥା କରିଛନ୍ତି, ସେହି ଶ୍ରମିକମାନେ ସହରକୁ ଫେରିବାର ସମ୍ଭାବନା ରହିଛି ବୋଲି କେରଳର ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଷ୍ଟଡିଜର ପ୍ରଫେସର ଏସ୍. ଇରୁଦୟା ରାଜନ କହିଛନ୍ତି। ବିଶେଷକରି ୩୦% ପ୍ରବାସୀ ଶ୍ରମିକ ଆଉ ସହର ଫେରିବେ ନାହିଁ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଲକ୍‌ଡାଉନ ଆରମ୍ଭ ହେବା ପୂର୍ବରୁ ସହରାଞ୍ଚଳ ଛାଡ଼ି ଦେଇଥିବା ୧୦% ଶ୍ରମିକ ଥିବାବେଳେ ଅନ୍ୟ ୧୦% ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନର ଯିବାଆସିବା କୋହଳ ସମୟରେ ସହର ଛାଡ଼ିଛନ୍ତି। ଆଉ ୧୦% ପ୍ରବାସୀ ଶ୍ରମିକ ସୋମବାରଠାରୁ ଲାଗୁ ହୋଇଥିବା ୫ମ ପର୍ଯ୍ୟାୟ ଲକ୍‌ଡାଉନ ସମୟରେ ସହର ଛାଡ଼ିବାର ସମ୍ଭାବନା ରହିଛି।

୨୦୧୧ ଜନଗଣନାକୁ ଅନୁଧ୍ୟାନ କଲେ ଦେଶର ବିଭିନ୍ନ ରାଜ୍ୟ ମଧ୍ୟରେ ୪୫କୋଟି ୩୬ଲକ୍ଷ ପ୍ରବାସୀ ଶ୍ରମିକ ବିଭିନ୍ନ ସ୍ଥାନରେ ରହି କାର୍ଯ୍ୟ କରୁଛନ୍ତି। ୨୦୦୧ ଜନଗଣନା ସମୟରେ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୩୧କୋଟି ୪୫ଲକ୍ଷ ରହିଥିଲା। ଯଦି ଆମେ ଉପରୋକ୍ତ ୨ଟି ଜନଗଣନାକୁ ମିଶାଇବା ତେବେ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ପ୍ରାୟ ୬୦କୋଟି ଟପିବ। ୨୦୧୧ ଜନଗଣନାକୁ ଦେଖିଲେ ଏକ ତୃତୀୟାଂଶ ଅନ୍ତର୍ଦେଶୀୟ ପ୍ରବାସୀଙ୍କ ମଧ୍ୟରେ ପ୍ରାୟ ୨୦କୋଟି ଆନ୍ତଃ ରାଜ୍ୟ ଓ ଆନ୍ତଃ ଜିଲାରେ ରହନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ଶ୍ରମିକ ଶ୍ରେଣୀର ଥିବା ଜଣାପଡ଼ିଛି। ଏଥିରୁ ଜଣାପଡୁଛି ଯେ, ଆଜିକା ଦିନରେ ପ୍ରାୟ ୧୪କୋଟି ପ୍ରବାସୀ ଶ୍ରମିକ ରହିଥିବା ଅନୁମାନ କରାଯାଉଛି। ହେଲେ ଏଯାଏ ସେମାନଙ୍କ ପ୍ରକୃତ ସଂଖ୍ୟା ଜଣାପଡ଼ି ନାହିଁ। ଲକ୍‌ଡାଉନରେ ପ୍ରବାସୀ ଶ୍ରମିକଙ୍କ କ୍ଷତି ଭରଣା ପାଇଁ ସରକାର ୨୫ହଜାର ଟଙ୍କା ଲେଖାଏ ସହାୟତା ରାଶି ସିଧାସଳଖ ପ୍ରବାସୀ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରିବା ଆବଶ୍ୟକ। ଏଥିପାଇଁ ସେମାନେ ନିଜ ରାଜ୍ୟରେ ନାମ ପଞ୍ଜୀକରଣ କରିବା ସହ ବ୍ୟାଙ୍କ ଆକାଉଣ୍ଟ ଦାଖଲ କରିବା ପରେ ସହାୟତା ରାଶି ସେମାନଙ୍କୁ ଯୋଗାଇ ଦିଆଯାଉ। ଯାହାଫଳରେ ପ୍ରବାସୀ ଶ୍ରମିକଙ୍କ ପ୍ରକୃତ ହିସାବ ମିଳିବା ସହ ସେମାନେ ସହାୟତା ମଧ୍ୟ ପାଇପାରିବେ। ପ୍ରବାସୀ ଶ୍ରମିକଙ୍କ ଠିକ୍ ତଥ୍ୟ ମିଳିପାରିଲେ ସେମାନେ ରାଜ୍ୟ ବାହାରକୁ କାମ ପାଇଁ ଗଲେ ସ୍ମାର୍ଟ କାର୍ଡ ପ୍ରଦାନ କରାଯାଇପାରିବ। ଉକ୍ତ ସ୍ମାର୍ଟ କାର୍ଡରେ ପ୍ରବାସୀ ଶ୍ରମିକଙ୍କ ସାମାଜିକ ଏବଂ ଅର୍ଥନୈତିକ ବିବରଣୀ ରହିବ। ଏପରି କି ଆଧାର ଏବଂ ରାଶନ କାର୍ଡର ନମ୍ବର ସହ ସେମାନେ କେଉଁଠାରେ କାମ କରୁଛନ୍ତି, ତାହାର ବିସ୍ତୃତ ବିବରଣୀ ରହିବ। ଯାହାଫଳରେ ଏଭଳି ଦୁର୍ଦ୍ଦିନ ସମୟରେ ଏହି କାର୍ଡ ସେମାନଙ୍କ ପାଇଁ ସହାୟକ ହୋଇପାରିବ ବୋଲି ରାଜନ କହିଛନ୍ତି।

## ସଂକ୍ଷେପରେ

### ଗ୍ରାମ୍ୟ ଜଙ୍ଗଲରୁ ଅବାଧ ଗଛ କଟା ନେଇ ଅସନ୍ତୋଷ

**ଖଇରା, ୧।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ରେଞ୍ଜ ଅଧୀନ ଖଇରା ବ୍ଲକର ଦେଉଳି ଗ୍ରାମ୍ୟ ଜଙ୍ଗଲରୁ ଅବାଧ ଆକାଶିଆ ଗଛ କାଟିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅମ୍ପନ ବାତ୍ୟାରେ କିଛି ଗଛ ଭାଙ୍ଗି ପଡିବା ପରେ ଏହି ଆଳରେ ସୋର ରେଞ୍ଜ ଅଫିସ ତରଫରୁ ୧୬୫ଟି ଗଛ କାଟିବାକୁ ବନ ଉନ୍ନୟନ ନିଗମକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ୭ଦିନ ହେଲା ଅବାଧରେ ଗଛ କଟା ଚାଲିଛି। ଏଭଳି ନିଷ୍ପତ୍ତିକୁ ପୂର୍ବତନ ସରପଞ୍ଚ ଉପେନ୍ଦ୍ର ସାହୁ ତଥା ଗ୍ରାମ୍ୟ ଜଙ୍ଗଲ କମିଟିର ସଭ୍ୟ ନରେନ୍ଦ୍ର ଶିଅଳ ଓ ରତ୍ନାକର ସାମଲ ତୀବ୍ର ବିରୋଧ କରିଛନ୍ତି। ଖୁବ୍‌ଶୀଘ୍ର ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି। ରେଞ୍ଜର ବବିତା ସୋରେନଙ୍କୁ ପଚରାଯିବାରୁ ଗ୍ରାମ କମିଟି ତରଫରୁ ରିଜୋଲ୍ୟୁଶନ ଦିଆଯିବା ପରେ ବନବିଭାଗ ଗଛ କାଟିବାକୁ ଅନୁମତି ଦେଇଛି ବୋଲି କହିଛନ୍ତି।

### କରୋନା ମୁକାବିଲାରେ କେନ୍ଦ୍ର, ରାଜ୍ୟ ବିଫଳ: କଂଗ୍ରେସ

ଭୁବନେଶ୍ୱର, ୧।୬(ବ୍ୟୁରୋ): କରୋନା ମୁକାବିଲାରେ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଏହି କ୍ଷେତ୍ରରେ ସରକାରଙ୍କ ଅପାରଗତାକୁ ଦର୍ଶାଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଖୁବ୍ ବର୍ଷିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରର ୬ବର୍ଷ ନିରାଶା ଓ ହତାଶ ସମୟଭାବେ ଇତିହାସରେ ସ୍ଥାନ ପାଇସାରିଲାଣି। ନିରଞ୍ଜନ କହିଛନ୍ତି, ଦୁଇଦିନ ତଳେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ଗତ ରବିବାର ପ୍ରଧାନମନ୍ତ୍ରୀ ଦେଶର ବାସ୍ତବ ଚିତ୍ର ଦେବା ପରିବର୍ତ୍ତେ ଏକ କାଳ୍ପନିକ ଛବି ଉପସ୍ଥାପନ କରିଛନ୍ତି। ବିମୁଦ୍ରୀକରଣ ଓ ତ୍ରୁଟିପୂର୍ଣ୍ଣ ଭାବେ ଜିଏସ୍‌ଟି ଆଇନ ଲାଗୁ କରିବା ଯୋଗୁ ବହୁ ଲୋକ ନିଯୁକ୍ତି ହରାଇବା ସହିତ ବ୍ୟବସାୟ କ୍ଷେତ୍ରରେ ବଡ ଧରଣର କ୍ଷତି ସହିଲେ। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ କିମ୍ବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦୁଟିଏ କହିଲେ ନାହିଁ। ଯେଉଁଭଳି ତତ୍‌କ୍ଷଣାତ୍ ଲକ୍‌ଡାଉନ ଘୋଷଣା କରାଗଲା, ତାହା କୋଭିଡ୍ ସ୍ଥିତିକୁ ଅଧିକ ସଙ୍ଗିନ ତଥା ପ୍ରବାସୀଙ୍କୁ ବେଘର କରିବା ସହିତ କ୍ଷୁଧାର ଜ୍ୱାଳା ଭିତରକୁ ନିକ୍ଷେପ କରିଛି। ଦେଶର ଅର୍ଥନୀତିକୁ ମୋଦି ସରକାର ରସାତଳଗାମୀ କରିସାରିଲେଣି। ୫ ଟ୍ରିଲିୟନ ଡଲାର ଅର୍ଥନୀତିର ସ୍ୱପ୍ନ ବଣ୍ଟନ କରୁଥିବା ମୋଦି ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତି ଯୋଗୁ ଦେଶର ସ୍ଥିତି ଦିନକୁ ଦିନ ଖରାପ ହେବାକୁ ଯାଉଛି ବୋଲି ସେ କହିଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ସଙ୍ଗରୋଧ ଗୃହରେ ହେଉଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ କାର୍ଯ୍ୟ କରୁଛି। ଜିଲାପାଳଙ୍କ କ୍ଷମତା ନାଁରେ ସରପଞ୍ଚଙ୍କ ରିମୋଟ୍ ବିଡିଓଙ୍କ ହାତରେ ଦିଆଯାଇଛି। ସରକାର ଘୋଷଣା କରିଥିବା ଅର୍ଥ ସହାୟତା ରାଶି ବର୍ତ୍ତମାନ ସୁଦ୍ଧା ପଞ୍ଚାୟତକୁ ଦିଆଯାଇନାହିଁ। କରୋନା ବିପତ୍ତି ସମୟରେ ଟ୍ରକ୍ ଟ୍ରକ୍ କୋଭିଡ୍ ମୁକାବିଲା ପାଇଁ ଆସିଥିବା ସୁରକ୍ଷା ସରଞ୍ଜାମ (ପିପିଇ) କିଟ୍ ସରକାର ଗ୍ରହଣ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ନିରଞ୍ଜନ କହିଛନ୍ତି।

# ପିଇଓ, ସରପଞ୍ଚ ସ୍ୱାମୀଙ୍କ ଗିରଫ ଦାବି ତେଜିଲା

ଜଗତ୍‌ସିଂହପୁର ଅଫିସ,୧।୬


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭାଜପା କର୍ମକର୍ତ୍ତା।

## ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀଙ୍କୁ ମାଡ଼ ମାମଲା

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅଧୀନ ଗଡ଼ବିଶୁନପୁର ପଞ୍ଚାୟତ ବ୍ରଜକିଶୋର ସାତମୌଜୀ ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ଜଣେ ପ୍ରବାସୀଙ୍କୁ ମାଡ଼ ହୋଇଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ପ୍ରଭାକର ବେହେରା ପ୍ରବାସୀଙ୍କୁ ଚେୟାର ଫିଙ୍ଗିଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ପ୍ରଭାକର ବେହେରା ପୋଲିସ ହାତରୁ ଲାଠି ଛଡ଼ାଇ ନେଇ ପିଟିଥିଲେ। ମାଡ଼ ଖାଇଥିବା ଢିଙ୍କିଆ ପଞ୍ଚାୟତର କୁନାଲ ଦାସଙ୍କ ପରିବାର ପକ୍ଷରୁ ଏରସମା ଥାନାରେ ଅଭିଯୋଗ ପରେ ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। କିନ୍ତୁ ଅଦ୍ୟାବଧି ସେମାନଙ୍କୁ ଗିରଫ କରାଯାଇ ନ ଥିବାରୁ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ଶଶିକାନ୍ତ ପରିଡ଼ା, ନୃସିଂହ ସାହୁ, ଜିଲା ଉପସଭାପତି ନିର୍ଲିପ୍ତ ଜେନା, ଜିଲା କିଷାନ ମୋର୍ଚ୍ଚା ସଭାପତି ତପନ ବେହେରା, ମନୋଜ ଶୁକ୍ଳା, ମୋହିତ ମହାନ୍ତି ଓ ନୁରୁପମା ସ୍ୱାଇଁ ପ୍ରମୁଖ ସୋମବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସାକ୍ଷାତ କରି ଅଭିଯୁକ୍ତଦ୍ୱୟଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି। ୨୪ ଘଣ୍ଟା ଭିତରେ ମାମଲା ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ନେତାମାନେ କହିଛନ୍ତି। ଯଦି ଅଭିଯୁକ୍ତଙ୍କୁ ଗିରଫରେ ବିଳମ୍ବ ହୁଏ ତେବେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେମାନେ ଦଳ ରାଜ୍ୟ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିଛନ୍ତି। ଆବଶ୍ୟକ ପଡିଲେ ମାନବାଧିକାର କମିଶନ, ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆଇନ ଅନୁଯାୟୀ ଯାହା ଆବଶ୍ୟକ ତାହା କରିବେ। ଏଥିସହ ଜିଲାରେ ଅନେକ ଗରିବ ରାଶନ କାର୍ଡ ପାଇପାରୁ ନାହାନ୍ତି। ସେମାନଙ୍କୁ ଯେପରି ତୁରନ୍ତ କାର୍ଡ ମିଳିପାରିବ ସେନେଇ ନେତାମାନେ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ସୂଚନାଥାଉକି, ଗତ ମାସ ୨୬ ତାରିଖରେ କୁନାଲଙ୍କ ବାପା କିଛି ଜିନିଷ ଦେବାକୁ କେନ୍ଦ୍ରକୁ ଯାଇଥିବା ବେଳେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ୨୭ ତାରିଖ ସକାଳେ ସରପଞ୍ଚଙ୍କ ସ୍ୱାମୀ ଓ ପିଇଓ କୁନାଲଙ୍କୁ ଡାକି ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏହାପରେ ପିଇଓ ଏବଂ କୁନାଲଙ୍କ ପରିବାର ପକ୍ଷରୁ ପୃଥକ ମାମଲା ରୁଜୁ ହୋଇଥିଲା।

# ଭିଜିଲାନ୍ସ ଜାଲରେ ଅତିରିକ୍ତ ପ୍ରାଣୀ ଚିକିତ୍ସକ

କଣାସ,୧।୬(ଡି.ଏନ୍.ଏ./ସ୍ୱ.ପ୍ର.)

କଣାସ ବ୍ଲକରେ ଅବସ୍ଥାପିତ କଣାସ ମୁଖ୍ୟ ପଶୁ ଚିକିତ୍ସା କେନ୍ଦ୍ରରେ ଜଣେ ପ୍ରାଣୀ ଚିକିତ୍ସକ ସହାୟତା ରାଶି ନାଁରେ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ସୋମବାର ଭୁବନେଶ୍ୱର ଭିଜିଲାନ୍ସ ଟିମ ହାତରେ ଧରାପଡ଼ିଛନ୍ତି। ସେ ହେଲେ ଉକ୍ତ କେନ୍ଦ୍ରର ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡ.ସାଗର କୁମାର ସାମଲ। ଭିଜିଲାନ୍ସ ଟିମ ତାଙ୍କଠାରୁ ପକେଟରେ ଥିବା କେମିକାଲ ବୋଳା ଟଙ୍କା ଜବତ କରିଛି। ଏହି ବ୍ଲକ କାଙ୍କପୁର ଗ୍ରାମର ବିପିନ୍ ମଙ୍ଗରାଜଙ୍କ ଭାଙ୍ଗିଯାଇଥିବା କୁକୁଡା ଫାର୍ମ ସହାୟତା ପାଇବା ପାଇଁ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଆବେଦନ କରିଥିଲେ। ବିପିନଙ୍କ ଆବେଦନ ଅନୁଯାୟୀ ତାଙ୍କୁ ୧.୭୦ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ଡ. ସାମଲ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଥିପାଇଁ ଅଗ୍ରିମ ୨୦ହଜାର ଟଙ୍କା ଲାଞ୍ଚ ମଧ୍ୟ ନେଇଥିଲେ। ବାତ୍ୟାର ବର୍ଷେ ବିତିଯାଇଥିଲେ ମଧ୍ୟ ବିପିନଙ୍କୁ ସହାୟତା ମିଳି ନ ଥିଲା। ଏ ନେଇ ବିପିନ ଡ.ସାମଲଙ୍କୁ ଜଣାଇବାରୁ ତାଙ୍କୁ ଆହୁରି ୧୦ହଜାର ଟଙ୍କା ମାଗିଥିଲେ। ଏ ସମ୍ପର୍କରେ ବିପିନ ଭିଜିଲାନ୍ସ ଅଧିକାରୀ ଭୁବନେଶ୍ୱରଙ୍କ ସହ ଯୋଗାଯୋଗ କରିଥିଲେ। ସୋମବାର ଅଧିକାରୀମାନେ କଣାସରେ ପହଞ୍ଚି କେମିକାଲ ବୋଳା ୫ହଜାର ଟଙ୍କା ଦେବାପାଇଁ ବିପିନଙ୍କୁ କହିଥିଲେ। ଡ. ସାମଲ ଟଙ୍କା ନେଇ ଅନ୍ୟ ଏକ ଘରକୁ ଯିବାବେଳେ ଅଧିକାରୀମାନେ କାର୍ଯ୍ୟାଳୟ ଭିତରକୁ ଯାଇ ଧରିଥିଲେ।

# ପୂର୍ବ ଶତ୍ରୁତାକୁ ନେଇ ଫୁଟିଲା ଗୁଳି, ବୋମା

କଣାସ,୧।୬(ଡି.ଏନ.ଏ.)

କଣାସ ଥାନା ଅନ୍ତର୍ଗତ ଗଡ଼ସାନପୁଟ ହାଇସ୍କୁଲ ପଡିଆ ସମ୍ମୁଖରେ ପୂର୍ବ ଶତ୍ରୁତାକୁ ନେଇ ସୋମବାର ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଆକ୍ରମଣ ବେଳେ ଗୁଳି ସହ ବୋମା ମଧ୍ୟ ଫୁଟିଥିଲା। ଛୋଟିଯୋଡି ଗ୍ରାମର ବିଶ୍ୱମ୍ଭର ରଣସିଂହ ବାଇକ୍‌ରେ ୨ଜଣଙ୍କୁ ବସାଇ ମନ୍ଦାରବସ୍ତ ବଜାରରୁ ଘରକୁ ଫେରୁଥିଲେ। ହାଇସ୍କୁଲ ପଡ଼ିଆ ସମ୍ମୁଖ ରାସ୍ତାରେ ଏକ ଚାରିଚକିଆ ଯାନ ତାଙ୍କ ବାଇକ୍‌କୁ ସାଇଟ୍ ମାରିବାରୁ ସେମାନେ ପଡିଯାଇଥିଲେ। ହଠାତ୍ ଗାଡ଼ି ଭିତରୁ ୪/୬ଜଣ ଲୋକ ବାହାରି ଆସି ବିଶ୍ୱମ୍ଭରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ଭୟଭୀତ କରିବା ପାଇଁ ଫାଙ୍କା ଗୁଳିଚାଳନା ଓ ବୋମା ଫୁଟାଇଥିଲେ। ଏହାଦେଖି ଅନ୍ୟ ୨ଜଣ ଭୟରେ ଦୌଡ଼ି ପଳାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଶ୍ୱମ୍ଭର ତଳେ ପଡି ଥିବାବେଳେ ଆକ୍ରମଣକାରୀମାନେ ଚମ୍ପଟ ମାରିଥିଲେ। ବିଶ୍ୱମ୍ଭର ପରିବାର ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଭୁବନେଶ୍ୱର ନେଇଥିଲେ। ପରେ ବିଶ୍ୱମ୍ଭରଙ୍କ ଭାଇ ପ୍ରାୟ ୧୫ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୮୭/୨୦ରେ ମାମଲା ରୁଜୁ କରିଛନ୍ତି। ପୋଲିସ ଘଟଣାସ୍ଥଳକୁ ବୋମା ସୁତୁଲି ଜବତ କରିବା ସହ ଜଣଙ୍କୁ ଅଟକ ରଖିଛି। ପୂର୍ବ ଶତ୍ରୁତାକୁ ଥିବାରୁ ନଭେମ୍ବରରେ ଛୋଟିଯୋଡି ଗ୍ରାମରେ ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ପୂର୍ବ ରାଗକୁ ସୁଝାଇବାକୁ ଯାଇ ବିପକ୍ଷ ଗୋଷ୍ଠୀ ଏଭଳି କାଣ୍ଡ ଘଟାଇଥିବା ପୋଲିସ ଅନୁମାନ କରିଛି।

# ପରଲୋକରେ ପ୍ରଫେସର ଏଲ୍.କେ. ମହାପାତ୍ର

ଭୁବନେଶ୍ୱର,୧।୬(ବ୍ୟୁରୋ)



ବିଶିଷ୍ଟଶିକ୍ଷାବିତ୍‌ତଥା ଆନ୍ଥ୍ରୋପୋଲୋଜିଷ୍ଟ ପ୍ରଫେସର ଏଲ୍.କେ. ମହାପାତ୍ରଙ୍କ ସୋମବାର ସକାଳ ୮ଟାରେ ପରଲୋକ ଘଟିଛି। ତାଙ୍କୁ ୯୦ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ ତଥା ବକୁଳ ଫାଉଣ୍ଡେଶନର ମୁଖ୍ୟ ସୁଜିତ ମହାପାତ୍ର ଓ ଝିଅ ଶିଳା ଉପସ୍ଥିତ ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ମୁଖ୍ୟ ଥିବା ମହାପାତ୍ର ପ୍ରଥମ ଭାରତୀୟ ବିଶ୍ୱବିଦ୍ୟାଳୟ ଭାବେ ଉତ୍କଳରେ ଦକ୍ଷିଣପୂର୍ବ ଏସିଆ ପାଠ୍ୟକ୍ରମ ଆରମ୍ଭ କରିଥିଲେ। ସେହିଭଳି ପ୍ରଥମଥର ପାଇଁ ସେ ଭାରତରେ 'ଡେଭ୍‌ଲପ୍‌ମେଣ୍ଟ ଆନ୍ଥ୍ରୋପୋଲୋଜି' ଏବଂ 'ପପୁଲେଶନ ଆନ୍ଥ୍ରୋପୋଲୋଜି' ବିଷୟକୁ ଆନ୍ଥ୍ରୋପୋଲୋଜୀ ବିଭାଗ ପାଠ୍ୟକ୍ରମରେ ଯୋଡ଼ିଥିଲେ। ୧୯୮୬ରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଓ ୧୯୮୯ରୁ ୧୯୯୦ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଭାବେ କାର୍ଯ୍ୟ କରିଥିଲେ। ଏହାପରେ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭ୍‌ଲପ୍‌ମେଣ୍ଟ ଷ୍ଟଡିଜ୍‌ର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇ ଥିଲେ। ୨୦୦୪ରେ ଇଣ୍ଡିଆନ୍ ଆନ୍ଥ୍ରୋପୋଲୋଜିକାଲ୍ ସୋସାଇଟି ପକ୍ଷରୁ ମହାପାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଓଡ଼ିଶାର ପାରମ୍ପରିକ ଲୋକକଳା ଏବଂ ଜନଜାତିଲୋକଙ୍କ ଉପରେ ସେ ଏକାଧିକ ପୁସ୍ତକ ରଚନା କରିଥିଲେ। ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକପ୍ରକାଶ କରିଛନ୍ତି। ଆନ୍ଥ୍ରୋପୋଲୋଜି ଓ ସୋସିଓଲୋଜି କ୍ଷେତ୍ରରେ ବୃହତ୍ ଅବଦାନ ପାଇଁ ସେ ସବୁବେଳେ ମନେ ରହିବେ ବୋଲି ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଥିସହ ତାଙ୍କ ପରିବାର ସଦସ୍ୟଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

## ଶୋକପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

# ପୋଖରୀରେ ବୁଡ଼ିଗଲେ ୪ ଭଉଣୀଭାଇ

ଢେଙ୍କାନାଳ ଅଫିସ,୧।୬


ବିଧାୟକ ସୁଧୀର କୁମାର ସାମଲ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଘଟଣା ସମ୍ପର୍କରେ ପଚାରି ବୁଝୁଛନ୍ତି।

- ମୃତକଙ୍କ ମଧ୍ୟରେ ୨ ନାବାଳିକା, ୨ ନାବାଳକ
- ଭଉଣୀଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ ଭାଇ
- ଢେଙ୍କାନାଳ ଗୋବିନ୍ଦପୁରରେ ଶୋକାକୁଳ ପରିବେଶ

ପ୍ରବଳ ଗରମକୁ ବିଦ୍ୟୁତ୍ କାଟ। ତେଣୁ ପାଇପ୍ ପାଣିକୁ ଅପେକ୍ଷା ନ କରି ୪ ଭଉଣୀଭାଇ ବାଡ଼ି ପୋଖରୀକୁ ଗାଧୋଇବାକୁ ଚାଲିଯାଇଥିଲେ। ୨ ଭଉଣୀ ବଡ଼ ହୋଇଥିବାରୁ ଭିତରକୁ ପଶିଯାଇଥିଲେ। ହେଲେ ଗୋଡ଼ ନ ପାଇବାରୁ ଦୁହେଁ ଉବୁଟୁବୁ ହେଉଥିବା ଦେଖି ତୁଠରେ ଥିବା ୨ ସାନ ଭାଇ ସହାୟତା କରିବାକୁ ହାତ ବଢ଼ାଇଥିଲେ। କିନ୍ତୁ ଉଦ୍ଧାର କରିବା ବଦଳରେ ଭଉଣୀଙ୍କ ସହ ସେମାନେ ମଧ୍ୟ ଜଳସମାଧି ନେଇଥିଲେ। ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ବାରବାଙ୍କ ଶବର ସାହିରେ ସୋମବାର ମଧ୍ୟାହ୍ନରେ ଘଟିଥିବା ଏହି ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ବାରବାଙ୍କ ଶବରସାହିର ପତିତ ଦେହୁରୀଙ୍କ ଝିଅ ପ୍ରୀତିବାଳା ଦେହୁରୀ(୧୩) ଓ ପୁଅ ରାଜେଶ ଦେହୁରୀ(୯)ଙ୍କ ସହ ପତିତଙ୍କ ଭାଇ ତ୍ରୈଲୋକ୍ୟ ଦେହୁରୀଙ୍କ ଝିଅ ତୃପ୍ତିମୟୀ ଦେହୁରୀ(୧୬) ଏବଂ ପୁତୁରା ଜିତେନ୍ଦ୍ର ଦେହୁରୀଙ୍କ ଏକମାତ୍ର ପୁଅ ନିହାଲ ଦେହୁରୀ(୮) ମଧ୍ୟାହ୍ନରେ ପୋଖରୀକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ। ପିଲାମାନଙ୍କ ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକେ ସେମାନଙ୍କୁ ଡାକିବାକୁ ପୋଖରୀ ପାଖକୁ ଯାଇଥିଲେ ହେଁ କାହାକୁ ପାଇ ନ ଥିଲେ। ତେବେ ତୁଠରେ ପୋଷାକସବୁ ପଡିଥିବା ଦେଖି ସନ୍ଦେହରେ ପରିବାର ଲୋକେ ପାଣିରେ ପଶି ଖୋଜାଖୋଜି ବେଳେ ୪ଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତରମାନେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସଦର ଥାନା ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆ ଘଟଣାର ତଦନ୍ତ କରିଥିଲେ। ଏ ସଂକ୍ରାନ୍ତରେ ଗୋବିନ୍ଦପୁର ଫାଣ୍ଡିରେ ନଂ-୨୨।୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ବିଧାୟକ ନିଜ ପକ୍ଷରୁ ମୃତଦେହ ସଂସ୍କାର ପାଇଁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ସେହିପରି ରେଡକ୍ରସ ପକ୍ଷରୁ ପ୍ରତି ମୃତକଙ୍କ ପରିବାରଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
Shinghania Tower
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର, ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ ୨୦ ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
088871-84570

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିକଟରେ ଅଭିନେତ୍ରୀ ହୀନା ଖାନ୍ ଲକ୍‌ଡାଉନ୍‌ରେ ବୋରିଂ ହୋଇ କିଛି ପୁରୁଣା ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଯାହା ଏବେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋରେ ହୀନା ସମୁଦ୍ର କୂଳରେ ଅରେଞ୍ଜ ରଙ୍ଗର ବିକିନୀ ପିନ୍ଧି ନଜର୍ ଆସିଛନ୍ତି। ଏହି ଫଟୋ ପୋଷ୍ଟ କରି ହୀନା ଲେଖିଛନ୍ତି, 'ମୋତେ ଆଉଥରେ ଚିଲ୍ କରିବା ପାଇଁ ଲାଇସେନ୍ସ ଦରକାର'। ହୀନାଙ୍କ ଏହି ଫଟୋରେ ୩ଲକ୍ଷରୁ ଊର୍ଦ୍ଧ୍ୱ ଲାଇକ୍ ମିଳିସାରିଥିବା ବେଳେ ହଜାରରୁ ଅଧିକ ଫ୍ୟାନ୍ କମେଣ୍ଟ ମଧ୍ୟ କରିସାରିଲେଣି।



# କବିତାରେ ସଂଘର୍ଷର କଥା କହିଲେ ସୋନାକ୍ଷୀ


ସୋନାକ୍ଷୀ ସିହ୍ନା

**ମୁମ୍ବାଇ:** କରୋନା ମହାମାରୀକୁ ଦୂରେଇ ଦେବା ପାଇଁ ଦେଶରେ ଲାଗୁ କରାଯାଇଥିଲା ଲକ୍‌ଡାଉନ। ଏହି ସମୟରେ କରୋନାକୁ ଦୂରେଇ ଦେବାକୁ ଘରଠାରୁ ଦୂରରେ ରହି ଏକ ଅଦୃଶ୍ୟ ଯୁଦ୍ଧରେ ଲଢୁଥିବା କରୋନା ଯୋଦ୍ଧାଙ୍କ ସଂଘର୍ଷର କାହାଣୀ ଅନେକଥର ନଜରକୁ ଆସିଛି। ଏଥର ବଲିଉଡ୍‌ର ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ଏହି କରୋନା ଯୋଦ୍ଧାଙ୍କ ସଂଘର୍ଷର କାହାଣୀ କବିତା ମାଧ୍ୟମରେ କହିଥିବା ଦେଖାଯାଇଛି। ଏହାର ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଅପ୍‌ଲୋଡ କରିଛନ୍ତି ସୋନାକ୍ଷୀ। ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି, ସୋନାକ୍ଷୀ ଡାକ୍ତର, ନର୍ସ, ପୋଲିସ ତଥା ଯେଉଁମାନେ କରୋନା ଯୁଦ୍ଧରେ ଆଗଧାଡ଼ିର ଯୋଦ୍ଧା ସାଜିଛନ୍ତି ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏମିତିକି ଯେଉଁମାନେ ଦେଶର ଏହି ସଙ୍କଟ ସମୟରେ ଭୋକିଲା ଲୋକଙ୍କୁ ଖାଦ୍ୟ ଦେଇଛନ୍ତି ଅବା ଅନ୍ୟକିଛି ଦାନ କରିଛନ୍ତି, ସେମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି ଦବଙ୍ଗ ଗର୍ଲ। ଉକ୍ତ ଭିଡିଓରେ ସୋନାକ୍ଷୀ କହିଛନ୍ତି, ଯେବେବି କରୋନାକୁ ହରାଇବା କଥା ଆସିବ ଏହି କରୋନା ଯୋଦ୍ଧାଙ୍କ ନାମ ପ୍ରଥମେ ଆସିବ। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ ଦିନମଜୁରିଆଙ୍କୁ ସାହାଯ୍ୟ କରିବା ଲାଗି ସେ ନିଜ ପେଣ୍ଟିଂର ନିଲାମ କରିଥିଲେ।

# ଉଚ୍ଚ ଭୂମି ସଂକ୍ରମଣ ପ୍ରତିରୋଧୀ

**ମୁମ୍ବାଇ:** ସାଧାରଣତଃ ସମୁଦ୍ରପଉନରୁ ଅଧିକ ଉଚ୍ଚତାରେ ବସବାସ କରିବା ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଥାଏ। ସେଠାକାର ପରିବେଶ ଦୈନନ୍ଦିନ ଜୀବନଶୈଳୀ ପାଇଁ ଅନୁକୂଳ ହୋଇ ନ ଥାଏ। କିନ୍ତୁ ନିକଟରେ ଏକ ଅନୁସନ୍ଧାନରୁ କିଛି କୌତୂହଳ ତଥ୍ୟ ସାମ୍ନାକୁ ଆସିଛି, ଯାହା ଦ୍ୱାରା ଲୋକେ ସାମ୍ପ୍ରତିକ ପରିସ୍ଥିତିରେ ହାଇ ଅଲ୍‌ଟିଚ୍ୟୁଡ ବା ଅଧିକ ଉଚ୍ଚତାରେ ବସବାସ କରିବାକୁ ମନ କରିବେ। ଏହି ତଥ୍ୟ ମୁତାବକ, ସମୁଦ୍ରପଉନଠାରୁ ଅଧିକ ଉଚ୍ଚ ଭୂମିରେ କରୋନା ସଂକ୍ରମଣ ହାର ନିମ୍ନଭୂମି ଅପେକ୍ଷା କମ୍ ରହିଛି। ରେସ୍ପିରେଟୋରି ଫିଜିଓଲୋଜି ଆଣ୍ଡ ନ୍ୟୁରୋବାୟୋଲୋଜି ଜର୍ନାଲରେ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଭିନ୍ନ ଦେଶରେ କରୋନା ସଂକ୍ରମଣ ଅଧିକ ଏବଂ କମ୍ ଥିବା ସ୍ଥାନଗୁଡ଼ିକୁ ଗବେଷଣାରେ ସାମିଲ କରି ଅନୁଧ୍ୟାନ ପରେ ଗବେଷକମାନେ ଏ ବାବଦରେ ଜାଣିବାକୁ ପାଇଛନ୍ତି।

ହାଇ ଅଲ୍‌ଟିଚ୍ୟୁଡରେ ବାସ କରୁଥିବା ମଣିଷଙ୍କ ରକ୍ତରେ ଅପେକ୍ଷାକୃତ କମ୍ ମାତ୍ରାରେ ଅମ୍ଳଜାନ ରହିଥାଏ। ଶରୀରରେ ଏପରି ଅବସ୍ଥାକୁ ଡାକ୍ତରୀ ଭାଷାରେ ହାଇପୋକ୍ସିଆ କୁହାଯାଏ। ଦୀର୍ଘ ସମୟ ଧରି ଉଚ୍ଚ ଭୂମିରେ ବାସ କରୁଥିବା ମଣିଷ ଏପରି ସ୍ଥିତିରେ ଖାପ ଖୁଆଇ ଚଳିବାର କ୍ଷମତା ହାସଲ କରିନେଇଥାନ୍ତି। କରୋନା ଭୂତାଣୁ ସାଧାରଣତଃ ଶ୍ୱାସକ୍ରିୟାକୁ ପ୍ରଭାବିତ କରି ଜୀବନ ନାଶକ ହୋଇଥାଏ। କିନ୍ତୁ ଉଚ୍ଚ ଭୂମିରେ ବାସ କରୁଥିବା ଲୋକେ ଅମ୍ଳଜାନ କମ୍‌ଜନିତ ସମସ୍ୟା ତଥା ଶ୍ୱାସକ୍ରିୟା ପ୍ରଭାବିତ ହେଲେ ଏହା ବିରୋଧରେ ସହଜରେ ସଂଘର୍ଷ କରିପାରନ୍ତି ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏଥିସହିତ ଅଧିକ ଉଚ୍ଚତାରେ ଦୀର୍ଘ ସମୟ ଧରି ରହିବା ଦ୍ୱାରା ଫୁସଫୁସ୍‌ରେ ଏସିଇ-୨ ନାମକ ଏକ ପ୍ରୋଟିନ ସହିତ ଶୃଙ୍ଖଳା ବା ଚେନ୍ ସୃଷ୍ଟି ହୋଇଯାଇଥାଏ। ଏହି ପ୍ରୋଟିନ ଫୁସ୍‌ଫୁସ୍ ସଣ୍ଟିଂ(ଫୁସ୍‌ଫୁସ୍‌ରେ ଏକ କ୍ଷତ ଯାହା ରକ୍ତରେ ଅମ୍ଳଜାନ ପ୍ରବାହକୁ ପ୍ରଭାବିତ କରିଥାଏ)କୁ ରୋକିଥାଏ। ସାଧାରଣତଃ କରୋନା ରୋଗୀଙ୍କ କ୍ଷେତ୍ରରେ ଫୁସ୍‌ଫୁସ୍ ସଣ୍ଟିଂ ସମସ୍ୟା ଦେଖାଦେଇଥାଏ। ଅନ୍ୟପକ୍ଷରେ ସେଠାକାର ପରିବେଶ ମଧ୍ୟ ଭୂତାଣୁ ପ୍ରବେଶ ପାଇଁ ଅନୁକୂଳ ହୋଇ ନ ଥାଏ। ଶୁଖିଲା ପାର୍ବତ୍ୟ ବାୟୁ, ଉଚ୍ଚସ୍ତରର ଅତି ବାଇଗଣୀ ରଶ୍ମୀ ବିକିରଣ ଏବଂ ନିମ୍ନ ବାୟୁମଣ୍ଡଳୀୟ ଚାପ ଯୋଗୁ ଭୂତାଣୁ ତିଷ୍ଠି ରହିବା ପାଇଁ ପରିବେଶ ଅନୁପଯୋଗୀ ହୋଇଥାଏ।



# ମାସ୍କ ବଦଳରେ ରେସ୍ପିରେଟର

**ନୂଆଦିଲ୍ଲୀ:** କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସମସ୍ତଙ୍କୁ ମାସ୍କ ପିନ୍ଧିବାକୁ ପଡୁଥିବାରୁ ଅନେକଙ୍କୁ ନିଃଶ୍ୱାସ ନେବାରେ ଅସୁବିଧା ହେଉଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପଞ୍ଜାବର ଲଭ୍‌ଲି ପ୍ରଫେଶନାଲ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରଥମଥର ପାଇଁ ଏକ ରେସ୍ପିରେଟର 'ଅକ୍ସିଜେନୋ' ଡେଭଲପ୍ କରିଛନ୍ତି। ଏହି ଯନ୍ତ୍ର ମାଧ୍ୟମରେ ବାୟୁମଣ୍ଡଳରେ ଥିବା ବିଷାକ୍ତ ଗ୍ୟାସକୁ ୯୯.୩ ପ୍ରତିଶତ ବିଶୁଦ୍ଧ କରି ଅମ୍ଳଜାନର ମାତ୍ରା ଅଧିକ କରି ଶରୀର ଭିତରକୁ ଏହା ଛାଡ଼ିବାରେ ସାହାଯ୍ୟ କରିଥାଏ। ବିଶେଷଜ୍ଞଙ୍କ କହିବା ଅନୁସାରେ ଏଥିରେ ଏଭଳି ସିଷ୍ଟମ କରାଯାଇଛି ଯାହା ମାଇକ୍ରୋବ୍ସ (ସୂକ୍ଷ୍ମ ଜୀବାଣୁ)କୁ ସଂଶ୍ଳେଷଣ କରିବା ସହିତ ଅଙ୍ଗାରକାମ୍ଳକୁ ବାହାର କରି ଅମ୍ଳଜାନ ବଢ଼ାଇଥାଏ। ତେଣୁ ଏହା ମଧ୍ୟ ଦେଇ ନିଃଶ୍ୱାସ ନେବା ଅତ୍ୟନ୍ତ ନିରାପଦ। ଏହି ଯନ୍ତ୍ର ସାହାଯ୍ୟରେ ୧୦ ମାଇକ୍ରୋମିଟରରୁ ୦.୪୪ ମାଇକ୍ରୋମିଟର ପର୍ଯ୍ୟନ୍ତ ପାର୍ଟିକଲ୍ ଫିଲ୍ଟର କରିପାରିଥାଏ। ବିଶେଷ ଭାବରେ ଏହାକୁ ଶ୍ୱାସ ସମସ୍ୟା ଥିବା ବ୍ୟକ୍ତି ତଥା ଆଜ୍‌ମା ରୋଗୀଙ୍କୁ ଦୃଷ୍ଟିରେ ରଖି ତିଆରି କରାଯାଇଛି। ଲଗାତର ଏହାକୁ ବ୍ୟବହାର କରିବା ଫଳରେ ଏହାର କାଟ୍ରିଜ୍ ପ୍ରାୟ ୪୦ ଘଣ୍ଟା ବା ୭ ଦିନ ପର୍ଯ୍ୟନ୍ତ ଚାଲିଥାଏ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ରେସ୍ପିରେଟର ପାଇଁ ପାଟେଣ୍ଟ ଫାଇଲ୍ କରାଯାଇଛି ଏବଂ ଏହାର ବ୍ୟବସାୟ ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଛି। ଏହା ବିଭିନ୍ନ ଲୋକଙ୍କ ପାଇଁ ବେଶ ସଫଳତାର ସହ କାର୍ଯ୍ୟ କରିପାରିବ ବୋଲି କୁହାଯାଉଛି।



# ଷ୍ଟେଶନ କୁଲି ଅସଲ ହିରୋ

**ଲକ୍ଷ୍ନୌ:** କରୋନା ପାଇଁ ସାରା ଦେଶ ଲକ୍‌ଡାଉନ୍ ହୋଇଯାଇଥିବାରୁ ବିଭିନ୍ନ ସ୍ଥାନରେ ରହି ଯାଇଥିବା ପ୍ରବାସୀ ଶ୍ରମିକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମାନଙ୍କୁ ସାହାଯ୍ୟ କରିବା ପାଇଁ ବିଭିନ୍ନ ସ୍ତରରେ ଲୋକେ ଆଗେଇ ଆସୁଛନ୍ତି। ଠିକ୍ ଏମିତି ସାହାଯ୍ୟ କରି



ଏବେ ଚର୍ଚ୍ଚାକୁ ଆସିଛନ୍ତି ୮୦ ବର୍ଷୀୟ ଜଣେ କୁଲି। ଲକ୍ଷ୍ନୌ ରେଳ ଷ୍ଟେଶନରେ ଏହି କୁଲି ଜଣକ ହେଉଛନ୍ତି ମୁଜିବୁଲା।

ମୁଜିବୁଲା ଏବେ ଷ୍ଟେଶନରେ ରହି ସବୁ ପ୍ରବାସୀଙ୍କ ବ୍ୟାଗ୍‌ଗୁଡ଼ିକୁ ମାଗଣାରେ ବୋହିନେଇ ସେମାନଙ୍କୁ ଫେରିବାରେ ସାହାଯ୍ୟ କରୁଛନ୍ତି। ଜରୁରୀ ସମୟରେ ତାଙ୍କର ଏଭଳି ସାହାଯ୍ୟ ଏବେ ହଜାର ହଜାର ପ୍ରବାସୀଙ୍କ ମୁହଁରେ ହସ ଫୁଟାଇ ପାରିଛି। ଦିନକୁ ସେ ୮ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ଷ୍ଟେଶନରେ କାମ କରୁଛନ୍ତି ଏବଂ ଥରକେ ସେ ୫୦ କେଜିର ଓଜନ ବି ଉଠାଇ ପାରୁଛନ୍ତି। ତେବେ ପ୍ରବାସୀମାନଙ୍କୁ ସେ ଅନେକ ସମୟରେ ଖାଦ୍ୟ ଏବଂ ପାଣି ମଧ୍ୟ ଯୋଗାଇ ଦେଉଛନ୍ତି। ମୁଜିବୁଲାଙ୍କ ଏହି ମହାନତା ପାଇଁ ଏବେ ତାଙ୍କୁ ବିଭିନ୍ନ ଆଡୁ ପ୍ରଶଂସାର ସୁଅ ଛୁଟିଛି। ତେବେ ଏଭଳି ଏକ ସମୟରେ ଲୋକଙ୍କ ସେବା କରିବାକୁ ସେ ନିଜର କର୍ତ୍ତବ୍ୟ ମନେ କରୁଛନ୍ତି। ତାଙ୍କ ମତରେ ଭବିଷ୍ୟତରେ ଟଙ୍କା ରୋଜଗାର କରିବା ନିମନ୍ତେ ତାଙ୍କୁ ବହୁତ ସମୟ ମିଳିବ, କିନ୍ତୁ ସେବା କରିବା ପାଇଁ ସବୁବେଳେ ସୁଯୋଗ ମିଳିବ ନାହିଁ। ସେଥିପାଇଁ ସେ ସ୍ୱଇଚ୍ଛାରେ ଏଭଳି ସେବା କରୁଛନ୍ତି। ମୁଜିବୁଲାଙ୍କ ଏଭଳି କାମ ପାଇଁ ଏବେ ସୋସିଆଲ୍ ମିଡିଆରେ ତାଙ୍କୁ ଢେର ପ୍ରଶଂସା କରୁଛନ୍ତି ଲୋକେ। ଏତେ ବୟସରେ ଉତ୍ସାହର ସହ ଲୋକଙ୍କ ସେବା କରିବା ପାଇଁ ଆଗେଇ ଆସି ସେ ହିରୋ ପାଲଟି ଯାଇଛନ୍ତି।

# ସୋସିଆଲ ଡିଷ୍ଟାନ୍ସ ଜୋତା

**ନୂଆଦିଲ୍ଲୀ:** ସୋସିଆଲ ଡିଷ୍ଟାନ୍ସ ଶବ୍ଦ ପ୍ରତି ଏବେ ପ୍ରାୟ ସମସ୍ତେ ଅଭ୍ୟସ୍ତ। ପ୍ରତ୍ୟେକ ନିଜ ନିଜ ଜୀବନରେ ସୋସିଆଲ ଡିଷ୍ଟାନ୍ସ ରଖିବା ପାଇଁ ଚେଷ୍ଟା କରୁଛନ୍ତି। ତେବେ ସୋସିଆଲ୍ ଡିଷ୍ଟାନ୍ସିଂ ନିମନ୍ତେ ତିଆରି ହୋଇଛି ଏକ ଜୋତା। ଏହି ଜୋତାକୁ ପିନ୍ଧିଲେ ଲୋକେ ନିଶ୍ଚିତଭାବେ ସୋସିଆଲ ଡିଷ୍ଟାନ୍ସ ପାଳନ କରିପାରିବେ। ଏଭଳି ଏକ ଭିନ୍ନ ଧରଣର ଜୋତା ତିଆରି କରିଛନ୍ତି ରୋମାନିଆର ଜଣେ ଜୋତା ନିର୍ମାତା ଗ୍ରିଗୋରୀ ଲୁପ୍। ରୋମାନିଆର ଟ୍ରାନ୍‌ସିଲଭାନିଆନ୍ ସିଟିର ଏହି ଜୋତା ନିର୍ମାତା ଜଣକ ଲୋକଙ୍କୁ ସାମାଜିକ ଦୂରତା ରକ୍ଷା କରିବା ପାଇଁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ଏହି ଜୋତା ତିଆରି କରିଛନ୍ତି।

ଲୁପଙ୍କ ଏହି ଜୋତାଟି ଆଗପଟକୁ ଅତ୍ୟଧିକ ଲମ୍ବା ଏବଂ ଲେଦରରେ ତିଆରି। ଏହି ଲଙ୍ଗ୍ ନୋଜ୍‌ଡ ଜୋତା ପିନ୍ଧିଲେ ଲୋକେ ପରସ୍ପର ଠାରୁ ଅଲଗା ରହିପାରିବେ। କରୋନା ରୋଗର ଭୟାବହତା ପରେ ବି କିଛି ଲୋକ ସଚେତନ ହେଉ ନ ଥିବା ଦେଖି ଲୁପ୍ ଏଭଳି ଏକ ଜୋତା ତିଆରି କରିବା ପାଇଁ ଚିନ୍ତା କରିଥିଲେ ବୋଲି କହନ୍ତି। ପ୍ରାୟ ୪୦ ବର୍ଷ ହେଲାଣି ଜୋତା ତିଆରି କରୁଥିବା ଲୁପ୍ ଏବେ ଏଭଳି ଏକ ଜୋତା ତିଆରି କରି ସବୁଆଡ଼େ ଚର୍ଚ୍ଚିତ ହୋଇ ପାରିଛନ୍ତି। ଦୁଇଜଣ ଲୋକ ଯଦି ଏଭଳି ଜୋତା ପିନ୍ଧି ସାମ୍ନାରେ କଥାବାର୍ତ୍ତା ହେଉଥିବେ, ତାହେଲେ ସେମାନଙ୍କ ମଧ୍ୟରେ ନିଶ୍ଚିତଭାବେ ଅତିକମ୍‌ରେ ଦେଢ ମିଟର ଦୂରତା ରହିବ। କରୋନା ଭାଇରସ୍ ସଂକ୍ରମଣ ପରେ ଲକ୍‌ଡାଉନ୍ ଯୋଗୁଁ ଲୁପଙ୍କ ବେପାର ବହୁଦିନ ଧରି ବନ୍ଦ ହୋଇ ଯାଇଥିଲା। କିନ୍ତୁ ଏବେ ଏଭଳି ଏକ ସୋସିଆଲ ଡିଷ୍ଟାନ୍ସ ଜୋତା ତିଆରି କରି ସେ ପୁଣି ଥରେ ମାର୍କେଟରେ ଭଲ ବ୍ୟବସାୟ ଆରମ୍ଭ କରିଛନ୍ତି। ତେବେ ଏବେ ବହୁ ମଡେଲ ଓ ସେଲିବ୍ରିଟିଙ୍କ ଠାରୁ ଏଭଳି ଜୋତା ତିଆରି କରିବା ନିମନ୍ତେ ସେ ଆଗୁଆ ଆର୍ଡର ବି ପାଇଲେଣି।



# ଭ୍ୟାକ୍ସିନ୍ ଖୋଜୁଛନ୍ତି ଭାରତୀୟ ବୈଜ୍ଞାନିକ




**ନୂଆଦିଲ୍ଲୀ:** କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପ୍ରାୟ ସବୁ ଦେଶ ଏବେ ଭ୍ୟାକ୍ସିନ୍ ତିଆରି କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଏଭଳି ଏକ ସମୟରେ ଭ୍ୟାକ୍ସିନ୍ ତିଆରି କରିବା ପାଇଁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଟିମ୍‌ରେ ଅଛନ୍ତି ଭାରତୀୟ ମୂଳ ବାସିନ୍ଦା ତଥା ମହିଳା ବୈଜ୍ଞାନିକ ଚନ୍ଦ୍ରାବଳୀ ଦତ୍ତା। ଚନ୍ଦ୍ରାବଳୀଙ୍କ ଜନ୍ମ କୋଲକାତାରେ। ଏବେ ସେ ରହୁଛନ୍ତି ଆମେରିକାରେ। ତେବେ ଭ୍ୟାକ୍ସିନ୍ ତିଆରି ପାଇଁ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଟିମ୍‌ରେ ସ୍ଥାନ ପାଇଥିବାରୁ ବହୁତ ଖୁସି ହେବା ସହ ନିଜକୁ ଗର୍ବିତ ମନେକରୁଛନ୍ତି। ବିଶ୍ୱବିଦ୍ୟାଳୟରେ ସେ ଜେନର ଇନ୍‌ଷ୍ଟିଚ୍ୟୁଟରେ କ୍ଲିନିକାଲ୍ ବାୟୋମେନକ୍ୟୋରିଙ୍ଗ୍ ଫାସିଲିଟିରେ କାମ କରନ୍ତି। ଏହିଠାରେ କରୋନା ଭ୍ୟାକ୍ସିନ୍‌ର ମଣିଷ ଉପରେ ପ୍ରୟୋଗ ନେଇ ଉଦ୍ୟମ ଜାରି ରହିଛି। ତାଙ୍କ ଭଳି ସମସ୍ତ ବୈଜ୍ଞାନିକ ଦିନରାତି ଏଠାରେ ଅନୁସନ୍ଧାନ ଜାରି ରଖିଛନ୍ତି। ତେଣୁ ତାଙ୍କ ଉଦ୍ୟମ ସଫଳ ହେଲେ ମଣିଷ ସମାଜ ଏକ ବଡ଼ ବିପତ୍ତିରୁ ରକ୍ଷା ପାଇପାରିବ ବୋଲି ସେ କହିଛନ୍ତି।

# ପୁଣି ଆଗେଇ ଆସିଲେ ସଲ୍‌ମାନ

**ମୁମ୍ବାଇ:** କରୋନା ମହାମାରୀକୁ ନେଇ ଦେଶ ଏବେ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତିକରୁଛି। ଏହି ସମୟରେ ଅନେକ ଲୋକ ସେମାନଙ୍କର ରୋଜଗାର ହରାଇଥିବା ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଉ ଏହି ସମୟରେ ସହଯୋଗର ହାତ ବଢ଼ାଇଛନ୍ତି ବଲିଉଡ୍‌ର ଅଧିକାଂଶ ସେଲିବ୍ରିଟି। ସବୁବେଳେ ସମସ୍ତଙ୍କ ପାଇଁ ସହଯୋଗର ହାତ ବଢ଼ାଇଥିବା ସଲ୍‌ମାନ ଖାଁ ମଧ୍ୟ ପଛରେ ନାହାନ୍ତି। ସବୁ ସମୟରେ ସେ ଖୋଲା ହୃଦୟରେ ଦାନ କରିଆସିଛନ୍ତି। ନିକଟରେ କରୋନା ଯୋଦ୍ଧାଙ୍କୁ ସାନିଟାଇଜର ବାଣ୍ଟିଥିବା ସଲ୍‌ମାନ ଏବେ ପୁଣିଥରେ ଥିଏଟର କଳାକାରଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ଏକଥା ପ୍ରକାଶ କରିଛନ୍ତି ଯୁବ ସେନା ନେତା ରାହୁଲ କନଲ। ନିକଟରେ ରାହୁଲ ଏକ ୱେବ୍‌ସାଇଟକୁ ଦେଇଥିବା ସାକ୍ଷାତ୍କାରରେ କହିଛନ୍ତି, ଶ୍ରୀ ଶିବାଜୀ ମନ୍ଦିର ନାଟ୍ୟଗୃହ କଳାକାର ଓ ଟେକ୍ନିସିଆନଙ୍କ ଦୁରବସ୍ଥା କଥା ଶୁଣିଲେ, ସେତେବେଳେ ସେ ଏକଥା ସଲ୍‌ମାନଙ୍କ କାନରେ ପକାଇଲେ। ଆଉ ସଲ୍‌ମାନ କାଳ ବିଳମ୍ବ ନ କରି ସେମାନଙ୍କୁ ସାହାଯ୍ୟ କରିବାକୁ ଚାଲି ଆସିଲେ। ଏହି ନାଟ୍ୟ କଳାକାର ଓ ଟେକ୍ନିସିଆନଙ୍କ ପାଇଁ ବଲିଉଡ୍ ଭାଇଜାନ ସଲ୍‌ମାନ ଏକ ରାଶନ କିଟ୍ ପ୍ରଦାନ କରିଛନ୍ତି ବୋଲି ରାହୁଲ କହିଛନ୍ତି। ଅନ୍ୟପଟେ ବଲିଉଡ୍ ଅଭିନେତା ଅଲି ଫଜଲ ଏବେ ଥିଏଟର କଳାକାରଙ୍କର ଏକ ଡାଟାବେସ୍ ପ୍ରସ୍ତୁତ କରୁଛନ୍ତି। ସେ କହିଛନ୍ତି, ଯେଉଁ ଥିଏଟର କଳାକାରଙ୍କ ସାହାଯ୍ୟର ଆବଶ୍ୟକ ରହିଛି ସେମିତି କିଛି ଫୋନ୍ ନମ୍ବର ଯୋଗାଡ଼ କରାଯାଉଛି। ପରେ ଏମାନଙ୍କୁ ସାହାଯ୍ୟ କରାଯିବ ବୋଲି ରାହୁଲ କହିଛନ୍ତି।




# ଜଣେ ଛାତ୍ରୀଙ୍କ ଲାଗି ଚାଲିଲା ବୋଟ୍

**ଆଲାପୁଝା(କେରଳ):** କେବଳ ଜଣେ ଛାତ୍ରୀଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ ସରକାରଙ୍କ ଜଳ ପରିବହନ ବିଭାଗ ସହାୟତାର ହାତ ବଢ଼ାଇଛି। କୋଭିଡ୍-୧୯ ଲକ୍‌ଡାଉନ୍ ପରିସ୍ଥିତିରେ କେରଳରୁ ଆସିଛି ଏଭଳି ଏକ ଖବର। ଘଟଣା ହେଲା, କେରଳର ପଠାନମ୍‌ଥିତ୍ତା ଜିଲା ଅଧୀନ କୁଟ୍ଟାନାଡ୍‌ର ଏମ୍‌ଏନ୍ ବ୍ଲକ୍‌ଠାରେ ରହୁଥିବା ସାନ୍ଦ୍ରା ବାବୁ ନାମ୍ନୀ ଛାତ୍ରୀ କୋଟାୟାମ୍ ଜିଲା କାଞ୍ଚିରମ୍ ଗ୍ରାମସ୍ଥିତ ଏସ୍‌ଏନ୍‌ଡିପି ହାୟର ସେକେଣ୍ଡାରି ସ୍କୁଲରେ ଯୁକ୍ତଦୁଇ ପଢ଼ନ୍ତି। ତେବେ ସାନ୍ଦ୍ରାଙ୍କ ଗାଁ ସମୁଦ୍ର ପତ୍ତନଠାରୁ ନିମ୍ନରେ ରହିଛି। ଲକ୍‌ଡାଉନ୍ ଯୋଗୁ ଏଠାକୁ ଯାତ୍ରୀ ବୋଟ୍ ବନ୍ଦ ରହିଛି। ତେଣୁ ସେ ପରୀକ୍ଷା ଦେବାକୁ ଯିବା ପାଇଁ କୌଣସି ସୁବିଧା ନ ଥିଲା। ସେଥିପାଇଁ ସେ ଚିନ୍ତାରେ ପଡ଼ିଥିଲେ। ଏଭଳି ପରିସ୍ଥିତିରେ ସାନ୍ଦ୍ରାଙ୍କ ଅଭିଭାବକ କେରଳ ରାଜ୍ୟ ଜଳ ପରିବହନ ବିଭାଗ ସହ ଯୋଗାଯୋଗ କରିଥିଲେ। ବିଭାଗ ଏହାକୁ ଅତି ଗୁରୁତର ସହ ନେଇ ତାଙ୍କ ସୁବିଧା ପାଇଁ ଏକ ୭୦ ସିଟ୍ ବିଶିଷ୍ଟ ବୋଟ୍ ଚଳାଇଥିଲା। ୫ଜଣ କ୍ରିଉ ମେମ୍ବର ସହ ଏହି ବୋଟ୍ ୨୯ ଏବଂ ୩୦ ତାରିଖରେ ଛାତ୍ରୀଙ୍କୁ ନେଇ ସ୍କୁଲରେ ପହଞ୍ଚାଇଥିଲା। ସେହିପରି ପରୀକ୍ଷା ଶେଷ ହେବାପରେ ପୁଣି ଛାତ୍ରୀଙ୍କୁ ନେଇ ନିଜ ଗାଁ ଜେଟିରେ ପହଞ୍ଚାଇଥିଲା। ସରକାରଙ୍କ ଏହି ସାହାଯ୍ୟ ପାଇଁ ସେ କୃତଜ୍ଞତା ଜଣାଇ କହିଛନ୍ତି, ଏହା ଆମ ଅସହାୟ ପରିବାର ପାଇଁ ବଡ଼ ସାହାଯ୍ୟ। ବିଭାଗୀୟ ମନ୍ତ୍ରୀ ଏବଂ ନିର୍ଦ୍ଦେଶକ ଶାଜି ଭି ନାୟାରଙ୍କ ସାହାଯ୍ୟ ଯୋଗୁ ମୁଁ ପାଠପଢ଼ା ଜାରି ରଖିବାରେ ସକ୍ଷମ ହୋଇପାରିଛି। ଅନ୍ୟପକ୍ଷରେ ଜଳ ପରିବହନ ବିଭାଗର ନିର୍ଦ୍ଦେଶକ ନାୟାର କହିଛନ୍ତି, ଛାତ୍ରୀଙ୍କୁ ସେବା ଯୋଗାଇବାରେ ସରକାର ଏବଂ ବିଭାଗୀୟ ମନ୍ତ୍ରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଛାତ୍ରୀଙ୍କୁ ଗୋଟିଏ ଦିନ ଯାତ୍ରା ପାଇଁ ମାତ୍ର ୧୮ଟଙ୍କା ଲେଖାଏ ଦେବାକୁ ପଡ଼ିଥିବା ସେ କହିଛନ୍ତି। ବିଭାଗର ଏଭଳି କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଛି।



# ଯୋଗାସନର ଫଟୋ ଶେୟାର କଲେ ଈଷା

**ମୁମ୍ବାଇ:** ଲକ୍‌ଡାଉନ୍ ପରଠାରୁ ବଲିଉଡ୍ ଅଭିନେତା ଅଭିନେତ୍ରୀମାନେ ଘରେ ଏକପ୍ରକାର ବନ୍ଦ ହୋଇଯାଇଛନ୍ତି। ତେବେ ବିଭିନ୍ନ ଉପାୟରେ ସମୟ ବିତାଉଛନ୍ତି। କେହି ଖାଇ ପିଇ ଆରାମ କରୁଥିବାବେଳେ ଆଉ କେତେଜଣ ଫିଟ୍‌ନେସ୍‌କୁ ଗୁରୁତ୍ୱ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ବଲିଉଡ୍ ଅଭିନେତ୍ରୀ ଈଷା କୋପିକର ହେଉଛନ୍ତି ଜଣେ। ସେ ଦେଖିବାକୁ ଯେମିତି ସୁନ୍ଦର ତାଙ୍କର ଅଭିନୀତ ମୁଭିଗୁଡ଼ିକୁ ମଧ୍ୟ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରିଛନ୍ତି। ନିକଟରେ ସେ ନିଜର ଫିଟ୍‌ନେସ୍ ଜର୍ନିକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସେ କେତେକ କଠିନ ଯୋଗର ଭିଡିଓ ଏବଂ ଫଟୋ ଶେୟାର କରିଥିବା ଦେଖିବାକୁ ମିଳିଛି। ସେ ଲେଖିଛନ୍ତି ଯେ, ଯଦି ଆପଣ ଶରୀରକୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ତା'ହେଲେ ପ୍ରତ୍ୟେକ ଦିନ ଯୋଗାସନକୁ ଚ୍ୟାଲେଞ୍ଜ୍‌ର ସହ ନିଅନ୍ତୁ। ସାମର୍ଥ୍ୟ ଥିଲେ କ'ଣ ହେବ, ବଡି ଫ୍ଲେକ୍ସିବୁଲ ହେବା ଦରକାର। ସେ ଆଉ ମଧ୍ୟ ଲେଖିଛନ୍ତି ଯେ, ମୁଁ ଦୀର୍ଘବର୍ଷ ହେଲା ଯୋଗ କରୁଛି। ମୁଁ ଗ୍ୟାରେଣ୍ଟି ଦେଇ କହିପାରିବି, ଆପଣ ଗୋଟେ ଛୁଆକୁ ଜନ୍ମଦେବା ପରେ ମଧ୍ୟ ଆପଣଙ୍କ ଫିଗର ପର୍ଫେକ୍ଟ ରହିପାରିବ। ମା' ହେବା ପରେ ମଧ୍ୟ ମୋର ଫିଗର ଏକ୍‌ଦମ୍ ଠିକ୍ ଅଛି। କିନ୍ତୁ ସମସ୍ତଙ୍କୁ ନିହାତି କିଛି ନା କିଛି ଏକ୍ସରସାଇଜ୍ କରିବା ଦରକାର। ଡାଏଟ୍ କଣ୍ଟ୍ରୋଲ କରିବା ଦରକାର। ତେଲ ଜିନିଷ ଆଭଏଡ୍ କରି ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ। ନିଜ ୬ବର୍ଷ ଝିଅ ରିଆନା ସହିତ ସେ ଯୋଗ କରୁଥିବା ନଜର ଆସିଛନ୍ତି। ସେ ତାଙ୍କ ଝିଅକୁ ଛୋଟବେଳୁ ସବୁ ପ୍ରକାର ଯୋଗାସନ ଶିଖାଇଛନ୍ତି। ତେବେ ତାଙ୍କ ଝିଅ ମଧ୍ୟ ସବୁ କରୁଥିବା ଏହି ଭିଡିଓରେ ଦେଖିବାକୁ ମିଳିଛି। ଏହାକୁ ଫ୍ୟାନ୍‌ମାନେ ଲାଇକ୍ ମଧ୍ୟ କରିଛନ୍ତି।





# ତ୍ୱଚା ପାଇଁ ଗୁଡ଼

**ଗୁଡ଼ ଖାଇବା ନା କେବଳ ସ୍ୱାସ୍ଥ୍ୟ ପକ୍ଷେ ହିତକର ବରଂ ଏହା ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ମଧ୍ୟ ବେଶ୍ ଉପକାରୀ। ତେଣୁ ସୌନ୍ଦର୍ଯ୍ୟ ଉପଚାର ଲାଗି ଏହାକୁ କିପରି ବ୍ୟବହାର କରିବେ ଜାଣି ରଖନ୍ତୁ ଟିପ୍ସ...**

**ଦୂର କରେ ଦାଗ:** ମୁହଁର ଦାଗ ଦୂର କରିବା ପାଇଁ ୧ ଚାମଚ ଗୁଡ଼ ସହିତ ୧ ଚାମଚ ଟମାଟୋ ରସ, ଅଳ୍ପ ଲେମ୍ବୁ ରସ ଓ ଅଳ୍ପ ହଳଦୀ ନେଇ ଭଲଭାବେ ମିଶାନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ।

**ତ୍ୱଚାକୁ କରେ ରିଙ୍କଲ୍ ଫ୍ରି:** ୧ ଚାମଚ ଚା ପତିକୁ ଅଳ୍ପ ପାଣିରେ ଭଲ ଭାବେ ଫୁଟା ଦିଅନ୍ତୁ ଏବଂ ଏକ ପାତ୍ରରେ ଛାଣି ଦିଅନ୍ତୁ। ସେଥିରେ ଏକ ଚାମଚ ଗୁଣ୍ଡଗୁଡ଼, ୧ ଚାମଚ ଅଙ୍ଗୁର ରସ, ଅଳ୍ପ ହଳଦୀ ଓ ଗୋଲାପ ଜଳକୁ ଭଲ ଭାବେ ମିଶାଇ ଫେସ୍ ପ୍ୟାକ ତିଆରି କରନ୍ତୁ। ଏହି ପ୍ୟାକକୁ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ନିୟମିତ ସମୟ ଅନ୍ତରାଳରେ ଏପରି କରିବା ଦ୍ୱାରା ତ୍ୱଚାରେ ଦେଖା ଯାଉଥିବା କୁଞ୍ଚନ ବା ରିଙ୍କଲ୍ ମାର୍କ ଦୂର ହେବା ସହ ତ୍ୱଚା ଅଧିକ ଉଜ୍ଜ୍ୱଳ ଦେଖାଯାଇଥାଏ।

**କେଶକୁ କରେ ମଜଭୁତ:** କେଶ ଝଡ଼ିବା କିମ୍ବା ଡ୍ରାଏ ହେବା ଭଳି ସମସ୍ୟା ଥିଲେ ଏକ ପାତ୍ରରେ ଅଳ୍ପ ଗୁଡ, ମୁଲତାନୀ ମାଟି, ଦହି ଏବଂ ପାଣି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ କେଶରେ ମୂଳରୁ ଅଗ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ଅଧଘଣ୍ଟାରୁ ଏକ ଘଣ୍ଟା ପର୍ଯ୍ୟନ୍ତ ରଖିବା ପରେ ଭଲ ଭାବେ ଧୋଇ ଦିଅନ୍ତୁ। ଏଥିପାଇଁ ମାଇଲ୍ଡ ଶ୍ୟାମ୍ପୁ ବ୍ୟବହାର କରିପାରିବେ। ଏହି ପ୍ୟାକ୍ କେଶ ଝଡ଼ିବା ବନ୍ଦ କରିବା ସହ ଏହାକୁ ନରମ ଏବଂ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ।



# ପାଠପଢ଼ା ଚିନ୍ତାରେ...

**କରୋନା ଲକ୍‌ଡାଉନରେ ପିଲାଙ୍କ ପାଠପଢ଼ାରେ ବି ଯେମିତି ଲାଗିଯାଇଛି ତାଲା। ଯଦିଓ କେତେକ ଶିକ୍ଷାନୁଷ୍ଠାନ ପକ୍ଷରୁ ଏ ସମୟରେ ଅନ୍‌ଲାଇନ୍ ପାଠପଢ଼ା ଜାରି ରହିଛି, ହେଲେ ତାହା ପିଲାଙ୍କୁ ସମ୍ପୂର୍ଣ୍ଣ ଭାବେ ପାଠପଢା ସହ ଯୋଡି ରଖିବା ଲାଗି ଯଥେଷ୍ଟ ନୁହେଁ। ପ୍ରାୟ ଅଢ଼େଇ ମାସର ଲକ୍‌ଡାଉନ ପରେ ଆରମ୍ଭ ହୋଇଛି ଅନ୍‌ଲକ୍-୧। କିନ୍ତୁ ଜୁଲାଇ ଶେଷ ଯାଏ ଶିକ୍ଷାନୁଷ୍ଠାନ ଖୋଲିବନି। ତେବେ ଏଭଳି ସମୟରେ ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତାରେ ମାଆମାନେ...**



କରୋନା ଲକ୍‌ଡାଉନ୍ ପାଇଁ ଖରାଛୁଟିର ଢେର ଦିନ ଆଗରୁ ସ୍କୁଲ, କଲେଜ, କୋଚିଂ ସେଣ୍ଟର ଆଦି ବନ୍ଦ ହୋଇଯାଇଛି। ଆଗକୁ ସ୍କୁଲ ଖୋଲିବ କି ନାହିଁ ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରୁନାହିଁ। ୟା ଭିତରେ ପିଲାଙ୍କ ପାଠପଢ଼ା ପୂରା ଠପ୍। ଅବଶ୍ୟ ଅନ୍‌ଲାଇନ୍‌ରେ ପିଲାଙ୍କର ପାଠପଢ଼ା ହେଉଛି, ହେଲେ ଏନେଇ ସନ୍ତୁଷ୍ଟ ନୁହନ୍ତି ଅଭିଭାବକ। ସେଥିପାଇଁ ତ ଏବେ ପିଲାଙ୍କ ପାଠପଢ଼ା ଚିନ୍ତା ଘାରିଛି ମା'ମାନଙ୍କ। ଯଦିଓ ଅନ୍‌ଲକ୍-୧ ଆରମ୍ଭ ହୋଇଛି ତଥାପି ସ୍ଥିତି ସୁଧୁରି ନ ଥିବାରୁ କରୋନା ସଂକ୍ରମଣ ଭୟରେ ମା'ମାନେ ବାହାରକୁ ପାଠ ପଢ଼ାଇବା ପାଇଁ ପିଲାଙ୍କୁ ଛାଡ଼ିବାକୁ ଭୟ କରୁଛନ୍ତି। ଆଉ ଏ ସମୟରେ ସ୍କୁଲରେ ପାଠପଢ଼ା ନେଇ ବି ଅନିଶ୍ଚିତତା ଜାରି ରହିଛି। କେବେ ସ୍କୁଲ ଖୋଲିବ ଆଉ ସ୍କୁଲ ଖୋଲିଲେ ପାଠପଢ଼ା କେମିତି ହେବ ସେ କଥା ଭାବି ହେଉନି। ଏପଟେ ଅନେକ ଦିନ ଧରି ପିଲାଙ୍କୁ ଘରେ ଖେଳାବୁଲା କରିବା ପାଇଁ ବି ତ ଛାଡ଼ି ହେବନି। ତେଣୁ କରୋନା ସଂକ୍ରମଣ ନେଇ ସଚେତନ ରହିବା ସହ କିପରି ପାଠ ପଢ଼ାଇହେବ ସେ ନେଇ ଏବେ ଧୀରେ ଧୀରେ ବିକଳ୍ପ ଖୋଜିବା ଆରମ୍ଭ କଲେଣି କିଛି ଗୃହିଣୀ।

**ଅନ୍‌ଲାଇନ୍ ପାଠପଢ଼ା ସାହାରା:** ଏବେ ଅଧିକାଂଶ ସ୍କୁଲରେ ଅନ୍‌ଲାଇନ୍‌ରେ ପାଠପଢ଼ା ହେଉଛି। କଲେଜ ବା ବିଶ୍ୱ ବିଦ୍ୟାଳୟ ସ୍ତରରେ ଅନ୍‌ଲାଇନ୍‌ରେ ଶିକ୍ଷକଙ୍କ ସହ ଯୋଗାଯୋଗ ବା ଇଣ୍ଟରାକ୍ଟିଭ କ୍ଲାସ ହେଉଛି। କିନ୍ତୁ ସ୍କୁଲ ପିଲାଙ୍କୁ ପ୍ରି-ରେକର୍ଡ କ୍ଲାସ କରାଯାଉଛି। ଅଧିକାଂଶ ସ୍ଥାନରେ ହ୍ୱାଟ୍ସଆପ୍ ବା ଅନ୍ୟ କୌଣସି ଆପ୍ ମାଧ୍ୟମରେ ଗ୍ରୁପ ମେସେଜରେ କେବଳ ସିଲାବସ୍ ଯୋଗାଇ ଦିଆଯାଇଛି। ହୋମ୍ ୱାର୍କ କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦେବାକୁ କୁହାଯାଉଛି। କିନ୍ତୁ ଏହା ଦ୍ୱାରା ଇଣ୍ଟରାକ୍ଟିଭ ବା ପ୍ରଶ୍ନୋତ୍ତର ତଥା ବର୍ଣ୍ଣନା ଓ ଉଦାହରଣ ଦେବା ସମ୍ଭବ ହେଉ ନ ଥିବାରୁ ପିଲାଙ୍କ ବୁଦ୍ଧି ଓ ମାନସିକ ବିକାଶ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ବିଶେଷଜ୍ଞଙ୍କ କହିବା କଥା ପ୍ରତ୍ୟକ୍ଷ ଶିକ୍ଷାଦାନ ତୁଳନାରେ ପରୋକ୍ଷ ଅନ୍‌ଲାଇନ୍ ଶିକ୍ଷାଦାନ ସେତେଟା ପ୍ରଭାବୀ ନୁହେଁ।

**ଚାଲିଛି ଘରୋଇ ଟ୍ୟୁଶନ:** ଜୁଲାଇ ପୂର୍ବରୁ ସ୍କୁଲ କଲେଜ ଖୋଲିବାର ନାହିଁ। ଜୁଲାଇ ପରେ ଖୋଲିଲେ ବି ସେତେବେଳକୁ ସ୍ଥିତି କ'ଣ ଥିବ ତାହା କହି ହେଉନି। ତେଣୁ ହୁଏତ ମାସେ ଦି'ମାସ ସ୍ଥିତି ଦେଖିଲା ପରେ ପିଲାଙ୍କୁ ସ୍କୁଲ ପଠାଇ ପାରନ୍ତି ବାପା ମାଆ। ଏଭଳି ସ୍ଥିତିରେ ପାଠକୁ ଛାଡ଼ି ହେବନି। ତେଣୁ ଘରୋଇ ଟ୍ୟୁଶନ୍ ଉପରେ ଗୁରୁତ୍ୱ ଦେବା ଆରମ୍ଭ କଲେଣି ମା'ମାନେ। ସାମୂହିକ ଟ୍ୟୁଶନ୍ ବଦଳରେ ଶିକ୍ଷକଙ୍କୁ ଘରକୁ ଡାକିବାକୁ ପସନ୍ଦ କରୁଛନ୍ତି ଏମାନେ। ପରେ ସାର୍‌ଙ୍କ ବସିବା ସ୍ଥାନରେ ସୋସିଆଲ୍ ଡିଷ୍ଟାନ୍ସ ଓ ସାନିଟାଇଜର ବ୍ୟବସ୍ଥା ମଧ୍ୟ କରୁଥିବା ଦେଖିବାକୁ ମିଳୁଛି।



ସୂର୍ଯ୍ୟକାନ୍ତି



ସୀମା

## ଡିଜିଟାଲ୍ ନୁହେଁ ଫିଜିକାଲ ଏନ୍‌ଗେଜ୍‌ମେଣ୍ଟ ଜରୁରୀ

ପିଲାଙ୍କର ମାନସିକ ଆଉ ଶାରୀରିକ ବିକାଶରେ ମା'ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଲକ୍‌ଡାଉନ୍ ସମୟରେ ପିଲାଙ୍କର ସମସ୍ତ ପ୍ରକାରର ନେଗେଟିଭ୍ ଗୁଣକୁ ମା'ମାନେ ହିଁ ଅଧିକ ସାମ୍ନା କରନ୍ତି। ତେଣୁ ଛୁଆଙ୍କର ଭବିଷ୍ୟତ କିପରି ଗଢ଼ିବେ ସେନେଇ ସେମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏବେ ମା'ମାନେ ବିଶେଷଭାବେ ପିଲାଙ୍କର ପାଠପଢ଼ାକୁ ନେଇ ଚିନ୍ତିତ। କିନ୍ତୁ ପିଲାମାନଙ୍କୁ ସିଧାସଳଖ ପାଠ ପଢ଼ କହିଲେ ସେମାନେ ପଢ଼ିବା ପାଇଁ ସେତେଟା ଆଗ୍ରହ ଦେଖାଇବେ ନାହିଁ ବୋଲି କହନ୍ତି ମନୋବିଜ୍ଞାନୀ । ତେଣୁ ପିଲାମାନଙ୍କୁ ଏଡୁଏଣ୍ଟରଟେନମେଣ୍ଟ ସିଷ୍ଟମରେ ପାଠ ପଢାଇବାକୁ ପଡ଼ିବ। କାରଣ ଅନ୍‌ଲାଇନ୍‌ରେ ପାଠପଢ଼ା ଏକ ତରଫା ହେଉଥିବାରୁ ଏହା ପିଲାଙ୍କ ପାଇଁ ବହୁତ ବୋରିଂ। ସେଥିପାଇଁ ଅନ୍‌ଲାଇନ୍‌ରେ ପିଲା ପାଠ କମ୍ ପଢ଼ି ବେଶି ସମୟ ଭିଡିଓ ଗେମ୍ ଦେଖିବ। ତେଣୁ ଏ ସମୟରେ ମା'ମାନେ କେତେଗୁଡ଼ିଏ ଦିଗ ପ୍ରତି ଧ୍ୟାନଦେବା ଉଚିତ।



- ପିଲାଙ୍କୁ ଡିଜିଟାଲ୍ ଏନ୍‌ଗେଜ୍‌ମେଣ୍ଟ ବଦଳରେ ଫିଜିକାଲ୍ ଏନ୍‌ଗେଜ୍‌ମେଣ୍ଟ କରନ୍ତୁ। ପିଲାଙ୍କୁ ଯେଉଁ ସ୍ଥାନକୁ ପଠାଇହେବ ସେଠାକୁ ଖେଳିବା ପାଇଁ ପଠାନ୍ତୁ ଓ ନିଜ ପାଖରେ ଘରର ଛୋଟ ମୋଟ କାମରେ ସାହାଯ୍ୟ ପାଇଁ କୁହନ୍ତୁ। ଏହା ଫଳରେ ପିଲାଙ୍କର ଦାୟିତ୍ୱବୋଧ ସୃଷ୍ଟି ହେବ ଓ ସେମାନଙ୍କର ବ୍ରେନକୁ ଏକ ଗ୍ୟାପ ମିଳିବ। ତେଣୁ ସେମାନଙ୍କ ବ୍ରେନ ଅଧିକ ଇନ୍‌ଫରମେଶନ୍ ନେଇପାରିବ।
- ପିଲାଙ୍କର ବିଶ୍ୱାସ ଜିତିବାକୁ ଚେଷ୍ଟା କରନ୍ତୁ। କାରଣ ସବୁ ବୟସରେ ପିଲାଙ୍କୁ ନିଜ ପାଇଁ ଏକ ସ୍ୱତନ୍ତ୍ରତା ଦରକାର। ତେଣୁ ମା'ମାନେ ସେଭଳି କାମ କରିବା ଉଚିତ, ଯାହାଫଳରେ ପିଲାମାନେ ସେମାନଙ୍କୁ ରୋଲ ମଡେଲ ଭାବିପାରିବେ। ଏଥିପାଇଁ ମା'ମାନେ ପିଲାମାନଙ୍କ ରୁଚିର ଖାଦ୍ୟ କରିବା କିମ୍ବା ସେମାନଙ୍କ ପାଇଁ କିଛି ଜିନିଷ କିଣିବା ଭଳି କାମ କଲେ ସେମାନଙ୍କୁ ଭଲ ଲାଗିବ।
- ମା'ମାନେ ଏବେ ଲକ୍‌ଡାଉନ୍‌ରେ ପିଲାଙ୍କ ସହ ବେଶି ସମୟ କଟାଇବାର ସୁଯୋଗ ପାଉଛନ୍ତି। ତେଣୁ ସେମାନଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟ କଲେ ସେମାନଙ୍କର କେଉଁ କାମରେ ଅଧିକ ଆଗ୍ରହ ରହିଛି ଜାଣିପାରିବେ। ସେମାନଙ୍କ ରୁଚି ଅନୁସାରେ ସେମାନଙ୍କୁ ସୁବିଧା ସୁଯୋଗ ଦେବାପାଇଁ ଚେଷ୍ଟା କରନ୍ତୁ। ଫଳରେ ସେମାନଙ୍କର ସୃଜନାତ୍ମକ ଶକ୍ତି ବୃଦ୍ଧି ପାଇବ।

**- ପ୍ରଫେସର କଳ୍ପନା ସାହୁ,**
ମନୋବିଜ୍ଞାନୀ, ଜାଭିୟର
ବିଶ୍ୱବିଦ୍ୟାଳୟ





### କ'ଣ କରନ୍ତି ଏମାନେ...

**ଆରମ୍ଭ ହେଲାଣି ଟ୍ୟୁଶନ୍:**

*-ସୂର୍ଯ୍ୟକାନ୍ତି ସାହୁ, କଣ୍ଟାପଡ଼ା, ଅଡ଼ଶପୁର, କଟକ*

**ମୋ** ପୁଅ ସପ୍ତମ ଶ୍ରେଣୀରେ ପଢୁଛି। ଲକ୍‌ଡାଉନ୍ ପାଇଁ ଏତେ ଦିନ ସ୍କୁଲ ପଢ଼ା ପୂରା ବନ୍ଦ। ଅନ୍‌ଲାଇନ୍ କ୍ଲାସର ସେମିତି ବିଶେଷ ପ୍ରଭାବ ନାହିଁ। ପିଲାର ଭବିଷ୍ୟତ କଥା ଚିନ୍ତା କରି ଆମେ ଏବେ ତାକୁ ଟ୍ୟୁଶନ୍ ପାଇଁ ଗାଁର ଜଣେ ପରିଚିତ ଲୋକଙ୍କ ପାଖକୁ ପଠାଉଛୁ। ବିଶେଷକରି ଗଣିତ ଓ ଇଂଲିଶ ଦୁଇଟି ବିଷୟରେ ସେ ଗତ ମାସରୁ ଟ୍ୟୁଶନ୍ ହେଉଛି। ସେଠାରେ ତା'ର ସୁରକ୍ଷା ପ୍ରତି ଟ୍ୟୁଶନ ଶିକ୍ଷକ ବେଶ୍ ସଚେତନ। ଏହା ସହିତ ଆମେ ବି ତାକୁ ସାନିଟାଇଜର ସାଙ୍ଗରେ ଦେଇ ପଠାଉଛୁ। ଏହା ବ୍ୟତୀତ ଘରେ ମଧ୍ୟ ମୁଁ ନିଜେ ବି ଅନ୍ୟ ବିଷୟଗୁଡିକୁ ପଢ଼ାଉଛି।

**ସ୍କୁଲ ଖୋଲିବାକୁ ଅପେକ୍ଷା:**

*-ସୀମା ପାଣି, ଚକେଇସିହାଣୀ, ଭୁବନେଶ୍ୱର*

**କ**ରୋନା ଡରରେ ପିଲାଙ୍କ ପାଠ ପଢା ଏତେଦିନ ଧରି ବନ୍ଦ ରହିବା ବି ଠିକ୍ ନୁହେଁ। ତା'ଛଡା ମୋ ପୁଅର ଅନ୍‌ଲାଇନ୍ ପାଠପଢ଼ା ବି ହେଉନି। ସେମାନଙ୍କର କେବଳ ହୋମୱାର୍କ ଦିଆଯାଇଥିଲା। ସେସବୁ ସରିବା ପରେ ଘରେ ଏକା ଏକା ପଢିଲେ ପାଠ ପଢାରେ ମନ ଲାଗିବ ନାହିଁ। ସେଥିପାଇଁ ତାକୁ ଏବେ ଟ୍ୟୁଶନ୍ ସାର୍‌ଙ୍କ ପାଖକୁ ପଠାଉଛି। ସେଠାରେ ସେ ସବୁ ବିଷୟ ପଢୁଛି। ଯଦିଓ ଜୁଲାଇ ଶେଷ ଯାଏ ସ୍କୁଲ ବନ୍ଦ ରହିବ, ତେବେ କେବେ ଖୋଲିବ ତାହା ନେଇ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହେଲାଣି। ତା' ଛଡ଼ା ପିଲାଙ୍କୁ ସ୍କୁଲକୁ ପଠାଇବାକୁ ବି ଡର ଲାଗୁଛି। ସ୍କୁଲ ଖୋଲିଲେ ପରିସ୍ଥିତି କ'ଣ ଅଛି ଦେଖିବା ପରେ ପିଲାଙ୍କୁ ସ୍କୁଲ ପଠେଇବି କି ନାହିଁ ଚିନ୍ତା କରିବି।

# ଫୋନ୍ ବ୍ୟବହାର କରୁଥିଲେ

**ମୋବାଇଲ୍ ଫୋନ୍ ଚୋରି ହେବା କିମ୍ବା ଏଥିରୁ ଡାଟା ଚୋରି ହେବା ଯୋଗୁ ବର୍ତ୍ତମାନ ଅନେକ ମହିଳା ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଏହାକୁ ବ୍ୟବହାର କରିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...**

- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଫୋନ୍ ଆପଣଙ୍କର ଯେତେ ପର୍ସନାଲ୍ ହେଉ ନା କାହିଁକି, ଏଥିରେ ଏଭଳି କିଛି ଡାଟା ଷ୍ଟୋର କରି ରଖନ୍ତୁ ନାହିଁ, ଯାହାର କୌଣସି ବି ଅପବ୍ୟବହାର କରାଯାଇପାରିବ।
- ଘରକୁ ଚାକରାଣୀ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ଲାଗି ବାହାର ଲୋକ ଆସୁଥିଲେ ଫୋନ୍‌କୁ ଏଣେ ତେଣେ ନ ରଖି ସୁରକ୍ଷିତ ସ୍ଥାନରେ ରଖନ୍ତୁ। ସେହିପରି ବାହାରକୁ ଯିବା ସମୟରେ ଯଦି ପକେଟରେ କିମ୍ବା ବ୍ୟାଗ୍‌ରେ ଫୋନ୍ ରଖୁଛନ୍ତି ତେବେ ବାରମ୍ବାର ଚେକ୍ କରିବାକୁ ଭୁଲନ୍ତୁ ନାହିଁ।



- ଏହା ବ୍ୟତୀତ ଫୋନ୍‌କୁ ପାସ୍‌ୱାର୍ଡ ପ୍ରୋଟେକ୍ଟେଡ୍ ରଖନ୍ତୁ। ଏଥିପାଇଁ ଆପଣ ସିକ୍ୟୁରିଟ କୋଡ୍ କିମ୍ବା ପାଟର୍ନ ବ୍ୟବହାର କରିପାରିବେ। ହେଲେ ଯଦି ଆପଣଙ୍କ ଫୋନ୍‌ରେ ଫିଙ୍ଗର୍‌ପ୍ରିଣ୍ଟ ଲକ୍ ସିଷ୍ଟମ ରହିଛି ତେବେ ଏହାର ସୁବିଧା ନେଇପାରିବେ।
- ଫୋନ୍‌ରେ ପାସ୍‌ୱାର୍ଡ ମ୍ୟାନେଜମେଣ୍ଟ ସଫ୍ଟୱେର୍ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏହାକୁ ରଖିବା ଦ୍ୱାରା ଆପଣ କ୍ରେଡିଟ୍ କାର୍ଡ, ପାସ୍‌ୱାର୍ଡ, ଫଟୋ କିମ୍ବା ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ଡାଟା ସୁରକ୍ଷିତ ରଖିପାରିବେ। ଏମିତି କି ଫୋନ୍ ହଜିଗଲେ କିମ୍ବା ଚୋରି ହୋଇଗଲେ ମଧ୍ୟ ବିନା ପାସ୍‌ୱାର୍ଡରେ କେହି ଏହାକୁ ଖୋଲିପାରିବେ ନାହିଁ।
- ବର୍ତ୍ତମାନ ଅନେକ ନାମୀଦାମୀ କମ୍ପାନୀର ଫୋନ୍‌ରେ ଅପ୍‌ଲୋଡିଂ ଏବଂ ଡାଉନ୍‌ଲୋଡିଂରେ ଲକ୍ ସିଷ୍ଟମ୍ ଉପଲବ୍ଧ, ଯାହାଦ୍ୱାରା ଆପଣଙ୍କ ବ୍ୟତୀତ ଅନ୍ୟ କେହି ଚାହିଁଲେ ଫୋନ୍‌ରୁ କୌଣସି ଡାଟା କପି କିମ୍ବା ଫର୍‌ୱାର୍ଡ କରିପାରିବେ ନାହିଁ।
- ଯଦି ଫୋନ୍‌ରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି ତେବେ ସିକ୍ୟୁରିଟି ସିଷ୍ଟମ୍ ରଖନ୍ତୁ। ତଥାପି ଫୋନ୍ ହଜିବା ମାତ୍ରେ ପ୍ରଥମେ ସମସ୍ତ ଅନ୍‌ଲାଇନ୍ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ କରିଦିଅନ୍ତୁ।
- ଫୋନ୍ ହଜିବା ମାତ୍ରେ ସିମ୍ କନେକ୍ସନ୍‌କୁ ତୁରନ୍ତ ବ୍ଲକ କରିଦିଅନ୍ତୁ। ଏହାକୁ ନେଇ କେହି ଯେପରି କୌଣସି ଆପରାଧିକ କାର୍ଯ୍ୟ ନ କରିପାରିବେ ସେଥିପାଇଁ ତୁରନ୍ତ ନିକଟସ୍ଥ ଥାନାରେ ଏନେଇ ଏକ କମ୍ପ୍ଲେନ୍ ଲେଖାଇଦିଅନ୍ତୁ।

**ଖାଦ୍ୟ ରୁଚି**

# ମ୍ୟାଙ୍ଗୋ ଲଡୁ

**ଆବଶ୍ୟକ ସାମଗ୍ରୀ:** ପାଚିଲା ଆମ୍ବ ରସ ଅଧା କପ୍, ଡ୍ରାଏ ଫ୍ରୁଟ୍ସ ଅଧା କପ୍, ନଡିଆ କୋରା ଦେଢ କପ୍, ଗୁଜୁରାତି ପାଉଡର ଏକ ଚାମଚ, କ୍ଷୀର ଅଧା କପ୍।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ଫ୍ରାଇଁ ପ୍ୟାନ୍‌ରେ ଏକ କପ୍ ନଡିଆ କୋରା ନେଇ ହାଲକା ବ୍ରାଉନ ରଙ୍ଗ ହେବା ପର୍ଯନ୍ତ ଭାଜନ୍ତୁ।

ଏବେ ଆମ୍ବ ରସକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ । ସେଥିରେ କ୍ଷୀର, ଡ୍ରାଏ ଫ୍ରୁଟ୍ସ ଏବଂ ଗୁଜୁରାତି ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ଫ୍ରାଇଁ ପ୍ୟାନ୍‌ରେ ପକାଇ ଧୀରେ ଧୀରେ ଗୋଳାନ୍ତୁ। ଧ୍ୟାନ ରଖିବେ ଯେପରି ଏହାର ତଳ ପ୍ୟାନ୍‌ରେ ଲାଗି ନ ଯାଏ। ଏହା ସାମାନ୍ୟ ଅଠାଳିଆ ହୋଇଗଲେ ଚୁଲା ବନ୍ଦ କରିଦିଅନ୍ତୁ। ଏହାକୁ ଅଳ୍ପ ଥଣ୍ଡା କରିବା ପରେ ଧୀରେ ଧୀରେ ଦୁଇ ହାତରେ ଗୋଲ ଗୋଲ କରି ଲଡୁ ପ୍ରସ୍ତୁତ କରନ୍ତୁ। ପ୍ରସ୍ତୁତ ହୋଇଗଲା ମ୍ୟାଙ୍ଗୋ ଲଡୁ। ଏହାକୁ ନିଜେ ଖାଇବା ସହ ଅନ୍ୟମାନଙ୍କୁ ଖୁଆଇବାର ମଜା ନିଅନ୍ତୁ।



## ଦେହଜୀବୀଙ୍କୁ ଖାଦ୍ୟ ଦେବାକୁ ବିଏମ୍‌ସିକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ବ୍ୟୁରୋ)–କରୋନାରେ ସବୁଠି ତାଲା ବନ୍ଦ ଥିବାରୁ ରାଜଧାନୀର ରହୁଥିବା ଦେହଜୀବୀଙ୍କ ଅବସ୍ଥା ଦୁର୍ଦ୍ଦିନରେ କଟୁଛି। ଏଭଳି ପରିସ୍ଥିତିରେ ସେମାନଙ୍କ ନିକଟକୁ ଗ୍ରାହକ ଆସୁ ନ ଥିବାରୁ ଖାଦ୍ୟ ଯୋଗାଡ଼ ପାଇଁ ବହୁ ଅସୁବିଧା ହେଉଛି। ସେମାନଙ୍କୁ ବିନା ରାଶନ କାର୍ଡରେ ଖାଦ୍ୟ ଶସ୍ୟ ଓ ଖାଦ୍ୟ ଯୋଗାଇ ଦେବାକୁ ସୋମବାର ରାଜ୍ୟ ମାନବିକ ଅଧିକାର କମିଶନ(ଓଏଚ୍‌ଆରସି) ବିଏମ୍‌ସି କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଗତ ଶନିବାର ସାମାଜିକ କର୍ମୀ ନମ୍ରତା ଚଢ଼ା କମିଶନଙ୍କ ନିକଟରେ ନିବେଦନ କରିଥିଲେ।



**ସଂକ୍ଷେପରେ**

### ନୂତନ ପ୍ରଶାସନିକ ଭବନର ଶିଳାନ୍ୟାସ

କଟକ ଅଫିସ,୧।୬- ମଧୁସୂଦନ ଆଇନ ମହାବିଦ୍ୟାଳୟ ପରିସରରେ ସୋମବାର ଏକ ନୂତନ ପ୍ରଶାସନିକ ଭବନର ଶିଳନ୍ୟାସ ହୋଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ ଏହାର ଶିଳାନ୍ୟାସ କରିଛନ୍ତି। ଏହି ଭବନର ଶିଳାନ୍ୟାସ ଗତ ମାର୍ଚ୍ଚରେ କରାଯିବାର ଥିଲା, କିନ୍ତୁ କରୋନା ମହାମାରୀ ଯୋଗୁ ଏହାକୁ ବନ୍ଦ ରଖାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ ଜେନେରାଲ ଅଶୋକ ପରିଜା, ଦେବୀପ୍ରସାଦ ଧଳ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଓ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସୁକାନ୍ତ ନନ୍ଦ ଉପସ୍ଥିତ ଥିଲେ।

### ଶକ୍ତି ଶଙ୍କର ହେଲେ ଖୋର୍ଦ୍ଧା ଜିଲା ଓକିଲ ସଂଘ ଅଧକ୍ଷ

ଖୋର୍ଦ୍ଧା ଅଫିସ,୧।୬: ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ଓକିଲ ସଂଘର ପୁଣି ଏକ ମଧ୍ୟବର୍ତ୍ତୀ କାଳୀନ କମିଟି ଗଠନ କରାଯାଇଛି। ବାର୍ କାଉନସିଲ ଚିଠି କ୍ରମାଙ୍କ ୪୧୮୭/୨୦ ପ୍ରକାରେ ବରିଷ୍ଠତା ଭିତ୍ତିରେ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ରଙ୍କୁ ଓକିଲ ସଂଘର ଅଧକ୍ଷ ଭାବେ ମନୋନୀତ କରିଛନ୍ତି। ଏଥିସହିତ ପୂର୍ବରୁ ଗଠିତ କମିଟି ଅଧକ୍ଷ ଶିଶିର କୁମାର ପରିଡା, ମନ୍ମଥ କୁମାର ମିଶ୍ର, ମାନସ ରଞ୍ଜନ ପଟ୍ଟନାୟକ ଏବଂ ହର୍ଷ ପଟ୍ଟନାୟକଙ୍କୁ ସଦସ୍ୟ ଭାବେ ମନୋନୀତ କରିଛନ୍ତି। ଏ ନେଇ ପୂର୍ବତନ ଅଧକ୍ଷ ପରିଡା କୁହନ୍ତି, ରାଜ୍ୟ ବାର କାଉନସିଲ ନିଷ୍ପତ୍ତିକୁ ସମ୍ମାନ ଜଣାଉଛି। ଏହି ନିଷ୍ପତ୍ତି ବିରୋଧରେ ହାଇକୋର୍ଟ ଯିବେ ବୋଲି ସେ କହିଛନ୍ତି।

### ଲକ୍‌ଡାଉନ୍ କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବିରେ ବିକ୍ଷୋଭ

କଟକ ଅଫିସ,୧।୬: ଲକ୍‌ଡାଉନ୍ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ବର୍ଗର ବ୍ୟକ୍ତିଙ୍କୁ ସହାୟତା ଦେବା ଦାବିରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛି ହିନ୍ଦୁସେନା। ରାଶନ କାର୍ଡ ନ ଥିବା ଗରିବ ପରିବାରଙ୍କୁ ରାଶନ ସାମଗ୍ରୀ, ନିଯୁକ୍ତି ହରାଇଥିବା ଯୁବତୀ ଯୁବକଙ୍କୁ ଛୋଟବଡ଼ କମ୍ପାନୀ, କାରଖାନାରେ ଚାକିରି, ବନ୍ଦ ହୋଇଯାଇଥିବା ସଂସ୍ଥା ଯଥା ଚୌଦ୍ୱାର ଓଟିଏମ୍‌ର ପୁନରୁଦ୍ଧାର, ରୋଜଗାର ହରାଇଥିବା ଅଟୋ, ରିକ୍ସା ଚାଳକ ଓ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା, ଉଠାଦୋକାନୀ, ମଠ ଓ ମନ୍ଦିର ଉପରେ ନିର୍ଭରଶୀଳ ପରିବାର, ଫିଲ୍ମ, ଯାତ୍ରା ତଥା ଧାରାବାହିକ କଳାକାର ଓ ମୀନାବଜାର ବ୍ୟବସାୟୀଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ସଙ୍ଗଠନ ଦାବି କରିଛି। ଏହି ୬ଟି ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କୁ ଦିଆଯାଇଛି।

### କ୍ଷୁଦ୍ର ବ୍ୟବସାୟୀ, ସେବାୟତଙ୍କୁ ସହାୟତା ଦାବି

ପୁରୁଣା ଭୁବନେଶ୍ୱର,୧।୬(ଡି.ଏନ୍.ଏ.): ଲକ୍‌ଡାଉନ୍ ପ୍ରଭାବରେ ବହୁ କ୍ଷୁଦ୍ର ବ୍ୟବସାୟୀଙ୍କ ସହ ମନ୍ଦିର ସେବାୟତଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡ଼ିଛି। ଏମାନଙ୍କୁ ସରକାରୀ ସ୍ତରରୁ କୌଣସି ସାହାଯ୍ୟ ଓ ଥଇଥାନ ପ୍ୟାକେଜ ଦିଆଯାଇ ନ ଥିବା ଅଭିଯୋଗ କରି ଭାଜପା ଏକାମ୍ର ନିର୍ବାଚନମଣ୍ଡଳୀ ପକ୍ଷରୁ ସୋମବାର ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ଧାରଣା ଦିଆଯାଇଥିଲା। ତୁରନ୍ତ ରାଜ୍ୟ ସରକାର ସେବାୟତ ଓ ବ୍ୟବସାୟୀଙ୍କୁ ସହାୟତା ଯୋଗାଇଦେବା ପାଇଁ ଦାବି କରାଯାଇଥିଲା। ଭାଜପା ନେତା ବାବୁ ସିଂଙ୍କ ନେତୃତ୍ୱରେ ଜିଲା ଉପସଭାପତି ଶିବପ୍ରସାଦ ବେହେରା, ଲିଙ୍ଗରାଜ ମଣ୍ଡଳ ସଂଯୋଯକ ସୁରେନ୍ଦ୍ର ପ୍ରଧାନ, ତୃପ୍ତିମୟୀ ମକଦ୍ଦମଙ୍କ ସମେତ ବହୁ ଦଳୀୟକର୍ମୀ ଉପସ୍ଥିତ ଥିଲେ।

### ଚିତ୍ରଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ବିୟୋଗରେ ସ୍ମୃତିସଭା

ଭୁବନେଶ୍ୱର,୧।୬(ବ୍ୟୁରୋ)- ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ବିଶିଷ୍ଟ ଭାସ୍କର୍ଯ୍ୟ ଏବଂ ଚିତ୍ରଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ବିୟୋଗରେ ସୋମବାର ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ଏକାଡେମୀ ସଦସ୍ୟମାନେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ୧୯୩୫ରେ ଢେଙ୍କାନାଳ ଜିଲାର କୁସୁନି ଗ୍ରାମରେ ଜନ୍ମଗ୍ରହଣ କରିଥିବା ପ୍ରଧାନ ଖଲ୍ଲିକୋଟସ୍ଥିତ ଚାରୁ ଓ କାରୁକଳା ମହାବିଦ୍ୟାଳୟରୁ ୧୯୬୧ରେ ଚିତ୍ରକଳାରେ ଡିପ୍ଲୋମା ହାସଲ କରିବାପରେ ଚିତ୍ରକଳା ଶିକ୍ଷକଭାବେ କାର୍ଯ୍ୟ କରିଥିଲେ। ପରେ ରାଜ୍ୟ ସରକାରଙ୍କ ଏସ୍‌ସିଇଆର୍‌ଟି ଅଧିନରେ ସ୍କଲାରଶିପ୍ ପାଇ ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ଗସ୍ତ କରିଥିଲେ। ଭାସ୍କର୍ଯ୍ୟ ଏବଂ ଚିତ୍ରକଳା କ୍ଷେତ୍ରରେ ଥିବା ସ୍ୱତନ୍ତ୍ର ଅବଦାନ ପାଇଁ ସେ ଏକାଡେମୀରୁ ୧୯୭୫ରେ ରାଜ୍ୟ ପୁରସ୍କାର ଏବଂ ୧୯୯୮ରେ ସ୍ୱତନ୍ତ୍ରଭାବେ ସମ୍ମାନିତ ହୋଇଥିଲେ। ସଭାରେ ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସିନେ ସମୀକ୍ଷକ ଦିଲୀପ ହାଲି ଉପସ୍ଥିତ ଥିଲେ।

# ୫ବର୍ଷ ହେଲା ମିଳୁନି ଏସ୍‌ଡିପି ପ୍ଲେଟ୍‌ଲେଟ୍

■ କଟକ ରେଡକ୍ରସରେ ୧୦, ଏସ୍‌ସିବିରେ ୫ବର୍ଷ ହେଲା ଆଫେରିସିସ୍ ମେଶିନ ଅଚଳ

■ କମ୍ ପ୍ଲେଟଲେଟ ବୃଦ୍ଧି କରୁଥିବା 'ଆର୍‌ଡିପି' ହିଁ ରୋଗୀଙ୍କ ପାଇଁ ବିକଳ୍ପ

କଟକ ଅଫିସ,୧।୬

ରୋଗୀଙ୍କ ପାଇଁ ଆବଶ୍ୟକ ଥିବା ଏସ୍‌ଡିପି ପ୍ଲେଟ୍‌ଲେଟ୍ ସଂଗ୍ରହ କରିବା ପାଇଁ ଯେଉଁ ମେଶିନ ଦରକାର ପଡ଼େ, ତାହା ଏସ୍‌ସିବି ଓ ରେଡ୍‌କ୍ରସ୍ ବ୍ଲଡ୍‌ବ୍ୟାଙ୍କରେ ଅଚଳ ପଡ଼ିଛି। ଏସ୍‌ସିବିରେ ୫ ବର୍ଷ ଓ ରେଡକ୍ରସ୍ ବ୍ଲଡ୍‌ବ୍ୟାଙ୍କରେ ୧୦ ବର୍ଷ ହେଲା ଏହି ମେଶିନ ଖରାପ ହୋଇ ପଡ଼ିଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ଯାଉନାହିଁ। ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ସବୁଠୁ ଅଧିକ ଗୁରୁତ୍ୱ ବହନ କରୁଥିବା କଟକ ସହରରେ ଦୀର୍ଘ ବର୍ଷ ଧରି ଏସ୍‌ଡିପି ପ୍ଲେଟଲେଟ ମିଳୁ ନ ଥିବାରୁ ଉଭୟ ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ରକ୍ତ ଜମାଟ ବାନ୍ଧିବା ଓ କ୍ଷତ ସ୍ଥାନରେ ପ୍ଲେଟ୍‌ଲେଟ୍‌ର ଭୂମିକା ବେଶ୍ ଗୁରୁତ୍ୱ ଥାଏ। ସେହିପରି କ୍ୟାନସର, କିଡ୍‌ନୀ ଫେଲ୍ୟୁର, ଡେଙ୍ଗୁ ଜ୍ୱର, ରକ୍ତହୀନତା, ଆଣ୍ଠୁଗଣ୍ଠି ବାତ ଆଦି ରୋଗର ଚିକିତ୍ସା ସମୟରେ ପ୍ଲେଟ୍‌ଲେଟ୍‌ର ବହୁଳ ଆବଶ୍ୟକ ପଡ଼ିଥାଏ। ରକ୍ତରେ ଥିବା ଏହି ପ୍ଲେଟଲେଟ ଆବଶ୍ୟକ ସ୍ଥଳେ ରୋଗୀଙ୍କ ପାଇଁ ଏସ୍‌ଡିପି (ସିଙ୍ଗଲ ଡୋନର ପ୍ଲେଟଲେଟ) କିମ୍ବା ଆର୍‌ଡିପି (ର୍‍ୟାଣ୍ଡମ ଡୋନର ପ୍ଲେଟଲେଟ) ଭାବେ ଟ୍ରାନ୍ସଫ୍ୟୁଜ୍ କରାଯାଇଥାଏ। ଉଲ୍ଲେଖଯୋଗ୍ୟ, ଗୋଟିଏ ପ୍ୟାକେଟ ଏସ୍‌ଡିପି ଟ୍ରାନ୍ସଫ୍ୟୁଜ୍ କରିବା ପରେ ରୋଗୀ ଦେହରେ ୬୦,୦୦୦ ପ୍ଲେଟଲେଟ ସଂଖ୍ୟା ବଢୁଥିବା ବେଳେ ଆର୍‌ଡିପି ଦ୍ୱାରା ୫୦୦ରୁ ବି କମ୍ ପ୍ଲେଟଲେଟ ବଢ଼ିଥାଏ। ଉଭୟ ଭିତରେ ୧୨ଗୁଣା ପାର୍ଥକ୍ୟ ରହିଛି। ତେଣୁ ରୋଗୀଙ୍କ ପାଇଁ ପ୍ଲେଟଲେଟର ଆବଶ୍ୟକ ପଡ଼ିଲେ ଡାକ୍ତରମାନେ ପ୍ରଥମେ ପସନ୍ଦ କରିଥାନ୍ତି ଏସ୍‌ଡିପି ପ୍ଲେଟଲେଟ୍। କିନ୍ତୁ ଏହି ଏସ୍‌ଡିପି ପ୍ଲେଟଲେଟକୁ ଡୋନରଙ୍କଠାରୁ ସଂଗ୍ରହ କରିବା ପାଇଁ 'ଆଫେରିସିସ୍' ନାମକ ମେଶିନର ଆବଶ୍ୟକ ପଡ଼େ। କିନ୍ତୁ କଟକର ରେଡକ୍ରସ ବ୍ଲଡବ୍ୟାଙ୍କରେ ଏହି ମେଶିନ୍ ୧୦ବର୍ଷରୁ ଅଧିକ ସମୟ ହେଲା ଖରାପ ହୋଇ ପଡ଼ିଥିବା ବେଳେ ଏସ୍‌ସିବିର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ୫ବର୍ଷ ହେଲା ଖରାପ ହୋଇ ପଡ଼ିଛି। ଫଳରେ ଡାକ୍ତରମାନେ ବାଧହୋଇ କମ୍ ପ୍ଲେଟଲେଟ ବୃଦ୍ଧିକାରୀ ଆର୍‌ଡିପି ରୋଗୀଙ୍କଠାରେ ଟ୍ରାନ୍ସଫ୍ୟୁଜ କରାଇଥାନ୍ତି । ନଚେତ୍ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଭାବେ ଏସ୍‌ଡିପି ପ୍ଲେଟଲେଟ ମଗାଯାଇଥାଏ। ଏନେଇ ଏସ୍‌ସିବି ଅଧୀକ୍ଷକ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ କହିଛନ୍ତି ଯେ, ମେଶିନଟି ଦୀର୍ଘ ଦିନ ଧରି ଖରାପ ଥିବାରୁ ସମସ୍ୟା ଲାଗି ରହିଛି । ଖୁବ୍ ଶୀଘ୍ର ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରି ପ୍ରାଥମିକତା ଭିତ୍ତିରେ ଏହାର ସମାଧାନ କରାଯିବ।

## ଧାନ ସଂଗ୍ରହରେ ଅନିୟମିତତା ନେଇ ଧାରଣା



ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

ପୁରୀ ଅଫିସ, ୧।୬:

ଧାନ ସଂଗ୍ରହରେ ଅନିୟମିତତା ଏବଂ କେତେକ ଜାଗାରେ ମଣ୍ଡି ଖୋଲି ନ ଥିବା ପ୍ରତିବାଦରେ ସୋମବାର ପୁରୀ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଥିଲେ। ପୁରୀ ଜିଲା କୃଷକ ସଂଘର୍ଷ ସମିତିର ଆବାହକ ତପନ ଉପାଧ୍ୟାୟଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା। ଜିଲା ଯୋଗାଣ ଅଧିକାରୀ ସେମାନଙ୍କ ସହ ଆଲୋଚନା କରିବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ। ଆବାହକ ଉପାଧ୍ୟାୟ କହିଛନ୍ତି, କେତେକ ସ୍ଥାନରେ ମଣ୍ଡି ଠିକ୍ ଭାବେ ଖୋଲି ନାହିଁ। ସମବାୟ ସମିତି ସମ୍ପାଦକ ଅନ୍ୟଠାରୁ ଧାନ ଆଣି ଚାଷୀଙ୍କଠାରୁ ଆଣିଥିବା ଦର୍ଶାଇ ମୋଟା ଅଙ୍କର ଲାଭବାନ ହେଉଛନ୍ତି। ହେଲେ ଅନେକ ପ୍ରକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଉ ନାହିଁ। କପିଳେଶ୍ୱରପୁରର ପଥରପଦା, ବିନ୍ଧେଇବସ୍ତ, ବାଲିହାଟ, ଅମୁରୀ, ବନସ୍ତପଦାରେ ମଣ୍ଡି ଖୋଲି ନ ଥିବାରୁ ଲୋକେ ଧାନ ଦେଇପାରୁ ନାହାନ୍ତି। ସେହିପରି କେତେକ ମଣ୍ଡିରେ ୫ରୁ ୮ କିଲୋ ଧାନ କାଟି ନିଆଯାଉଛି। ଏମିତି ଭାବେ ମଣ୍ଡିରେ ଅନିୟମିତତା କରାଯାଉଛି। ପରେ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତି ଦେଓ ସେମାନଙ୍କୁ ଡାକି ଆଲୋଚନା କରିଥିଲେ। ଚାଷୀଙ୍କଠାରୁ ଯେପରି ଠିକ୍ ଭାବେ ଧାନ ସଂଗ୍ରହ କରାଯିବ ସେ ନେଇ ସମବାୟତ ସମିତି ସମ୍ପାଦକଙ୍କୁ କହିଥିଲେ।

## ଗତ ବର୍ଷ ତୁଳନାରେ ୧୧୭ ପ୍ରତିଶତ ଅଧିକ ସମବାୟ ଋଣ

ଭୁବନେଶ୍ୱର, ୧।୬(ବ୍ୟୁରୋ):

କୃଷି କାର୍ଯ୍ୟ ଆଗେଇ ନେବା ପାଇଁ ସମବାୟ ବ୍ୟାଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଫସଲ ଋଣକୁ ତ୍ୱରାନ୍ୱିତ କରାଯାଇଛି ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଚଳିତ ଖରିଫରେ ସମବାୟ ସଂସ୍ଥା ଦ୍ୱାରା ମେ ମାସ ସୁଦ୍ଧା ୨ ହଜାର କୋଟି ଟଙ୍କା ଫସଲ ଋଣ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ବର୍ତ୍ତମାନ ସୁଦ୍ଧା ୨୬୪୯ କୋଟି ଟଙ୍କା ଋଣ ଆକାରରେ ଯୋଗାଇ ଦିଆଯାଇଛି। ଏହା ଗତବର୍ଷ ତୁଳନାରେ ୧୧୭ ପ୍ରତିଶତ ଅଧିକ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ସେ ଆହୁରି କହିଛନ୍ତି, ଗତବର୍ଷ ଏହି ଦିନରେ ସମବାୟ ବ୍ୟାଙ୍କ ଦ୍ୱାରା ୧୨୧୮ କୋଟି ଟଙ୍କାର ଫସଲ ଋଣ ଚାଷୀଙ୍କୁ ଯୋଗାଇ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଚଳିତ ଖରିଫ୍‌ରେ ରାଜ୍ୟ ସରକାରଙ୍କ ସମବାୟ ସଂସ୍ଥା ପକ୍ଷରୁ ଚାଷୀମାନଙ୍କୁ ମୋଟ ୯ ହଜାର କୋଟି ଟଙ୍କା ଫସଲ ଋଣ ଆକାରରେ ଯୋଗାଇ ଦିଆଯିବ । ଏଥି ମଧ୍ୟରୁ ଜୁନ୍ ୧୫ତାରିଖ ମଧ୍ୟରେ ୩୫ଶହ କୋଟି ଟଙ୍କା, ଜୁନ୍ ମାସ ଶେଷ ସୁଦ୍ଧା ୫ହଜାର କୋଟି ଏବଂ ବାକି ୪ ହଜାର କୋଟି ଟଙ୍କା ସେପ୍ଟେମ୍ବର ଶେଷ ସୁଦ୍ଧା ଫସଲ ଋଣ ବାବଦରେ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି । ଫସଲ ଋଣ ପ୍ରଦାନ କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯୁଗ୍ମଦେୟ ଗୋଷ୍ଠୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦିଆଯାଉଛି ।



ଆନ୍ଧ୍ର ପ୍ରଦେଶରେ ଫସିଥିବା ଓଡ଼ିଆ ଶ୍ରମିକମାନଙ୍କୁ ବସ୍ ଯୋଗେ ଭୁବନେଶ୍ୱର ଫେରାଇ ଆଣିଛନ୍ତି ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର ।

## କାର ଧକ୍କାରେ ବାଇକ ଚାଳକ ମୃତ

### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଖୋର୍ଦ୍ଧା ଅଫିସ,୧।୬:

ସଦର ଥାନା ଅନ୍ତର୍ଗତ ଦଳେଇପୁଟ (୧୬ନଂ. ଜାତୀୟ ରାଜପଥ) ଛକ ନିକଟରେ ସୋମବାର ଏକ କାର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦଳେଇପୁଟ ଗ୍ରାମର ମନୋଜ ବେହେରା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଦୁର୍ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, ଦଳେଇପୁଟ ଗ୍ରାମର ମନୋଜ ବାଇକରେ କୌଣସି କାମରେ କୁରାଡମଲ୍ଲ ଯାଇ ଗ୍ରାମକୁ ଫେରୁଥିଲେ। ଦଳେଇପୁଟ ଛକ ନିକଟରେ ପଛପଟୁ ଏକ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ବାଇକରୁ ଛିଟିକି ଏକ ଡିଭାଇଡର ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## କାର୍ଯ୍ୟାଳୟ ନ ଆସି ଏଣିକି ୱେବ୍‌ପୋର୍ଟାଲରେ ଅଭିଯୋଗ

**୨୦୯ ବିଭାଗ ସହ ଏହି ପୋର୍ଟାଲ ଲିଙ୍କ୍ କରାଯାଇଛି**

ଖୋର୍ଦ୍ଧା ଅଫିସ,୧।୬:

ଲକ୍‌ଡାଉନ୍ ପରଠାରୁ ଖୋର୍ଦ୍ଧା ଜିଲାରେ ଜିଲା ମୁଖ୍ୟାଳୟ ସମେତ ବ୍ଲକସ୍ତରରେ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା। ଫଳରେ ସାଧାରଣଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଲୋକଙ୍କ ସମସ୍ୟାର ସମାଧାନ ତଥା ତ୍ୱରିତ ନ୍ୟାୟ ପ୍ରଦାନ ଲାଗି ଜିଲା ପ୍ରଶାସନ ପକ୍ଷରୁ ସୋମବାର ଏକ ୱେବ୍ ପୋର୍ଟାଲ https://janasam-park.khoradha.co.in ଉଦ୍‌ଘାଟିତ ହୋଇଯାଇଛି। ଅଭିଯୋଗକାରୀମାନେ ଏହି ୱେବ୍ ପୋର୍ଟାଲରେ ଅଭିଯୋଗ କରିପାରିବେ। ୱେବ ପୋର୍ଟଲକୁ ସୋମବାର ଜିଲାପାଳ ଶୀତାଂଶୁ କୁମାର ରାଉତ ଉଦ୍‌ଘାଟନ କରି କହିଛନ୍ତି ଯେ, ଏଣିକି କୌଣସି ଅଭିଯୋଗକାରୀଙ୍କୁ ଆଉ ଜିଲା କିମ୍ବା ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡିବାକୁ ପଡ଼ିବ ନାହିଁ। ଏହି ପୋର୍ଟାଲ ଜରିଆରେ ଅଭିଯୋଗ କରିପାରିବେ। ଅଭିଯୋଗ ପାଇବା ପରେ ସେମାନଙ୍କ ସମସ୍ୟା ସମାଧାନ ଲାଗି ସମ୍ପୃକ୍ତ ବିଭାଗ ସହ ଯୋଗାଯୋଗ କରାଯାଇ ସମାଧାନ କରାଯିବ। ପୋର୍ଟାଲରେ ଅଭିଯୋଗ କରିବା ପରେ ଅଭିଯୋଗକାରୀଙ୍କ ମୋବାଇଲକୁ ଏକ ମେସେଜ୍ ଯିବ। ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ନିଜ ଅଭିଯୋଗର ଷ୍ଟାଟସ କ'ଣ ରହିଛି ଜାଣିପାରିବେ। ଏଥିସହିତ କୌଣସି ମତାମତ ଦେବାକୁ ଚାହୁଁଥିଲେ, ତାହା ଦେଇପାରିବେ। ତାହାକୁ ଗ୍ରହଣ କରାଯାଇ ସୁଧାର ଆଣିବାକୁ ଚେଷ୍ଟା କରାଯିବ। ଜିଲାର ୨୦୯ଟି ବିଭାଗ ସହ ଏହି ପୋର୍ଟାଲର ଲିଙ୍କ ରହିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ କୁମାର ଦାସ ପଟ୍ଟନାୟକ, ସହକାରୀ ଜିଲାପାଳ(ଅଭିଯୋଗ) ରବି ନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଉପଖଣ୍ଡରେ ପୁଣି ୭ କରୋନା ପଜିଟିଭ୍

ଖୋର୍ଦ୍ଧା ଅଫିସ,୧।୬:

ଖୋର୍ଦ୍ଧା ଉପଖଣ୍ଡରେ ସୋମବାର ପୁଣି ୭ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବେଗୁନିଆର ୩, ଟାଙ୍ଗୀର ୩ ଏବଂ ଖୋର୍ଦ୍ଧା ବ୍ଲକରୁ ଜଣେ ରହିଛନ୍ତି। ସମସ୍ତ କରୋନା ପଜିଟିଭ୍‌ଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବେଗୁନିଆର ୩ଜଣଙ୍କ ମଧ୍ୟରେ ୫୫ବର୍ଷର ଦୁଇଜଣ ଏବଂ ଜଣେ ୨୮ବର୍ଷୀୟ ପୁରୁଷ ରହିଛନ୍ତି। ସେହିପରି ଟାଙ୍ଗୀ ବ୍ଲକର ୫୧, ୩୭ ଓ ୨୮ବର୍ଷୀୟ ପୁରୁଷ ଏବଂ ଖୋର୍ଦ୍ଧା ବ୍ଲକର ଜଣେ ୨୫ବର୍ଷୀୟ ପୁରୁଷ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ଥିବା ବେଳେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ବେଗୁନିଆ ବ୍ଲକର ୫୫ବର୍ଷୀୟ ପୁରୁଷ ମଧ୍ୟ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ କରୋନା ପଜିଟିଭ୍ ବାହାରିଥିଲା। ବେଗୁନିଆ ବ୍ଲକର ୨ଜଣ ଏବଂ ଟାଙ୍ଗୀ ବ୍ଲକର ୩ଜଣ ପୂର୍ବରୁ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ସୋମବାର ଖୋର୍ଦ୍ଧା ଭୁବନେଶ୍ୱରକୁ ବାଦ୍ ଦେଇ ଜିଲାରୁ ୭୭ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ସେମାନଙ୍କ ମଧ୍ୟରେ ଖୋର୍ଦ୍ଧାର ୮, ଟାଙ୍ଗୀର ୧୩, ବାଣପୁରର ୪୧, ବେଗୁନିଆର ୧୨, ବାଲକାଟୀ ୧, ବାଲିପାଟଣା ଅଞ୍ଚଳର ୨ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ସଙ୍ଗରୋଧ କେନ୍ଦ୍ରରୁ ଜଣେ ପଜିଟିଭ ଚିହ୍ନଟ

ଚୌଦ୍ୱାର,୧।୬(ଡି.ଏନ୍.ଏ.):

କଟକ ଜିଲା ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଗାନ୍ଧୀ ଛକ ଟାଉନ ହଲରେ ରହୁଥିବା ଜଣେ ପ୍ରବାସୀଙ୍କ ନମୁନା ପଜିଟିଭ ଆସିଛି। ପ୍ରକାଶ ଯେ ଉକ୍ତ ବ୍ୟକ୍ତି ଜଣଙ୍କ ୧୦ ଦିନତଳେ ସୁରଟରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ଗତ ୨୯ ତାରିଖ ୧୯ ଜଣଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ଜଣଙ୍କର ପିଜିଟିଭ ଆସିଥିଲା। ଏବେ ଉକ୍ତ ବ୍ୟକ୍ତିଜଣଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତରଣ କରାଯିବ ବୋଲି ପୋରନିର୍ବାହୀ ଅଧିକାରୀ ପବିତ୍ର ବେହେରା ପ୍ରକାଶ କରିଛନ୍ତି।

## ମୁଖ୍ୟରାସ୍ତାରେ ପ୍ରବାସୀଙ୍କ ଧାରଣା

**ସଙ୍ଗରୋଧ କେନ୍ଦ୍ରରେ ବିଭିନ୍ନ ସମସ୍ୟା ଅଭିଯୋଗ**

ନରସିଂହପୁର,୧।୬(ଡି.ଏନ୍.ଏ.)

ନରସିଂହପୁର– କଟକ ମୁଖ୍ୟରାସ୍ତାକୁ କଲେଜ ଛକ ନିକଟରେ ସୋମବାର ପ୍ରବାସୀ ଓଡ଼ିଆମାନେ ଅବରୋଧ କରିଥିଲେ। ନରସିଂହପୁର କଲେଜରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ବିଭିନ୍ନ ସମସ୍ୟା ଥିବା ଅଭିଯୋଗ କରି ସେଠାରେ ରହୁଥିବା ପ୍ରବାସୀ ଧାରଣା ଦେଇଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ସଙ୍ଗରୋଧ କେନ୍ଦ୍ରରେ ୯୦ରୁ ଊର୍ଦ୍ଧ୍ୱ ପ୍ରବାସୀ ରହୁଛନ୍ତି। ମାତ୍ର କେନ୍ଦ୍ରରେ ସେମାନଙ୍କ ପାଇଁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଖାଦ୍ୟସାମଗ୍ରୀ ସମେତ ଉକ୍ତ ଅଞ୍ଚଳକୁ ସାନିଟାଇଜସନ କରାଯାଉନାହିଁ। ସେମାନେ କେନ୍ଦ୍ରରେ ୧୫ରୁ ୨୦ ଦିନ ରହିବା ପରେ ମଧ୍ୟ ସ୍ୱାବ୍ ଟେଷ୍ଟ କରାଯାଉନାହିଁ। ଏହାକୁ ବିରୋଧ କରି ପ୍ରବାସୀମାନେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା, ବିଡିଓ ପ୍ରଶାନ୍ତ କୁମାର ତରାଇ, ସହକାରୀ ଯନ୍ତ୍ରୀ ଦିଲୀପ କୁମାର ବେହେରା, ଅଲରା ସରପଞ୍ଚ ନରେଶ କୁମାର ଧଳ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଆଠଗଡ଼ ବ୍ଲକରୁ ୮୦ ସ୍ୱାବ୍ ସଂଗ୍ରହ

ଖୁଣ୍ଟୁଣୀ,୧।୬(ଡି.ଏନ୍.ଏ.):

ଖୁଣ୍ଟୁଣୀସ୍ଥିତ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୬ ପଞ୍ଚାୟତର କ୍ୱାରାଣ୍ଟାଇନ କେନ୍ଦ୍ରରୁ ସୋମବାର ୮୦ପ୍ରବାସୀଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ କଟିକିଆ ସାହି ପଞ୍ଚାୟତର ସର୍ବେଶ୍ୱର ନୋଡାଲ ବିଦ୍ୟାଳୟ ଅସ୍ଥାୟୀ ସ୍ୱାବ ସଂଗ୍ରହ କେନ୍ଦ୍ରରେ ଉପସ୍ଥିତ ରହି ଉପଖଣ୍ଡ ଚିକିତ୍ସାଧାରୀ ବିଜୟ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାବ ସଂଗ୍ରହ କରିଥିଲେ। ପାଟେଣୀ ଗାଁ, ଧୁରୁଷିଆ, ଓରନ୍ଦା, ରାହାଙ୍ଗୁଳ, ରାଜନଗର, ଦହିସରା, ଘୋରନ୍ଦା, ଅରଖପାଟଣା, ଗୋପୀନାଥପୁର, ଆଙ୍ଗୁଳା ପଞ୍ଚାୟତରେ ଥିବା ପ୍ରବାସୀଙ୍କୁ ଏକ ସ୍ୱତନ୍ତ୍ର ଗାଡ଼ିରେ ନମୁନା ଗ୍ରହଣ କେନ୍ଦ୍ରକୁ ଅଣାଯାଇ ସ୍ୱାବ ସଂଗ୍ରହ କରାଯାଇଛି।

## ରଘୁନାଥ ଆଶ୍ରମ ଲଜ୍ ଉଚ୍ଛେଦ

**ଶ୍ରୀମନ୍ଦିର ସୁରକ୍ଷା ଜୋନ**

ପୁରୀ ଅଫିସ,୧।୬:

କରୋନା ପାଇଁ ବନ୍ଦ ରହିଥିବା ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ କାମ ଆରମ୍ଭ ହୋଇଛି । ଗତ ଶୁକ୍ରବାରଠାରୁ ପୁଣି ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଉଚ୍ଛେଦ ଜାରି ରହିଛି। ଏହି ଅଞ୍ଚଳ ମଧ୍ୟରେ ଥିବା ଘର, ବ୍ୟବସାୟିକ ପ୍ରତିଷ୍ଠାନ, ମଠ ଆଦିର ଜମି ପ୍ରଶାସନ ନିଜ ଦଖଲକୁ ଆଣିବା ପରେ ଉଚ୍ଛେଦ କରୁଛି। ସୋମବାର ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ସମ୍ମୁଖ ରଘୁନାଥ ଆଶ୍ରମ ଲଜ୍ ଭଙ୍ଗାଯାଇଛି। ଏହି ଆଶ୍ରମ କୋଠାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିଛି ପ୍ରଶାସନ। ଏତଦ୍‌ବ୍ୟତୀତ ଆଉ ଦୁଇଟି ଘରୋଇ କୋଠାର କିଛି ଅଂଶ ମଧ୍ୟ ଭଙ୍ଗାଯାଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କାର୍ଯ୍ୟ ଚାଲିଥିବା ବେଳେ ଆଗକୁ ଏହା ଜାରି ରହିବ ବୋଲି ସୂଚନା ମିଳିଛି।



## ବଡ଼ଦାଣ୍ଡରେ ସମାବେଶ: କୋର୍ଟରେ ମାମଲା

ପୁରୀ ଅଫିସ,୧।୬:

କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଶନିବାର ଅପରାହ୍ନରେ ବଡ଼ଦାଣ୍ଡରେ ବହୁସଂଖ୍ୟକ ଲୋକଙ୍କ ସମାବେଶ ହୋଇଥିଲା। ସିଂହଦ୍ୱାର ନିକଟରେ ସାମାଜିକ ଦୂରତ୍ୱ ରକ୍ଷା କରି ବିଭିନ୍ନ ବର୍ଗ (ସେବାୟତ, ପୋଲିସ, ବୁଦ୍ଧିଜୀବୀ, ସାଧାରଣ ଜନତା, ଗଣମାଧ୍ୟମ ପ୍ରତିନିଧି)ର ଲୋକେ ଉପସ୍ଥିତ ଥିବାବେଳେ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ବି ବହୁ ସଂଖ୍ୟାରେ ଲୋକେ ଛିଡ଼ା ହୋଇ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଲକ୍‌ଡାଉନ ସମୟରେ ସାମାଜିକ ସମାବେଶ ଉପରେ ପ୍ରତିବନ୍ଧକ ରହିଥିବାବେଳେ ବଡଦାଣ୍ଡରେ କିପରି ଏତେ ଲୋକ ସମାବେଶ ହେଲେ ବୋଲି ଅଭିଯୋଗ କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସୋମବାର ପୁରୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକ ମାମଲା ରୁଜୁ କରାଯାଇଛି। ପୂର୍ବରୁ ଏ ନେଇ ରବିବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା।

## ରାଜଧାନୀରେ ମହିଳାଙ୍କୁ ଗଣବଳାତ୍କାର

■ ୩ ପୋଲିସ ସମ୍ପୃକ୍ତ ଥିବା ଅଭିଯୋଗ

■ ଥାନା ଘେରାଉ ପରେ ଏତଲା ରଖିଲା ପୋଲିସ

ଭୁବନେଶ୍ୱର, ୧।୬ (ବ୍ୟୁରୋ)

ରାଜଧାନୀରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ଏହି ସ୍ପର୍ଶକାତର ଘଟଣାରେ କମିଶନରେଟ ପୋଲିସର ୩ କର୍ମଚାରୀ ସମ୍ପୃକ୍ତ ଥିବା ନେଇ ଶହୀଦନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ପ୍ରଥମେ ମହିଳାଙ୍କ ଅଭିଯୋଗକୁ ଗ୍ରହଣ କରି ନ ଥିଲା। ସ୍ଥାନୀୟ ବସ୍ତିର ଶତାଧିକ ମହିଳା ଥାନା ଘେରାଉ କରିବା ପରେ ଶହୀଦନଗର ପୋଲିସ ଅଭିଯୋଗ ଗ୍ରହଣ କରିବା ସହ ସୋମବାର ରାତିରେ ଘଟଣାରେ ସମ୍ପୃକ୍ତ ଜଣେ ପୋଲିସ କର୍ମଚାରୀଙ୍କୁ ଉଠାଇ ଆଣି ପଚରାଉଚରା କରୁଛି।

ଅଭିଯୋଗ ଅନୁସାରେ, ରବିବାର ରାତିରେ ସ୍ୱାମୀଙ୍କ ସହ ସମ୍ପୃକ୍ତ ମହିଳାଙ୍କର ଝଗଡ଼ା ହୋଇଥିଲା। ମହିଳା ଜଣକ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ ନେଇ ଥାନାକୁ ଯାଉଥିଲେ। ବାଟରେ ଶାନ୍ତିପଲ୍ଲୀ ବସ୍ତି ନିକଟରେ କେତେଜଣ ପୋଲିସ କର୍ମଚାରୀ ତାଙ୍କୁ ଅଟକାଇ ଘଟଣା ସମ୍ପର୍କରେ ପଚାରିଥିଲେ। ପରେ ତାଙ୍କୁ ଥାନାକୁ ନେଇଯିବେ ବୋଲି କହି ଏକ ଗାଡ଼ିରେ ଜବରଦସ୍ତ ଉଠାଇ ନେଇଥିଲେ। ପ୍ରଥମେ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳକୁ ନେବା ପରେ ସେଠାରୁ ଚନ୍ଦକା ନେଇ ସମସ୍ତେ ତାଙ୍କୁ ବଳାତ୍କାର କରିଥିଲେ। ସକାଳୁ ମହିଳା ଜଣକ ଥାନାରେ ପହଞ୍ଚି ଏନେଇ ଅଭିଯୋଗ କରିଥିଲେ। ହେଲେ ଶହୀଦନଗର ଥାନା ପୋଲିସ ତାହାକୁ ଗ୍ରହଣ କରି ନ ଥିଲେ। ଏ ସମ୍ପର୍କରେ ପଡୋଶୀ ଲୋକଙ୍କୁ କହିବା ପରେ ଥାନା ଘେରାଉ ହୋଇଥିଲା। ଏନେଇ ଶହୀଦନଗର ଥାନା ଅଧିକାରୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ମୁଁ ଜାଣିନାହିଁ, କ'ଣ ହୋଇଛି ବୁଝିବା ପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।



## ପୁଣି ୧୪ କରୋନା ପଜିଟିଭ୍ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ,୧।୬:** ଜଗତ୍‌ସିଂହପୁର ଜିଲାରେ ପୁଣି ୧୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୭, ଗୁଜରାଟ ୩, ତାମିଲନାଡୁ ୨, ପଶ୍ଚିମବଙ୍ଗ ୧ ଓ ଆନ୍ଧ୍ରପ୍ରଦେଶରୁ ଜଣେ। ଏମାନେ କ୍ୱାରେଣ୍ଟାଇନ୍ ସେଣ୍ଟରରେ ଥିଲେ। ଏହି ପ୍ରବାସୀମାନଙ୍କ ମଧ୍ୟରୁ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ୪, କୁଜଙ୍ଗ ୮ ଓ ନାଉଗାଁ ବ୍ଲକର ୨ ଜଣ ବୋଲି ଜଣାଯାଇଛି। ପ୍ରତ୍ୟେକଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର ପାଇଁ ଉଦ୍ୟମ ହେଉଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୯ ତାରିଖରେ ୧୧, ୩୦ ତାରିଖରେ ୬ ଓ ୩୧ ତାରିଖରେ ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୮୨ ହୋଇଥିବାବେଳେ ୩୦ ଜଣ ସୁସ୍ଥ ହୋଇଛନ୍ତି।

## ସଂକ୍ଷେପରେ

### ସ୍ୱାବ ସଂଗ୍ରହ ନ ହେବାରୁ ମଧ୍ୟାହ୍ନଭୋଜନ ବର୍ଜନ

**ଏରସମା,୧।୬(ସ୍ୱ.ପ୍ର.):** ଏରସମା ବ୍ଲକ ଅଧୀନ ଜାନକାଦେଇପୁର ପଞ୍ଚାୟତସ୍ଥିତ ସହାଡ଼ା ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରର ପ୍ରବାସୀଙ୍କଠାରୁ ସ୍ୱାବ ସଂଗ୍ରହ ନ ହେବାରୁ ସେମାନେ ସଂଘବଦ୍ଧ ହୋଇ ମଧ୍ୟାହ୍ନଭୋଜନ ବର୍ଜନ କରିଥିଲେ। ପ୍ରଶାସନିକ ଅଧିକାରୀ ସେମାନଙ୍କୁ ବୁଝାଶୁଝା କରିବା ପରେ ଖାଦ୍ୟ ଗ୍ରହଣ କରିଥିଲେ। ସୂଚନା ଅନୁସାରେ, ଗତ ୨୩ ତରିଖରୁ ୩୦ଜଣ ପ୍ରବାସୀ ସାହାଡ଼ା ସଙ୍ଗରୋଧ କେନ୍ଦ୍ରରେ ରହୁଛନ୍ତି। ସେମାନଙ୍କ ରହିବା ୧୦ ଦିନ ହୋଇ ଯାଇଥିବାରୁ ଗତ ରବିବାର ସ୍ୱାବ ସଂଗ୍ରହ ପାଇଁ ସରପଞ୍ଚ ନର୍ମଦା ପାଳଙ୍କୁ ଅନୁରୋଧ କରିଥିଲେ। ସରପଞ୍ଚ ପାଳ ବିଡିଓଙ୍କ ସହିତ ଆଲୋଚନା କରି ବ୍ୟବସ୍ଥା କରିବେ ବୋଲି କହିଥିଲେ। ସୋମବାର ସ୍ୱାବ ସଂଗ୍ରହ ନ ହେବାରୁ ସେମାନେ ଏପରି କରିଥିଲେ। ସରକାରୀ ନିୟମ ଅନୁସାରେ ଯେଉଁମାନଙ୍କ କରୋନା ସଂକ୍ରମିତ ହେବାର ଲକ୍ଷ୍ୟଣ ପ୍ରକାଶ ପାଇବ, କେବଳ ସେହିମାନଙ୍କ ସ୍ୱାବ ସଂଗ୍ରହ କରାଯିବ ବୋଲି ସରପଞ୍ଚ ସେମାନଙ୍କୁ ବୁଝାଇଥିବା ପ୍ରକାଶ କରିଛନ୍ତି।

### ଗଡିଲାନି ବସ୍, ଯାତ୍ରୀ ହନ୍ତସନ୍ତ

**ରତ୍ନଗିରି, ୧।୬ (ଡି.ଏନ.ଏ.):** ସରକାରଙ୍କ ନିଷ୍ପତ୍ତି ଅନୁସାରେ ଜୁନ୍ ୧ ବା ସୋମବାରଠାରୁ ବସ୍ ଚଳାଚଳ କରିବା କଥା। ହେଲେ ବସ୍ କର୍ମଚାରୀ (ଡ୍ରାଇଭର, କଣ୍ଡକ୍ଟର ଓ ହେଲପର୍)ଙ୍କ ଆନ୍ଦୋଳନ ଯୋଗୁ ବରୀ ବ୍ଲକ ଅଞ୍ଚଳରେ ବସ୍ ଚାଳାଚଳ ବନ୍ଦ ରହିଥିଲା। ଫଳରେ କଟକ, ଭୁବନେଶ୍ୱର, ଘଟଗାଁ ପ୍ରଭୃତି ଅଞ୍ଚଳକୁ ଯିବା ପାଇଁ ବ୍ଲକ ଅଞ୍ଚଳର ବରୀ, ରାଜାତୋଟା, କାଇପଡା ପ୍ରଭୃତି ବସ ଷ୍ଟାଣ୍ଡରେ ଯାତ୍ରୀମାନେ ଅପେକ୍ଷା କରି ଫେରିଯାଇଥିବା ଦେଖିବାକୁ ମିଳିଥିଲା। ସୂଚନାଥାଉ କି, ବସ୍ ଚଳାଚଳ କଲେ ବସ୍ କର୍ମଚାରୀଙ୍କୁ କରୋନା ସଂକ୍ରମଣ ଆଶଙ୍କା ଅଧିକ ରହିଛି। ତେଣୁ ସେମାନଙ୍କର ବୀମା କରା ନ ଗଲେ କର୍ମଚାରୀମାନେ ବସ୍ ଚଳାଚଳରେ ସହଯୋଗ କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ରବିବାର ଦାବିପତ୍ର ପ୍ରଦାନ କରିଥିଲେ।

### ଓଡଗାଁ ଥାନା ଅଧିକାରୀଙ୍କ ବିରୋଧରେ ମାମଲା

**ନୟାଗଡ଼ ଅଫିସ/ଓଡଗାଁ,୧।୬(ସ୍ୱ.ପ୍ର.):** ନୟାଗଡ ଜିଲା ଓଡଗାଁ ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ବଂଶୀଧର ବିଶ୍ୱାଳଙ୍କ ସରକାରୀ ବାସଭବନରୁ କାଠ ଉପକରଣ ଜବତ ହେବାର ପ୍ରାୟ ୩ ଦିନ ବିତିବାକୁ ବସିଛି। ହେଲେ ଏଯାବତ କାର୍ଯ୍ୟାନୁଷ୍ଠାନର ନାଁ ନାହିଁ। ଓଡଗାଁ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡାଙ୍କ ସୂଚନା ଅନୁସାରେ ୨୬/୨୦-୨୧ ଓଆର କେସ୍ ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି । ପ୍ରକାଶ ଯେ, ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସରକାରୀ ବାସଭବନରେ ବନ ବିଭାଗ ଅଜାଣତରେ ଗତ ୨୯ ତାରିଖରେ ଚଢ଼ାଉ ହୋଇଥିଲା। ପରେ ବନ କର୍ମଚାରୀଙ୍କୁ ସାମିଲ କରାଯାଇଥିଲା। ୩ଦିନ ପରେ ବି ଜବତ ଉପକରଣ ସମ୍ପର୍କରେ ବନ ବିଭାଗ ଅଥବା ପୋଲିସ ସୂଚନା ଦେଉ ନାହାଁ। ଥାନା ଅଧିକାରୀଙ୍କ ସରକାରୀ ବାସ ଭବନରୁ ପ୍ରାୟ ୩ ଲକ୍ଷ ଟଙ୍କାର କାଠ ଉପକରଣ ଜବତ ହୋଇଥିବା କୁହାଯାଉଛି । ଏ ନେଇ ଡିଏଫ୍‌ଓ ଧନରାଜ ଏଚ୍‌ଡି କୁହନ୍ତି, ଓଆର କେସ୍ କରାଯାଇ ତଦନ୍ତ ଚାଲୁ ରହିଛି। ଏସ୍‌ପି ପ୍ରତ୍ୟୁଷ ଦିବାକର କୁହନ୍ତି ତଦନ୍ତ ଚାଲିଛି, ତଦନ୍ତ ପରେ ଗଣମାଧମକୁ କୁହାଯିବ।

### ଝିଅାରୀ ହତ୍ୟାକାରୀ ଦାଦା ଗିରଫ

**ନୟାଗଡ଼ ଅଫିସ/ଦଶପଲ୍ଲା,୧।୬ (ଡି.ଏନ୍.ଏ.):** ଝିଅାରୀ ହତ୍ୟା ଅଭିଯୋଗରେ ନୟାଗଡ଼ ଜିଲା ଦଶପଲ୍ଲା ପୋଲିସ ସୋମବାର ଦାଦା ବିପିନ ବିହାରୀ ଦାସ(୩୮)ଙ୍କୁ ଗିରଫ କରିଛି । ଏଥିସହ ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ମଧ୍ୟ ଜବତ କରିଛି । ପ୍ରକାଶ ଯେ, ଦଶପଲ୍ଲା ସହର ମାଳିସାହିରେ ଶୋଇବା ଅବସ୍ଥାରେ ନବନିତା ଦାସ(୧୯) ନାମ୍ନୀ ଯୁବତୀଙ୍କୁ ଶନିବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଥିଲା। ମୃତକଙ୍କ ବାପା ବିରଞ୍ଚି ନାରାୟଣ ଦାସଙ୍କ ଅଭିଯୋଗ କ୍ରମେ ପୋଲିସ ୭୧/୨୦ରେ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତେବେ ପାରିବାରିକ ବିବାଦରୁ ଦାଦା ଝିଅାରୀଙ୍କୁ ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି।

# ଡିଏମ୍‌ଏଫ୍ ପାଣ୍ଠିରୁ ବ୍ୟାସନଗର ବଞ୍ଚିତ

**ଯାଜପୁର ଅଫିସ,୧।୬**

ଖଣି ଖାଦାନ ଭରା ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଜିଲାସ୍ତରରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ଗଠିତ ହୋଇଛି। ଯାଜପୁର ଜିଲାରେ ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ କୋଟି ଟଙ୍କା ଡିଏମଏଫ ପାଣ୍ଠି ରହିଛି। ଜିଲା ସଦର ମହକୁମା ଯାଜପୁର ସହର ସମେତ ବିଭିନ୍ନ ଅଞ୍ଚଳର ବିକାଶରେ ଏହି ପାଣ୍ଠି ଖର୍ଚ୍ଚ ହେଉଛି। କିନ୍ତୁ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ପୌର ପରିଷଦ ପ୍ରତି ବୈମାତୃକ ମନୋଭାବ ପୋଷଣ ହେଉଥିବା ସହରବାସୀ ଅଭିଯୋଗ କରିଛନ୍ତି।

୧୯୯୪ ମେ ୧୯ରେ ଯାଜପୁରରୋଡ୍ ଏନ୍‌ଏସିକୁ ବ୍ୟାସନଗର ପୌର ପରିଷଦ ଭାବେ ସ୍ୱୀକୃତି ମିଳିଥିଲା। ୨୦୦୮ରେ ୨୬ଟି ୱାର୍ଡରେ ଏହା ପରିଣତ ହୋଇଛି। ଏକାଧିକ ଶିଳ୍ପ ଓ ଖଣି ପ୍ରତିଷ୍ଠାନ ଯୋଗୁ ସହରର ଜନସଂଖ୍ୟା ହୁ ହୁ ହୋଇ ବଢ଼ି ଦେଢ଼ଲକ୍ଷ ଟପିଲାଣି। ଏହାର ଭୌଗୋଳିକ ସ୍ଥିତି ପାଣିକୋଇଲିରୁ ଦାନଗଦି ପର୍ଯ୍ୟନ୍ତ ଲମ୍ବିବାରେ ଲାଗିଛି। ପୌର ପରିଷଦ ଗଠନ ହେବାର ଇତିମଧ୍ୟରେ ୨୬ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ହେଲେ ସହରର ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେବାରେ ଲାଗିଛି। ଅଧିକାଂଶ ଗଳିକନ୍ଦି ସମସ୍ୟାରେ ଖୁନ୍ଦି ହୋଇପଡ଼ିଛି। ଏଠାରେ ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବର ଭଳି ଦର୍ଶନୀୟ ସ୍ଥାନ ରହିଛି। ବିଡମ୍ବନା ଯେ, ଏହି ଦର୍ଶନୀୟ ସ୍ଥାନକୁ ଯିବାକୁ ହେଲେ ଖାଲଖମାର ଭରା ରାସ୍ତା ଅତିକ୍ରମ କରିବାକୁ ପଡୁଛି। ଜଗନ୍ନାଥ ଉଦ୍ୟାନ କେବଳ ଫଳକରେ ସୀମିତ ରହିଛି। ନୌକା ବିହାର ହେବ ବୋଲି ନିର୍ମିତ ଏକ ପୋଖରୀ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏଠାକାର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଠିକାଦାରି ରାଜନୀତି ଯୋଗୁ ଗତ କିଛିବର୍ଷ ହେଲା ବିଭିନ୍ନ ଅନୁଦାନରେ ସହରର ପ୍ରମୁଖ ରାସ୍ତାଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟ ଏଭଳି ଚାଲିଛି ଯେ, ମନରେ ଆଶଙ୍କା ଦେଖାଦେବା ସ୍ୱାଭାବିକ ବୋଲି ସହରବାସୀ ପ୍ରକାଶ କରିଛନ୍ତି। ମ୍ୟୁନିସିପାଲିଟି ଓ କଳିଙ୍ଗନଗର ଉନ୍ନୟନ ପ୍ରାଧିକରଣ (କେଏନଡିଏ)



■ଅଧାପନ୍ତରିଆ ବ୍ୟାସ ସରୋବର, ସଂସ୍କୃତି ଭବନ
■ଫଳକରେ ସୀମିତ ଜଗନ୍ନାଥ ଉଦ୍ୟାନ

ମଧ୍ୟରେ ସମନ୍ୱୟର ଅଭାବ ଏବଂ ଦାୟିତ୍ୱ ଖସାଇବା ପ୍ରକୃତି ଯୋଗୁ କୋଟି କୋଟି ଟଙ୍କା ବିନିଯୋଗ ସତ୍ତ୍ୱେ ପ୍ରମୁଖ ରାସ୍ତାଗୁଡ଼ିକର ପ୍ରଶସ୍ତୀକରଣ ଓ ନବୀକରଣର ଉଦ୍ଦେଶ୍ୟ ଫଳବତୀ ହେଉନାହିଁ। ବ୍ୟାସନଗରରେ ଓଡ଼ିଶା ମାଇନିଂ କର୍ପୋରେଶନ(ଓଏମ୍‌ସି) ଓ ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ(ଡିଡିଏମ୍)ଙ୍କ କାର୍ଯ୍ୟାଳୟ ରହିଛି। ଏହାବାଦ୍ ଏହି ସହର ଦେଇ କ୍ରୋମାଇଟ, ଲୁହାପଥର ଆଦି ପରିବହନ ହେଉଛି। ସହରରେ ଖଣି କମ୍ପାନୀରେ କାର୍ଯ୍ୟରତ ଶତାଧିକ କର୍ମଚାରୀ ରହୁଛନ୍ତି। କିନ୍ତୁ ବିଡମ୍ବନା ଯେ, ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ କରି ସହରରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ, ପର୍ଯ୍ୟଟନ, ପାର୍କ ଆଦିର ବିକାଶ କରିବାକୁ ଜିଲା ପ୍ରଶାସନ ଆଗ୍ରହ ଦେଖାଉନାହିଁ।

ଶ୍ରମିକ ନେତା ପ୍ରଫୁଲ୍ଲ ନାୟକ କୁହନ୍ତି, ଡିଏମ୍‌ଏଫ୍ ପାଣ୍ଠି କାହିଁକି ସହରରେ ବିନିଯୋଗ କରାଯାଉ ନାହିଁ ତାହା ବିସ୍ମୟ ସୃଷ୍ଟି କରିଛି। ଜିଲାର ଅନ୍ୟାନ୍ୟ ସ୍ଥାନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ବ୍ୟାସନଗରର ବିକାଶ ପାଇଁ କାହାରି ଆନ୍ତରିକତା ନାହିଁ। ଡିଏମ୍‌ଏଫ୍ ପାଣ୍ଠି ସହରବାସୀଙ୍କ ଅଧିକାର। ତେଣୁ ଜିଲାପାଳ ଏନେଇ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ନାୟକ ଦାବି କରିଛନ୍ତି। ପୂର୍ବତନ ପୌରାଧ୍ୟକ୍ଷ ରସାନନ୍ଦ ମହାନ୍ତି କୁହନ୍ତି, ସବୁକ୍ଷେତ୍ରରେ ବ୍ୟାସନଗରକୁ ଅବହେଳିତ କରାଯାଇଛି। ସଂସ୍କୃତି ଭବନ ଅଧାପନ୍ତରିଆ ଅବସ୍ଥାରେ ପଡିଛି। ଏତେବଡ ସହରରେ ଲୋକଙ୍କ ଚିତ୍ତ ବିନୋଦନ ପାଇଁ ପାର୍କଟିଏ ନାହିଁ। ତେଣୁ କେଉଁ କାରଣରୁ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ ହେଉନାହିଁ ତାହା ବୁଝାପଡୁ ନାହିଁ। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ତଥା ବ୍ୟାସନଗର ପୌର ପରିଷଦର ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ମିଶ୍ର କହିଛନ୍ତି, ସହରର ବିକାଶ ପାଇଁ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

**ଜେନାପୁର, ୧।୬ (ଡି.ଏନ୍.ଏ.):** ଚଣ୍ଡିଖୋଲ-ଦୁବୁରି ୫୩ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ପ୍ରସ୍ତାବିତ ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ବିରୋଧ କରିଛନ୍ତି ସ୍ଥାନୀୟ ଅଞ୍ଜିରା ପଞ୍ଚାୟତବାସୀ। ଏ ନେଇ ସେମାନେ ଯାଜପୁର ଜିଲାପାଳ, ଏସ୍‌ପି, ଅବକାରୀ ଅଧୀକ୍ଷକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅବକାରୀ କମିଶନର, ଧର୍ମଶାଳା ତହସିଲଦାର ଓ ଜେନାପୁର ଥାନାଧିକାରୀଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଅଞ୍ଜିରା ମୌଜାର ପ୍ଲଟ୍ ନଂ.- ୩୨୮୩ ଓ ଖାତା ନଂ.-୧୩୪୧ ଉପରେ ଏକ ସରକାରୀ ଠିପିବନ୍ଦ ମଦ ଦୋକାନ ଖୋଲିବା ପାଇଁ ଚିଠି ସଂଖ୍ୟା-୪୭୫/୧୨.୦୩.୨୦୨୦ରେ ସରକାରୀ ପ୍ରସ୍ତାବ ଆସିଛି। ସେହି ସ୍ଥାନରେ ମଦ ଦୋକାନ ଖୋଲାଗଲେ ଅଞ୍ଚଳରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମିବ। ଚୋରି, ରାହାଜାନୀ, ଅସଦାଚରଣ, ନାରୀ ନିର୍ଯାତନା ମଧ୍ୟ ବଢ଼ିବ। ଏହାଛଡ଼ା ଅଞ୍ଚଳରେ ଅଧିକାଂଶ ଅନୁସୂଚିତ ଜାତି ଓ ଜନ ଜାତିର ଶ୍ରେଣୀର ଲୋକେ ବସବାସ କରୁଥିବା ବେଳେ ସେମାନଙ୍କ ରୋଜଗାର ଟଙ୍କା ଏଥିରେ ଖର୍ଚ୍ଚ ହୋଇଯିବ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ଏନ୍‌ଆଇଏନ୍‌ଏଲ୍ ପୁନଃ କାର୍ଯ୍ୟକ୍ଷମ ନେଇ ରାସ୍ତାରୋକୋ



**ଯାଜପୁର ଅଫିସ, ୧।୬**

କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ୍) କାରଖାନା ପୁଣି କାର୍ଯ୍ୟକ୍ଷମ କରିବା ଏବଂ କର୍ମଚାରୀ ଓ ଶ୍ରମିକଙ୍କ ବକେୟା ଦରମା ପ୍ରଦାନ ଦାବିରେ ସୋମବାର ରାସ୍ତାରୋକୋ ଆନ୍ଦୋଳନ କରାଯାଇଛି। ପ୍ରାୟ ୧ ଘଣ୍ଟା ରାସ୍ତାରୋକୋ ପରେ ପୋଲିସ ନୀଳାଚଳ ବଞ୍ଚାଅ ମିଳିତ ମଞ୍ଚର ପ୍ରାୟ ୨୦ ଜଣ କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରିଥିଲା। ତେବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ଶ୍ରମ ବିଭାଗ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କଳିଙ୍ଗନଗର ଥାନାଧିକାରୀ, କମ୍ପାନୀ କର୍ତ୍ତୃପକ୍ଷ ଓ ମଞ୍ଚର କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ୩୦ରେ ଲକ୍‌ଡାଉନ୍ ଚାଲିଥିବା ସମୟରେ ଏନ୍‌ଆଇଏନ୍‌ଏଲ୍ କାରଖାନାକୁ ବନ୍ଦ କରି ଦିଆଯାଇଥିଲା। ଏହାଫଳରେ କାରଖାନାରେ କାର୍ଯ୍ୟରତ ହଜାର ହଜାର ଶ୍ରମିକ ଓ କର୍ମଚାରୀ ଜୀବିକା ହରାଇଥିଲେ।

## ୨ ଗାଁ ଶଟ୍‌ଡାଉନ ଘୋଷଣା କଲେ ଜିଲାପାଳ

**ନୟାଗଡ଼ ଅଫିସ,୧।୬**

ନୟାଗଡ଼ ସଦର ବ୍ଲକ ବାଲୁଗାଁ ପଞ୍ଚାୟତର ଖେଡପଡା ଓ ଜୟମଙ୍ଗଳ ପ୍ରସାଦ ଗାଁକୁ ଜିଲାପାଳ ପୋମା ଟୁଡୁ ୪୮ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରୁ ଏହା କାର୍ଯ୍ୟକାରୀ ହେବ। ଖେଡପଡା ଅଞ୍ଚଳରେ ଜଣେ କରୋନା ଆକ୍ରାନ୍ତ ସମ୍ପର୍କରେ ରିପୋର୍ଟ ମିଳିବା ପରେ ସୋମବାର ସନ୍ଧ୍ୟାରେ ଜିଲାପାଳ ଟୁଡୁ, ଡିଏଫ୍‌ଓ ଏଚ୍‌ଡି ଧନରାଜ, ଏସ୍‌ପି ପ୍ରତ୍ୟୁଷ ଦିବାକର, ନୟାଗଡ ତହସିଲଦାର ଭିକାରି ସାହୁ ପ୍ରମୁଖ ବାଲୁଗାଁ ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।

## ଜବତ କରି ଛଡ଼ାଗଲା ୫ ମୋରମ ବୋଝେଇ ହାଇୱା

**ଯାଜପୁର ଅଫିସ,୧।୬**

**ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ଗ୍ରାମବାସୀ**

ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ପଞ୍ଚାୟତ ମଲାରିଆ ରାସ୍ତାରେ ସୋମବାର ବେଆଇନ ଭାବେ ମୋରମ ପରିବହନ କରୁଥିବା ୫ଟି ହାଇୱା ଗାଡ଼ିକୁ ବ୍ୟାସନଗର ତହସିଲ କର୍ମଚାରୀ ଜବତ କରି ଛାଡ଼ିଦେଇଛନ୍ତି। ତହସିଲ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ନିଜ ଜମିରୁ ମୋରମ ଉତ୍ତୋଳନ କରାଉଥିଲେ। ହେଲେ ଗ୍ରାମ ରାସ୍ତା ଦେଇ ମୋରମ ଚାଲାଣକୁ ମଲାରିଆ ଓ ଏହାର ଆଖପାଖ ଲୋକେ ବିରୋଧ କରିଥିଲେ। ଭାରିଯାନ ଚଳାଚଳ ଯୋଗୁ ଗ୍ରାମ୍ୟ ରାସ୍ତାର ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହେଉଥିବା ଅଭିଯୋଗ କରି ଗ୍ରାମବାସୀ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ଏହାପରେ ସେମାନେ ବେଆଇନ ଭାବେ ହେଉଥିବା ମୋରମ ଚାଲାଣ ସମ୍ପର୍କରେ ବ୍ୟାସନଗର ତହସିଲଦାର ଓ ବନ ବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ଯାଜପୁରରୋଡ୍ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଗାଡ଼ିଗୁଡ଼ିକରୁ ଫାଇନ ଆଦାୟ ନ କରି ପଳାଇ ଯାଇଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସନ୍ଧ୍ୟାରେ ପଛିକୋଟ ରାଜସ୍ୱ ସର୍କଲ ଅଧିକାରୀ ସୁଜିତ ସାମଲ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରାଯାଇଥିବା ଦର୍ଶାଇଥିଲେ ଏବଂ ଫାଇନ ଆଦାୟ କରାଯିବ ବୋଲି କହି ଗାଡ଼ିଗୁଡ଼ିକୁ ଛାଡ଼ି ଦେଇଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ହେଲେ ନିୟମ ଅନୁଯାୟୀ ଫାଇନ ଆଦାୟ କରାଯିବ ବୋଲି ବ୍ୟାସନଗର ତହସିଲଦାର ଶରତ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

## କୋରୁଅ ପଞ୍ଚାୟତର ୨ ୱାର୍ଡ କଣ୍ଟେନମେଣ୍ଟ ଜୋନ୍

**ନାଉଗାଁ,୧।୬(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅଞ୍ଚଳରୁ ସୋମବାର ୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଓଷକଣା ପଞ୍ଚାୟତର ହୋଇଥିବା ବେଳେ ଅନ୍ୟ ଜଣେ କୋରୁଅ ପଞ୍ଚାୟତର। ଏହାପରେ ପ୍ରଶାସନ ପକ୍ଷରୁ ବ୍ଲକ ଅଧୀନ କୋରୁଅ ପଞ୍ଚାୟତର ୧୧ ଓ ୧୮ନଂ ୱାର୍ଡକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। କୋରୁଅ ପଞ୍ଚାୟତର ଚିହ୍ନଟ ବ୍ୟକ୍ତି ପଶ୍ଚିମବଙ୍ଗରୁ ଫେରିଥିଲେ। ତାଙ୍କୁ ଗଜରାଜପୁର ପଞ୍ଚାୟତର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିଲା। ସ୍ୱାବ ସଂଗ୍ରହ ପରେ ଘରକୁ ପଠାଇ ଦିଆଯାଇଥିଲା। ଯେହେତୁ ସଂକ୍ରମିତ ଘରକୁ ଯାଇଥିଲେ। ତେଣୁ ପଞ୍ଚାୟତର ଗାରୋଇସ୍ଥିତ ୩ଟି ସାହିର ୩ଟି ପରିବାର, ଗାରୋଇ ନିକଟସ୍ଥ ତେଲସରା ଗ୍ରାମର ଏକ କ୍ଲବ ଓ ୨ ଟି ଦୋକାନ ଗୃହକୁ ସିଲ କରାଯାଇଛି। ଅନ୍ୟ ଜଣଙ୍କ ଚେନ୍ନାଇରୁ ସାଇକେଲରେ ଆସିଥିଲେ। ତାଙ୍କୁ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ରଖାଯାଇଥିଲା ବୋଲି ବିଡିଓ ରଶ୍ମିରେଖା ମଲ୍ଲିକ ସୂଚନା ଦେଇଛନ୍ତି।

## ଋଣ କିସ୍ତି ପାଇଁ ଚାପ ପକାଉଛନ୍ତି ଘରୋଇ ବ୍ୟାଙ୍କ

**ରଘୁନାଥପୁର,୧।୬(ଡି.ଏନ.ଏ.)**

**ଜିଲାପାଳ ଦୃଷ୍ଟିଦେବାକୁ ମହିଳାଙ୍କ ନିବେଦନ**

ଲକ୍‌ଡାଉନ୍ ଯୋଗୁ ଅନେକ ଲୋକ କାମ ହରାଇ ଘରେ ବସିଛନ୍ତି। ମାତ୍ର ଗ୍ରାମାଞ୍ଚଳରେ ଛତୁ ପୁଟିଲା ଭଳି ଗଢ଼ି ଉଠିଥିବା ଘରୋଇ ବ୍ୟାଙ୍କ(ଅର୍ଥ ଲଗାଣକାରୀ ସଂସ୍ଥା)ଋଣ କିସ୍ତି ପଇଠ ପାଇଁ ମହିଳାଙ୍କ ଉପରେ ଚାପ ପକାଉଥିବା ଅଭିଯୋଗ ହୋଇଛି। ଏପରି କି ଋଣ ନେଇଥିବା ମହିଳାଙ୍କୁ ଚକ୍ରବର୍ତ୍ତୀ ସୁଧ ହାରରେ ଋଣ ଆଦାୟ ହେବା ସମ୍ପର୍କରେ ଧମକ ଦିଆଯିବା ସହ ଆବଶ୍ୟକସ୍ଥଳେ ସେମାନଙ୍କୁ କଳା ତାଲିକାଭୁକ୍ତ କରିଦେବା ପାଇଁ ଧମକ ମିଳୁଛି। ଫଳରେ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ୍ ଅଧୀନ ଛପଡ଼ା ପଞ୍ଚାୟତରେ। ସୂଚନା ଅନୁସାରେ, ଜଗତ୍‌ସିଂହପୁର, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକ୍ ଅଞ୍ଚଳରେ ଥିବା ୧୦ ଘରୋଇ ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ କେରାକେରା ଗ୍ରାମର ୭୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଗ୍ରୁପ୍ ଜରିଆରେ ଋଣ ଦିଆଯାଇଛି। ସାପ୍ତାହିକ, ପନ୍ଦର ଦିନ ଓ ମାସିକିଆ ଭାବେ ଉକ୍ତ ବ୍ୟାଙ୍କର କର୍ମଚାରୀ ମହିଳାଙ୍କଠାରୁ ସୁଧ ସହ ଋଣ କିସ୍ତି ଆଦାୟ କରିଥାନ୍ତି। ଏବେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଋଣ କିସ୍ତି ଆଦାୟ ବାଧ୍ୟତାମୂଳକ କରା ନ ଯିବା ସମ୍ପର୍କରେ ନିର୍ଦ୍ଦେଶ ରହିଛି। ତେବେ ଉକ୍ତ ଘରୋଇ ବ୍ୟାଙ୍କର କର୍ମଚାରୀ ମହିଳାଙ୍କୁ ଜୋର ଜବରଦସ୍ତ ଋଣ କିସ୍ତି ପଇଠ ପାଇଁ ବାଧ୍ୟ କରୁଛନ୍ତି ବୋଲି ଦମୟନ୍ତୀ ସ୍ୱାଇଁ ଅଭିଯୋଗ କରିଛନ୍ତି। କିସ୍ତି ପଇଠ ନ କଲେ ଧମକ ଦେଉଛନ୍ତି ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି। ଅପରପକ୍ଷରେ ବେପାର ବନ୍ଦ ଥିବା ଏବଂ ନିଜ ପରିବାର ଚଳାଇବା କଷ୍ଟକର ହେଉଥିବାବେଳେ କେଉଁଠୁ ଅର୍ଥ ଆଣି ଋଣ ପରିଶୋଧ କରିବୁ ବୋଲି ପ୍ରିୟଙ୍କା ଦାସ ନାମକ ମହିଳା କହିଛନ୍ତି। ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ସମୟ ଦେବାକୁ ଦାସ ଅନୁରୋଧ କରିଛନ୍ତି। ସେହିପରି ଗୀତାଞ୍ଜଳି ସ୍ୱାଇଁ, ଲୋଚନା ସାମଲ, ସ୍ୱାଗତିକା ଦାସ ଓ ସରୋଜିନୀ ଦାସ ପ୍ରମୁଖ ଚକ୍ରବର୍ତ୍ତୀ ସୁଧକୁ ବିରୋଧ କରିବା ସହ ଜିଲାପାଳ ଏଥିରେ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଛନ୍ତି। ଘରୋଇ ବ୍ୟାଙ୍କଗୁଡ଼ିକ ମହିଳାଙ୍କୁ ସହଯୋଗ ନ କଲେ ଆଗାମୀ ଦିନରେ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବେ ବୋଲି କହିଛନ୍ତି।

## ୩ କରୋନା ଆକ୍ରାନ୍ତ ଚିହ୍ନଟ, ୬ ସୁସ୍ଥ

**ନୟାଗଡ଼ ଅଫିସ:୧।୬**

ନୟାଗଡ଼ ଜିଲାରେ ସୋମବାର ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୟାଗଡ଼ ବ୍ଲକ ଲାଠିପଡା କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୪୦ ଓ ୨୦ ବର୍ଷ ବୟସର ୨ଜଣ ଏବଂ ନୂଆଗାଁ ବ୍ଲକ ସୋରଡା କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୩୪ ବର୍ଷର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତେ ସୁରଟ ଫେରନ୍ତା। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତ ସଂଖ୍ୟା ୬୮ରେ ପହଞ୍ଚିଛି। ସେହିପରି ସୋମବାର ୬ଜଣଙ୍କୁ ମିଶାଇ ମୋଟ ୨୭ଜଣ ସୁସ୍ଥ ହୋଇଥିବା ସିଡିଏମ୍‌ଓ ସୁଧାଂଶୁ ଶେଖର ଷଡଙ୍ଗୀ ସୂଚନା ଦେଇଛନ୍ତି।

## ଯୁବକଙ୍କୁ ହତ୍ୟା ଅଭିଯୋଗ

**ନୟାଗଡ଼ ଅଫିସ:୧।୬**

ନୟାଗଡ଼ ଟାଉନ ଥାନା ବଲାଙ୍ଗୀର ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ତୁଳସୀପୁର ପୋଲ ତଳୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ଲେଙ୍କା (୪୨), ଘର ତୁଳସୀପୁରରେ। ହତ୍ୟା ପରେ ପୋଲତଳେ ଫିଙ୍ଗାଯାଇଥିବା ନେଇ ମୃତକଙ୍କ ଭାଇ ରଙ୍କନିଧି ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୮୧/୨୦ରେ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରଙ୍କନିଧିଙ୍କ ଅଭିଯୋଗ ଅନୁସାରେ ୩ବର୍ଷ ହେଲା ତାଙ୍କ ପରିବାରକୁ ବାସନ୍ଦ କରାଯାଇଛି। ଗାଁରେ ସବୁ କାର୍ଯ୍ୟରେ ତାଙ୍କ ପରିବାରକୁ ଅସହଯୋଗ କରାଯାଉଛି। ବାସନ୍ଦ ନେଇ ବିଭିନ୍ନ ସମୟରେ ଥାନା ଓ ପ୍ରଶାନକୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିଲାନି। ରବିବାର ଅପରାହ୍ନ ଓ ସନ୍ଧ୍ୟାରେ ଭାଇ ପୂର୍ଣ୍ଣଚନ୍ଦ୍ରଙ୍କ ସହ କେତେଜଣ ଲୋକଙ୍କ ଝଗଡ଼ା ହୋଇଥିଲା। ପରେ ରାତିରୁ ସେ ନିଖୋଜ ଥିଲେ। ସୋମବାର ପୋଲତଳୁ ଉଦ୍ଧାର ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ଓ ରକ୍ତ ବାହାରୁଥିବା ଦେଖାଯାଇଥିଲା।

## ଫନୀ ସହାୟତାରୁ ବଞ୍ଚିତ ମୁଗଚାଷୀଙ୍କ ପ୍ରତିବାଦ



ପଞ୍ଚାୟତ ଅଫିସ୍ ଆଗରେ ଚାଷୀଙ୍କ ବିକ୍ଷୋଭ।

**ନାଉଗାଁ,୧।୬(ସ୍ୱ.ପ୍ର.)**

ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ମୁଗଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି। କିନ୍ତୁ ଯେଉଁ ରିପୋର୍ଟ ଆଧାରରେ ସହାୟତା ପ୍ରଦାନ କରାଯାଇଛି ସେଥିରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ନାଉଗାଁ ବ୍ଲକ ଅଧୀନ ଗଜରାଜପୁର ପଞ୍ଚାୟତର ଚାଷୀ ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଟାୟାର ଜାଳି ଏହାର ପ୍ରତିବାଦ କରିଥିଲେ। ପରେ ଚାଷୀଙ୍କ ପକ୍ଷରୁ ଏକ ଅଭିଯୋଗ ପତ୍ର ବିଡିଓ ରଶ୍ମିରେଖା ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗରେ ଚଞ୍ଚକତାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି। ଯଦି ଏହାର ତଦନ୍ତ କରାଯାଇ ପକୃତ ଚାଷୀଙ୍କୁ କ୍ଷତିପୂରଣ ଦିଆ ନ ଯାଏ ତେବେ ଚାଷୀ ଆଗାମୀ ଦିନରେ କୃଷି କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ବିଡିଓ ରଶ୍ମିରେଖା ମଲ୍ଲିକ କହିଛନ୍ତି, ତଦନ୍ତ କରାଗଲା ପରେ ଯାହାକିଛି ପଦକ୍ଷେପ ନିଆଯିବ। ପ୍ରକାଶ ଯେ, ପଞ୍ଚାୟତ ସମିତି ବୈଠକରେ ଫନୀ ରିପୋର୍ଟ ଠିକରେ କରାଯାଇ ନ ଥିବା ନେଇ ବିଧାୟକ ପ୍ରଶାନ୍ତ ମୁଦୁଲି ଅସନ୍ତୋଷ ପ୍ରକାଶ କରିଥିଲେ। ତେଣୁ ଠିକ ରିପୋର୍ଟ ପ୍ରଦାନ କରିବା ପାଇଁ ସେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା ହୋଇ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି।

## ଭାଲୁ ମୃତ୍ୟୁ: ବନ ବିଭାଗ ଉପରେ ସନ୍ଦେହ

**ସୁକିନ୍ଦା, ୧।୬ (ଡି.ଏନ୍.ଏ.)**

■ବନ ବିଭାଗ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଲେ ପରିବେଶବିତ୍
■ଭାଲୁ ଧରିବାକୁ ବ୍ୟବହାର କରାଯାଇଥିଲା ଟ୍ରାଙ୍କୁଲାଇଜର, ରବର ଗୁଳି
■ଭାଲୁଟି ବୟସ୍କ ହୋଇଯାଇଥିଲା, ସଂକ୍ରମଣ ଯୋଗୁ ତା'ର ମୃତ୍ୟୁ ଘଟିଛି: ବନ ବିଭାଗ

ଯାଜପୁର ଜିଲା ସୁକିନ୍ଦା ବନାଞ୍ଚଳ ଅଧୀନ ହରିପୁର କଲେଜ ସନ୍ନିକଟରୁ ରବିବାର ଅପରାହ୍ନରେ ଏକ ଭାଲୁର ମୃତଦେହ ଉଦ୍ଧାର କରିଛି ବନ ବିଭାଗ। ଭାଲୁଟି ବୁଢ଼ା ହୋଇଯାଇଥିବା ବେଳେ ସଂକ୍ରମଣ ଯୋଗୁ ତା'ର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ଏ ନେଇ ସ୍ଥାନୀୟ ପରିବେଶବିତ୍, ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି।

ଶନିବାର ରାତିରେ ଭାଲୁଟି ଉକ୍ତ ଅଞ୍ଚଳକୁ ପଶି ଆସିଥିବା ଜଣାପଡ଼ିବା ପରେ ରବିବାର ପୂର୍ବାହ୍ନରୁ ଭାଲୁକୁ ଧରିବା ପାଇଁ ବନ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିଲା। ବହୁଚେଷ୍ଟା ସତ୍ତ୍ୱେ ଭାଲୁକୁ କାବୁ କରାଯାଇପାରି ନ ଥିଲା। ଅପରାହ୍ନ ପ୍ରାୟ ୩ଟା ବେଳେ ଏକ ବୁଦାମୂଳରୁ ଭାଲୁର ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ ଭାଲୁକୁ ଧରିବା ପାଇଁ ବନ ବିଭାଗର ପ୍ରାୟ ୪୦ କର୍ମଚାରୀ ନିୟୋଜିତ ହୋଇଥିଲେ। ସେମାନେ ଟ୍ରାଙ୍କୁଲାଇଜର ବ୍ୟବହାର କରିବା ସହ ରବର ଗୁଳିର ବ୍ୟବହାର କରିଥିଲେ। ଏହାଫଳରେ ଭାଲୁର ମୃତ୍ୟୁ ହୋଇଥାଇପାରେ ବୋଲି ସ୍ଥାନୀୟ ଲୋକେ ସନ୍ଦେହ ବ୍ୟକ୍ତ କରିଛନ୍ତି। ଏହାଛଡ଼ା ଭାଲୁର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପୂର୍ବରୁ ବନ ବିଭାଗ ପକ୍ଷରୁ ତରବରିଆ ଭାବେ ଖବରଦାତା ସମ୍ମିଳନୀ କରାଯାଇ ମୃତ୍ୟୁର କାରଣ ବୟସ ଓ ସଂକ୍ରମଣ ବୋଲି କହିବା ସ୍ଥାନୀୟ ଲୋକଙ୍କ ସନ୍ଦେହକୁ ଆହୁରି ଦୃଢ଼ୀଭୂତ କରିଛି। ଏ ସମ୍ପର୍କରେ ସୁକିନ୍ଦା ବନଖଣ୍ଡ ରେଞ୍ଜର ବିପିନ ବିହାରୀ ରାଉତରାୟଙ୍କୁ ପଚାରିବାରେ ଭାଲୁକୁ କାବୁ କରିବା ପାଇଁ ସକାଳୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚେଷ୍ଟା କରାଯାଇଥିଲେ ବି ତାକୁ ଧରାଯାଇ ପାରି ନ ଥିଲା। ମାତ୍ର ଅପରାହ୍ନ ୩ଟା ବେଳେ ଏକ ବୁଦା ନିକଟରେ କାଉ ଉଡୁଥିବା ଦେଖି ସେଠାକୁ ଯିବା ପରେ ଭାଲୁର ମୃତଦେହ ପଡ଼ିଥିବା ଦେଖାଯାଇଥିଲା। ବୟସାଧିକ ସହ ମାନସିକ ରୋଗ ଥିବାରୁ ଭାଲୁର ମୃତ୍ୟୁ ଘଟିଛି ବୋଲି ଅନୁମାନ କରାଯାଉଛି ବୋଲି ରେଞ୍ଜର କହିଛନ୍ତି। ଯାଜପୁର ଡିଏଫଓ କହିଛନ୍ତି, ବୟସ୍କ ହୋଇଯାଇଥିବା ସହ ସଂକ୍ରମଣ ଯୋଗୁ ଭାଲୁର ମୃତ୍ୟୁ ଘଟିଛି ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପଟେ ସୁକିନ୍ଦା ଭିଇଏସ୍ ଶୁଖେନ୍ଦୁ ରାୟ କୁହନ୍ତି, ଭାଲୁର ମୃତଦେହ ବ୍ୟବଚ୍ଛେଦ ପରେ ସୁକିନ୍ଦା ବନବିଭାଗ ପକ୍ଷରୁ ପୋତି ଦିଆଯାଇଛି। ଏହାଛଡ଼ା ଭାଲୁର ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିଲା ବୋଲି ସେ କହିଛନ୍ତି।

## ବ୍ଲକ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ

**ଖଣ୍ଡପଡ଼ା, ୧।୬ (ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକର ସହକାରୀ ଯନ୍ତ୍ରୀଙ୍କ ବଦଳି ବାତିଲ ଦାବିରେ ସୋମବାର ବ୍ଲକ ଅଧ୍ୟକ୍ଷଙ୍କ ସମେତ ପଞ୍ଚାୟତ ଲୋକପ୍ରତିନିଧି ବ୍ଲକ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ସହକାରୀ ଯନ୍ତ୍ରୀ ବୃନ୍ଦାବନ ବରିହାଙ୍କର ଭାପୁର ବ୍ଲକକୁ ବଦଳି ହୋଇଥିବା ଜଣାପଡିବା ପରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏହାକୁ ବିରୋଧ କରିଥିଲେ। ଏ ନେଇ ସେମାନେ ନୟାଗଡ଼ ଜିଲାପାଳଙ୍କୁ ଅବଗତ କରିଥିଲେ ସୁଦ୍ଧା ସୁଫଳ ମିଳି ନ ଥିଲା। ଫଳରେ ସେମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ହରତାଳ କରିଥିଲେ। ପରେ ବ୍ଲକ ଅଧ୍ୟକ୍ଷ ପ୍ରଧାନ ଏକ ଖବରଦାତା ସମ୍ମିଳନୀ କରି ଜିଲା ପ୍ରଶାସନର ଖାମଖିଆଲି ନୀତିକୁ ସମାଲୋଚନା କରିଥିଲେ। ଆନ୍ଦୋଳନରେ ସରପଞ୍ଚ ଚନ୍ଦ୍ରକାନ୍ତ ବଳିଆରସିଂ, ସମିତି ସଭ୍ୟ ବିଜୟ କୁମାର ନନ୍ଦ, କୃଷ୍ଣଚନ୍ଦ୍ର ସାହୁ, ସଦାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତଥିଲେ।

## ସଂକ୍ଷେପରେ

### ୭ ନୁହେଁ ୧୪ ଦିନ ହୋମ୍ କ୍ୱାରାଣ୍ଟାଇନ୍ ବଢ଼ିଲା ସଙ୍ଗରୋଧ ଅବଧି

**ବାରିପଦା ଅଫିସ,୧।୬:** ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀମାନଙ୍କ ହୋମ୍ କ୍ୱାରାଣ୍ଟାଇନ୍‌ର ଅବଧିକୁ ବୃଦ୍ଧି କରାଯାଇଛି। ୭ ଦିନ ବଦଳରେ ପ୍ରବାସୀମାନେ ୧୪ ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବେ। ଜିଲା ପ୍ରଶାସନ ପକ୍ଷରୁ ସୋମବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ ଜିଲାକୁ ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀମାନେ ୧୪ ଦିନ ବିଦ୍ୟାଳୟରେ ସଙ୍ଗରୋଧରେ ରହୁଥିଲେ। ଏହା ପରେ ୭ ଦିନ ସେମାନେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ କୁହାଯାଇଥିଲା। ଏଣିକି ୧୪ ଦିନ ଜଣେ ପ୍ରବାସୀ ହୋମ୍ କ୍ୱାରାଣ୍ଟାଇନରେ ରହିବେ। ଯଦି ଗୃହରେ ସଙ୍ଗରୋଧର ବ୍ୟବସ୍ଥା ନ ଥିବ ତାହା ହେଲେ ପ୍ରଶାସନ ପକ୍ଷରୁ ଗ୍ରାମାଞ୍ଚଳରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀମାନେ ରହିବେ। ସେହିଭଳି ସହରାଞ୍ଚଳରେ ମଧ ସମାନ ନିୟମ ଲାଗୁ କରାଯାଇଛି। ସହରାଞ୍ଚଳକୁ ଫେରିଥିବା ପ୍ରବାସୀଙ୍କ ଘରେ ଯଦି ସଙ୍ଗରୋଧରେ ରହିବାର ବ୍ୟବସ୍ଥା ନ ଥାଏ ତେବେ ସେମାନେ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ଭଡ଼ା ପୈଠ କରି ରହିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

### କୃତ୍ରିମ ପ୍ରଜନନରୁ ୨ବାଛୁରୀ ଜନ୍ମ

ବନ୍ତ,୧।୬(ସ୍ୱ.ପ୍ର.)-ବନ୍ତ ବ୍ଲକ ଓଡଙ୍ଗ ପଞ୍ଚାୟତ ବୋଡକ ପାଟଣା ଗ୍ରାମରେ ଜଣେ ଗୋପାଳକଙ୍କ ଶଙ୍କର ଜାତୀୟ ଗାଈ ଠାରୁ କୃତିମ ପ୍ରଜନନ କରାଯାଇଥିଲା। ସୋମବାର ଉକ୍ତ ଗାଈ ୨ ଟି ମାଈ ବାଛୁରୀ ଜନ୍ମ ଦେଇଥିବା ପଶୁ ଚିକିତ୍ସା ବିଭାଗ ପକ୍ଷରୁ ସୂଚନା ମିଳିଛି। ଓଡଙ୍ଗ ପ୍ରାଣୀ ଚିକିତ୍ସା କେନ୍ଦ୍ରର ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତ ଉକ୍ତ ଗ୍ରାମର ଗୌରାଙ୍ଗ ବେହେରାଙ୍କ ଏକ ଶଙ୍କର ଜାତୀୟ ଗାଈ ଠାରେ କୃତିମ ପ୍ରଜନନ କରାଇଥିଲେ। ୨ଟି ଯାକ ଛୁଆ ଓ ମା' ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଥିବା ରାଉତ ଜଣାଇଛନ୍ତି। ଗୋପାଳନ କରି ପରିବାର ପୋଷଣ କରୁଥିବା ଗୌରାଙ୍ଗ ନିଜ ଗାଈ ଠାରୁ ୨ଟି ମାଈ ବାଛୁରୀ ପାଇ ଖୁସି ଅଛନ୍ତି। ବିଭାଗ ପକ୍ଷରୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ, ବ୍ଲକ ଭାରପ୍ରାପ୍ତ ପଶୁ ଚିକିତ୍ସା ଅଧିକାରୀ ପ୍ରାଣୀ ନିରୀକ୍ଷକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ବିରଳ ପ୍ରଜାତିର କଇଁଛ ଉଦ୍ଧାର



**ବାରିପଦା ଅଫିସ,୧।୬:** ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଧୀନ ଦେଉଳିସ୍ଥିତ ଜମ୍ବୀରା ଡ୍ୟାମ୍‌ରୁ ସୋମବାର ଏକ ବିରଳ ପ୍ରଜାତିର କଇଁଛ ଉଦ୍ଧାର କରାଯାଇଛି। ସକାଳେ କିଛି ମତ୍ସ୍ୟଜୀବୀ ମାଛ ଧରୁଥିବା ବେଳେ ଏହି କଇଁଛଟି ଜାଲରେ ଲାଗିଥିଲା। ଏହାର ଓଜନ ୩୦ କେ.ଜିରୁ ଊର୍ଦ୍ଧ୍ୱ ହେବ। ଖବର ପାଇ ଦେଉଳି ରେଞ୍ଜ କର୍ମଚାରୀମାନେ ପହଞ୍ଚି କଇଁଛଟିକୁ ଉଦ୍ଧାର କରି ପୁନର୍ବାର ଡ୍ୟାମ୍‌ରେ ଛାଡ଼ି ଦେଇଥିଲେ।

# ନେପାଳରୁ ଫେରିଲେ ଫସିଥିବା ଶ୍ରମିକ

ଭଦ୍ରକ ଅଫିସ, ୧।୬

ଲକ୍‌ଡାଉନ କାରଣରୁ ଭଦ୍ରକ ଓ କେନ୍ଦୁଝର ଅଞ୍ଚଳର ୪୭ ପ୍ରବାସୀ ଶ୍ରମିକ ନେପାଳରେ ଫସିରହିଥିଲେ। ସୋମବାର ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ବସ୍ ଯୋଗେ ସେମାନେ ଭଦ୍ରକରେ ପହଞ୍ଚିଛନ୍ତି।

ନେପାଳର ବିରିଗଞ୍ଜ ଜିଲାରେ ଫସି ରହିଥିବା ଏହି ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ଭଦ୍ରକ ଜିଲା ଧାମନଗର ବ୍ଲକ ଭଗବାନପୁର ଗାଁର ସାମାଜିକ କର୍ମୀ ସନ୍ତୋଷ କୁମାର ମହାପାତ୍ର ଟୁଇଟର୍ ଯୋଗେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ, ସ୍ୱତନ୍ତ୍ର ବିପର୍ଯ୍ୟୟ ଓ ପରିଚାଳନା ସଚିବ, ନେପାଳ ଦୂତାବାସ ଓ ଭାରତୀୟ ଦୂତାବାସ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଏହି ପ୍ରବାସୀ ଓଡ଼ିଆମାନଙ୍କୁ ନେପାଳରୁ ଅଣାଯିବା ପାଇଁ ବ୍ୟବସ୍ଥା ହୋଇଥିଲା। ଏପରିକି ଜଣଙ୍କ ପିଛା ଖର୍ଚ୍ଚ ହୋଇଥିବା ୨୫୫୦ ଲେଖାଏଁ ଟଙ୍କା ବାଲେଶ୍ୱର ଜିଲା ପ୍ରଶାସନ ବହନ କରିଥିବା ନେଇ ପ୍ରବାସୀମାନେ ଖୁସିବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାର ଓ ବାଲେଶ୍ୱର ଜିଲା ପ୍ରଶାସନର ସ୍ୱତନ୍ତ୍ର ସହାୟତା ଓ ସହାନୁଭୂତିକୁ ପ୍ରବାସୀମାନେ ଭୁଲି ପାରିବେ ନାହିଁ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଭଦ୍ରକରେ ପହଞ୍ଚିବା ପରେ ସେମାନେ ପଞ୍ଜୀକୃତ ହୋଇ ସଙ୍ଗରୋଧ ଗୃହକୁ ଯାଇଥିବା ଜଣାପଡ଼ିଛି।



ଭଦ୍ରକକୁ ଫେରିଥିବା ପ୍ରବାସୀମାନେ।

# ମୟୂରଭଞ୍ଜରେ ଖୋଲିଲା ୨୪ ସ୍ୱତନ୍ତ୍ର କୋଭିଡ୍ କେୟାର ସେଣ୍ଟର

ବାରିପଦା ଅଫିସ,୧।୬

ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ କୋଭିଡ୍ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଜିଲାର ସମସ୍ତ ଉପଖଣ୍ଡ ଅନ୍ତର୍ଗତ ସହରାଞ୍ଚଳ ଓ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୨୪ଟି ସ୍ୱତନ୍ତ୍ର କୋଭିଡ୍ କେୟାର ସେଣ୍ଟର ଖୋଲାଯାଇଛି। ଏଥିରେ ମୋଟ ୧୩୧୬ ଶଯ୍ୟାର ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାର ବାଙ୍କିଶୋଳଠାରେ କୋଭିଡ୍ ହସ୍ପିଟାଲ ଖୋଲିଥିବା ବେଳେ ସେଠାରେ ପଜିଟିଭ ଆକ୍ରାନ୍ତମାନଙ୍କୁ ରଖାଯାଇ ଚିକିତ୍ସିତ କରାଯାଉଛି। ଏଠାରେ ୨୦୦ ସଂଖ୍ୟକ ଶଯ୍ୟା ରହିଛି। ଯଦି ଆଗାମୀ ଦିନରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ହୁଏ ତେବେ ଏହି ନୂତନ ୨୪ଟି ସ୍ୱତନ୍ତ୍ର କୋଭିଡ୍ କେୟାର ସେଣ୍ଟରରେ ସେମାନଙ୍କୁ ଚିକିତ୍ସିତ କରାଯିବ ବୋଲି ପ୍ରଶାସନ ସୂଚନା ଦେଇଛି।

ଉଦଳା ଉପଖଣ୍ଡର କପ୍ତିପଦାଠାରେ ୫୦ ଶଯ୍ୟା, ଗୋପବନ୍ଧୁନଗରରେ ୫୦, ଉଦଳା ଆଞ୍ଚଳିକ ବିଜ୍ଞାପନ ପରିଷଦ ଓ ବ୍ଲକରେ ୧୦୦, ଖୁଣ୍ଟାରେ ୫୦, କରଞ୍ଜିଆ ଉପଖଣ୍ଡର କରଞ୍ଜିଆର ତାଟୋଠାରେ ୫୦, ଠାକୁରମୁଣ୍ଡାରେ ୩୮, ଯଶିପୁରରେ ୩୬ ଓ ଶୁକ୍ଳିରେ ୪୦ ଶଯ୍ୟାର ବ୍ୟବସ୍ଥା କରାଯାଇଛି। ସେହିପରି ରାଇରଙ୍ଗପୁର ଉପଖଣ୍ଡ କୁସୁମିରେ ୫୦, ବିଜାତଳାରେ ୬୦, ଜାମଦା ବ୍ଲକରେ ୮୦, ବହଳଦାରେ ୫୦, ରାଇରଙ୍ଗପୁରରେ ୫୦, ବିଶୋଇରେ ୫୦, ତିରିଂରେ ୫୦ ଓ ରାଇରଙ୍ଗପୁର ପୌର ପରିଷଦରେ ୧୧୬ଟି ଶଯ୍ୟାର ବ୍ୟବସ୍ଥା କରାଯାଇଛି। ସେହିଭଳି ବାରିପଦା ଉପଖଣ୍ଡରେ ଥିବା ରାସଗୋବିନ୍ଦପୁର ବ୍ଲକରେ ୫୦, କୁଲିଅଣାରେ ୪୦, ବାରିପଦା ବ୍ଲକରେ ୫୦, ବାଙ୍ଗିରିପୋଷିରେ ୪୦, ଶୁଳିଆପଦାରେ ୪୦, ମୋରାଡ଼ାରେ ୪୦ ବେଡ୍, ବଡସାହିରେ ୪୦ ଓ ବାରିପଦା ପୌରପରିଷଦ ଅଞ୍ଚଳରେ ୧୦୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍ କେୟାର ସେଣ୍ଟର ବ୍ୟବସ୍ଥା କରାଯାଇଛି।

# ମାଟି ତଳୁ ମିଳିଲା ପୁରାତନ ଦୀପସ୍ତମ୍ଭ

ଚମ୍ପୁଆ/ଝୁମ୍ପୁରା/ପାଟଣା, ୧।୬(ଡି.ଏନ.ଏ/ସ୍ୱ.ପ୍ର.)

ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଝୁମ୍ପୁରା ବ୍ଲକ ଟୁକୁଡିହା ପଞ୍ଚାୟତ ଅଧୀନ ରସବନ୍ତଳା ଗ୍ରାମରୁ ପୁରାତନ କାଳରେ ବ୍ୟବହାର ହେଉଥିବା ସୌଖୀନଯୁକ୍ତ କାରୁକାର୍ଯ୍ୟ ସମ୍ପନ୍ନ ଏକ ଦୀପସ୍ତମ୍ଭ ମାଟି ତଳୁ ଉଦ୍ଧାର କରାଯାଇଛି। ଏହା ରାଜା ରାଜରାଜୁଡ଼ା ସମୟରେ ବ୍ୟବହାର କରାଯାଉଥିଲା ବୋଲି ଅନୁମାନ କରାଯାଇଛି। ସୋମବାର ସକାଳୁ ରସବନ୍ତଳା ଗ୍ରାମର ଯୁବ ସାମାଜିକ କର୍ମୀ ଇଂ ବିନୋଦ କୁମାର ନାଏକ ତାଙ୍କ ବାଡିରେ ହଳ କରୁଥିବା ସମୟରେ କୌଣସି ଏକ ଜିନିଷ ତାଙ୍କ ଲଙ୍ଗଳରେ ଲାଗୁଥିବା ଅନୁମାନ କରିଥିଲେ। ପରେ ତାହା ଖୋଳିବାରୁ ଏହା ଏକ ପୁରାତନ ଦୀପସ୍ତମ୍ଭ ବୋଲି ଜାଣିବାକୁ ପାଇଥିଲେ। ଏହି ଦୀପସ୍ତମ୍ଭର ରଙ୍ଗ ରୂପାର ରଙ୍ଗ ହୋଇଥିବା ବେଳେ ଏହାର ଓଜନ ପ୍ରାୟ ୩ .କି.ଗ୍ରାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଇଛି। ସୂଚନାଯୋଗ୍ୟ, ବହୁ ବର୍ଷ ପୂର୍ବରୁ ଅସନପାଟ ଅଞ୍ଚଳରେ ଶିବଙ୍କ ଏକ ନଟରାଜ ମୂର୍ତ୍ତି ଉଦ୍ଧାର ହୋଇ ତାହା ଏବେ ସଂଗ୍ରହାଳୟରେ ଶୋଭା ବର୍ଦ୍ଧନ କରୁଛି। ତେଣୁ ସ୍ଥାନୀୟ ଅଞ୍ଚଳରେ ବହୁ ପୁରାତନ କୀର୍ତ୍ତିରାଜି ଭୂମିଷ୍ଠ ଅବସ୍ଥାରେ ରହିଥିବା ସ୍ଥାନୀୟ ଲୋକେ ମତ ଦେଇଛନ୍ତି। ଏଣୁ ସରକାରଙ୍କ ପକ୍ଷରୁ ଅସନପାଟଠାରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରିବା ଏବଂ କେନ୍ଦୁଝର ଜିଲାରୁ ମିଳୁଥିବା ପ୍ରତ୍ନତତ୍ତ୍ୱ ସାମଗ୍ରୀର ରକ୍ଷଣାବେକ୍ଷଣ କରିବାକୁ ସଂଗ୍ରାହକ ଭଣ୍ଡା ସଞ୍ଜିବନୀ ସାହିତ୍ୟ ସଂସଦ ସମ୍ପାଦକ ଡମ୍ବରୁ ମହାନ୍ତ ଦାବି କରିଛନ୍ତି।



ଉଦ୍ଧାର ପୁରାତନ ଦୀପସ୍ତମ୍ଭ ।

## ଗାଧୁଆ ତୁଠରୁ ବାଲି ଉତ୍ତୋଳନକୁ ବିରୋଧ

ଆନନ୍ଦପୁର,୧।୬(ସ୍ୱ.ପ୍ର.)

ଘସିପୁରା ତହସିଲ ଅନ୍ତର୍ଗତ ଗୋହିରା ପଞ୍ଚାୟତ ତାଳଗାଁ ନିକଟ କଲରାଗଡିଆ ଅଞ୍ଚଳରେ ଥିବା ବୈତରଣୀ ନଦୀର ଗାଧୁଆ ତୁଠରୁ ବାଲି ଚାଲାଣକୁ ବିରୋଧ କରି ଗ୍ରାମବାସୀ ସୋମବାର ମଧ୍ୟାହ୍ନରେ ଆନନ୍ଦପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉପଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେଇ ଚାଲାଣକୁ ବନ୍ଦ କରିବା ପାଇଁ ଦାବି ଜଣାଇଛନ୍ତି। ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ ଲିଜ ବାଲିଘାଟ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମବାସୀଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ସାହୁ କହିଛନ୍ତି।

# ଭାରିଯାନ ଚଳାଚଳ ନେଇ ଅସନ୍ତୋଷ

କେନ୍ଦୁଝର, ୧।୬ (ସ୍ୱ.ପ୍ର.)

## ଟ୍ରକ ଧକ୍କାରେ ଛିଣ୍ଡିଲା ବିଦ୍ୟୁତ୍ ତାର

କଟକଣା ସତ୍ତ୍ୱେ କେନ୍ଦୁଝର ସହରର ବିଭିନ୍ନ ଗଳି ରାସ୍ତାରେ ଭାରିଯାନ ଚଳାଚଳ ଜାରି ରହିଛି। ଫଳରେ ରାସ୍ତା ଜାମ୍ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ରାସ୍ତା, ଡ୍ରେନ ଭାଙ୍ଗିଯାଉଛି। ସୋମବାର ଅଜନ୍ତା ଲଜ୍ ଗଳିରେ ଭାରିଯାନ ଚଳାଚଳ ଯୋଗୁ ଅନେକ ଦୋକାନର ବିଦ୍ୟୁତ୍ ତାର ଛିଣ୍ଡିଯିବା ସହ ମିଟର ସବୁ ଉପୁଡି ପଡ଼ି ସରବରାହ ବାଧାପ୍ରାପ୍ତ ହୋଇଛି। ସେହିପରି କେତେକ ଦୋକାନର ଡିସ୍‌ପ୍ଲେ ବୋର୍ଡ ଉପୁଡିବା ଯୋଗୁ ଅସନ୍ତୋଷ ବୃଦ୍ଧି ପାଇଛି। ଏନେଇ ଅଭିଯୋଗ ପରେ ଟାଉନ ଥାନା ପୋଲିସ ପହଞ୍ଚି ଅନୁଧ୍ୟାନ ଜାରି ରଖିଛି। ପ୍ରଶାସନର କୋହଳ ମନୋଭାବର ସୁଯୋଗ ନେଇ କେତେକ ବେପାରୀ ଆଳୁ, ପିଆଜ, ଲୁଗାପଟା, ମାଛ ଆଦି ବୋଝେଇ ଟ୍ରକକୁ ନିଜର ବୁଲାଦର ସାହିରେ ଥିବା ଗୋଦାମ ଘରକୁ ନେଇ ଅନଲୋଡିଂ କରୁଥିବାରୁ ଏଭଳି ସମସ୍ୟା ଉପୁଜିଛି। ଏନେଇ କିଛି ବର୍ଷ ତଳେ ପ୍ରଶାସନ ଉକ୍ତ ଗଳି ରାସ୍ତାରେ ଲୁହା ଗେଟ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ସହର ବାହାରେ ଗୋଦାମ ଘର ତିଆରି କରିବା ପାଇଁ କେତେକ ବ୍ୟବସାୟୀ ୩ମାସ ସମୟ ମାଗିଥିଲେ। ଇତିମଧ୍ୟରେ ପାଖାପାଖି ୩ ବର୍ଷ ବିତିଗଲାଣି। କିନ୍ତୁ ବ୍ୟବସାୟୀମାନେ ଗୋଦାମ ଘର ବାହାରେ ତିଆରି କଲେ ନାହିଁ। କଟକଣା ସତ୍ତ୍ୱେ ବୋଝେଇ ଭାରିଯାନ ଚଳାଚଳ କରୁଥିବାରୁ ଅସନ୍ତୋଷ ଦେଖାଦେଇଛି।

# ୩ ଜିଲାରେ ୧୧ ପଜିଟିଭ୍

ବାରିପଦା ଅଫିସ/ କେନ୍ଦୁଝର/ ଚମ୍ପୁଆ/ଭଦ୍ରକ ଅଫିସ/ବନ୍ତ, ୧।୬(ସ୍ୱ.ପ୍ର./ ଡି.ଏନ୍.ଏ.)

ଉତ୍ତର ଓଡ଼ିଶାରେ ସୋମବାର ୧୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଭଦ୍ରକ ଜିଲାରେ ସର୍ବାଧିକ ୭, ମୟୂରଭଞ୍ଜରେ ୩ ଏବଂ କେନ୍ଦୁଝରରେ ଜଣେ ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

ଭଦ୍ରକ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨୦ ଛୁଇଁଛି। ବନ୍ତ ବ୍ଲକର ଏକ ସଙ୍ଗରୋଧ କେନ୍ଦ୍ରରେ ୧୦ ଦିନ ରହି ଫେରିବା ପରେ ସୋମବାର ୩ ପ୍ରବାସୀ ପଜିଟିଭ ଚିହ୍ନଟ ହୋଇଛନ୍ତି। ସ୍ୱାବ୍ ପରୀକ୍ଷା ପାଇଁ ନିଆଯିବା ପରେ ସେମାନଙ୍କୁ ବ୍ଲକ ପ୍ରଶାସନର ନିର୍ଦ୍ଦେଶ କ୍ରମେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ଛାଡ଼ି ଦିଆଯାଇଥିଲା। ଜିଲାର ଅନ୍ୟ ଆକ୍ରାନ୍ତମାନେ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ।

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକର ୨ ଓ ଯଶିପୁର ବ୍ଲକ ଅଞ୍ଚଳର ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତେ ତାମିଲନାଡୁରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଆକ୍ରାନ୍ତଙ୍କ ମଧ୍ୟରେ ୨୪ ଓ ୨୬ ବର୍ଷର ୨ ଜଣ ପୁରୁଷ ଥିବା ବେଳେ ଜଣେ ୨୧ ବର୍ଷର ମହିଳା ଅଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୬ ଛୁଇଁଛି। ଚିହ୍ନଟ ହୋଇଥିବା ୩ ଆକ୍ରାନ୍ତଙ୍କୁ ବାଙ୍କିଶୋଳସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଜିଲାରେ ୧୪ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରି ସାରିଲେଣି। ଅନ୍ୟ ୧୨ ଜଣ ଚିକିତ୍ସାଧିନ ରହିଛନ୍ତି।

ସେହିପରି କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୬ରେ ପହଞ୍ଚିଛି। ନୂଆ ଆକ୍ରାନ୍ତ ଜଣକ ଛତିଶଗଡରୁ ଫେରି କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିଲେ। ଜିଲାରେ ୮ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅବଶିଷ୍ଟ ୧୮ ଜଣ ଚିକିତ୍ସାଧୀନ ଅଛନ୍ତି।

## ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଧାରଣା

ଯୋଡା, ୧।୬(ଡି.ଏନ.ଏ)

ମୌଳିକ ସୁବିଧା ନ ପାଇ ଯୋଡା ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଅଣଦେଖା କରି ଦାବି ପୂରଣ ଲାଗି ଗୁରୁତ୍ୱ ଦେଉ ନ ଥିବାରୁ ଯୋଡାବାସୀ ଧାରଣାକୁ ଓହ୍ଲାଇଛନ୍ତି। ସୋମବାର ଯୋଡା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୌର କାର୍ଯ୍ୟାଳୟ ବାହାରେ ଧାରଣା ଦିଆଯାଇଥିଲା। ଏଥିରେ ଯୋଡାର ସାଧାରଣ ଜନତା, ଯୁବଗୋଷ୍ଠୀ, ଟ୍ରକମାଲିକ ସଂଘ, ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ସମେତ କଂଗ୍ରେସ ନେତା ନିହାର ରଞ୍ଜନ ରାଉତ, ଭାଜପା ଯୁବନେତା ସୁଶାନ୍ତ କୁମାର ବେବର୍ତ୍ତା, ପୂର୍ବତନ ନଗରପାଳ ଆର.କେ ଦାସ ପ୍ରମୁଖ ସାମିଲ ହୋଇଥିଲେ। ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା, ଏସ୍‌ଡିପିଓ ସତ୍ୟ ବିକାଶ ଭୂୟାଁଙ୍କ ସମେତ ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରି ଦାବି ପୂରଣ କରାଯିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଧାରଣାକୁ ୧୫ ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ପ୍ରଶାସନିକ ଅଧିକାରୀମାନେ ନିବେଦନ କରିଥିଲେ।

# ୭୧ ଦିନ ପରେ ଜଳେଶ୍ୱରରେ ଟ୍ରେନ୍ ରହଣି

ଜଳେଶ୍ୱର, ୧।୬(ସ୍ୱ.ପ୍ର.)

କରୋନା ସଂକ୍ରମଣ ରୋକିବା ଲାଗି ଦେଶବ୍ୟାପୀ ଯାତ୍ରୀବାହୀ ଟ୍ରେନ ଚଳାଚଳ ବନ୍ଦ ରହିଥିଲା। ଦୀର୍ଘ ୭୧ ଦିନ ପରେ ସୋମବାର ପ୍ରଥମ କରି ୦୨୦୭୪ ଡାଉନ୍ ଜନଶତାବ୍ଦୀ ଟ୍ରେନ୍ ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱରରୁ ଆସି ଜଳେଶ୍ୱରରେ ପହଞ୍ଚିଥିଲା। ଏଠାରୁ ୨୩ଜଣ ଯାତ୍ରୀ ୨ନଂ. ପ୍ଲାଟଫର୍ମରୁ ଟ୍ରେନ୍‌ରେ ଚଢିବା ପୂର୍ବରୁ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ ଓ ଯାତ୍ରା ସମ୍ପର୍କୀତ ସମସ୍ତ ତଥ୍ୟ ପଞ୍ଜୀକରଣ କରାଯାଇଥିଲା। ସେହିପରି ଟ୍ରେନ୍‌ରୁ ୧୭ଜଣ ଯାତ୍ରୀ ଓହ୍ଲାଇବା ପରେ ସେମାନଙ୍କୁ ପଞ୍ଜୀକରଣ କରାଯାଇ ସେମାନଙ୍କ ଡାହାଣ ହାତରେ ଅଲିଭା କାଳିରେ ଷ୍ଟାମ୍ପିଂ କରାଯାଇଥିଲା। ୦୨୦୭୩ ଅପ୍ ଟ୍ରେନ୍‌ଟି ନିର୍ଦ୍ଧାରିତ ସମୟର ୧ ଘଣ୍ଟା ବିଳମ୍ବରେ ଜଳେଶ୍ୱର ଷ୍ଟେଶନରେ ଲାଗିଥିଲା। ଏଥିରେ ୨୨ଜଣ ଯାତ୍ରୀ ଚଢିଥିବା ବେଳେ ୫୦ଜଣ ଯାତ୍ରୀ ଟ୍ରେନ୍‌ରୁ ଓହ୍ଲାଇଥିବା ରେଲୱେ ସୂତ୍ରରୁ ପ୍ରକାଶ। ପ୍ରତିଦିନ ଏହି ଟ୍ରେନ୍ ଯାତାୟାତ କରିବାକୁ ଥିବା ବେଳେ ପରୀକ୍ଷା ନିରୀକ୍ଷା, ଥର୍ମାଲ ସ୍କ୍ରିନିଂ ଓ ଷ୍ଟାମ୍ପିଂ ହେବ ବୋଲି ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ଖଗେନ୍ଦ୍ର ମଣ୍ଡଳ ସୂଚନା ଦେଇଛନ୍ତି। ଟ୍ରେନ୍ ଆସିବା ପୂର୍ବରୁ ସକାଳ ସାଢେ ୭ଟା ବେଳେ ସମସ୍ତ ପ୍ଲାଟଫର୍ମକୁ ସାଇଟାଇଜ୍ କରାଯିବା ପରେ ଯାତ୍ରୀମାନଙ୍କୁ ଷ୍ଟେଶନ ଭିତରକୁ ଯିବାର ଅନୁମତି ଦିଆଯାଇଥିଲା । ଷ୍ଟେଶନର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ପ୍ଲାଟଫର୍ମକୁ ବ୍ୟାରିକେଡ କରାଯାଇ ୱାନ୍ ୱେ ଯାତାୟାତର ବ୍ୟବସ୍ଥା ଆର୍‌ପିଏଫ ଓ ଜିଆରପି ପକ୍ଷରୁ କରାଯାଇଥିଲା । ଯାତ୍ରୀମାନେ ନିଜ ନିଜ ଘରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବେ ବୋଲି ପ୍ରଶାସନକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ଜଳେଶ୍ୱର ବିଡିଓ ଦିପ୍ତିରଞ୍ଜନ ସେଠୀ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, କମଳଲୋଚନ ପାତ୍ର, ପ୍ରଶାନ୍ତ ପାତ୍ର, ଆର୍‌ପିଏଫ ଏସ୍ ସରକାର, ଅମିତ୍ କୁମାର, ସତୀଶ କୁମାର, ରାଜୀବ କୁମାର, ଜିଆର୍‌ପି ଏମ୍ ଭଞ୍ଜ, କେ. ଗଣ୍ଡ, ପ୍ରମୋଦ ଚନ୍ଦ୍ର ପରିଡା ଓ ଡି. ମାଝି ପ୍ରମୁଖ ଉପସ୍ଥିତ ଥିଲେ।




ଜଳେଶ୍ୱର ଷ୍ଟେଶନରେ ଟ୍ରେନ୍ ରହଣି ଲାଗି ପ୍ରସ୍ତୁତି କରାଯାଇଛି।

## ଯାତ୍ରୀଙ୍କୁ କରାଗଲା ଥର୍ମାଲ ସ୍କ୍ରିନିଂ, ଡାହାଣ ହାତରେ ଅଲିଭା ଷ୍ଟାମ୍ପିଂ

# ମୃତ ପ୍ରବାସୀ ଶ୍ରମିକଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ




ଉତ୍କଳ ମହିଳା ସମିତି ପକ୍ଷରୁ ମୃତ ପ୍ରବାସୀ ଶ୍ରମିକଙ୍କ ସ୍ମୃତିଚାରଣ କରାଯାଉଛି।

ବାଲେଶ୍ୱର ଅଫିସ, ୧।୬

ସମଗ୍ର ଦେଶରେ ଲକ୍‌ଡାଉନ୍ ଯୋଗୁ ଜୀବିକା ହରାଇ ଭୋକିଲା ପେଟରେ ହଜାର ହଜାର କି.ମି. ପାଦରେ ଚାଲିବା ସହ ଅକାଳ ମୃତ୍ୟୁବରଣ କରିଥିବା ପ୍ରବାସୀ ଶ୍ରମିକଙ୍କ ସମ୍ମାନାର୍ଥେ ଉତ୍କଳ ମହିଳା ସମିତି ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ସ୍ମୃତିଚାରଣ କରାଯାଇଛି। ଏହାସହ ୮ ଦଫା ଦାବି ପୂରଣ ଲାଗି ସମିତି ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ପ୍ରବାସୀ ଶ୍ରମିକ ଆଇନ ୧୯୭୯ର ସଂଶୋଧନ କରି କର୍ମନିଯୁକ୍ତି ସୁରକ୍ଷା ସହ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ପ୍ରଦାନ ବ୍ୟବସ୍ଥା ସହ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଖାଦ୍ୟ ସାମଗ୍ରୀ ପ୍ରଦାନ, ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା, ଶିକ୍ଷାଦାନ, କର୍ମନିଯୁକ୍ତି, ପ୍ରତ୍ୟେକ ବ୍ୟକ୍ତିଙ୍କୁ ବାର୍ଷିକ ଅନ୍ୟୁନ ୨୬୦ଦିନ କର୍ମନିଯୁକ୍ତି ପ୍ରଦାନ, ପ୍ରତ୍ୟେକ ପ୍ରବାସୀ ଶ୍ରମିକ ଓ ଅସଙ୍ଗଠିତ କ୍ଷେତ୍ର ଶ୍ରମିକ ପରିବାରକୁ ମାସିକ ୧୦ହଜାର ଟଙ୍କା ହାରରେ ଅନ୍ୟୁନ ୬ମାସ ରିଲିଫ ପ୍ରଦାନ, ପିଏମ୍ କେୟାରର ସ୍ୱଚ୍ଛତା ସନ୍ଦେହ ଘେରରେ ଥିବାରୁ ଏହି ସଂସ୍ଥାକୁ ଉଚ୍ଛେଦ କରି ସମସ୍ତ ସଂଗୃହୀତ ଅର୍ଥ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିରେ ସାମିଲ କରାଯିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ମଦ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ କରି ସମସ୍ତ ଜନତାଙ୍କୁ ରାଶନ ବ୍ୟବସ୍ଥା ଦାବି ନେଇ ଆସନ୍ତା ଜୁନ୍ ୪ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଉତ୍କଳ ମହିଳା ସମିତିର ରାଜ୍ୟ ସାଧାରଣ ସମ୍ପାଦିକା ପ୍ରଭାବତୀ ଦାସ, ଜିଲା ସଭାନେତ୍ରୀ ବନ୍ଦନା ବିଶ୍ୱାସ, ହେମପ୍ରିୟା ବାରିକ, ଆରତୀ ପତି, ଭାନୁମତୀ ନାୟକ, ଆରତୀ ସରେନ ଓ ଲକ୍ଷ୍ମୀ ଟୁଡୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଭାଗ୍ୟକୁ ଆଦରି ରହିଛନ୍ତି କର୍ମକାଣ୍ଡ ବ୍ରାହ୍ମଣ, ପୂଜକ

## ସାମାଜିକ, ଧର୍ମାନୁଷ୍ଠାନ କାର୍ଯ୍ୟରେ କଟକଣା

ଖଇରା, ୧।୬(ଡି.ଏନ.ଏ.)

କରୋନା ଲକ୍‌ଡାଉନ ଯୋଗୁ ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଥିବା ବେଳେ ସାମାଜିକ ଓ ଧର୍ମାନୁଷ୍ଠାନ କାର୍ଯ୍ୟଗୁଡିକ ଉପରେ ମଧ ସରକାର ଅଙ୍କୁଶ ଲଗାଇଛନ୍ତି । ଫଳରେ ମନ୍ଦିର ପୂଜକ ଓ ବାହାଘର ବ୍ରତଘର ଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ଉପରେ ନିର୍ଭର କରି ପେଟ ପୋଷୁଥିବା ବେଦ କର୍ମକାଣ୍ଡ ବ୍ରାହ୍ମଣ ଓ ପଣ୍ଡିତମାନେ ଗତ ୩ମାସ ହେଲା ଜୀବିକା ହରାଇ ଘରେ ବସିରହିଛନ୍ତି । ଲକ୍‌ଡାଉନ ଅବଧି ଯେତେ ବଢୁଛି ସେମାନଙ୍କ ଆର୍ଥିକ ଅବସ୍ଥା ମଧ ସେତିକି ଦୟନୀୟ ହେଉଛି । ସରକାର ମଧ ସେମାନଙ୍କ ଜୀବିକା ପ୍ରତି ଧ୍ୟାନ ଦେଉନାହାନ୍ତି। କଳାକାର କିମ୍ବା ନିର୍ମାଣ ଶ୍ରମିକ ସଙ୍ଗଠନ ଭଳି ସେମାନଙ୍କର ସ୍ୱର ସରକାରଙ୍କ ନିକଟରେ ପହଞ୍ଚି ପାରୁନାହିଁ । ଏହିଭଳି ଭାବେ ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଅଧୀନରେ ଅନ୍ୟୁନ ୧ହଜାର ଊର୍ଦ୍ଧ୍ୱ ବେଦ କର୍ମକାଣ୍ଡି ବ୍ରାହ୍ମଣ ଓ ପୂଜକ ଭାଗ୍ୟକୁ ଆଦରି ଘରେ ବସି ରହିଛନ୍ତି ।

ଖଇରା ବ୍ଲକର ୩୭ ପଞ୍ଚାୟତରେ ପାଖାପାଖି ୬ଶହ ଦେବୀ ଓ ଦେବତାଙ୍କ ମନ୍ଦିର ରହିଛି। ଏହି ମନ୍ଦିରରେ ପ୍ରତ୍ୟେକ ଦିନ ପୂଜକମାନେ ପୂଜା କରିବା ସହ ଆସୁଥିବା ଭକ୍ତମାନଙ୍କ ପ୍ରଦତ୍ତ ଭେଟି ଆୟପନ୍ଥା ସାଜିଥାଏ। ସେହିଭଳି ମାର୍ଚ୍ଚରୁ ଜୁନ୍ ମଧ୍ୟରେ ପ୍ରାୟତ୍ତ ଘର ଓ ମନ୍ଦିର ପ୍ରତିଷ୍ଠା, ବିବାହ ବ୍ରତ ଓ ଯଜ୍ଞାଦି କର୍ମ କରାଯାଇଥାଏ । ଯେଉଁଥିରୁ ୧ ହଜାରରୁ ଊର୍ଦ୍ଧ୍ୱ ବେଦକର୍ମକାଣ୍ଡି ବ୍ରାହ୍ମଣ ଓ ପୂଜକମାନଙ୍କ ଚଳିବାର ମୁଖ୍ୟ ପନ୍ଥା ହୋଇଥାଏ। ହେଲେ ମାର୍ଚ୍ଚ ୨୩ରୁ ଲକ୍‌ଡାଉନ ଘୋଷଣା ପରେ ବ୍ରାହ୍ମଣମାନଙ୍କୁ ସେଭଳି କାର୍ଯ୍ୟରୁ ନିବୃତ୍ତ ରଖାଯାଇଛି। ୪ର୍ଥ ପର୍ଯ୍ୟାୟର ଲକ୍‌ଡାଉନ ଅବଧି ଚାଲିଥିବା ବେଳେ ଏହି ବ୍ରାହ୍ମଣମାନେ କେମିତି ଚଳିବେ ସରକାର ତିଳେମାତ୍ର ଦୃଷ୍ଟି ନ ଦେବା ଦୁଃଖଦାୟକ ବୋଲି ଯଜମାନ କାର୍ଯ୍ୟ କରି ଚଳୁଥିବା ପଣ୍ଡିତ ଶରତ କୁମାର ପଣ୍ଡା କହିଛନ୍ତି । ସେହିଭଳି ଜିଲା ବ୍ରାହ୍ମଣ ସମିତି ଜରିଆରେ ସମସ୍ତ ସଭ୍ୟ ସେମାନଙ୍କର ଦାବି ସରକାରଙ୍କୁ ଅବଗତ କରାଇ ସାରିଥିଲେ ମଧ ଏ ପର୍ଯ୍ୟନ୍ତ ସେମାନଙ୍କ କଥା ବିଚାରକୁ ନିଆଯାଉନାହିଁ ବୋଲି ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତିର ସମ୍ପାଦକ ରମାକାନ୍ତ ଶତପଥି କହିଛନ୍ତି ।



ଏକ ମନ୍ଦିରରେ ଶୂନଶାନ ପରିବେଶ ।

# କରୋନା ଡ୍ୟୁଟିକୁ ମନା କଲେ ଜେଲ

ଛତ୍ରପୁର,୧।୬(ଡି.ଏନ.ଏ.)

- ଜିଲାକୁ ସଂକ୍ରମଣମୁକ୍ତ କରିବା ପାଇଁ ଆହ୍ୱାନ
- ସନ୍ଧ୍ୟା ୭ରୁ ସକାଳ ୭ ବାହାରକୁ ବାହାରିବା ନିଷେଧ
- ୬୦ବର୍ଷରୁ ଊର୍ଦ୍ଧ୍ୱଙ୍କୁ ବାହାରେ ବୁଲିବା ମନା

କରୋନା ସଂକ୍ରମଣକୁ ସମ୍ପୂର୍ଣ୍ଣ ପ୍ରତିହତ କରାଯିବ। ଜୁନରେ କଟକଣା ବଳବତ୍ତର ରହିବ। ବିନା ମାସ୍କରେ ବାହାରେ ବୁଲିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ। ସବୁ ଦୋକାନୀ ଗ୍ରାହକଙ୍କ ବିବରଣୀ ଲିପିବଦ୍ଧ କରିବେ। ଦୋକାନରେ ସାମାଜିକ ଦୂରତ୍ୱ ରକ୍ଷା ସହ ବାହାରେ ଗୋଲେଇ ଚିହ୍ନରେ ରହିବେ। ଦୋକାନୀ ହ୍ୟାଣ୍ଡ ଗ୍ଲୋବ୍, ସାନିଟାଇଜର୍ ବ୍ୟବହାର କରିବେ। ଏସବୁ ଅବମାନନା କଲେ ଜୁନ ସାରା ଦୋକାନକୁ ତାଲା ପକାଇ ଦିଆଯିବ। ସେହିପରି କୌଣସି ସରକାରୀ କର୍ମଚାରୀ କରୋନା ମୁକାବିଲା ପାଇଁ କାର୍ଯ୍ୟ କରିବାକୁ ମନା କଲେ ସ୍ୱତନ୍ତ୍ର କ୍ଷମତା ବଳରେ ତାଙ୍କୁ ଜେଲ ପଠାଇବେ ବୋଲି ସମୀକ୍ଷା ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଷ୍ପତ୍ତି ଶୁଣାଇଛନ୍ତି।

ଗଞ୍ଜାମ ପାଇଁ ଜୁନ ମାସ ଘଡିସନ୍ଧିର ସମୟ। ସନ୍ଧ୍ୟା ୭ରୁ ସକାଳ ୭ ପର୍ଯ୍ୟନ୍ତ ବାହାରକୁ ବାହାରିବା ନିଷେଧ। ଶନିବାର, ରବିବାର ଜରୁରୀ ସ୍ୱାସ୍ଥ୍ୟସେବା ବ୍ୟତୀତ କେହି ବି ବାହାରକୁ ବାହାରିବେ ନାହିଁ। ବାହାରିଲେ ବନ୍ଧା ହେବେ। ଏହି ସମୟରେ ଗାଡିମୋଟର ରାସ୍ତାରେ ଗଡିବ ନାହିଁ। ଏହା ପୂର୍ବରୁ ସମସ୍ତ ଆବଶ୍ୟକ ସାମଗ୍ରୀ ସଂଗ୍ରହ କରି ରଖିବାକୁ ଜିଲାପାଳ ଲୋକଙ୍କୁ ଅନୁରୋଧ କରିଛନ୍ତି। ନିଜ ଘରେ ସଫଳତାର ସହିତ କ୍ୱାରାଣ୍ଟାଇନ୍ କଲେ ନିର୍ଦ୍ଧାରିତ ଅର୍ଥ ମିଳିବା ସହିତ ସାବାସୀ ଦିଆଯିବ। ଅମାନ୍ୟ କଲେ କାର୍ଯ୍ୟାନୁଷ୍ଠାନ। ଆଗାମୀ ଦିନରେ ଜିଲାରେ ୧ ଲକ୍ଷରୁ ଅଧିକ ଲୋକ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଥିବାରୁ ସେଥିପ୍ରତି କର୍ମଚାରୀମାନେ ଅଧିକ ସଜାଗ ରହିବାକୁ ଜିଲାପାଳ କହିଛନ୍ତି। ଯେଉଁ ଅଞ୍ଚଳରେ ଅଧିକ ଲୋକ କ୍ୱାରାଣ୍ଟାଇନ୍‌ରେ ଥିବେ ସେମାନଙ୍କ ସହିତ କୌଣସି ବାହାର ଲୋକ ମିଶି ପାରିବେ ନାହିଁ। ସେହି ଅଞ୍ଚଳର ଲୋକଙ୍କୁ ସଚେତନ କରିବାପାଇଁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯିବ। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିମାନଙ୍କୁ ବାହାରେ ବୁଲିବା ନିଷେଧ କରାଯାଇଛି। ଅମାନ୍ୟ କଲେ କ୍ୱାରାଣ୍ଟାଇନ୍‌ରେ ରଖାଯିବ। କରୋନା ହଟସ୍ପଟରୁ କେହି ବି ଆସିଲେ ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ହୋଟେଲ, ପାର୍କ, କୋଚିଂସେଣ୍ଟର, ସାମାଜିକ ଉତ୍ସବ, ସାଂସ୍କୃତିକ, ଧାର୍ମିକ ଉତ୍ସବ, ରାଜନୈତିକ ସମାରୋହ ବନ୍ଦ ରହିବ। ମନ୍ଦିର, ମସ୍‌ଜିଦ, ଗୀର୍ଜାକୁ ଯିବାକୁ ବାରଣ କରାଯାଇଛି। ଯେଉଁଠାରେ ଅଧିକ ଗହଳି ହେଉଥିବ ସେଠାରୁ ସନ୍ଦେହ ହେଉଥିବା ଲୋକଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯିବ। ସମସ୍ତ କଟକଣାରୁ କୃଷିକାର୍ଯ୍ୟକୁ ବାଦ ଦିଆଯାଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସୁଦାମ ଚରଣ ମଣ୍ଡଳ, ଅମିୟ କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଓଟିଡିସି ଏମ୍‌ଡି. ହେମକାନ୍ତ ସାଏ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## କନ୍ଧମାଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୨

ଫୁଲବାଣୀ ଅଫିସ, ୧।୬

**ଗୋଟିଏ ଦିନରେ ୯ ସଂକ୍ରମିତ**

କନ୍ଧମାଳ ଜିଲା ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ଦୁଇ ଦିନ ପୂର୍ବରୁ ଭର୍ତ୍ତି ହୋଇଥିବା ସମସ୍ତ ୯ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ସ୍ୱାବ୍ ନମୁନା ପଜିଟିଭ ଆସିଥିବା ସୋମବାର ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୮ ତାମିଲନାଡୁରୁ ଏବଂ ଅନ୍ୟ ଜଣେ ଦିଲ୍ଲୀରୁ ଫେରିଥିଲେ। ସମସ୍ତଙ୍କୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିଲା। ସମସ୍ତ ପୁରୁଷ, ସେମାନଙ୍କ ବୟସ ୧୭ ରୁ ୩୧ ମଧ୍ୟରେ ରହିଛି। ଏହି ୯ ଜଣଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୨ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୩ ସୁସ୍ଥ ହୋଇ ଫେରିଥିବା ବେଳେ ଅନ୍ୟ ୧୯ ଜଣ ଚିକିତ୍ସାଧୀନ ଅଛନ୍ତି। ରବିବାର ସୁଦ୍ଧା ଜିଲାକୁ ଫେରିଥିବା ୪୦୮୬ ପ୍ରବାସୀଙ୍କ ମଧ୍ୟରୁ ୧୧୬୬ଜଣ କ୍ୱାରାଣ୍ଟାଇନ୍ ଅବଧି ଶେଷ କରିବା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ଅନ୍ୟ ୨୯୨୦ ଜଣଙ୍କୁ ଜିଲାର ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ସ୍ୱାବ୍ ପରୀକ୍ଷା ପାଇଁ ଅଦ୍ୟାବଧି ପଠା ଯାଇଥିବା ୧୬୨୩ ନମୂନା ମଧ୍ୟରୁ ରବିବାର ସୁଦ୍ଧା ୧୪୦୩ ରିପୋର୍ଟ ହସ୍ତଗତ ହୋଇଛି। ସେଥିମଧ୍ୟରୁ ୨୨ଜଣ ପଜିଟିଭ୍ ଥିବା ବେଳେ ୧୩୮୧ ନେଗେଟିଭ୍ ବୋଲି ସ୍ୱାସ୍ଥ୍ୟ ବିଭାଗ ପ୍ରକାଶ କରିଛି।

## ସଂକ୍ଷେପରେ

### ୧୫ ଆକ୍ରାନ୍ତରୁ ସୁସ୍ଥ ହୋଇ ଫେରିଲେଣି ୧୩

**ବୁଗୁଡ଼ା,୧।୬(ଡି.ଏନ.ଏ.):** ବୁଗୁଡ଼ା ବ୍ଲକର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ୧୫ ଆକ୍ରାନ୍ତଙ୍କ ମଧ୍ୟରୁ ୧୩ ଜଣ ସୁସ୍ଥ ହୋଇ ଫେରିଥିବା ଜଣାଯାଇଛି। କିଛିଦିନ ତଳେ ପାଣିକେଶର ସଙ୍ଗରୋଧ କେନ୍ଦ୍ରରୁ ୫, ଗୋଲିଆରୁ ୨, ସୋରଡ଼ରୁ ୨, ମାଣିତରାରୁ ୨, ସାମଲେଇରୁ ୨ ଓ କାନସୁକା କେନ୍ଦ୍ରରୁ ଜଣେ ଆକ୍ରାନ୍ତଙ୍କୁ ବ୍ରହ୍ମପୁର କୋଭିଡ୍ ହସ୍ପିଟାଲକୁ ପଠାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩ ଜଣ ସୁସ୍ଥ ହୋଇ ଫେରିଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ଡକାୟତି ଯୋଜନା ପଣ୍ଡ: ୧୪ କୋର୍ଟଚାଲାଣ

**ଗଞ୍ଜାମ,୧।୬(ଡି.ଏନ.ଏ.):** ଗଞ୍ଜାମ ଜିଲା ରମ୍ଭା ଥାନା ଗଡ଼ହୁମ୍ପା ପାହାଡ଼ି ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ବେଳେ ଏକ ଦଳକୁ ପୋଲିସ କାବୁକରି କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ରବିବାର ଅପରାହ୍ନରେ ଡକାୟତି ଯୋଜନା କରୁଥିବା ଏକ ଦଳ ଉପରେ ଚଢ଼ାଉ କରି ୧୪ ଜଣଙ୍କୁ ପୋଲିସ କାବୁ କରିଛି। ସେମାନଙ୍କ ନିକଟରୁ ଖଣ୍ଡା, କାତି ଓ ଠେଙ୍ଗା ଆଦି ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଥିବା ବେଳେ ନଂ. ୧୭୩/୨୦ରେ ମାମଲା ରୁଜୁ ହୋଇଥିବା ରମ୍ଭା ପୋଲିସ ସୂଚନା ଦେଇଛି।

### ଦୁଇ ଭାଇଙ୍କ ଘରୁ ଲୁଟ୍

**ଦିଗପହଣ୍ଡି,୧।୬(ଡି.ଏନ.ଏ.):** ଦିଗପହଣ୍ଡି ଥାନା ବଡଡୁମ୍ବୁଲା ପଞ୍ଚାୟତ ସାନଡୁମ୍ବୁଲା ଗ୍ରାମର ୨ ଜଣଙ୍କ ଘରୁ ରବିବାର ରାତିରେ ଲୁଟ୍ ହୋଇଛି। ଗ୍ରାମର ଜି.ରାଧାକାନ୍ତ ପ୍ରଧାନ ଓ ତାଙ୍କ ସାନଭାଇ ଜି. ଲକ୍ଷ୍ମୀଙ୍କ ଘର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ସୁନା, ରୁପା ଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଖବର ଦିଆଯିବାରୁ ପୋଲିସ ସୋମବାର ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରବିବାର ରାତିରେ ରାଧାକାନ୍ତ ଓ ଲକ୍ଷ୍ମୀଙ୍କ ପରିବାର ଘରେ ଶୋଇଥିଲେ। ଦୁର୍ବୃତ୍ତ ପ୍ରଥମେ ରାଧାକାନ୍ତଙ୍କ ବାରିକବାଟ ଭାଙ୍ଗି ଘରେ ପଶିଥିଲେ। ଆଲମାରି ତାଡି ୪ ଭରି ସୁନା ହାର, ୨ କାନଫୁଲ, ୧୨ ଭରି ରୁପା ଅଳଙ୍କାର ଓ ୧୫ ହଜାର ଟଙ୍କା ଲୁଟି ନେଇଥିଲେ। ପରେ ଦୁର୍ବୃତ୍ତ ସାନଭାଇ ଲକ୍ଷ୍ମୀଙ୍କ ବାରି କବାଟ ଭାଙ୍ଗି ଘରେ ପଶି ଆଲମିରାରୁ ସୁନା ମୁଦି ୬, ଗୋଟିଏ ସୁନା ଚେନ୍, ୩ ହଳ କାନଫୁଲ, ୪୭ ଗ୍ରାମର ସୁନାହାର, ପ୍ରାୟ ୫ ଶହ ଗ୍ରାମର ରୁପା ଅଳଙ୍କାର ଓ ୪୫ ହଜାର ଟଙ୍କା ଲୁଟି ନେଇଥିଲେ। ସୋମବାର ସକାଳୁ ଦୁଇଭାଇ ଘରେ ଜିନିଷପତ୍ର ଏଣେତେଣେ ପଡିଥିବା ଦେଖି ଥାନାରେ ଜଣାଇଥିଲେ।

### ଭଞ୍ଜନଗର ଏସ୍‌ଡିପିଆରଓଙ୍କୁ ଡିଆଇପିଆରଓ ଦାୟିତ୍ୱ

**ଛତ୍ରପୁର,୧।୬(ଡି.ଏନ.ଏ):** ଭଞ୍ଜନଗର ଏସ୍‌ଡିପିଆରଓ ଫକୀର ମୋହନ ମାଝିଙ୍କୁ ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୂଚନାଯୋଗ୍ୟ, ଗତ ୩୧ ତାରିଖରେ ବିରଞ୍ଚି ପ୍ରଧାନ ଅବସର ଗ୍ରହଣ କରିଥିବାରୁ ଜିଲା ଡିଆଇପିଆରଓ ପଦବୀ ଖାଲି ପଡିଥିଲା।


କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଥିବା ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ।

## ଅଙ୍ଗନୱାଡି କର୍ମୀଙ୍କୁ କରୋନା ଯୋଦ୍ଧା ସମ୍ମାନ

ବ୍ରହ୍ମପୁର ଅଫିସ,୧।୬

କରୋନା ମୁକାବିଲା କ୍ଷେତ୍ରରେ କାର୍ଯ୍ୟକରି ଆସୁଥିବା ଅଙ୍ଗନୱାଡି କର୍ମୀଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ ୩୧ ନଂ. ୱାର୍ଡ ପକ୍ଷରୁ ବୈଦ୍ୟନାଥଶ୍ୱର ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସହରର ଅଙ୍ଗନୱାଡି କର୍ମୀଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା। ପୂର୍ବତନ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୨୪ ଅଙ୍ଗନୱାଡି କର୍ମୀଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲ।। ଏଥିସହ ସିଡିପିଓ ପୁଷ୍ପାଞ୍ଜଳି ମିଶ୍ର, ଅଙ୍ଗନୱାଡି ସୁପରଭାଇଜର ପଦ୍ମିନୀ ପଟ୍ଟନାୟକଙ୍କ ସମେତ କରୋନା ମୁକାବିଲାରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତଙ୍କୁ ସାନିଟାଇଜର, ଏନ-୯୫ ମାସ୍କ ଓ ଗ୍ଲୋବସ୍ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅମିତ ଦାଶ, ବିଜେଡି ଯୁବ ସଂଗଠକ ଏ. ସନ୍ତୋଷ କୁମାର ପାତ୍ର, କୁମାର ସୁରଜ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ପ୍ରକାଶ ଚନ୍ଦ୍ର ଦାଶ, ସୁଧୀର ପାତ୍ର, ଜଗନ୍ନାଥ ମିଶ୍ର, ବି. ପ୍ରଦୀପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ. ଶିବରାମ ପାତ୍ର ଧନ୍ୟବାଦ ଦେଇଥିଲେ।

## ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ନେଇ ପଦଯାତ୍ରା

ଧରାକୋଟ,୧।୬(ଡି.ଏନ.ଏ.)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସତ୍ୟବ୍ରତ ଦାସ ସୋମବାର ଧରାକୋଟ ବ୍ଲକରେ ପହଞ୍ଚିଥିଲେ। ଧରାକୋଟରେ ପହଞ୍ଚିବା ପରେ ସ୍ଥାନୀୟ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଦୀର୍ଘ ୩୨୬ ଦିନ ଧରି ପଦଯାତ୍ରାରେ ଆଜି ପର୍ଯ୍ୟନ୍ତ ୧୮୪ ବ୍ଲକରେ ପହଞ୍ଚି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ସଙ୍ଗରୋଧ କେନ୍ଦ୍ରରେ ବୃଦ୍ଧାଙ୍କ ମୃତ୍ୟୁ

ଧରାକୋଟ,୧।୬(ଡି.ଏନ.ଏ.)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଜଗମୋହନ ପଞ୍ଚାୟତର ପୁଟୁ-ଗୋବର୍ଦ୍ଧନପୁର ପ୍ରାଥମିକ ବିଦ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ସକାଳ ୯ ଟାରେ ଏହି ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ୨୪ ପ୍ରବାସୀ ପହଞ୍ଚିଥିଲେ। ନିୟମ ମୁତାବକ ତାଙ୍କୁ ଖାଦ୍ୟପେୟ ଦିଆଯାଇଥିଲା। ଅପରାହ୍ନରେ ମଧ୍ୟ ଜଳଖିଆ ପ୍ରଦାନ କରାଯାଇଥିଲା। ପୁଟୁ ଗୋବର୍ଦ୍ଧନପୁର ଗ୍ରାମର ଜନୈକା ୬୩ ବର୍ଷ ବୃଦ୍ଧା ମଧ୍ୟ ଆସିଥିଲେ। ହଠାତ୍ ତାଙ୍କର ରକ୍ତବାନ୍ତି ହୋଇଥିଲା। କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ସଙ୍ଗରୋଧ କେନ୍ଦ୍ର ନୋଡାଲ ଅଫିସର ମାୟା ମୁନୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ମୁଁ ବିଡିଓ, ତହସିଲଦାରଙ୍କୁ ଖବର ଦେଇଛି। ସେମାନେ ଆସିଲା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି କହିଥିଲେ। ମୃତ୍ୟୁର କାରଣ ଜଣାପଡି ନାହିଁ।

## ବିରଳ ପ୍ରଜାତିର ବଜ୍ରକାପ୍ତା ଉଦ୍ଧାର


ଉଦ୍ଧାର ବଜ୍ରକାପ୍ତା।

ପାଟପୁର,୧।୬

ସାନଖେମୁଣ୍ଡି ବ୍ଲକ କଂସାମାରି ଗ୍ରାମର ନନ୍ଦ ଗୌଡ଼ଙ୍କ କୂଅରୁ ସୋମବାର ଏକ ବିରଳ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଗ୍ରାମର ଯୁବକ ଗୋଷ୍ଠୀ ଓ ଗ୍ରାମବାସୀ ପହଞ୍ଚି ବଜ୍ରକାପ୍ତାକୁ ଧରି ପୋଡାମାରି ବନବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ଫରେଷ୍ଟର ଲକ୍ଷ୍ମୀକାନ୍ତ ପାତ୍ର ଓ ଅନ୍ୟ କର୍ମଚାରୀ ଯାଇ ବଜ୍ରକାପ୍ତାକୁ ଧରି ପରୀକ୍ଷା କରିବାକୁ ନେଇଥିଲେ। ପରେ ବଜ୍ରକାପ୍ତାଟିକୁ ନଖାରୀ ଅଭୟାରଣ୍ୟରେ ଛାଡ଼ି ଦେଇଥିବା ବନ ବିଭାଗ ସୂଚନା ଦେଇଛି।

## ଦୁଇ ସପ୍ତାହ ପରେ ବି ୩ ଜଣଙ୍କ ପତ୍ତା ମିଳୁନି

ବ୍ରହ୍ମପୁର ଅଫିସ,୧।୬

**ବାଳସୁଧାର ଗୃହରୁ ଅନ୍ତେବାସୀ ଚମ୍ପଟ ଘଟଣା**

ଆବାସ ଓ ବାଳସୁଧାର ଗୃହରୁ ୭ ଅନ୍ତେବାସୀ ଫେରାର ଘଟଣାର ଦୁଇ ସପ୍ତାହ ପରେବି ୩ ଜଣଙ୍କର ପତ୍ତା ମିଳିନାହିଁ। ଫଳରେ ଏବେ ଉଭୟ ପୋଲିସ ଓ ବାଳସୁଧାର ଗୃହ ଅଧୀକ୍ଷକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଯଦିଓ ପୋଲିସ ଘଟଣା ପରେ ଫେରାର ଅନ୍ତେବାସୀଙ୍କ ପରିବାର ବର୍ଗ ଓ ସ୍ଥାନୀୟ ପୋଲିସକୁ ଖବର କରିଛି। ଏଯାବତ ସେମାନଙ୍କୁ ଠାବ କରାଯାଇ ପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ବିଭିନ୍ନ ଗୁରୁତର ଅପରାଧ ବଳାତ୍କାର ଓ ଡକାୟତି ମାମଲାରେ ଜଡିତ ଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଥିବା ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ୪ ଅନ୍ତେବାସୀଙ୍କ ମଧ୍ୟରୁ ୩ ଜଣ ଅପରାଧ ଘଟାଇବା ସମୟରେ ସାବାଳକ ଥିଲେ ବୋଲି ଏସ୍‌ଡ଼ିପିଓ ପତି କହିଛନ୍ତି। ଲକ୍‌ଡାଉନ୍ ଜାରି ରହିଥିବା ବେଳେ ଏବେ ବସ୍ ଓ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ହେଲେ ଅଦ୍ୟାବଧି ଧରାପଡି ନ ଥିବା ଅନ୍ତେବାସୀମାନେ ଏବେ କେଉଁଠି ଓ କିପରି ଅଛନ୍ତି ସେନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ୭ ଜଣ ବାଳସୁଧାର ଗୃହର କିଶୋର ପ୍ରକୋଷ୍ଠରେ ଥିବା ଅନ୍ତେବାସୀ ସୁରକ୍ଷାକର୍ମୀଙ୍କୁ ମାଡ ମାରିବା ସହ ମାରଣାସ୍ତ୍ର ଦେଖାଇ ତାଙ୍କ ନିକଟରୁ ଚାବିନେଇ ଫାଟକ ତାଲା ଖୋଲି ଫେରାର ହେଇଯାଇଥିଲେ। ଅନ୍ୟପଟେ ଘଟଣା ପରେ ସେଠାରେ କାର୍ଯ୍ୟରତ ଗୃହରକ୍ଷୀଙ୍କୁ ବାଳସୁଧାର ଗୃହରୁ ହଟାଇ ବ୍ରହ୍ମପୁର ଏସ୍‌ପି ଅଫିସରେ ନିୟୋଜିତ କରାଯାଇଥିବା ଏସ୍‌ଡ଼ିପିଓ ପତି ସୂଚନା ଦେଇଛନ୍ତି।

## ସରପଞ୍ଚଙ୍କୁ ଆକ୍ରମଣ ଘଟଣା, ଜେଲ ଗଲେ ଅଭିଯୁକ୍ତ

ଦିଗପହଣ୍ଡି,୧।୬(ଡି.ଏନ.ଏ.)

ଦିଗପହଣ୍ଡି ଥାନା ସୁଣ୍ଢିପଲ୍ଲୀ ଗ୍ରାମ ସଙ୍ଗରୋଧ କେନ୍ଦ୍ରରେ ଅନୁସୂଚିତ ଜାତିର ମହିଳା ସରପଞ୍ଚଙ୍କୁ ଅସଦାଚରଣ ଓ ଆକ୍ରମଣ କରିଥିବା ଅଭିଯୋଗରେ ଉକ୍ତ ଗ୍ରାମର ଡାକ ସ୍ୱାଇଁଙ୍କୁ ପୋଲିସ ସୋମବାର ଗିରଫ କରିଛି। ଡାକ ଶନିବାର ସଙ୍ଗରୋଧ କେନ୍ଦ୍ରରେ ସରପଞ୍ଚଙ୍କୁ ଅସଦାଚରଣ ଓ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ସରପଞ୍ଚଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ.୧୨୭/୨୦ ଅନୁସୂଚିତ ଜାତି ଓ ଜନଜାତି ସୁରକ୍ଷା ଆଇନର ବିଭିନ୍ନ ଧାରାରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ ତଦନ୍ତକାରୀ ଅଧିକାରୀ ଭାବେ ଏହାର ତଦନ୍ତ ସହ ଡାକଙ୍କୁ ଗିରଫ କରି ବ୍ରହ୍ମପୁର ଜିଲା ଜଜ୍ କୋର୍ଟକୁ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ମହିଳା ସରପଞ୍ଚ ଜଣକ ସଙ୍ଗରୋଧ କେନ୍ଦ୍ରରେ ତଦାରଖ କରୁଥିବା ବେଳେ ଡାକ ସେଠାକୁ ଧସେଇ ପଶି ଜଣେ ସମ୍ପର୍କୀୟ ଅନ୍ତେବାସୀଙ୍କୁ କିଛି ଖାଦ୍ୟ ଓ ମଦ ଦେବାକୁ ଉଦ୍ୟମ କରିଥିଲେ। ସରପଞ୍ଚ ଏହାକୁ ବାରଣ କରିବାରୁ ତାଙ୍କୁ ସେ ଅସଦାଚରଣ କରିବା ସହ ଆକ୍ରମଣ କରିଥିବା ଏସ୍‌ଡିପିଓ କହିଛନ୍ତି।

## ସରପଞ୍ଚଙ୍କୁ ଆକ୍ରମଣ ଘଟଣା, ୪ କୋର୍ଟଚାଲାଣ

**ପୋଲସରା,୧।୬(ଡି.ଏନ.ଏ.):** ପୋଲସରା ଥାନା କଳମ୍ବ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ରବିବାର ଆକ୍ରମଣ ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କରିଛି। ସେମାନେ ହେଲେ ବିକାଶ ସାହୁ ଓରଫ କାଉ, ସନ୍ତୋଷ ପ୍ରଧାନ, ରଞ୍ଜିତ କୁମାର ସାହୁ ଓ ବିଚିତ୍ର ସାହୁ। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। କଳମ୍ବ ଗ୍ରାମସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ରବିବାର ମଦ ଯୋଗାଣ ପାଇଁ ଅଭିଯୁକ୍ତମାନେ ଯାଉଥିବା ବେଳେ ସରପଞ୍ଚ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରାଯାଇଥିଲା। ଏହା ପ୍ରତିବାଦରେ କଳମ୍ବ ଗ୍ରାମବାସୀ ଅଭିଯୁକ୍ତଙ୍କୁ ଗିରଫ ଓ ଗ୍ରାମରେ ମଦ ବନ୍ଦ କରିବା ଦାବି ନେଇ ରାସ୍ତାରୋକ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିଥିଲେ। ସରପଞ୍ଚ ପ୍ରଧାନଙ୍କ ଅଭିଯୋଗକୁ ଆଧାର କରି ପୋଲିସ ନଂ.୧୧୯/୨୦ରେ ମାମଲା ରୁଜୁ କରିଥିଲା।

## ଏସ୍‌ଏଚ୍‌ଜି ଦ୍ୱାରା ଅଣ୍ଡା ବଣ୍ଟନ ନିଷ୍ପତ୍ତି ପ୍ରତ୍ୟାହାର

ବ୍ରହ୍ମପୁର ଅଫିସ,୧।୬

**ଅଙ୍ଗନୱାଡି କେନ୍ଦ୍ରକୁ ଦାୟିତ୍ୱ**

ଗଞ୍ଜାମ ଜିଲା ଅଙ୍ଗନୱାଡି କେନ୍ଦ୍ରକୁ ସ୍ୱୟଂସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଦ୍ୱାରା ଅଣ୍ଡା ବଣ୍ଟନ ନିଷ୍ପତ୍ତିକୁ ସୋମବାର ଜିଲାପାଳ ପ୍ରତ୍ୟାହାର କରିଛନ୍ତି। ଏସ୍‌ଏଚ୍‌ଜିଠାରୁ ଅଣ୍ଡା ବଣ୍ଟନ ଦାୟିତ୍ୱ ପ୍ରତ୍ୟାହାର କରାଯାଇ ଅଙ୍ଗନୱାଡିକୁ ଦିଆଯିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏପ୍ରିଲ ୧୫ରୁ ଗଞ୍ଜାମ ଜିଲା ସମାଜ ମଙ୍ଗଳ ଅଧିକାରୀ(ଡିଏସ୍‌ଡବ୍ଲ୍ୟୁଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ରହ୍ମପୁର ମହାନଗର ସମେତ ଜିଲାର ୨୨ ବ୍ଲକରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଅଣ୍ଡା ବଣ୍ଟନ କରିବାକୁ ୩ ଏସ୍‌ଏଚଜିକୁ ଦାୟିତ୍ୱ ଦିଆଯାଇଥିଲା। ଏହାକୁ ନେଇ ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

## ସରକାରୀ କାର୍ଯ୍ୟାଳୟରେ ଲାଗିଲା ୟୁଭିସି ମେଶିନ

ବ୍ରହ୍ମପୁର ଅଫିସ,୧।୬

ଇଲୋକ୍ଟ୍ରୋନିକ୍ ଉପକରଣ ତଥା ସାନିଟାଇଜର ଦ୍ୱାରା ବିଶୋଧିତ କରାଯାଇ ପାରୁ ନ ଥିବା ସାମଗ୍ରୀକୁ ବିଶୋଧନ କରିବା ନେଇ ବ୍ରହ୍ମପୁର ସରକାରୀ ଆଇଟିଆଇ ପକ୍ଷରୁ ନିର୍ମିତ ୟୁଭିସି(ଅଲଟ୍ରା ଭାଇଲେଟ୍ ଚାମ୍ବର) ସାନିଟାଇଜର ମେଶିନ ସୋମବାର ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ ସ୍ଥାପିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀ କକ୍ଷ, ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଚେୟାରମ୍ୟାନଙ୍କ କାର୍ଯ୍ୟାଳୟ ଓ ଦକ୍ଷତା ବିକାଶ ବିଭାଗ ଅଫିସରେ ୟୁଭିସି ସାନିଟାଇଜର ମେଶିନ ସ୍ଥାପନ କରାଯାଇଥିବା ଅନୁଷ୍ଠାନ ଅଧ୍ୟକ୍ଷ ସୂଚନା ଦେଇଛନ୍ତି। କରୋନା ମୁକାବିଲା ପାଇଁ ଏଭଳି ଉଦ୍‌ଭାବନକୁ ଓଏସ୍‌ଡିଏ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ, କୋଭିଡ୍-୧୯ କ୍ଷେତ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମୀ, ଡାକ୍ତରଙ୍କ ସମେତ ସମସ୍ତ କରୋନା ଯୋଦ୍ଧାଙ୍କ ଦ୍ୱାରା ବ୍ୟବହୃତ ଇଲୋକ୍ଟ୍ରୋନିକ୍ସ ଉପକରଣ, ପିପିଇ ତଥା ସାନିଟାଇଜର ଦ୍ୱାରା ବିଶୋଧିତ କରାଯାଇପାରୁ ନ ଥିବା ସାମଗ୍ରୀକୁ ବିଶୋଧନ କରିବା ଉଦ୍ଦେଶ୍ୟରେ ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ୟୁଭିସି ସାନିଟାଇଜର ମେଶିନ ନିର୍ମାଣ କରାଯାଇଥିଲା।


ୟୁଭିସି ସାନିଟାଇଜର ମେଶିନ ସ୍ଥାପନ ବେଳେ ସୁବ୍ରତୋ ବାଗ୍‌ଚୀଙ୍କ ସହ ଆଇଟିଆଇ ଅଧ୍ୟକ୍ଷ।

## ଓହ୍ଲାଇଲେଣି ୧.୫୦ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ

ଛତ୍ରପୁର,୧।୬(ଡି.ଏନ୍.ଏ.)

- ବ୍ରହ୍ମପୁର, ଜଗନ୍ନାଥପୁର ଷ୍ଟେଶନକୁ ଆସିଛି ୯୦ ଟ୍ରେନ୍
- ଟ୍ରେନ୍, ବସ୍ ସହ ପ୍ରବାସୀଙ୍କୁ କରାଯାଉଛି ସାନିଟାଇଜ

ଗଞ୍ଜାମ ଜିଲା ବ୍ରହ୍ମପୁର ଓ ଜଗନ୍ନାଥପୁର ଷ୍ଟେଶନକୁ ମାସକ ମଧ୍ୟରେ ବିଭିନ୍ନ ରାଜ୍ୟରୁ ୯୦ଟ୍ରେନ୍ ଆସିଛି। ଏଥିରେ ୧ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଶାକୁ ଫେରିଛନ୍ତି। ଗଞ୍ଜାମ ସମେତ ରାଜ୍ୟର ଅନ୍ୟ ଜିଲାଗୁଡିକର ଏହି ପ୍ରବାସୀମାନଙ୍କ ନିମନ୍ତେ ଗଞ୍ଜାମ ଜିଲା ପ୍ରଶାସନ ସମସ୍ତ ସୁବିଧା କରିଛି। କରୋନା ମହାମାରୀ ଟଳିବା ପର୍ଯ୍ୟନ୍ତ ଜିଲା ପ୍ରଶାସନ ଯୁଦ୍ଧ ଜାରି ରଖିବ ବୋଲି ଜିଲାକୁ ଆସିଥିବା ଆଇଏଏସ୍ ଅଫିସର କୀର୍ତ୍ତି ଭାଷନ ଟୁଇଟ କରି କହିଛନ୍ତି। କରୋନା ସଂକ୍ରମଣ ପ୍ରତିହତ କରିବା ପାଇଁ ଜିଲାର ଅଗ୍ନିଶମ କର୍ମଚାରୀ ଦିନରାତି କାମରେ ଲାଗିଛନ୍ତି। ବ୍ରହ୍ମପୁର, ଜଗନ୍ନାଥପୁରରେ ଓହ୍ଲାଉଥିବା ପ୍ରବାସୀ, ସେମାନଙ୍କ ବ୍ୟାଗ, ଷ୍ଟେଶନ ପ୍ଲାଟଫର୍ମ ଓ ସମ୍ପୂର୍ଣ୍ଣ ଟ୍ରେନକୁ ଅଗ୍ନିଶମ କର୍ମଚାରୀ ସାନିଟାଇଜ୍ କରୁଛନ୍ତି। ଷ୍ଟେଶନରୁ ପ୍ରବାସୀଙ୍କୁ ଓଏସ୍‌ଆରଟିସି, ସିଟି ବସ୍, ଘରୋଇ ବସ୍ ଯୋଗେ ସେମାନଙ୍କ ନିଜ ନିଜ ବ୍ଲକକୁ ପଠାଯାଇଛି। ତେଣୁ ବସ୍ ଓ ଚାଳକଙ୍କୁ ନିୟମିତ ସାନିଟାଇଜ୍ କରାଯାଉଥିବା ଗଞ୍ଜାମ ଆର୍‌ଟିଓଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଗଞ୍ଜାମ ଜିଲା ଦେଇ ଅନ୍ୟ ରାଜ୍ୟକୁ ଫେରୁଥିବା ପ୍ରବାସୀ ଓ ଗାଡିର ପଞ୍ଜୀକରଣ ଗିରିଶୋଲା ଚେକ୍ ଗେଟରେ କରାଯାଉଛି। ଏଠାରେ ଶିକ୍ଷା, ପରିବହନ କର୍ମଚାରୀ ୨୪ ଘଣ୍ଟିଆ କାମ କରୁଛନ୍ତି। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହଳଦିଆପଦର ବସ୍ ଟର୍ମିନାଲରେ ପ୍ରବାସୀମାନଙ୍କୁ ଖାଦ୍ୟ, ପାଣି ଦିଆଯିବା ପରେ ବସ ଯୋଗେ ସେମାନଙ୍କ ଅଞ୍ଚଳକୁ ପଠାଯାଉଛି।



ବସକୁ ସାନିଟାଇଜ କରାଯାଉଛି।

## ସଂକ୍ଷେପରେ

### ହତ୍ୟାକାଣ୍ଡ: ଶ୍ୱଶୁର ମୃତ, ପୁତ୍ରବଧୂ ଗୁରୁତର

ସୋନପୁର/ଉଲୁଣ୍ଡା,୧।୬ (ନି.ପ୍ର/ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ପଞ୍ଚମହଲା ପଞ୍ଚାୟତ ଅନ୍ତର୍ଗତ ଧୂଳଧୂଳା ଦଳିତ ପଡାରେ ସୋମବାର ଭୋର ସମୟରେ ଏକ ହତ୍ୟାକାଣ୍ଡ ଘଟିଛି। ପଡାର ରାଜକୁମାର ଲୁହା(୫୦)ଙ୍କୁ ଦୁର୍ବୃତ୍ତ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଗୃହରେ ରାଜକୁମାର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ବେଳେ ପୁତ୍ରବଧୂ ଭାନୁମତୀ ଲୁହା(୨୫) ଚେତାଶୂନ୍ୟ ଅବସ୍ଥାରେ ଥିଲେ। ରାଜକୁମାର ଓ ଭାନୁମତୀଙ୍କୁ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଡାକ୍ତର ରାଜକୁମାରଙ୍କୁ ମୃତ ଘୋଷଣା କରିଥିଲେ। ଭାନୁମତୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଭାନୁମତୀଙ୍କ ସ୍ୱାମୀ ଅନେକ ଦିନରୁ ବାହାର ରାଜ୍ୟକୁ କାମ କରିବା ପାଇଁ ଯାଇଛନ୍ତି। ମୃତକଙ୍କ ସ୍ତ୍ରୀ ଭକ୍ତିଙ୍କ ଲିଖିତ ଅଭିଯୋଗକ୍ରମେ ଉଲୁଣ୍ଡା ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନି। ତେବେ ଭକ୍ତିଙ୍କୁ ପଚରାଉଚୁରା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି।

# ଶେଷରେ ଆଶା ପୂରଣ ହେଲା

**ସମ୍ବଲପୁର ୧।୬(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ୍ ଝାଙ୍କରପାଲି ପଞ୍ଚାୟତର ହାତୀବାରୀ ଗ୍ରାମରେ ୫ ବର୍ଷ ହେଲା ଅଚଳ ହୋଇ ପଡ଼ି ରହିଥିବା ପାନୀୟ ଜଳ ପ୍ରକଳ୍ପ ଶେଷରେ କାର୍ଯ୍ୟକ୍ଷମ ହୋଇଛି। ମଉଳି ଯାଉଥିବା ଲୋକଙ୍କ ଆଶା ଏବେ ପୂରଣ ହୋଇଛି। ଏହି ଗ୍ରାମବାସୀ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ମେ ୭ ତାରିଖରେ 'ଆଶା ମଉଳି ଯାଉଛି' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ତତ୍ପରତା ଦେଖାଇଥିଲା। ନିର୍ବାହୀ ଯନ୍ତ୍ରୀ ବି. କେ ରାଉତରାୟ ଶୀଘ୍ର ଜଳ ଯୋଗାଣ ଲାଗି ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଜେଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଏହି ପ୍ରକଳ୍ପରୁ ପାଣି ଯୋଗାଣ ଆରମ୍ଭ ହୋଇଛି। ଏବେ ଗ୍ରାମବାସୀ ଦିନକୁ ଦୁଇବେଳା ପାଣି ପାଉଛନ୍ତି। ହାତିବାରୀ ରାଜସ୍ୱ ଗ୍ରାମର ଗଉଡପଡା ଓ ହାତିବାରୀର ପ୍ରାୟ ୧୫୦ ପରିବାର ପାଖରେ ପାଣି ପହଞ୍ଚିଛି। ଲୋକଙ୍କ ଜଳକଷ୍ଟ ଦୂର ହୋଇଛି। ତେବେ ଗାଁର ୨ଟି ପଡାକୁ ପାଣି ଆସି ପାରିଛି, କିନ୍ତୁ ବିଜୁପଡାକୁ ପାଣି ପହଞ୍ଚି ପାରି ନାହିଁ। କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମ ଚାଲିଥିବାରୁ ଏହି ପଡ଼ାକୁ ପାଣି ପହଞ୍ଚିବାରରେ ସମସ୍ୟା ହୋଇଛି। ରାସ୍ତା କାମ ଯୋଗୁ ମାଟି ତଳେ ବିଛା ଯାଇଥିବା ପାଇପ୍‌ଗୁଡିକ ଖୋଲି ଦିଆଯାଇଛି। ଜାତୀୟ ରାଜପଥ ବିଭାଗ ଅବଶ୍ୟ ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ କ୍ଷତିପୂରଣ ବାବଦକୁ ଟଙ୍କା ଜମା କରିଛି। ହେଲେ ପଞ୍ଚାୟତ କର୍ତ୍ତପକ୍ଷ ପାଇପ୍ ବିଛାଇବାକୁ ପଦକ୍ଷେପ ନେଉନାହାଁନ୍ତି। ତେବେ ପଞ୍ଚାୟତ କର୍ତ୍ତପକ୍ଷଙ୍କୁ ବାରମ୍ବାର ଏହି ପ୍ରକଳ୍ପ ଅଚଳ ନେଇ ଅଭିଯୋଗ କରାଯାଇଥିଲା। ହେଲେ ମରାମତି କରିବା ଦିଗରେ ଧ୍ୟାନ ଦିଆଯାଉ ନ ଥିଲା। ପଞ୍ଚାୟତ ହାତରେ ଏହି ପ୍ରକଳ୍ପ ପରିଚାଳନା ଦାୟିତ୍ୱ ରହିଛି। ଏଣୁ ଏହାର କାର୍ଯ୍ୟକ୍ଷମ ଓ ମରାମତି କରିବା ପଞ୍ଚାୟତର କାମ, ଏଥିପାଇଁ ଅନୁଦାନ ମଧ୍ୟ ଆସିଥାଏ। ଅନ୍ୟପକ୍ଷେ ବିଜୁପଡାରେ ୨ ବର୍ଷ ପୂର୍ବରୁ ଏକ ସୋଲାର ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ହେଲେ ଏବେ ତାହା ଅଧାପନ୍ତରିଆରେ ପଡିଛି। ଯଦି ସୋଲାର ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୁଏ ତେବେ କିଛି ପରିମାଣରେ ପାଣି ସମସ୍ୟା ଦୂର ହୋଇଯିବ ବୋଲି ବିଜୁ ପଡାବାସୀ କହିଛନ୍ତି। ସୂଚନାଯୋଗ୍ୟ, ଝୁଝୁମୁରା ବ୍ଲକ୍ କାର୍ଯ୍ୟାଳୟରୁ ପ୍ରାୟ ୧୫କି.ମି. ଦୂର ହାତୀବାରୀ ଗାଁରେ ହାତୀବାରୀ, ବିଜୁପଡ଼ା, ଗଉଡ଼ପଡାର ପ୍ରାୟ ୨୫୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ଖରାଦିନ ଆସିଲେ ଏଠାକାର ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗିଥାନ୍ତି। ଏଣୁ ଏଠାରେ ପାଣି ସମସ୍ୟାର ସମାଧାନ ଲାଗି ୨୦୧୧-୧୨ରେ ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଥିଲା।

**ଝୁଝୁମୁରା ବ୍ଲକ**



ହାତୀବାରୀ ଗାଁର ୨ ଜଣ ମହିଳା ଷ୍ଟାଣ୍ଡପୋଷ୍ଟରୁ ପାଣି ନେଉଛନ୍ତି।

- ଧରିତ୍ରୀରେ ଖବରପ୍ରକାଶ ପରେ ତତ୍ପରତା ପ୍ରକାଶ ପାଇଲା
- ଗ୍ରାମବାସୀ ଦୁଇବେଳା ପାଣି ପାଇଲେ
- ରାସ୍ତାକାମ ଯୋଗୁ ବିଜୁପଡା ବାକି ରହିଲା
- ଅଧାରେ ଅଟକିଛି ସୋଲାର ପ୍ରକଳ୍ପ
- ପଞ୍ଚାୟତ କର୍ତ୍ତପକ୍ଷ ପାଇପ୍ ବିଛାଇବାକୁ ପଦକ୍ଷେପ ନେଉନାହାଁନ୍ତି

# କିରୋସିନ ରିଟେଲର ନିଲମ୍ବିତ

**ବଲାଙ୍ଗୀର ଅଫିସ, ୧।୬**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ମହୀମୁଣ୍ଡା ପଞ୍ଚାୟତରେ ପିଡିଏସ୍ କିରୋସିନ ଦୁର୍ନୀତି ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିଛି। ତଦନ୍ତ ଟିମ୍‌ର ରିପୋର୍ଟକୁ ଭିତ୍ତିକରି ଉପଜିଲାପାଳ ସମ୍ପୃକ୍ତ କିରୋସିନ ରିଟେଲରଙ୍କୁ ନିଲମ୍ବିତ କରିଛନ୍ତି। । ଏନେଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ପୁଇଁତଲା ବିଡିଓ ଓ ଜିଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମୁହୀମୁଣ୍ଡା ଗାଁର କେତେକ ଖାଉଟୀ ଓ ୱାର୍ଡମେମ୍ବର ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି କିରୋସିନ ରିଟେଲର ପ୍ରସନ୍ନ କୁମାର ସାହୁଙ୍କ ଦୁର୍ନୀତି ଓ ମନମୁଖୀ କାର୍ଯ୍ୟକୁ ନେଇ ଅଭିଯୋଗ କରିଥିଲେ। ରିଟେଲର କିରୋସିନ ଚଢ଼ାଦରରେ ବିକ୍ରି କରୁଥିବା ଓ କମ୍ ଓଜନର ଦେଉଥିବା ଅଭିଯୋଗ କରିଥିଲେ। ଏହାପରେ ଉପଜିଲାପାଳ ମିଶ୍ର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଯୋଗାଣ ବିଭାଗର ଏକ ଟିମ୍ ଶନିବାର ମହୀମୁଣ୍ଡା ଗାଁକୁ ଯାଇ ସରଜମିନ୍ ତଦନ୍ତ କରିଥିଲା। ତଦନ୍ତ ବେଳେ ରିଟେଲର ସରକାରୀ ଧାର୍ଯ୍ୟ ମୂଲ୍ୟରୁ ଚଢ଼ାଦରରେ ଖାଉଟୀଙ୍କୁ କିରୋସିନ ବିକ୍ରି କରିବା ସହ ନିର୍ଦ୍ଧାରିତ ଓଜନର କିରୋସିନ ନ ଦେଇ ଠକେଇ କରୁଥିବା ଧରାପଡିଥିଲା। ଏହି ରିପୋର୍ଟକୁ ଭିତ୍ତିକରି ଉପଜିଲାପାଳ ସମ୍ପୃକ୍ତ ରିଟେଲରଙ୍କୁ ନିଲମ୍ବିତ କରିଛନ୍ତି। କିଛିଦିନ ପୂର୍ବରୁ ମହୀମୁଣ୍ଡା ଗ୍ରାମପଞ୍ଚାୟତରେ ପିଡିଏସ୍ ଚାଉଳ ଆତ୍ମସାତ୍ ଘଟଣା ଧରାପଡିଥିଲା।

# ଗୋ ମାଂସ ବିକ୍ରି ଭିଡିଓ ଭାଇରାଲ, ତଦନ୍ତ କଲା ପୋଲିସ

**ବଲାଙ୍ଗୀର ଅଫିସ, ୧।୬**

ବଲାଙ୍ଗୀର ଜିଲା ପୁଇଁତଲା ଥାନାର ଏକ ଗାଁରେ ଗୋ ମାଂସ ବିକ୍ରି ହୋଇଥିବାର ଏକ ଭିଡିଓ ଭାଇରାଲ ପରେ ଘଟଣାକୁ ନେଇ ପୋଲିସ ତଦନ୍ତ କରିଛି। ଏ ନେଇ ଏକ ଷ୍ଟେଶନ୍ ଡାଇରୀ କରି ପୁଇଁତଲା ଥାନା ଅଧିକାରୀ ବି ରୁଦ୍ରିଆ ସୋମବାର ଘଟଣାର ତଦନ୍ତ କରିଛନ୍ତି। ପଥର୍ଲା ପଞ୍ଚୟତର ଲୁହରେନ୍‌ପାଲି ଗାଁରେ ଗୋଟିଏ ଗାଈକୁ ଜଣେ ବ୍ୟକ୍ତି ୨ ହଜାର ଟଙ୍କାରେ ବିକ୍ରି କରିବା ପରେ କିଛି ଲୋକ ଗାଈଟିକୁ କାଟି ମାଂସ ବିକ୍ରି କରିଥିଲେ। ଏହା ଜାଣିବା ପରେ ସେହି ଗାଁର କିଛି ଲୋକ ସମ୍ପୃକ୍ତ ଲୋକଙ୍କୁ ମାଡ ମାରିଛନ୍ତି। ତେବେ ଏ ନେଇ କେହି ଅଭିଯୋଗ କରି ନ ଥିବାରୁ ଏକ ଷ୍ଟେସନ୍ ଡାଇରୀ କରାଯାଇଥିବା ଥାନା ଅଧିକାରୀ ରୁଦ୍ରିଆ ସୂଚନା ଦେଇଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଜୁରୀ ମିଳୁନି

**ନୂଆପଡ଼ା ଅଫିସ,୧।୬**

**ଶ୍ରମିକଙ୍କ ୪ ଲକ୍ଷ ଟଙ୍କା ବାକି**

ଏମ୍‌ଜିଏନ୍‌ଆରଇଜିଏସ୍ କାମର ମଜୁରୀ ଶ୍ରମିକମାନଙ୍କୁ ମିଳୁନି। ଶ୍ରମିକଙ୍କ ପ୍ରାୟ ୪ ଲକ୍ଷ ଟଙ୍କା ବାକି ରହିଛି ବୋଲି ଅଭିଯୋଗ ହୋଇଛି। ଏପରି ସ୍ଥିତିରେ ଗରିବ ଶ୍ରମିକମାନେ କିପରି ନିଜ ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତା ଘାରିଛି। ଅଭିଯୋଗ ଅନୁଯାୟୀ, ସଦର ବ୍ଲକ ଆମସେନା ପଞ୍ଚାୟତ ଗୋତମା ଖାରକଟା ପୋଖରୀ ଖନନ କାମରେ ଗାଁର ଶ୍ରମିକମାନେ ନିୟୋଜିତ ହୋଇଥିଲେ। ୯ଲକ୍ଷ ୯୦ହଜାର ଟଙ୍କାର ବ୍ୟୟ ଅଟକଳରେ ଏହି ପୋଖରୀ ଖନନ କାମ ହୋଇଥିଲା। ହେଲେ ଅଦ୍ୟାବଧି ଶ୍ରମିକମାନଙ୍କୁ ୫ଲକ୍ଷ ଟଙ୍କାର ପେମେଣ୍ଟ ହୋଇଛି। ବାକି ପ୍ରାୟ ୪ ଲକ୍ଷ ଟଙ୍କା ବାକି ଅଛି। ଏହାକୁ ନେଇ ଶ୍ରମିକମାନେ ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏ ସଂକ୍ରାନ୍ତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ବାରିକଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, କରୋନା ମୁକାବିଲା କାମରେ ବିଭାଗୀୟ ଅଧିକାରୀମାନେ ବ୍ୟସ୍ତ ରହିଥିବାରୁ ଶ୍ରମିକମାନଙ୍କୁ ସେମାନଙ୍କ ବକେୟା ଟଙ୍କା ଦେବାରେ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ଶ୍ରମିକମାନଙ୍କୁ ସେହି ଅର୍ଥ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ୨ ସ୍ପେଶାଲ ଟ୍ରେନ୍‌ରେ ପହଞ୍ଚିଲେ ପ୍ରବାସୀ

**ବଲାଙ୍ଗୀର ଅଫିସ, ୧।୬**

ବଲାଙ୍ଗୀର ରେଳଷ୍ଟେଶନ୍‌ରେ ରବିବାର ରାତିରେ ୨ଟି ଶ୍ରମିକ ସ୍ପେଶାଲ ଟ୍ରେନ୍ ପହଞ୍ଚିଥିଲା। ତାମିଲନାଡୁର ତିରପୁରରୁ ରାଉରକେଲା ଯାଉଥିବା ଶ୍ରମିକ ସ୍ପେଶାଲ ଟ୍ରେନ୍ ରାତି ୯ଟାରେ ଏଠାରେ ପହଞ୍ଚିଥିଲା। ଏଥିରେ ବଲାଙ୍ଗୀର ଜିଲାର ୨୭୧, ବରଗଡର ୧୩୨, ସୁବର୍ଣ୍ଣପୁରର ୬୬, ବୌଦ୍ଧର ୮, କଳାହାଣ୍ଡିର ୮୪, ନୂଆପଡାର ୩୫ ଏଭଳି ସମୁଦାୟ ୫୯୬ ଜଣ ଏହି ଷ୍ଟେଶନ୍‌ରେ ଓହ୍ଲାଇଥିଲେ। ମହାରାଷ୍ଟ୍ର ଏଲଟିଇ ଷ୍ଟେଶନ୍‌ରୁ ବାଲେଶ୍ୱର ଯାଉଥିବା ଏହି ଟ୍ରେନ୍‌ରୁ ୪୯ ଜଣ ପ୍ରବାସୀ ବଲାଙ୍ଗୀର ରେଳଷ୍ଟେଶନ୍‌ରେ ଓହ୍ଲାଇଥିଲେ। ଏଥିରେ ବଲାଙ୍ଗୀରର ୨୯, କଳାହାଣ୍ଡିର ୧୮ ଓ ନୂଆପଡାର ୨ ଜଣ ଓହ୍ଲାଇଥିଲେ। ଜିଲାପାଳ ଅରିନ୍ଦମ ଡାକୁଆ, ଏସପି ସନ୍ଦୀପ ମାଡକର, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ପ୍ରବାସୀଙ୍କ ଥର୍ମାଲ ସ୍କାନିଂ କରାଯିବା ପରେ ସମସ୍ତଙ୍କୁ ଷ୍ଟାମ୍ପ ଲାଗାଯାଇଥିଲା। ଏହାପରେ ସମସ୍ତଙ୍କୁ ଖାଦ୍ୟ ଓ ପାନୀୟ ଦେଇ ବସ୍ ଯୋଗେ ନିଜ ନିଜ ଜିଲାର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଥିଲା।

# ଟ୍ରାଞ୍ଜିଟ ସେଣ୍ଟରକୁ ନେଇ ବିବାଦ

**ତରଭା, ୧।୬(ଡି.ଏନ.ଏ.)**

କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲାକୁ ଆସୁଥିବା ପ୍ରବାସୀ ଶ୍ରମିକମାନଙ୍କୁ ତରଭା ଅଣାଯିବା ନେଇ ଜନଅସନ୍ତୋଷ ଦେଖାଦେଇଛି। ଗତ ୨୨ତାରିଖ ଚେନ୍ନାଇରୁ ଟ୍ରେନ ଯୋଗେ ଆସିଥିବା ସୁବର୍ଣ୍ଣପୁର ଜିଲାର ପ୍ରବାସୀ ଶ୍ରମିକମାନେ ବଲାଙ୍ଗୀର ରେଳ ଷ୍ଟେଶନରେ ଓହ୍ଲାଇ ତରଭା ଟ୍ରାଞ୍ଜିଟ ସେଣ୍ଟରକୁ ଆସିଥିଲେ। ଏଠାରେ ସେମାନଙ୍କର ଖାଦ୍ୟ ପାନୀୟ ବ୍ୟବସ୍ଥା ପରେ ନିଜନିଜ ବ୍ଲକ ଅଞ୍ଚଳକୁ ନିଆଯାଇଥିଲା। ପ୍ରବାସୀମାନେ ଆସିବା ପୂର୍ବରୁ ତରଭା ଅଞ୍ଚଳର ସଚେତନ ନାଗରିକମାନେ ତରଭା ଖେଳ ପଡିଆ ଜନବସତି ନିକଟବର୍ତ୍ତୀ ଥିବା ଦର୍ଶାଇ ଖେଳ ପଡିଆରେ ଟ୍ରାଞ୍ଜିଟ ସେଣ୍ଟର ନ କରିବାକୁ ଜିଲା ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାସଙ୍କୁ ସାକ୍ଷାତ୍ କରି ଅନୁରୋଧ କରିଥିଲେ। ଏଥର ଯାହା ନିର୍ଦ୍ଧାରିତ ହୋଇଛି ସରିଯାଉ, ଆଗାମୀ ଦିନରେ ଏଠାରେ ଟ୍ରାଞ୍ଜିଟ ସେଣ୍ଟର ନ ହେବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ରବିବାର ରାତିରେ ବଲାଙ୍ଗୀର ରେଳ ଷ୍ଟେଶନରୁ ଟ୍ରେନଯୋଗେ ଆସିଥିବା ୧୭୧ଜଣ ଶ୍ରମିକ ଏଠାକୁ ଆସୁଥିବା ବିଡିଓ ନିହାର ରଞ୍ଜନ କହଁର ସୂଚନା ଦେଇଥିଲେ। ହେଲେ ପ୍ରକୃତପକ୍ଷେ ୩ଟି ବସ୍ ଯୋଗେ ତରଭା ବ୍ଲକର ୧୦, ଉଲୁଣ୍ଡା ବ୍ଲକର ୧୧, ଡୁଙ୍ଗୁରିପାଲିର ୧୭, ବିନିକା ବ୍ଲକର ୧୪, ବୀରମହାରାଜପୁର ବ୍ଲକର ୪ ଜଣ ଏହିପରି ୬୪ଜଣ ଶ୍ରମିକ ଆସିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ତରଭା ଖେଳ ପଡିଆରେ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଇଥିଲା। ଏହି ଖେଳପଡିଆର ଚାରିପାର୍ଶ୍ୱରେ ବ୍ଲକ କଲୋନୀ, ତରଭା କଲେଜ, ଜେଏମଏଫସି କୋର୍ଟ, ଦଳିତ ପଡା ଲାଗି କରି ରହିଛି। ଏହି ଖେଳ ପଡିଆରେ ଦୈନିକ ବଜାର ବସୁଥିବା ବେଳେ ଲୋକେ ଏଠାରେ ବ୍ୟାୟାମ କରୁଛନ୍ତି। ପ୍ରବାସୀ ଶ୍ରମିକ ମାନେ ଆସୁଥିବା ଯୋଗୁଁ ଏହି ପଡିଆ ପାର୍ଶ୍ୱରେ ଥିବା ଜନସାଧାରଣ ସେଠାକୁ ଯିବା ପାଇଁ ଭୟ କରୁଛନ୍ତି। ଏଣୁ ଏହି ଖେଳ ପଡିଆରେ ଟ୍ରାଞ୍ଜିଟ ସେଣ୍ଟର ନ କରି ଜାତୀୟ ରାଜପଥ ପାର୍ଶ୍ୱରେ ଅନ୍ୟ କୌଣସି ସ୍ଥାନରେ କରିବା ପାଇଁ ସୋମବାର ସନ୍ଧ୍ୟାରେ ଜନସାଧାରଣ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଆଇଆଇସି ଡୋଳାମଣୀ ଭୋଇ,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲଦାର ପଣ୍ଡା ଏ ବିଷୟରେ ଜିଲାପାଳଙ୍କୁ ଅବଗତ କରାଇବି ବୋଲି ପ୍ରକାଶ କରିଥିଲେ। ସୋମବାର ସକାଳେ ଅଗ୍ନିଶମ ବିଭାଗ ପକ୍ଷରୁ ଖେଳପଡିଆକୁ ସାନିଟାଇଜ କରାଯାଇଥିଲା।



ତରଭା ଖେଳ ପଡିଆରେ ପ୍ରବାସୀ ଶ୍ରମିକଙ୍କୁ ଖାଦ୍ୟ, ପାନୀୟ ଦିଆଯାଉଛି।

# ସ୍ୱାବ୍ ଟେଷ୍ଟ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଉ: ପ୍ରଦୀପ୍ତ



ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ।

**କୋକସରା,୧।୬ (ଡି.ଏନ.ଏ.)**

ସ୍ୱାବ୍ ଟେଷ୍ଟ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଉ। ନଚେତ କରୋନା ସଂକ୍ରମଣ ବଢ଼ିବ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଛନ୍ତି। ଶନିବାର କଳାହାଣ୍ଡି ଜିଲା କୋକସରା ବ୍ଲକରେ ଥିବା ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟର ବୁଲି ଦେଖିବା ପରେ ପ୍ରଦୀପ୍ତ କୋକସରା ବ୍ଲକ ସଭାଗୃହରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଏଭଳି ମନ୍ତବ୍ୟ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି, ପ୍ରବାସୀ ଶ୍ରମିକଙ୍କୁ ରାଜ୍ୟ ସରକାର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିଛନ୍ତି। ହେଲେ ସେମାନଙ୍କ ଉପଯୁକ୍ତ ଯତ୍ନ ନିଆଯାଉ ନାହିଁ। ପ୍ରବାସୀ ଶ୍ରମିକ ବିଭିନ୍ନ ସଂକ୍ରମିତ ରାଜ୍ୟରୁ ଆସିଛନ୍ତି। ସେମାନଙ୍କ ରକ୍ତ ନମୁନା କିମ୍ବା ସ୍ୱାବ୍ ଟେଷ୍ଟ କରାଯାଉନାହିଁ। ଯାହା କି କରୋନା ସଂକ୍ରମଣ ବଢିବା ନେଇ ଆଶଙ୍କା ସୃଷ୍ଟି କରିଛି। ଶନିବାର କଳାହାଣ୍ଡିରେ ଥିବା ଏକ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଜଣେ ପ୍ରବାସୀ ଶ୍ରମିକ ଘରକୁ ଫେରିଥିଲେ। ଗୋଲାମୁଣ୍ଡା ବ୍ଲକର ଏହି ଶ୍ରମିକଙ୍କ ସ୍ୱାବ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ବଢ଼ିଛି। ଏଥିପାଇଁ ପ୍ରବାସୀ ଶ୍ରମିକଙ୍କ ରକ୍ତ ଓ ସ୍ୱାବ୍ ନମୁନା ଟେଷ୍ଟ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯିବା ଉଚିତ। ପୂର୍ବରୁ ୧୪ ଦିନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ। ଏବେ ଆମ ରାଜ୍ୟ ସରକାର ସେହି ସମୟ ସୀମାକୁ ୭ ଦିନକୁ କମାଇ ଦେଇଛନ୍ତି। ଯାହାକି ସଂକ୍ରମଣକୁ ଆମନ୍ତ୍ରଣ କରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ବାହାରିବା ପରେ ଶ୍ରମିକମାନଙ୍କୁ ସରକାର ନିଜସ୍ୱ ଖର୍ଚ୍ଚରେ ଗାଡି କରି ଘରକୁ ପଠାଇବା ପାଇଁ ବ୍ୟବସ୍ଥା କରନ୍ତୁ ବୋଲି ନାଏକ ଦାବି କରିଛନ୍ତି।

ଏହି ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଜିଲା ଭାଜପା କୃଷକ ମୋର୍ଚ୍ଚା ନେତା ସୁଧୀରରଞ୍ଜନ ପାଢ଼ଯୋଷୀ, ଭାଜପା ନବରଙ୍ଗପୁର ପ୍ରଭାରୀ ଲକ୍ଷ୍ମୀକାନ୍ତ ବାଗ, ଅଜୟ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ବିଜୟଦେବ ସାହୁ, ଯୁଗଳ ପୋଡ, ଏମ୍‌ପିଙ୍କ ପ୍ରତିନିଧି ମୁକେଶ ଅଗ୍ରୱାଲ, କୋକସରା ବ୍ଲକ ସଭାପତି ତ୍ରିନାଥ ବାଗ, ମନୀନ୍ଦ୍ର ପାତ୍ର, ଡମ୍ବରୁ ଠାକୁର, ନରେନ୍ଦ୍ର ପ୍ରଧାନି, ରାମଚନ୍ଦ୍ର ପାଣିଗ୍ରାହୀ, ଦୁର୍ଗା ପ୍ରଧାନି, ତ୍ରିନାଥ ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ବିହନ ମିଳୁନି, ଜମି ପ୍ରସ୍ତୁତ କରି ଅପେକ୍ଷା କରିଛି ଚାଷୀ

**ବଡ଼ଗାଁ, ୧।୬ (ଡି.ଏନ.ଏ.)**

**ବଡଗାଁ ବ୍ଲକ**

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ବଡ଼ଗାଁ ଲ୍ୟାମ୍ପ୍ସ, ସାହାଜବାହାଲ ଲ୍ୟାମ୍ପ୍ସ ଓ ଶଙ୍କରାପୋଷ ଏମ୍‌ପିସିଏସ୍‌ରେ ଖରିଫ ଚାଷ ପାଇଁ ବିହନ ମିଳୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀମାନେ ଆଗାମୀ ଚାଷ ପାଇଁ ଜମି ପ୍ରସ୍ତୁତ କରିସାରିଛନ୍ତି। ବର୍ତ୍ତମାନ ତଳି ପକାଇବା ସମୟ। ଚାଷୀମାନେ ପ୍ରତିଦିନ ଲ୍ୟାମ୍ପ୍ସକୁ ବିହନ ପାଇଁ ଆସି ନିରାଶ ହୋଇ ଫେରୁଛନ୍ତି। ବଡ଼ଗାଁ ଲ୍ୟାମ୍ପ୍ସରେ ମାଳ କିସମ ଜମି ପାଇଁ ଆବଶ୍ୟକ ବିହନ ବ୍ୟତୀତ ଆଉ କିଛି ନାହିଁ। ଏ ସମ୍ପର୍କରେ ଲ୍ୟାମ୍ପ୍ସ ଏମ୍‌ଡି ଭୋଳାନାଥ ପଟେଲଙ୍କୁ ବଡଗାଁର ବ୍ରହ୍ମାନନ୍ଦ ପାଣିଗ୍ରାହୀ, ଲୁଲୁ ପାଣିଗ୍ରାହୀ, ପରମାନନ୍ଦ ପାଣିଗ୍ରାହୀ, ଆଦିତ୍ୟ ସା, ସତ୍ୟନାରାୟଣ ସା, ରବି ସା ପ୍ରମୁଖ ଚାଷୀମାନେ ଆଲୋଚନା କରିବା ସହ ତୁରନ୍ତ ବିହନ ଯୋଗାଇବା ପାଇଁ ଦାବି କରିଥିଲେ। ଏମ୍‌ଡି ପଟେଲଙ୍କୁ ପଚାରିବାରେ ମାଳ ଧାନ ବିହନ ଅଛି, ଅନ୍ୟ ବିହନ ଆସିନାହିଁ। ଡ୍ରାଫ୍ଟ ଭରି ସିଡ୍ସ କର୍ପୋରେଶନକୁ ଦେଇଛୁ। ଆବଶ୍ୟକ କିସମ ବିହନ ଏ ଯାଏଁ ଆସି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ସେ ସ୍ୱୀକାର କରିଛନ୍ତି।

# କଳା ଦିବସ ପାଳିଲେ ବିଦ୍ୟୁତ୍ କର୍ମଚାରୀ



କଳା ଦିବସ ପାଳନ ଅବସରରେ ବିଦ୍ୟୁତ୍ କର୍ମଚାରୀ ସଂଘ କର୍ମକର୍ତ୍ତା।

**ଦେବଗଡ଼,୧।୬(ଡ଼ି.ଏନ୍.ଏ.)**

ବିଦ୍ୟୁତ କ୍ଷେତ୍ରକୁ ଘରୋଇକରଣ ନ କରିବା, ଇଲେକ୍ଟ୍ରିସିଟି ବିଧେୟକକୁ ବାତିଲ କରିବା ଓ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ଆଦି ଦାବିରେ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ଦେବଗଡ଼ ଶାଖା ସୋମବାର କଳା ଦିବସ ପାଳନ କରିଛି। ଏହି ଅବସରରେ ଦେବଗଡ଼ ଶାଖାର ସମସ୍ତ କର୍ମଚାରୀ ଓ ହୀରାଖଣ୍ଡ ୱାର୍କର ସଂଘ ମିଳିତ ଭାବେ ଡ଼ିଭିଜନ କାର୍ଯ୍ୟାଳୟ ପରିସରରେ ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ଡ଼ିଭିଜନାଲ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସାମଲ, ସବ୍-ଡ଼ିଭିଜନାଲ ସମ୍ପାଦକ ସୁରେଶ ଦେହୁରୀଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ସେହିଭଳି ହୀରା ୱାର୍କରସ୍ ସଂଘର ଡ଼ିଭିଜନାଲ ସମ୍ପାଦକ ଅମିୟ ସାହୁ, ଆଉଟ ସୋର୍ସ କର୍ମଚାରୀ ସଭାପତି ଶିଶିର କୁମାର ରଣାଙ୍କ ସମେତ ସମସ୍ତ ମଧ୍ୟ ସଭ୍ୟ ଉପସ୍ଥିତ ଥିଲେ।

# ଖଳାରୁ ରାଇସ୍ ମିଲ୍‌କୁ ଯାଉଛି ଧାନ

**ଅତାବିରା,୧।୬ (ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳରେ ରବି ଧାନ ଫସଲ ଅମଳ ଆରମ୍ଭ ହୋଇଛି। ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ୧୯ ୟାର୍ଡ ଓ ଅସ୍ଥାୟୀ ଧାନ କ୍ରୟ କେନ୍ଦ୍ରଗୁଡିକରେ ଧାନ ସଂଗ୍ରହ ବିନା ଟୋକନରେ ଚାଲିଛି। ଏହାପରେ ବି ମଣ୍ଡିକୁ ଧାନ ନ ଆସି ସିଧାସଳଖ ରାଇସ ମିଲ୍‌କୁ ଟ୍ରାକ୍ଟର, ଟ୍ରକରେ ଯାଉଛି। ସର୍ବନିମ୍ନ ମୂଲ୍ୟଠାରୁ କମ୍ ଦରରେ ମଧ୍ୟସ୍ଥଙ୍କ ଜରିଆରେ ଧାନ କିଣା ଯାଉଛି। ବେପାରୀ, ମିଲର୍ସ ମଣ୍ଡି ବଦଳରେ ସିଧାସଳଖ ରାଇସ୍ ମିଲ୍ ନେଉଥିବା ଅଭିଯୋଗ ହେଉଛି। ବିନା ଏଣ୍ଟ୍ରିରେ କେତେକ ରାଇସ୍ ମିଲ୍‌ରେ ହଜାର ହଜାର ବସ୍ତା ଧାନ ଗଚ୍ଛିତ ରହିଥିଲେ ମଧ୍ୟ ଯୋଗାଣ ବିଭାଗ ଜାଣି ନ ଜାଣିଲା ପରି ଅଭିନୟ କରୁଥିବା ଅଭିଯୋଗ ହୋଇଛି। ମଣ୍ଡିଗୁଡ଼ିକରେ ଧାନ ବେପାରୀମାନଙ୍କ ରାଜ୍ ଚାଲିଛି। ସେମାନେ ଚାଷୀଙ୍କ ଟୋକନକୁ କବ୍‌ଜା କରି ମଣ୍ଡିକୁ ଯେତିକି ଧାନ ଆଣୁଛନ୍ତି ତା'ଠାରୁ ୪ ଗୁଣା ଅଧିକ ରାଇସ୍‌ମିଲକୁ ନେଉଛନ୍ତି। ଆରଏମ୍‌ସି ସମ୍ପାଦକ ବିଶ୍ୱଜିତ୍ ବାରିକଙ୍କୁ ପଚରାଯିବାରୁ ଏ ସଂକ୍ରାନ୍ତରେ ତଦନ୍ତ କରାଯିବ। ଉପଯୁକ୍ତ ପ୍ରମାଣ ମିଳିଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ଅତାବିରା ବ୍ଲକ**

- ଖାଲି ପଡ଼ିଛି ମଣ୍ଡି
- ଚାଷୀଙ୍କ ଟୋକନ ଧାନ ବେପାରୀ କବ୍‌ଜାରେ



ବିଭିନ୍ନ ଗାଡ଼ିରେ ଲଦା ହୋଇ ରାଇସ୍ ମିଲ୍‌କୁ ଯାଉଥିବା ଧାନ ବସ୍ତା।

## ସଂକ୍ଷେପରେ

### ରଥଯାତ୍ରା ପରିଚାଳନା ବୈଠକ

**ତରଭା, ୧।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳର ପ୍ରସିଦ୍ଧ ରଥଯାତ୍ରା ସୁପରିଚାଳନା ଲାଗି ଏକ ବୈଠକ ଏନଏସି ସଭାଗୃହରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତରଭା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଆଇଆଇସି ଡୋଲାମଣୀ ଭୋଇ, ବରିଷ୍ଠ ଆଇନଜୀବୀ ଆଦିକନ୍ଦ ପାଣିଗ୍ରାହୀ ଓ ରଥଯାତ୍ରା କମିଟି ସଭାପତି ରତନଲାଲ ଅଗ୍ରୱାଲ ଯୋଗଦେଇଥିଲେ। ଆଗାମୀ ଦେବସ୍ନାନ ପୂର୍ଣ୍ଣିମା ପାଳନ ପାଇଁ ନିରାଡମ୍ବର ଭାବରେ କମ୍ ସଂଖ୍ୟକ ଭକ୍ତଙ୍କ ଉପସ୍ଥିତିରେ ସ୍ନାନଯାତ୍ରା ସମାପନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ତେବେ ରଥଯାତ୍ରା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ନେଇ ବର୍ତ୍ତମାନ କୌଣସି ନିଷ୍ପତ୍ତି ନିଆ ନ ଯାଇ ରାଜ୍ୟ ସରକାରଙ୍କ କୋଭିଡ ନିୟମାବଳୀ ଅନୁଯାୟୀ କିପରି ପରିଚାଳନା କରାଯିବ। ସେ ସମ୍ବନ୍ଧରେ ନେତ୍ରୋତ୍ସବ ପୂର୍ବରୁ ପୁଣିଥରେ ବୈଠକ ବସିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

### ସଙ୍ଗରୋଧ କେନ୍ଦ୍ରରୁ ଖସି ବଜାରରେ ବୁଲିଲେ ୨ଅନ୍ତେବାସୀ

**ଲୋଇସିଂହା, ୧।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରୁ ୨ ଅନ୍ତେବାସୀ ଶନିବାର ଭାଲିଆମୁଣ୍ଡା ବଜାରକୁ ଯାଇଥିଲେ । ଏହା ଜଣାପଡିବା ପରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଦାୟିତ୍ୱରେ ଥିବା କର୍ମଚାରୀ ପୋଲିସକୁ ସୂଚନା ଦେଇଥିଲେ । ପୋଲିସ କେନ୍ଦ୍ରକୁ ଯାଇ ଯୁବକଦ୍ୱୟଙ୍କୁ ପଚରାଉଚରା କରିଥିଲା । ଆଇଆଇସି ଲଳିତା ଲାକ୍ରା କହିଛନ୍ତି, କେନ୍ଦ୍ରରେ ପାଣି ସମସ୍ୟା ଥିବାରୁ ୨ ଅନ୍ତେବାସୀ ବାହାରକୁ ଶୌଚପାଇଁ ଯାଇଥିବା ସଫେଇ ଦେଇଛନ୍ତି । ସେମାନଙ୍କ ଉପରେ ନଜର ରଖାଯାଇଛି ।

### ବାଇକ ସହ କଫ ସିରପ ଜବତ : ୩ ଗିରଫ

**ଲୋଇସିଂହା, ୧।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ବେଆଇନ କଫ୍‌ସିରପ୍ କାରବାର ଗୁମର ଫିଟିଛି । ରବିବାର ଆଗଲପୁର ବ୍ଲକ ବିନ୍ଧାପାଲି ଗାଁ ଶ୍ରୀକ୍ଷେତ୍ରନଗରଠାରେ କଫ୍ ସିରପ କାରବାର ବେଳେ ଗଣ୍ଡଗୋଳ ହୋଇଥିଲା । ପୋଲିସ ଘଟଣାସ୍ଥଳରୁ ବାଇକ୍, ୧୦୦ ଏମଏଲର ୭୫ ବୋତଲ କଫ୍‌ସିରପ୍, ଗୋଟିଏ ଷ୍ଟ୍ରିପ ଆଲପ୍ରାଜୋଲମ ନିଶା ବଟିକା ଓ ଖେଳନା ବନ୍ଧୁକ ଜବତ କରିଛି । ୩ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ବରଗଡ ଜିଲା ଗାଇସିଲାଟ ବ୍ଲକ କେନ୍ଦୁମୁଣ୍ଡାର ନେପାଳ ସାହୁ, ଆନନ୍ଦ ପୁଟେଲ ଓ ବରଗଡ ସଦର ୭ ନଂ. ୱାର୍ଡର ବାସିନ୍ଦା ଆଲିଆସ ଜାହିର । ସୋମବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା । ଅଭିଯୁକ୍ତମାନେ ଆଗଲପୁର ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ପାଖକୁ କଫ୍ ସିରପ୍ ଯୋଗାଇଥାନ୍ତି । ରବିବାର ସନ୍ଧ୍ୟାରେ ୨ ବାଇକ (ନଂ.ଓଡି୦୩ ୧୮୯୧, ଓଡି୦୩ ଏମ ୫୭୨୭ ଓ ସ୍କୁଟି (ନଂ.ଓଡି୧୭ ଏ ୮୫୧୧)ରେ ବିନ୍ଧାପାଲି ଶ୍ରୀକ୍ଷେତ୍ରନଗର ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ଉଭୟପକ୍ଷ ମଧ୍ୟରେ ଟଙ୍କା ମୂଲଚାଲ ହୋଇଥିଲା । ଅଧିକ ଟଙ୍କା କହିବାରୁ କ୍ରେତାଗୋଷ୍ଠୀ ନକଲି କଫ୍ ସିରପ୍ କହିଥିଲେ । ଏହାପରେ ଉଭୟ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ଯୋଗୁ ସେଠାରେ ବାଇକ, କଫ୍‌ସିରପ୍ ପଡିଯାଇଥିଲା । ହୋହାଲ୍ଲା ଦେଖି ଲୋକେ ରୁଣ୍ଡ ହେବାରେ ଅନ୍ୟମାନେ ଖସିଯାଇଥିବାବେଳେ ୩ ଜଣଙ୍କୁ ଲୋକେ କାବୁ କରି ପୋଲିସକୁ ଖବର ଦେଇଥିଲେ ।

### ସମ୍ବଲପୁରରେ ପୁଣି ୨ କରୋନା ରୋଗୀ ଚିହ୍ନଟ

**ସମ୍ବଲପୁର, ୧।୬(ବ୍ୟୁରୋ):** ସମ୍ବଲପୁର ଜିଲାରେ ସୋମବାର ପୁଣି ୨ କରୋନା ରୋଗୀ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି । ଝୁଜୁମୁରା ବ୍ଲକ ଭିଏସ୍‌ଏସ୍ ହାଇସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ଜଣେ ୨୦ ବର୍ଷ ଯୁବକ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ସେ ମେ ୧୭ରେ ମହାରାଷ୍ଟ୍ରରୁ ସମ୍ବଲପୁର ଆସିଥିଲେ । ତାଙ୍କ ସ୍ୱାବ୍ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି । ସେହିପରି ଜମନକିରା ବ୍ଲକ ବଡରମା ସଙ୍ଗରୋଧ ଗୃହରେ ଜଣେ ୨୦ ବର୍ଷର ଯୁବକ କରୋନାରେ ଆକ୍ରାନ୍ତ ହୋଇଥିବା ସ୍ୱାବ୍ ଟେଷ୍ଟ ରିପୋର୍ଟରୁ ସ୍ପଷ୍ଟ ହୋଇଛି । ସେ ତାମିଲନାଡୁରୁ ମେ ୧୯ରେ ଫେରିଥିଲେ । ତାଙ୍କୁ ଜମନକିରା ବଡରମା କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା ।

# ଧାନର ଏମ୍‌ଏସ୍‌ପି ବୃଦ୍ଧି ଯଥେଷ୍ଟ ନୁହେଁ

କେନ୍ଦ୍ର ସରକାର ସୋମବାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଉପରେ କୁଇଣ୍ଟାଲ ପ୍ରତି ୫୩ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। ଏହାଦ୍ୱାରା ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୧୮୩୫ରୁ ୧୮୬୮ ଟଙ୍କାରେ ପହଞ୍ଚିଛି। ଅନ୍ୟପକ୍ଷେ ୨୦୧୯ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୨୦୦ ଟଙ୍କା ବୃଦ୍ଧି କରିଥିଲେ। କିନ୍ତୁ କେନ୍ଦ୍ରର ମୋଦି ସରକାର ଏଥର ଦ୍ୱିତୀୟ ପାଳିରେ ଦୁଇଥର ଧାନର ଏମ୍‌ଏସ୍‌ପି ବୃଦ୍ଧି କରିଥିଲେ ମଧ ତାହା ଦୁଇଶହ ଟଙ୍କା ତଳକୁ ରହିଛି । ଫଳରେ ନିର୍ବାଚନ ପୂର୍ବ ଏବଂ ପରବର୍ତ୍ତୀ ବର୍ଦ୍ଧିତ ଧାନର ସହାୟକ ମୂଲ୍ୟ ବୃଦ୍ଧିରୁ ଚାଷୀଙ୍କ ପ୍ରତି ମୋଦି ସରକାରଙ୍କ ଆନ୍ତରିକତା ସ୍ପଷ୍ଟ ହୋଇଛି।

## ଏମାନେ କୁହନ୍ତି ...

### ଆଇନ ସଂଶୋଧନ ପରେ ଏମ୍‌ଏସ୍‌ପି ବୃଦ୍ଧି ଅର୍ଥହୀନ



କୃଷିଜାତ ଦ୍ରବ୍ୟର ଦରକୁ ସୁନିଶ୍ଚିତ କରିବା ପାଇଁ ସରକାର ମଣ୍ଡି ବ୍ୟବସ୍ଥା କରିଥିଲେ। ହେଲେ ଗତ କିଛିଦିନ ତଳେ କେନ୍ଦ୍ର ସରକାର ପୁରୁଣା କୃଷିଜାତ ଦ୍ରବ୍ୟ ବିପଣନ ଆଇନରେ ପରିବର୍ତ୍ତନ ଆଣିଛନ୍ତି। ରାଜ୍ୟ ସରକାର ମଧ୍ୟ ସେଥିରେ ସହମତି ପ୍ରକାଶ କରିଛନ୍ତି ଏବଂ ଏହାଦ୍ୱାରା ଚାଷୀମାନେ ଲାଭାନ୍ୱିତ ହେବେ ବୋଲି ଟିପ୍ପଣୀ ରଖୁଛନ୍ତି। କିନ୍ତୁ ଏହି ନୂତନ ଆଇନ ଦ୍ୱାରା ଘରୋଇ କମ୍ପାନୀମାନେ ମଣ୍ଡି ବ୍ୟବସ୍ଥାକୁ ପ୍ରବେଶ କରିବେ ଏବଂ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ନିଜ ଦାୟିତ୍ୱରୁ ଓହରିଯିବେ । ଏଭଳି ସ୍ଥଳେ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ମାତ୍ର ୫୩ ଟଙ୍କା ବୃଦ୍ଧି ଅର୍ଥହୀନ ହୋଇ ପଡ଼ିଛି ।

**–ଲିଙ୍ଗରାଜ, ଆବାହକ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି**

### ଚାଷୀଙ୍କ ପାଇଁ ଉପହାସ

ଶିଳ୍ପଜାତ ଦ୍ରବ୍ୟ, ଶ୍ରମର ବୃଦ୍ଧି ଯେଭଳି ଭାବେ ହେଉଛି, ସେହି ତୁଳନାରେ ଧାନର ଏଭଳି ଏମଏସପି ବୃଦ୍ଧି ଆଦୌ ଯଥେଷ୍ଟ ନୁହେଁ। କୁଇଣ୍ଟାଲ ପ୍ରତି ଅତିକମ୍‌ରେ ୧୩୫ଟଙ୍କା ବୃଦ୍ଧି ପାଇଥିଲେ ତାହା ଏକ ପ୍ରକାର ସମାନୁପାତିକ ହୋଇଥାନ୍ତା। ହେଲେ କେନ୍ଦ୍ର ସରକାର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ମାତ୍ର ୫୩ଟଙ୍କା ବୃଦ୍ଧି କରିଛନ୍ତି। ଏହା ଚାଷୀଙ୍କ ପାଇଁ ଉପହାସ ଛଡ଼ା ଅନ୍ୟ କିଛି ନୁହେଁ । ୨୦୨୨ ମସିହା ବେଳକୁ ଚାଷୀଙ୍କ ଆୟ ଦୁଇଗୁଣା ହେବ ବୋଲି କେନ୍ଦ୍ର ସରକାର କହି ଆସୁଛନ୍ତି। ମାତ୍ର ଏଭଳି ଏମ୍‌ଏସ୍‌ପି ବୃଦ୍ଧିରୁ ତାହା କେତେଦୂର ସଫଳ ହେବ, ଏଥିରୁ ସହଜରେ ଅନୁମେୟ ।



**–ରମେଶ ମହାପାତ୍ର, ସମ୍ପାଦକ, ଜୟ କିଷାନ ଆନ୍ଦୋଳନ**

### ଖୁସି ଆଣି ନାହିଁ ଏମଏସପି ବୃଦ୍ଧି



କରୋନା ବିପର୍ଯ୍ୟୟରୁ ଚାଷୀଙ୍କ ରୋଜଗାର ମଧ୍ୟ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ଧାନର ଏମଏସପି ଉପରେ କୁଇଣ୍ଟାଲ ପ୍ରତି ମାତ୍ର ୫୩ ଟଙ୍କା ବୃଦ୍ଧି କରାଯିବା ବହୁତ ଦୁଃଖ ଲାଗୁଛି। ଏଥିରେ ଆମେ ଚାଷୀକୁଳ ଆଦୌ ଖୁସି ନୋହୁଁ। ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା ବୃଦ୍ଧି କରିବାକୁ ଦାବି ହୋଇ ଆସୁଥିଲା । ତାହା ତ ହେଲା ନାହିଁ । ଯଦି ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୨ହଜାର ଟଙ୍କାକୁ ବୃଦ୍ଧି କରାଯାଇଥାନ୍ତା ତାହା ଚାଷୀଙ୍କ ପାଇଁ କିଛିଟା ଭଲ ହେଲା ବୋଲି ଅନୁଭବ କରିଥାନ୍ତୁ । କେନ୍ଦ୍ର ସରକାର ଏହାର ପୁନର୍ବିଚାର କରି ପଦକ୍ଷେପ ନେବା ଦରକାର ।

**–ଜୟକୃଷ୍ଣ ସାହୁ, ସଭାପତି, ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି**

### ସଙ୍କଟ ବେଳେ ଏମ୍‌ଏସ୍‌ପି ବୃଦ୍ଧି ସ୍ୱାଗତଯୋଗ୍ୟ



କରୋନା ମହାମାରୀ ସଙ୍କଟ ସମୟରେ ଧାନର ମୂଲ୍ୟ ବୃଦ୍ଧି ରାଜ୍ୟର ଚାଷୀଙ୍କ ପାଇଁ ବରଦାନ ସଦୃଶ। ମୋଦି ସରକାରଙ୍କ ୨ୟ ଦଫା କାର୍ଯ୍ୟକାଳ ୧ ବର୍ଷ ପୂରଣ ପରେ ପ୍ରଥମ କ୍ୟାବିନେଟ୍ ବୈଠକରେ ଧାନ ସହ ମାଣ୍ଡିଆ ବାଜରା, ବାଦାମ, ମୁଗ, ସୋୟାବିନ୍, ରାଶି ଓ କପା ଭଳି ୧୮ଟି ଖାଦ୍ୟଶସ୍ୟ ମୂଲ୍ୟ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି । ଚାଷରେ ଖର୍ଚ୍ଚ ଓ ଉତ୍ପାଦିତ ଖାଦ୍ୟଶସ୍ୟର ମୂଲ୍ୟକୁ ନେଇ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ସରକାର ମୂଲ୍ୟ ବୃଦ୍ଧି କରିଛନ୍ତି। ତେବେ ଚାଷ ଖର୍ଚ୍ଚ ଦିନକୁ ଦିନ ବୃଦ୍ଧି ପାଉ ଥିବାରୁ ଏହି ମୂଲ୍ୟ ଅଧିକ ବୃଦ୍ଧି ହୋଇଥିଲେ ଚାଷୀକୂଳ ଆହୁରି ଖୁସି ହୋଇଥାନ୍ତେ । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀ କିଭଳି ପାଇବେ ଏହା ସୁନିଶ୍ଚିତ କରିବା ଆବଶ୍ୟକ ।

**–ରାଜେନ୍ଦ୍ର କୁମାର ନାୟକ, ସଭାପତି, ସୁବର୍ଣ୍ଣପୁର ଜିଲା କୃଷକ ବିକାଶ ସମନ୍ୱୟ ସମିତି**

### ୫୩ ଟଙ୍କା ବୃଦ୍ଧି ଉପହାସ



କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୫୩ ଟଙ୍କା ବୃଦ୍ଧି କରିଛନ୍ତି । ଏହା ଚାଷୀଙ୍କୁ ଉପହାସ । ସ୍ୱାମୀନାଥନ୍ କମିସନକୁ ତର୍ଜମା କରି କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିବା ଜରୁରୀ । କିନ୍ତୁ କେନ୍ଦ୍ର ସରକାର ଚାଷୀମାନଙ୍କୁ ଗୁରୁତ୍ୱ ନ ଦେଇ ୫୩ ଟଙ୍କା ବୃଦ୍ଧି କରିବାର କିଛି ମାନେ ନାହିଁ। କରୋନା କଟକଣା ଯୋଗୁ ସମସ୍ତେ ପ୍ରଭାବିତ ହୋଇଛନ୍ତି। ଚାଷୀମାନେ ରବିଋତୁରେ ଧାନ ସଂଗ୍ରହ କରିବା ବେଳେ ଶ୍ରମିକ ଅଭାବରୁ ଅନେକ କଷ୍ଟ ପାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଓ କେନ୍ଦ୍ର ସରକାର ୧୦୦ ଟଙ୍କା ଲେଖାଏଁ ବନୋସ ଦେବା ଆବଶ୍ୟକ।

**–ଉମେଶ କୁମାର ମିଶ୍ର, (ଚାଷୀ) ସମ୍ବଲପୁର**

ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ମୃତ୍ୟୁଞ୍ଜୟ ଶତପଥୀ, ବି. ଶଙ୍କର

# ସିଏସ୍‌ଓଙ୍କୁ ଘେରିଲେ ଚାଷୀ



ସୋମବାର ସମ୍ବଲପୁର ସିଏସ୍‌ଓ ଅଫିସରେ ଘେରାଉ କରାଯାଇଛି ।

**ସମ୍ବଲପୁର, ୧।୬ (ବ୍ୟୁରୋ)**

### ମିଲର୍ସଙ୍କ କଟନି ଛଟନି ପ୍ରତିବାଦ

ସମ୍ବଲପୁର ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାରେ ମିଲର୍ସମାନେ ଚାଷୀଙ୍କୁ ଶୋଷଣ କରୁଛନ୍ତି । ଧାନରମାନଙ୍କୁ ନେଇ କଟନୀ ଛଟନି କରୁଛନ୍ତି। କୁଇଣ୍ଟାଲ ପିଛା ୩/୪ କେଜି ଲେଖାଏଁ କାଟି ଦେଉଛନ୍ତି। ଚାଷୀମାନେ ବିରୋଧ କଲେ ନାଲି ଆଖି ଦେଖାଉଛନ୍ତି । ଯୋଗାଣ ବିଭାଗ ପକ୍ଷରୁ ଏହାର ଯାଞ୍ଚ କରାଯାଉ ନାହିଁ। ଏଣୁ ମିଲର୍ସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରି ଚାଷୀମାନେ ସୋମବାର ସିଏସ୍‌ଓ ଅଫିସ ଘେରାଉ କରିଥିଲେ। ଶେଷରେ ସିଏସଓ ରଞ୍ଜନ ସେଠ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏବେ ମାର୍କେଟ ଗୁଡିକରେ ଟାର୍ଗେଟ ମଧ ସରିବାକୁ ବସିଛି । ହେଲେ ସରକାର ଟାର୍ଗେଟ ବୃଦ୍ଧି କରୁନାହାନ୍ତି । ଚାଷୀଙ୍କ ଖଳାରେ ଧାନ ପଡି ରହିଛି, ଯାହା ବର୍ଷାରେ ନଷ୍ଟ ହେବାର ଆଶଙ୍କା ଦେଖା ଦେଇଛି। ମିଲ୍‌ଗୁଡିକୁ ବାହର ଜିଲାର ଧାନ ଆସୁଛି। ତେଣୁ ଜିଲାର ଚାଷୀଙ୍କ ଧାନ ଗାଡି ମିଲ୍‌ରେ ଖାଲି ହୋଇ ପାରୁନାହିଁ। ଅନେକ ଚାଷୀଙ୍କ ଧାନ ବିକିବା ପାଇଁ କାର୍ଡ ଓ ଟୋକନ ଆସି ନାହିଁ ବୋଲି ଚାଷୀମାନେ ସିଏସ୍‌ଓଙ୍କୁ ଅଭିଯୋଗ କରିଥିଲେ। ହରିଶଙ୍କର ପୁରୋହିତ, ଚନ୍ଦ୍ରଶେଖର ପଣ୍ଡା, ଦେବେନ୍ଦ୍ର ପ୍ରଧାନ, ପ୍ରଦୀପ ପଣ୍ଡା, ବିଦ୍ୟାଧର ପ୍ରଧାନ, ବୈମକେଶ ଠାକୁର ପ୍ରମୁଖ ଚାଷୀ ଓ ଚାଷୀନେତା ଏହି ଆଲୋଚନାରେ ଉପସ୍ଥିତ ଥିଲେ। ତେବେ ଏ ସମ୍ପର୍କରେ ଯୋଗାଣ ଅଧିକାରୀ ସେଠ କହିଛନ୍ତି ଯେ, ଜିଲାରେ ୧୫ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରିବାର ଲକ୍ଷ୍ୟ ରହିଛି । ଏ ପର୍ଯ୍ୟନ୍ତ ପ୍ରାୟ ୧୧ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇ ସାରିଛି । ଟାର୍ଗେଟ ବୃଦ୍ଧି ପାଇଁ ସରକାରଙ୍କୁ ଜଣାଇ ଦିଆଯାଇଛି। ଶୀଘ୍ର ଟାର୍ଗେଟ ଆସିଯିବ। କୌଣସି ମିଲର୍ସ କଟନୀ ଛଟନି କରୁଥିଲେ ସିଧା ସଳଖ ଅଭିଯୋଗ କଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ତାମିଲନାଡୁରୁ ଫେରିଲେ ୬୧୯ ପ୍ରବାସୀ ଶ୍ରମିକ

**ରାଉରକେଲା ଅଫିସ, ୧।୬**

ତାମିଲନାଡୁର ତ୍ରିରୁରଠାରେ ଫସି ରହିଥିବା ୬୧୯ ପ୍ରବାସୀ ଶ୍ରମିକ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଆସି ସୋମବାର ରାଉରକେଲା ଷ୍ଟେଶନରେ ଓହ୍ଲାଇଛନ୍ତି। ଏଥିପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଟ୍ରେନରୁ ଓହ୍ଲାଇବା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆସିଥିବା ପ୍ରବାସୀମାନଙ୍କ ମଧ୍ୟରୁ ସୁନ୍ଦରଗଡ଼ ଜିଲାର ୭୨ ଶ୍ରମିକ ରହିଥିବା ବେଳେ ଅନ୍ୟମାନେ ପଶ୍ଚିମବଙ୍ଗ, ବିହାର ଆଦି ରାଜ୍ୟ ବାସିନ୍ଦା । ସମସ୍ତ ଶ୍ରମିକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଖାଦ୍ୟ ଓ ପାନୀୟ ପ୍ରଦାନ କରାଯାଇଥିଲା। ଜିଲା ପରିବହନ ନିଗମ ବସ୍‌ରେ ଏହି ଶ୍ରମିକମାନଙ୍କୁ ନିଜ ରାଜ୍ୟ ଓ ଜିଲାକୁ ପଠାଯାଇଥିଲା ।

## ୮୨କୁ ବଢ଼ିଲା କରୋନା ଆକ୍ରାନ୍ତଙ୍କ ସଂଖ୍ୟା

**ବଲାଙ୍ଗୀର ଅଫିସ, ୧।୬**

ବଲାଙ୍ଗୀର ଜିଲାରେ ରବିବାର ରାତି ସୁଦ୍ଧା ୨ନୂଆ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୮୨କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ୬ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟ ୭୪ଜଣ କରୋନା ସଂକ୍ରମିତ ସକ୍ରିୟ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ରବିବାର ମୁରିବାହାଲ ବ୍ଲକ ଦେବଙ୍ଗ ଗାଁର ଜଣେ ମହାରାଷ୍ଟ୍ର ଫେରନ୍ତା ପ୍ରବାସୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ରେ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବଙ୍ଗୋମୁଣ୍ଡା ବ୍ଲକ ଡୁରେକେଲା ଗାଁର ଜଣେ ମୁମ୍ବାଇ ଫେରନ୍ତା କରୋନା ସଂକ୍ରମଣ ଚିହ୍ନଟ ହୋଇଛନ୍ତି। ସେ ଗତ ୧୩ରୁ ୨୫ତାରିଖ ପର୍ଯ୍ୟନ୍ତ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଗତ ୨୬ ତାରିଖରୁ ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିବା ସୂଚନା ଦିଆଯାଇଛି । କେନ୍ଦ୍ର ସରକାରଙ୍କ ଲକ୍‌ଡାଉନ୍ କୋହଳ ନିଷ୍ପତ୍ତି ପରେ ସର୍ବସାଧାରଣରେ ସଂକ୍ରମଣ ଭୟ ବୃଦ୍ଧି ପାଇବା ଆଲୋଚନା ଜୋର ଧରିଥିଲା। ତେବେ ରାଜ୍ୟ ସରକାର ଜୁନ୍ ୩୦ ପର୍ଯ୍ୟନ୍ତ ଲକ୍‌ଡାଉନ୍‌କୁ କଡାକଡି କରିବା ପରେ ସଂକ୍ରମଣ ରୋକିବା ଦିଗରେ ଏହି ନିଷ୍ପତ୍ତି ସହାୟକ ହେବ ବୋଲି ଆଲୋଚନା ହେଉଛି।

## କୂଅ ପାଣିରେ ବିଷ, ଅମରନାଥ ବସ୍ତିରେ ଉତ୍ତେଜନା

**ରାଉରକେଲା ଅଫିସ, ୧।୬**

ଗୋପବନ୍ଧୁପାଲି ଅମରନାଥ ବସ୍ତିର ଏକ କୂଅରେ କେହି ବିଷ ମିଶାଇ ଦେଇଥିବାରୁ ସୋମବାର ଉତ୍ତେଜନା ପ୍ରକାଶ ପାଇଛି। କେଉଁ ପରିସ୍ଥିତିରେ କୂଅ ପାଣିରେ ବିଷ ମିଶାଗଲା ଓ ଏହା କି ପ୍ରକାର ବିଷ ତାକୁ ନେଇ କିଛି ସ୍ପଷ୍ଟ ହୋଇନି। ପୋଲିସ ଘଟଣାସ୍ଥଳରେ ପହଞ୍ଚି କୂଅ ଚତୁଃପାର୍ଶ୍ୱରେ ବ୍ୟାରିକେଡ୍ କରିଥିଲା। କୂଅରୁ କିପରି ବିଷ ମିଶା ପାଣି ନିଷ୍କାସନ କରାଯିବ ସେନେଇ ଅଗ୍ନିଶମ ବିଭାଗର ସାହାଯ୍ୟ ନିଆଯାଇଥିଲା। ପରେ ସାଇଣ୍ଟିଫିକ୍ ଟିମ ଜଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ଏହି ଘଟଣାକୁ ନେଇ ସକାଳୁ ବସ୍ତିରେ ଅସନ୍ତୋଷ ଲାଗି ରହିଥିଲା। ଡିଏସ୍‌ପି ପି.କେ. ମିଶ୍ର ବସ୍ତିରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଖୁବ୍‌ଶୀଘ୍ର କୂଅ ପାଣିକୁ ବ୍ୟବହାର ଉପଯୋଗୀ କରିବା ପାଇଁ ରାଉରକେଲା ମହନଗର ନିଗମ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ବସ୍ତିବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦିଆଯାଇଛି।



ବିଷ ମିଶାଯାଇଥିବା କୂଅକୁ ଘୋଡାଇ ରଖାଯାଇଛି ।

## ବରଗଡ଼ରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧ରେ ପହଞ୍ଚିଲା

**ବରଗଡ଼ ଅଫିସ୍/ବିଜେପୁର, ୧।୬**

ବରଗଡ଼ ଜିଲାରେ ସୋମବାର ପୁଣି ୩ଜଣ କରୋନା(କୋଭିଡ୍–୧୯) ପଜିଟିଭ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ଜଣକ ଜିଲାର ବିଜେପୁର ବ୍ଲକର ବୋଲି ଜଣାପଡ଼ିଛି । ସେମାନଙ୍କ ମଧ୍ୟରେ ଏହି ବ୍ଲକ ଅନ୍ତର୍ଗତ ପୁଟୁକିଗ୍ରୀଞ୍ଜୋଲ ଗ୍ରାମର ଜଣେ ଏବଂ ଲାଉମୁଣ୍ଡାର ଦୁଇଜଣ ଯୁବକ ଅଟନ୍ତି । ସେମାନେ ତାମିଲନାଡୁ ଫେରନ୍ତା ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ଲାଉମୁଣ୍ଡାର ଦୁଇ ସଂକ୍ରମିତ ସ୍ଥାନୀୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଙ୍ଗରୋଧରେ ରହିଥିବାବେଳେ ପୁଟକିଗ୍ରୀଞ୍ଜୋଲର ସଂକ୍ରମିତ ଜଣକ ଗତ କିଛିଦିନ ଆଗରୁ ସଙ୍ଗରୋଧ କେନ୍ଦ୍ରରୁ ଡିସଚାର୍ଜ ହୋଇଥିଲେ ବୋଲି ସୂଚନା ଦିଆଯାଇଛି । ସଂକ୍ରମିତ ଚିହ୍ନଟ ହେବା ପରେ ସମ୍ପୃକ୍ତ ଅଞ୍ଚଳକୁ ଅବରୋଧ ଅଞ୍ଚଳ(କଣ୍ଟେନମେଣ୍ଟ ଜୋନ୍) ଘୋଷଣା କରାଯାଇଛି । ସେ ଅଞ୍ଚଳକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଉଭୟ ପୁଟକିଗ୍ରୀଞ୍ଜୋଲ ଏବଂ ଲାଉମୁଣ୍ଡା ଅଞ୍ଚଳରେ ରାପିଡ୍ ରେସପନ୍ସ ଟିମ୍ ଘରକୁ ଘର ବୁଲି କଣ୍ଟାକ୍ଟ ଟ୍ରେସିଂ କରୁଛନ୍ତି। ଅନ୍ୟପଟେ ସଂକ୍ରମିତ ଗ୍ରାମର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବଫର ଜୋନ୍ ଘୋଷଣା କରାଯାଇଛି ।



ବିଜେପୁର ବ୍ଲକ ଲାଉମୁଣ୍ଡାକୁ ଅବରୋଧ କରାଯାଇଛି।

# ଅଧିକାରୀଙ୍କ ଉପରେ ଗର୍ଜିଲେ ଜିଲାପାଳ

**ସମ୍ବଲପୁର, ୧।୬(ବ୍ୟୁରୋ)**



- ସଙ୍ଗରୋଧ କେନ୍ଦ୍ର ପାଇଁ ଖଟ, ଗଦି କିଣାରେ ଦୁର୍ନୀତି
- ସାମଗ୍ରୀ କିଣା ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ
- ଘଟଣାର ତଦନ୍ତ କରିବାକୁ ହୁକୁମ

ମହାମାରୀ କରୋନାର ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଏହି ବିପତ୍ତି ସମୟରେ କିନ୍ତୁ ସରକାରୀ ଅଫିସରମାନେ ଲାଭଖୋର ମନୋଭାବ ରଖିବା ଚିନ୍ତାଜନକ ବିଷୟ ହୋଇଛି। ଏହିକ୍ରମରେ ସମ୍ବଲପୁର ଜିଲାର ଜଣେ ଉଚ୍ଚପଦସ୍ଥ ଅଧିକାରୀ ସଙ୍ଗରୋଧ କେନ୍ଦ୍ର ବା କ୍ୱାରାଣ୍ଟାଇନ ସେଣ୍ଟର ପାଇଁ ଆବଶ୍ୟକ ବିଭିନ୍ନ ସାମଗ୍ରୀ କିଣାରେ ଲାଭଖୋର ମନୋବୃତ୍ତି ରଖିଛନ୍ତି। ବିଶେଷକରି ଖଟ ଓ ଗଦି କିଣାରେ ଦୁର୍ନୀତି ହୋଇଛି। ଏଣୁ ସମ୍ପୃକ୍ତ ଅଧିକାରୀଙ୍କ ପିସି ମୋହ ଯୋଗୁ ଏବେ ସମ୍ବଲପୁର ଜିଲା ପ୍ରଶାସନ ଅଡୁଆରେ ପଡ଼ିଛି। ସମଗ୍ର ଜିଲାବାସୀ, ରାଜନେତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଏହି ଘଟଣାକୁ ନେଇ ସମାଲୋଚନା କରିବା ସହ ନିନ୍ଦା କରୁଛନ୍ତି । ମେ ୫ ତାରିଖ ଧରିତ୍ରୀରେ 'ବିପତ୍ତି ସମୟରେ ବି ପିସି ମୋହ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଜିଲାପାଳ ଶୁଭମ୍ ସକ୍‌ସେନା ଏହି ଦୁର୍ନୀତି ଉପରେ ଜାଣିବାକୁ ପାଇଁ ଚିହିଙ୍କି ଉଠିଛନ୍ତି। ଅଧିକାରୀମାନଙ୍କୁ ନେଇ ଏକ ବୈଠକରେ ସଂପୃକ୍ତ ଅଧିକାରଙ୍କ ଉପରେ ସେ ବର୍ଷିଛନ୍ତି । ସମ୍ପୃକ୍ତ ଲାଭଖୋର ଅଧିକାରୀଙ୍କୁ ଜିଲାପାଳ ଗାଳିଗୁଲଜ କରିବା ସହ ତାଗିଦ ମଧ କରିଛନ୍ତି । ସଙ୍ଗରୋଧ କେନ୍ଦ୍ର ଲାଗି କିଣା ଯାଇଥିବା ସାମଗ୍ରୀର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ତଦନ୍ତ କରିବାକୁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି।

ବଜାରରେ ମିଳୁଥିବା ଆଲୁମିନିୟମ ଖଟ ୧ଏମ୍‌ଏମ୍‌ର ଦର ୧୪୫୦ ଟଙ୍କା ରହିଛି। ଆଲୁମିନିୟମ ପାଇପ ଖଟର ଦାମ୍ ୧ ହଜାର ଟଙ୍କା ରହିଛି । ତକିଆ ଦର ସର୍ବନିମ୍ନ ୪୦/୫୦ ଟଙ୍କା ଥିବାବେଳେ ଚାଦର ଗୋଟାକୁ ୮୦/୧୦୦ ଟଙ୍କା ରହିଛି । ୪୦ ଏମ୍‌ଏମ୍ ଫୋମ୍ ଗଦିର ଦର ୪୫୦ ଟଙ୍କା ଥିବାବେଳେ ୩୦ ଏମ୍‌ଏମ୍ ଫୋମ୍ ଗଦିର ଦର ବଜାରରେ ୩୫୦ ଟଙ୍କା ରହିଛି। ସେହିଭଳି ବଜାରରେ ଗୋଟିଏ ମଧ୍ୟମ ଧରଣର ପ୍ଲାଷ୍ଟିକ ବାଲ୍‌ଟି ୪୫ରୁ ୫୫ ଟଙ୍କାରେ ମିଳୁଛି । ମଗ ଗୋଟା ୮/୧୦ ଟଙ୍କା ରହିଛି । ବାଥ୍ ଟାୱାଲ ପ୍ରାୟ ୪୦ ଟଙ୍କାରେ ମିଳୁଛି। ହେଲେ ଜିଲାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ର ପାଇଁ ଏ ସବୁ ସାମଗ୍ରୀ ଏହି ଦରଠାରୁ ଢେର ଅଧିକ ଦେଇ କିଣା ଯାଇଥିବା ବିଲ୍ କରାଯାଇଛି, ଯେଉଁଥିରେ ଦୁର୍ନୀତିର ଛିଟା ରହିଛି। ସଙ୍ଗରୋଧ କେନ୍ଦ୍ର ଲାଗି ଏ ସବୁ ସାମଗ୍ରୀ କିଣିବା ପାଇଁ ଜିଲାପାଳଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏଣୁ କିଭଳି ଭାବେ କମିଟି ପକ୍ଷରୁ ଦର ପାସ୍ କରାଗଲା ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ଦୋକାନୀ ଓ ଡିଲରଙ୍କୁ ସୁଯୋଗ ଦିଆଯାଇଥିଲା କି ନାହିଁ, ଯଦି ସେମାନେ ଭାଗ ନେଇଥିଲେ ତେବେ ସେମାନେ ଦେଇଥିବା ଦର ତାଲିକା ଦେଖାଗଲା କି ନାହିଁ ବୋଲି ମଧ ପ୍ରଶ୍ନ ଉଠୁଛି। କମିଟି ଥାଉ ଥାଉ ସମ୍ପୃକ୍ତ ଅଫିସର ଜଣକ କିଭଳି ସମ୍ବଲପୁର ସହରରେ ଥିବା ଏକ ନିର୍ଦ୍ଦିଷ୍ଟ ସୁପର ବଜାରର ସାମଗ୍ରୀ କିଣିଲେ ତାହା ଆଉ ଏକ ପ୍ରଶ୍ନ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ପ୍ରାୟ ୭ ହଜାର ପ୍ରବାସୀଙ୍କ ପାଇଁ ସଙ୍ଗରୋଧ କେନ୍ଦ୍ର କରାଯାଇଛି। ତେଣୁ ସଙ୍ଗରୋଧ କେନ୍ଦ୍ରର ପ୍ରବାସୀଙ୍କ ପାଇଁ ଆବଶ୍ୟକ ସାମଗ୍ରୀ କିଣାରେ କିଭଳି ଦୁର୍ନୀତି ହୋଇଥିବ ତାହାଜଳ ଜଳ ଦେଖା ଯାଉଛି।

## ବଜ୍ରପାତରେ ଦମ୍ପତି ଗୁରୁତର

ଅନୁଗୋଳ ଜିଲା ଜରପଡା ଥାନା ଡୁବେ ଗ୍ରାମରେ ସୋମବାର ବଜ୍ରପାତରେ ଏକ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଜରଡା ଗ୍ରାମର ସୁଶାନ୍ତ ଦାସ ଓ ଜ୍ୟୋସ୍ନା ଦାସ। ଉଭୟେ ବାଇକ୍‌ରେ ଅନୁଗୋଳରୁ ଜରଡା ଫେରୁଥିବାବେଳେ ଅପରାହ୍ଣରେ ବଜ୍ରପାତରେ ଗୁରୁତର ହୋଇଥିଲେ। ସାମାଜିକକର୍ମୀ ଉମାକାନ୍ତ ମାଝି ଦମ୍ପତିଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ସଂକ୍ଷେପରେ

### ସୁସ୍ଥହେଲେ ଜଣେ କରୋନା ଆକ୍ରାନ୍ତ

ଢେଙ୍କାନାଳ ଅଫିସ,୧୬: କରୋନାରେ ଆକ୍ରାନ୍ତ ହୋଇଥିବା ଢେଙ୍କାନାଳ ଜିଲାର ଜଣେ ଯୁବକ ସୁସ୍ଥ ହୋଇ ରବିବାର ଘରକୁ ଫେରିଛନ୍ତି। ଏହାକୁ ମିଶାଇ ଜିଲାରେ ସୁସ୍ଥ ହୋଇଥିବା କରୋନା ରୋଗୀଙ୍କ ସଂଖ୍ୟା ୨ରେ ପହଞ୍ଚିଛି। ଯୁବକ ଜଣକ ଚେନ୍ନାଇରୁ ଫେରିବା ପରେ ତାଳଚେରକୋଟ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ସ୍ୱାବ୍ ଟେଷ୍ଟ ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ତାଳଚେର କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୭ ଜଣ ତାଳଚେର କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ସଙ୍ଗରୋଧରେ ରହିବାକୁ କହିବାରୁ ଆକ୍ରମଣ

ବଇଣ୍ଡା, ୧୬(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଧଉରାଗୋଠ ଗ୍ରାମର ନେଙ୍କୁରୀ ନାୟକଙ୍କୁ ସେହି ଗ୍ରାମର ଉଦ୍ଧବ ନାୟକ ଓ ପୁଅ ମନୋଜ ନାୟକ ସୋମବାର ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ମନୋଜ କିଛି ଦିନ ତଳେ ଭୁବନେଶ୍ୱରରୁ ଫେରିଛନ୍ତି। ନେଙ୍କୁରୀ ତାଙ୍କୁ ସଙ୍ଗରୋଧରେ ରହିବାକୁ କହିବାରୁ ଉଦ୍ଧବ ଓ ମନୋଜ ନେଙ୍କୁରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ନଂ. ୧୦୭/୨୦ରେ ମାମଲା ରୁଜୁ କରାଯିବା ସହ ବାପ ପୁଅଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ମନୋଜଙ୍କ ସମ୍ପର୍କୀୟ ବ୍ରଜମୋହନ ନାୟକ ଏକ ପାଲଟା ଅଭିଯୋଗ ଆଣିଛନ୍ତି। ମନୋଜ ଘର ସାମ୍ନାରେ ଛିଡା ହୋଇଥିବାବେଳେ ନେଙ୍କୁରୀ ଓ ତାଙ୍କ ଭାଇ କୁଳମଣି ନାୟକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ନଂ. ୧୦୮/୨୦ରେ ମାମଲା ରୁଜୁ ହୋଇଛି।

### କୂଅରୁ ଭାଲୁ ଉଦ୍ଧାର

ବଇଣ୍ଡା, ୧୬(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ଟକବା ଗ୍ରାମର ଖୋଲା କୂଅରୁ ସୋମବାର ବାମୁର ଅଗ୍ନିଶମ କର୍ମଚାରୀମାନେ ଏକ ଭାଲୁକୁ ଉଦ୍ଧାର କରିଛନ୍ତି। ରବିବାର ରାତିରେ ନିକଟସ୍ଥ ଜଙ୍ଗଲରୁ ଭାଲୁଟି ପାଣି ପିଇବାକୁ ଆସି କୂଅରେ ଖସି ପଡିଥିଲା। ସକାଳେ ଗ୍ରାମବାସୀ ଗର୍ଜନ ଶୁଣି ବନ ବିଭାଗକୁ ଖବର ଦେଇଥିଲେ। ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ବାମୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭାଲୁକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଜଙ୍ଗଲରେ ଛାଡି ଦେଇଥିଲେ।

### ଚୋରା ମଦ ଜବତ

ବଇଣ୍ଡା/କଣିହାଁ, ୧୬(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ ଲକ୍ଷ୍ମୀବଜାର ପରିସରରୁ ସୋମବାର ଠାକୁରଗଡ ପୋଲିସ ଚଢ଼ାଉ କରି ଚୋରା ମଦ ସହ ବାଇକ୍ ଜବତ କରିଛି। ଏଥିସହ ଠାକୁରଗଡ ଗ୍ରାମର ବୁଲୁ ଦଳେଇଙ୍କୁ ଗିରଫ କରାଯାଇଛି। ବୁଲୁ ବାଇକ୍ ଯୋଗେ ଏକ ଜାର୍‌ରେ ୪୦ ଲିଟର ମଦ ନେଇ ବିକ୍ରି କରିବାକୁ ଯାଉଥିବା ଖବରପାଇ ଥାନା ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା, ଏଏସ୍ଆଇ କରୁଣାକର ନନ୍ଦ ଚଢ଼ାଉ କରିଥିଲେ। ସେହିପରି କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ ସାଇଟ ଥାନା ପୋଲିସ ପାଟ୍ରୋଲିଂବେଳେ ଗଣ୍ଡମାଳା ଗ୍ରାମ ନିକଟରେ ଏକ ସ୍କୁଟିରୁ ମଦ ଜବତ କରିବା ସହ ସମଲ ଥାନା ଶିପୁର ଗ୍ରାମର ଦିଲୀପ ବେହେରାଙ୍କୁ ଗିରଫ କରିଛି। ଏ ନେଇ ନଂ. ୬୮/୨୦ରେ ମାମଲା ରୁଜୁ କରାଯାଇଛି।

# ନୂଆ ଥାଇ ବି ପୁରୁଣା ସାହା

ଛେଣ୍ଡିପଦା, ୧୬(ସ୍ୱ.ପ୍ର.)


ନୂତନ ପୋଲ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ପୁରୁଣା ପୋଲଦେଇ ଲୋକେ ଯାଉଛନ୍ତି।

- ଆପ୍ରୋଚ ରୋଡ୍ ନ ଥିବାରୁ ପୋଲରେ ହୋଇପାରୁନି ଚଳାଚଳ
- ଜାଗା ଛାଡ଼ିବାକୁ ରାଜି ହେଉନାହାନ୍ତି ଜମି ମାଲିକ
- ବର୍ଷା ହେଲେ ଯୋଗାଯୋଗ ବିଚ୍ଛିନ୍ନ ଆଶଙ୍କା

୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୩ ବର୍ଷ ତଳୁ ନିର୍ମାଣ ସରିଛି ପୋଲ। ହେଲେ ଆପ୍ରୋଚ ରୋଡ୍ ସମ୍ପୂର୍ଣ୍ଣ ହୋଇପାରି ନ ଥିବାରୁ ତାହା ବ୍ୟବହାରରେ ଲାଗି ପାରୁନାହିଁ। ଫଳରେ ପୂର୍ବରୁ ଯେଉଁ ପୁରୁଣା ବିପଦସଙ୍କୁଳ ପୋଲରେ ଯାତାୟାତ ହେଉଥିଲା ତାହା ଏବେ ବି ସାହା ଭରସା ସାଜିଛି। ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକସ୍ଥିତ ସିଙ୍ଗଡା ନଦୀ ପୋଲର ଏପରି ଅବସ୍ଥା ପାଇଁ ପ୍ରଶାସନିକ ଅବହେଳାକୁ ଦାୟୀ କରିଛନ୍ତି ଅଞ୍ଚଳବାସୀ। ଏଥିସହ ତୁରନ୍ତ ନୂତନ ପୋଲକୁ ବ୍ୟବହାର ଉପଯୋଗୀ କରିବାକୁ ସେମାନେ ଦାବି କରିଛନ୍ତି।

ଅଞ୍ଚଳବାସୀଙ୍କ କହିବା ମୁତାବକ, ଛେଣ୍ଡିପଦା ବ୍ଲକ କୋଶଳା ଚନ୍ଦନନଗରଠାରୁ ଦୁର୍ଗାପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ସିଙ୍ଗିଡା ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୭ରୁ ପୋଲ ନିର୍ମାଣ କରାଯାଇଥିଲା। ୨୦୧୮ରେ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏଥିସହ କୋଶଳା ଚନ୍ଦନନଗରଠାରୁ ଦୁର୍ଗାପୁର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ମଧ୍ୟ ସରିଛି। କିନ୍ତୁ ଏଯାବତ ପୋଲର ଆପ୍ରୋଚ ରୋଡ୍ କାମ ଶେଷ କରାଯାଇ ନାହିଁ। ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ କ୍ଷତିପୂରଣ ପାଇ ନ ଥିବା ଜମି ମଲିକମାନେ ରାସ୍ତାକୁ କାଟି ଦେଇଛନ୍ତି। ସେହିପରି ଅନ୍ୟ ପାର୍ଶ୍ୱ ରାସ୍ତା କାମ ଆଦୌ ଆରମ୍ଭ ହୋଇନାହିଁ। ଫଳରେ ଉକ୍ତ ନୂଆ ପୋଲ ଉପରେ ଗାଡ଼ି ଯାତାୟାତ କରିପାରୁନାହିଁ। ତେଣୁ ବିପଦସଙ୍କୁଳ ହୋଇଥିଲେ ବି ପୁରୁଣା ପୋଲ ଉପରେ ଲୋକେ ଚଳପ୍ରଚଳ ହେବାକୁ ବାଧ୍ୟ ହେଉଛନ୍ତି। ଉକ୍ତ ପୁରୁଣା ପୋଲରୁ କଂକ୍ରିଟ ଖଣ୍ଡ ବର୍ଷାରେ ଧୋଇ ଗଲାଣି। ଆଗାମୀ ଦିନରେ ଅଧିକ ବର୍ଷା ହେଲେ ପୋଲଟି ସମ୍ପୂର୍ଣ୍ଣ ଭାସିଯିବା ଆଶଙ୍କା ରହିଛି। ଏପରି ହେଲେ ଜରପଡାଠାରୁ କୋଶଳା ଏନ୍‌ଟିପିସି ପର୍ଯ୍ୟନ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବ। ତେଣୁ ତୁରନ୍ତ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ନେଇ ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିନୟ କୁମାର ପାଢି କୁହନ୍ତି, ନୂତନ ପୋଲର ଉଭୟ ପାର୍ଶ୍ୱରେ ଥିବା ଜମିଗୁଡିକ ଅଧିଗ୍ରହଣ ପ୍ରକିୟା ଜାରି ରହିଛି। ଏ ପର୍ଯ୍ୟନ୍ତ ୨୭ ଜଣଙ୍କ ଜମି ଅଧିଗ୍ରହଣ କରାଯାଇଛି। ଆଉ ୧୨ ଜଣ ଜମି ମାଲିକ ରାଜି ହେଉ ନ ଥିବାରୁ ଆପ୍ରୋଚ ରୋଡ୍ ନିର୍ମାଣରେ ବିଳମ୍ବ ହେଉଛି।

# ପ୍ରାପ୍ୟ ଦାବିକଲେ ରେଲଓ୍ୱେ ଶ୍ରମିକ


ଶ୍ରମିକମାନେ ଆନ୍ଦୋଳନ କରୁଛନ୍ତି।

ବଅଁରପାଳ, ୧୬(ଡି.ଏନ.ଏ.)

ବିଭିନ୍ନ ଦାବି ନେଇ ନାଲ୍‌କୋ ସ୍ମେଲଟର ଓ ସିପିପି ପ୍ଲାଣ୍ଟ ରେଲୱେ ଅପରେଶନ କାର୍ଯ୍ୟରେ ନିୟୋଜିତ ଶତାଧିକ ଶ୍ରମିକ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏଥିଯୋଗୁ ପ୍ଲାଣ୍ଟକୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସେମାନଙ୍କ ଅଭିଯୋଗ ମୁତାବକ, ଶ୍ରମିକମାନେ ୨ ବର୍ଷ ହେଲା ଏକ କମ୍ପାନୀ ଅଧୀନରେ କାମ କରୁଥିଲେ। ହେଲେ ଦୀର୍ଘ ଦିନ ହେଲାଣି ଉକ୍ତ କମ୍ପାନୀର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କୁ ସମ୍ପୂର୍ଣ୍ଣ ପ୍ରାପ୍ୟ ମିଳିନାହିଁ। ସେହିପରି ୪ ମାସ ହେଲା ଅନ୍ୟ ଏକ କମ୍ପାନୀ ଏହି କାର୍ଯ୍ୟଦେଶ ପାଇଥିଲେ ମଧ୍ୟ ଶ୍ରମିକମାନଙ୍କୁ ନିଯୁକ୍ତି ପତ୍ର, ସୁରକ୍ଷା ସରଞ୍ଜାମ, ବେସିକ ପାଉଣା ଆଦି ପ୍ରଦାନ କରାଯାଇନାହିଁ। ତୁରନ୍ତ ଏହି ସବୁ ଦାବି ପୂରଣ ପାଇଁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିରେ ପ୍ରଶାନ୍ତ ରାଉତ, ପ୍ରିୟବ୍ରତ କୁମାର, ଦୀପକ ବିଶ୍ୱାଳ, ପ୍ରହ୍ଲାଦ ସାହୁ, ସୌଭାଗ୍ୟ ନାୟକ ପ୍ରମୁଖଙ୍କ ସମେତ ବହୁ ଶ୍ରମିକ ଉପସ୍ଥିତ ଥିଲେ। ଆନ୍ଦୋଳନକାରୀ ଓ ନାଲ୍‌କୋ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହେବା ପରେ ଆନ୍ଦୋଳନ ହଟିଥିବା ଜଣାପଡିଛି।

# ବେଆଇନ ପଥର ଖାଦାନରେ ଚଢ଼ାଉ


ଜବତ କଟର ମେଶିନ ସହ ପ୍ରଶାସନିକ ଅଧିକାରୀମାନେ।

ଢେଙ୍କାନାଳ ଅଫିସ, ୧୬

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ମାଣିପୁର ପଞ୍ଚାୟତ ଅଞ୍ଚଳରେ ଥିବା ବେଆଇନ ପଥର ଖାଦାନରେ ସୋମବାର ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଥିଲା। ଏଥିରେ ଖାଦାନରୁ ଚୋରାଚାଲାଣ କରୁଥିବା ପଥର ବୋଝେଇ ଏକ ଟ୍ରାକ୍ଟର ସହ କଟର ମେଶିନକୁ ଜବତ କରାଯାଇଥିଲା। ସକାଳ ପ୍ରାୟ ସାଢେ ୯ଟାରେ ଅତର୍କିତ ଚଢ଼ାଉ କରାଯାଇଥିବାବେଳେ ପଥର ମାଫିଆମାନେ ଫେରାର ହୋଇଯାଇଥିଲେ। ସଦର ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ନେତୃତ୍ୱରେ ମାଣିପୁର ଆରଆଇ ପୁଷ୍ପିତା ମଧୁମତି ଦେହୁରୀ, ଏଆର୍‌ଆଇ ମମତା ରାଉତ, କାଙ୍କଡପାଳ ଆରଆଇ ସୁକାନ୍ତ ସାହୁ, ସଦର ଏଆରଆଇ ସୁବ୍ରତ ସାହୁ ପ୍ରମୁଖ ପୋଲିସ ଫୋର୍ସ ଚଢ଼ାଉରେ ସାମିଲ ଥିଲେ।

# ଡିବିରି ନିଆଁରେ ଜଳିଗଲେ ବୃଦ୍ଧା

ବଇଣ୍ଡା, ୧୬(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଆମ୍ବପାଳ ଗ୍ରାମରେ ସୋମବାର ରୋଷେଇ ବେଳେ ଡିବିରି ନିଆଁରୁ ଅଗ୍ନିକାଣ୍ଡ ଘଟି ପୁଞ୍ଜେଇ ପ୍ରଧାନ(୯୦)ଙ୍କ ମୃତ୍ୟୁ ଘଟିଛି। ତାଙ୍କର ୩ ବଖରା ମଧ୍ୟ ଜଳିଯାଇଛି। ଘଟଣା ମୁତାବକ, ପୂର୍ବାହ୍ଣରେ ପୁଞ୍ଜେଇ ରୋଷେଇ କରୁଥିଲେ। ବିଦ୍ୟୁତ୍ ନ ଥିବାରୁ ସେ ଏକ ଡିବିରି ଲଗାଇଥିଲେ। ହେଲେ ଅସାବଧାନତାରୁ ଡିବିରି ନିଆଁ ତାଙ୍କ ପିନ୍ଧା ବସ୍ତ୍ରରେ ଲାଗି ଯାଇଥିଲା। ଘରେ ସହାୟତା ପାଇଁ କେହି ନ ଥିବାବେଳେ ପୁଞ୍ଜେଇ ନିଆଁ ଲିଭାଇପାରି ନ ଥିଲେ। ଫଳରେ ତାହା ଘରକୁ ବ୍ୟାପିଯିବାରୁ ପୁଞ୍ଜେଇ ସେଥିରେ ଦଗ୍ଧ ହୋଇଯାଇଥିଲେ। ଖବରପାଇ ବାମୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁ ଲିଭାଇବା ସହ ଘର ମଧ୍ୟରୁ ମୃତଦେହ ଉଦ୍ଧାର କରିଥିଲେ। କିଶୋରନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି।

# ଟୋଲକବେଡ଼ା ଗ୍ରାମବାସୀଙ୍କ ଆନ୍ଦୋଳନ

କଣିହାଁ, ୧୬(ଡି.ଏନ.ଏ.)


ଟୋଲକବେଡା ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି।

ପାଉଁଶ ଟ୍ରକ୍, ଭାରିଯାନ ଚଳାଚଳ ଯୋଗୁ ଉପୁଜୁଥିବା ସମସ୍ୟାର ସମାଧାନ ଓ ଅନ୍ୟାନ୍ୟ ଦାବି ନେଇ ସୋମବାର ଅନୁଗୋଳ ଜିଲା କଣିହାଁ ବ୍ଲକ ଟୋଲକବେଡା ଗ୍ରାମବାସୀ ଏନ୍‌ଟିପିସି ପ୍ରକଳ୍ପ ଶକ୍ତିଦ୍ୱାର ନିକଟରେ ଆନ୍ଦୋଳନ କରିଥିଲେ। ଏଥିଯୋଗୁ ପାଉଁଶ ଟ୍ରକ୍ ସହ କମ୍ପାନୀର ଅନ୍ୟ ଭାରିଯାନ ଚଳାଚଳ ବନ୍ଦ ରହିଥିଲା।

ଗ୍ରାମ ସଭାପତି ସହଦେବ ସାହୁ, ସମ୍ପାଦକ ଦେବରାଜ ପ୍ରଧାନ, କମିଟି ସଦସ୍ୟ ମାନସ ସାହୁ ପ୍ରମୁଖଙ୍କ ଅଭିଯୋଗ ମୁତାବକ, ଏନ୍‌ଟିପିସି ପ୍ରକଳ୍ପରୁ ପଞ୍ଚାୟତ ରାସ୍ତା ଦେଇ ପାଉଁଶ ପରିବହନ ହେଉଛି। ସେହିପରି ଗ୍ରାମ ନିକଟରେ ଥିବା ପାଓ୍ୱାର ଗ୍ରୀଡ୍‌କୁ ଭାରିଯାନ ଚଳାଚଳ କରୁଛି। ଏଥିଯୋଗୁ ପ୍ରଦୂଷଣ, ରାସ୍ତା ଜାମ ସମସ୍ୟା ଉପୁଜୁଛି। ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଗ୍ରାମ ହିସାବରେ ମଧ୍ୟ ଲୋକେ ମୌଳିକ ସୁବିଧା ପାଇପାରୁ ନାହାନ୍ତି। ଏହାର ସମାଧାନ ଦାବି କରି ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ପରେ ପ୍ରଶାସନ ପକ୍ଷରୁ ତହସିଲଦାର ପତିତପାବନ ଦେବତାଙ୍କ ଅଧ୍ୟକ୍ଷତାରେ ଆନ୍ଦୋଳନକାରୀ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ସରପଞ୍ଚ ସୁଲୋଚନା ପ୍ରଧାନ, ଏନ୍‌ଟିପିସି ଥାନା ଆଇଆଇସିଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ସମାଧାନର ରାସ୍ତା ବାହାର କରିବାକୁ ପ୍ରଶାସନ ୭ ଦିନ ସମୟ ମାଗିବା ସହ ଅସୁବିଧା ଦୂର କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ଏ ନେଇ ତହସିଲଦାର କହିଛନ୍ତି, ଆନ୍ଦୋଳନ ହୋଇଥିଲା। ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ହଟିଛି।

# ଅଭିଯୋଗକାରୀଙ୍କ ବୟାନ ରେକର୍ଡ

ଅନୁଗୋଳ ଅଫିସ, ୧୬

ଅନୁଗୋଳ ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ଅଧ୍ୟକ୍ଷ ଏକ ବୃଦ୍ଧ ଦମ୍ପତିଙ୍କୁ ଦୁର୍ବ୍ୟବହାର କରିଥିବା ଶନିବାର ଅନୁଗୋଳ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଅନୁଗୋଳ ଥାନାରେ ମାମଲା ରୁଜୁ ହେବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସୋମବାର ସିଡବ୍ଲ୍ୟୁସି କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଦିଲୀପ ନାୟକ ଓ ସୁପରଭିଜନ୍ ଅଧିକାରୀ ଆଡିସିନାଲ ଏସ୍‌ପି ବସନ୍ତ କୁମାର ପ୍ରଧାନ ତଦନ୍ତ କରିଛନ୍ତି। ଏଥିସହ ଅଧ୍ୟକ୍ଷ ଓ କମଟି ସଦସ୍ୟଙ୍କ ସମେତ ଅଭିଯୋଗକାରୀ ବିପିନ ବିହାରୀ ନାଏକଙ୍କ ବୟାନ ରେକର୍ଡ କରାଯାଇଛି।

# ୫ ଟ୍ରାକ୍ଟରରୁ ଲକ୍ଷେ ଜରିମାନା ଆଦାୟ

କଣିହାଁ, ୧୬(ଡି.ଏନ.ଏ.)

କଣିହାଁ ତହସିଲ ଅଞ୍ଚଳରେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ୫ଟି ଟ୍ରାକ୍ଟରରୁ ସୋମବାର ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ବାଲି ବୋଝେଇ କରି କୁମୁଣ୍ଡା ରାସ୍ତାରେ ଯାଉଥିବାବେଳେ ଟ୍ରାକ୍ଟରଗୁଡିକୁ ବନ ବିଭାଗ ଜବତ କରିଥିଲା। ଘଟଣାସ୍ଥଳରେ ତହସିଲଦାର ପତିତପାବନ ଦେବତା, ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ ପହଞ୍ଚି ସେଥିରୁ ଲକ୍ଷେ ଟଙ୍କା ଜରିମାନା ଆଦାୟ କରିଥିଲେ। ପରେ ଜବତ ଟ୍ରାକ୍ଟରକୁ ଛାଡି ଦିଆଯାଇଥିବା କଣିହାଁ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି।

# ଜିଲା କାର୍ଯ୍ୟାଳୟ ଘେରିଲେ ସ୍ୱୟଂ ସହାୟକ ଗୋଷ୍ଠୀ

ଅନୁଗୋଳ ଅଫିସ୍, ୧୬

ସେସୁ ସହ ଏନ୍‌ଜେନ୍‌ର ଚୁକ୍ତି ଶେଷ ହେବା ଓ ସେସୁର ପରିଚାଳନା ଦାୟିତ୍ୱ ଟାଟା ପାଓ୍ୱାର କମ୍ପାନୀ ଲିମିଟେଡ୍‌କୁ ଯିବା ପରେ ଠିକା କର୍ମଚାରୀଙ୍କ ଭଳି ମିଟର ରିଡିଂ ଓ ବିଲ୍ ଆଦାୟ ଦାୟିତ୍ୱ ତୁଲାଉଥିବା ଅନୁଗୋଳ ଜିଲାର ୯୦ଟି ଏସ୍‌ଏଚ୍‌ଜି ଓ ୧୧ଟି ଶକ୍ତି ସହାୟକ ଗୋଷ୍ଠୀର ମହିଳାମାନେ ଏବେ କାମ ହରାଇବା ଆଶଙ୍କାରେ ପଡ଼ିଛନ୍ତି। ତେଣୁ ସେମାନଙ୍କୁ ପୂର୍ବଭଳି କାମ କରିବାର ସୁଯୋଗ ଦେବା ପାଇଁ ସମ୍ପୃକ୍ତ ସଦସ୍ୟାମାନେ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପ୍ରଶାସନ ସେମାନଙ୍କ ବ୍ୟବସ୍ଥା ନ କଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ଅନୁଗୋଳ ଜିଲାର ବଅଁରପାଳ, ତାଳଚେର, କିଶୋରନଗର, ଛେଣ୍ଡିପଦା ଓ ଆଠମଲ୍ଲିକ ବ୍ଲକର ୯୦ଟି ଏସ୍‌ଏଚ୍‌ଜି ଓ ୧୧ଟି ଶକ୍ତି ସହାୟିକା ୨୦୦୯ରୁ ସେସୁ ସହ ଚୁକ୍ତି କରି ମିଟର ରିଡିଂ କରୁଥିଲେ। ୨୦୧୨ରେ ସେସୁ ବିଲ୍ ଆଦାୟ ଓ ମିଟର ରିଡିଂ ଦାୟିତ୍ୱ ଏନ୍‌ଜେନ୍‌କୁ ଦେଇଥିଲା। ଏହି ଏସ୍‌ଏଚ୍‌ଜି ଓ ଶକ୍ତି ସହାୟିକାମାନେ ଏନ୍‌ଜେନ୍‌ରେ ମଧ୍ୟ କାମ କରିଥିଲେ। କିନ୍ତୁ ସେସୁ ସହ ଏନ୍‌ଜେନ୍‌ର ଚୁକ୍ତି ଶେଷ ହୋଇସାରିଥିବାରୁ ଏବେ ସେମାନେ ଆଶଙ୍କାରେ ରହିଛନ୍ତି। ତୁରନ୍ତ ନିଯୁକ୍ତି ଦାବି ସହ ଯିଏ ଯେଉଁଠି ଯେତିକି ଟଙ୍କାରେ କାମ କରୁଥିଲେ ସେମିତି କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ଦାବି କିର ଜିଲାର ୧୦୧ଟି ଏସ୍‌ଏଚ୍‌ଜି ଓ ଶକ୍ତି ସହାୟିକା ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ଉଠିବୁ ନାହିଁ ବୋଲି ମହିଳାମାନେ ଅଡ଼ି ବସିଥିଲେ। ଫଳରେ ଜିଲାପାଳ ୭ ଦିନ ସମୟ ମାଗିଥିବା ଜଣାପଡ଼ିଛି। ୭ ଦିନ ମଧ୍ୟରେ ସେମାନଙ୍କ ସମସ୍ୟାର ସମାଧାନ ହେବ। ଏହି ସମୟ ମଧ୍ୟରେ ସମସ୍ତ କାଗଜପତ୍ର ପ୍ରସ୍ତୁତ କରିବାକୁ ଜିଲାପାଳ କହିଥିଲେ। ବିକ୍ଷୋଭରେ ସବିତା ଦାସ, ଭାନୁମତି ଭୁଖା, ଟୁନି ସାହୁ, ସରସ୍ୱତୀ ପ୍ରଧାନ, ଲଳିତ ନାଏକ, ଗୀତାଞ୍ଜଳି ସାହୁ, ବୈଜନ୍ତୀ ପ୍ରଧାନ, କବିତା ପ୍ରଧାନ, ରୁବି ପ୍ରଧାନ, ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ।

## ଫଟୋରେ ଖବର


ଅନୁଗୋଳ ସହରର ଏକ କାଚ ଦୋକାନ କର୍ମଚାରୀ ଦର୍ପଣ ନେଇ ଯାଉଥିବାବେଳେ କୁନି ପିଲାମାନେ ସେଥିରେ ନିଜ ପ୍ରତିବିମ୍ବ ଦେଖି ଖୁସି ହେଉଛନ୍ତି।


ଲକ୍‌ଡାଉନ୍ କୋହଳ ହେବାରୁ ଅନୁଗୋଳ ସହରରେ ଜଣେ ଚା' ଦୋକାନୀ କପ୍‌ଗୁଡ଼ିକୁ ସଜେଇ ରଖିଛନ୍ତି।


ଅନୁଗୋଳରେ ସୋମବାର ବର୍ଷା ବେଳେ ଜଣେ ସାଇକେଲ ଆରୋହୀ ଛତା ଧରି ଯାଉଛନ୍ତି। (ଫଟୋ– ବୁଲୁ)

## ପୁଣି ବାହାରିଲେ ଜଣେ ପଜିଟିଭ

ମାଲକାନଗିରି,୧।୬(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ପୁଣି ଜଣେ କରୋନା ରୋଗୀ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛନ୍ତି। ପୂର୍ବରୁ ୨୦ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସୋମବାର ଏହି ସଂଖ୍ୟା ବୃଦ୍ଧିପାଇ ୨୧ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ୨୧ ମଧ୍ୟରୁ ତିନିଜଣ ସୁସ୍ଥ ହୋଇ ଫେରିଛନ୍ତି। ସୋମବାର ଚିହ୍ନଟ ବ୍ୟକ୍ତି ଏମ୍‌ଭି- ୭୨ ସଙ୍ଗରୋଧ କେନ୍ଦ୍ରର ବୋଲି ଜଣାପଡିଛି। ସେ ତାମିଲନାଡୁରୁ ଫେରିଥିଲେ।

# ନିୟମ ନ ମାନିଲେ ପରିସ୍ଥିତି ଜଟିଳ ହେବ

ମାଲକାନଗିରି,୧।୬ (ଡି.ଏନ୍.ଏ.)

ସରକାର ପ୍ରଥମ ଲକଡାଉନ ଅବସରରେ ପ୍ରବାସୀ ଶ୍ରମିକଙ୍କୁ ୧୪ ଦିନ ସଙ୍ଗରୋଧ କେନ୍ଦ୍ରରେ ରହିବା ପାଇଁ ନିୟମ କରିଥିଲେ। ସେହି ଅନୁସାରେ ମାଲକାନଗିରି ଜିଲାରେ ୩୬୭ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀଙ୍କୁ ରଖି ଧାର୍ଯ୍ୟ ସମୟ ପରେ ସେମାନଙ୍କୁ ଘରକୁ ପଠାଇଥିଲେ। ପରବର୍ତ୍ତୀ ସମୟରେ ସରକାର ଏହି ସଙ୍ଗରୋଧ ଅବଧିକୁ ୨୧ ଦିନକୁ ବୃଦ୍ଧି କରି ନିଷ୍ପତ୍ତି ପ୍ରତ୍ୟାହାର କରିଥିଲେ। ଏବେ ଏହାକୁ ୭ ଦିନ କରିଛନ୍ତି। ସଙ୍ଗରୋଧ କେନ୍ଦ୍ରରେ ଜଣେ ୭ ଦିନ ରହିବା ପରେ ନିଜ ଘରେ ୭ଦିନ ସଙ୍ଗରୋଧରେ ରହିବା ନିୟମ କରିଥିଲେ। ତେବେ ସଙ୍ଗରୋଧ କେନ୍ଦ୍ରରେ ଏବେ ମାତ୍ର ୩ ଦିନ ରଖି ପ୍ରବାସୀଙ୍କୁ ସେମାନଙ୍କୁ ଘରକୁ ପଠାଯାଉଛି। ଘରେ ୧୮ ଦିନ ଗୃହ ସଙ୍ଗରୋଧରେ ରହିବା ପାଇଁ ସେମାନଙ୍କୁ କୁହାଯାଉଛି। ଫଳରେ ମାଲକାନଗିରି ଜିଲାର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ

### ପ୍ରବାସୀଙ୍କ ଗୃହ ସଙ୍ଗରୋଧ

ଫେରନ୍ତାଙ୍କୁ ୩ ଦିନ ପରେ ସଙ୍ଗରୋଧ ଗୃହରୁ ନିଜ ଘରକୁ ପଠାଯାଇଛି। ସରକାରଙ୍କ ଗୃହ ସଙ୍ଗରୋଧର ନିୟମ ଅନୁଯାୟୀ ଜଣେ ପ୍ରବାସୀ ନିଜ ଘରେ ରହିବାକୁ ହେଲେ ତାଙ୍କର ଅଲଗା ଶୟନ କକ୍ଷ, ଶୌଚାଳୟ ଅଲଗା ଥିବ। ସେ ପରିବାର ସଦସ୍ୟଙ୍କଠାରୁ ଦୂରେଇ ରହିବା ନିୟମ ରହିଛି। ମାତ୍ର ମାଲକାନଗିରି ଜିଲା ଭଳି ଏକ ଆଦିବାସୀ ବହୁଳ ଜିଲାରେ ପ୍ରତ୍ୟେକ ଗ୍ରାମରେ ପ୍ରତି ପରିବାର ପ୍ରାୟ ଗୋଟିଏ ଘରେ ରହନ୍ତି। ବାରଣ୍ଡାରେ ରୋଷେଇ କରିବା ପ୍ରାୟତଃ ଦେଖିବାକୁ ମିଳେ। ଏଥିସହ ସେମାନେ ଗୋଟିଏ ସ୍ଥାନରେ ବସି ଖାଇବା, ଗୋଟିଏ ସ୍ଥାନରେ ସମସ୍ତେ ଶୋଇବା ବ୍ୟବସ୍ଥା ଅଛି। ଅଧିକାଂଶ ପରିବାର ପାଇଖାନା ବ୍ୟବହାର କରନ୍ତି ନାହିଁ। ଏପରି ସ୍ଥଳେ ସେମାନେ ଯେ ଗୃହ ସଙ୍ଗରୋଧ ନିୟମ କେତେ ଦୂର ପାଳନ କରିବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



➪ବର୍ତ୍ତମାନ ୧୮ ଦିନ ଗୃହ ସଙ୍ଗରୋଧରେ ରହିବା ମାଲକାନଗିରି ଜିଲାରେ ଅସମ୍ଭବ। ଯଦି ଶ୍ରମିକଙ୍କୁ ୧୪ ଦିନ ସଙ୍ଗରୋଧରେ ରଖାଯାଇ ତାଙ୍କର ସମସ୍ତ ପରୀକ୍ଷା ସରିବା ପରେ ସେ ସୁସ୍ଥ ବୋଲି ପ୍ରମାଣିତ ହେଲେ ତାଙ୍କୁ ଘରକୁ ପଠାଯିବା ଉଚିତ୍। ଏହା ହେଲେ ଜିଲାରେ କରୋନା ସ୍ଥିତି ନିୟନ୍ତ୍ରିତ ହୋଇପାରିବ।

**-ଦିଲୀପ ପରିଚ୍ଛା, ଆଇନଜୀବୀ**



➪କରୋନା ରୋଗ ପାଇଁ ସରକାର ବିଭିନ୍ନ ସମୟରେ ନେଉଥିବା ପଦକ୍ଷେପ ପ୍ରଶଂସନୀୟ। ତେବେ ଯେଉଁ ପ୍ରବାସୀ ୩ଦିନ ସଙ୍ଗରୋଧ କେନ୍ଦ୍ରରେ ରହି ନିଜ ଘରକୁ ଆସୁଛନ୍ତି ସେମାନେ ୧୮ ଦିନ ଗୃହ ସଙ୍ଗରୋଧରେ ନିୟମ ମାନି ଚଳିବେ ସେନେଇ ପ୍ରଶ୍ନବାଚୀ ସଅଷ୍ଟି ହୋଇଛି। ଯଦି ନିୟମ ନ ମାନନ୍ତି ତେବେ ଜିଲାରେ ନିଶ୍ଚିତ ଭାବେ ବ୍ୟାପକ ଭାବେ କରୋନା ବ୍ୟାପିବ ଏଥିରେ ଦ୍ୱିମତ ନାହିଁ।

**-ଦିବାକର ଭଗବାନ, ବରିଷ୍ଠ ନାଗରିକ**

➪ମାଲକାନଗିରି ଜିଲାରେ ବର୍ତ୍ତମାନ ସୁଦ୍ଧା ୧୫ ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ ଫେରିଛନ୍ତି। ଏବେ ଯେଉଁ ୩ ଦିନିଆ ସଙ୍ଗରୋଧ ବ୍ୟବସ୍ଥା ଚାଲିଛି ତାହା କେବଳ ବାହୁଲ୍ୟ ମାତ୍ର । ସେମାନେ ଗୃହ ସଙ୍ଗରୋଧରେ ନିୟମ ମାନି ରହୁଛନ୍ତି କି ନାହିଁ ପ୍ରଶାସନ ଏମାନଙ୍କ ଉପରେ ପ୍ରତ୍ୟେହ ଦୃଷ୍ଟି ନ ରଖିଲେ ପରିସ୍ଥିତି ବିଗିଡିଯିବାର ସମ୍ଭାବନା ରହିଛି।



**-ଦଶରଥ ପଡିଆମି, ଜିଲା ପରିଷଦ ଅଧ୍ୟକ୍ଷ**

➪ପ୍ରବାସୀଙ୍କ ପାଇଁ ସବୁପ୍ରକାର ସୁବିଧା ସଙ୍ଗରୋଧ କେନ୍ଦ୍ରରେ କରାଯାଇଥିଲା। ତେବେ ଅନେକ କେନ୍ଦ୍ରରେ ଅଧିକାଂଶ ପ୍ରବାସୀ ବିଶୃଙ୍ଖଳା ସୃଷ୍ଟି କରିବା, ଲୁଚି ପଳାଇବା, ପରିବାର ବର୍ଗ ସଙ୍ଗରୋଧ କେନ୍ଦ୍ରକୁ ଆସି ଖାଦ୍ୟ ଦେବା ଆଦି କାରଣରୁ ହୁଏତ ଏପରି ୩ ଦିନିଆ ସଙ୍ଗରୋଧ ବ୍ୟବସ୍ଥା ହୋଇଥିବ। ତେବେ ସେମାନେ ଗୃହ ସଙ୍ଗରୋଧରେ ୧୮ଦିନ ରହିବା ନେଇ ଦୈନିକ ଏମାନଙ୍କ ଘରକୁ ଯାଇ ଯାଞ୍ଚ ବ୍ୟବସ୍ଥା କରାଯିବାର ଆବଶ୍ୟକ ରହିଛି। ନଚେତ୍ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟାରେ ରୋକ ଲଗାଇବା କଷ୍ଟ ହୋଇପଡିବ।



**-ସନୁ ଅନୁଗୁ, ଆଦିବାସୀ ନେତା**

## କ୍ୱାରାଣ୍ଟାଇନରୁ ବାହାରି ଗଛ ତଳେ ଆଶ୍ରୟ ନେଲେ ପ୍ରେମୀ ଯୁଗଳ

ଚନ୍ଦାହାଣ୍ଡି,୧।୬(ଡି.ଏନ.ଏ)

ଚନ୍ଦାହାଣ୍ଡି ବ୍ଲକ ଧୋଡିପାଣିସ୍ଥିତ ସଙ୍ଗରୋଧ କେନ୍ଦ୍ରରୁ ପ୍ରେମୀ ଯୁଗଳ ବାହାରି ଏକ ଗଛ ତଳେ ଆଶ୍ରୟ ନେଇଛନ୍ତି। କରୋନା ଭୟ ଓ ସେମାନଙ୍କ ପ୍ରେମକୁ ସ୍ୱୀକୃତି ନ ଦେଇ ପରିବାର ଲୋକ ଗାଁରେ ପୂରାଇ ନ ଥିଲେ। ଗମ୍ଭାରୀଗୁଡା ପଞ୍ଚାୟତ ଅନ୍ତର୍ଗତ ମତିଗାଁର ଦେବରାଜ ନେଙ୍ଗି (୨୫)ଙ୍କ ସହ ଯୁବତୀ ଇଟାଭାଟିରେ କାମ କରିବାକୁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଲକ୍‌ଡାଉନ୍ ଘୋଷଣା ପରେ ଉଭୟ ଚାଲି ଆସି ଧୋଡିପାଣିସ୍ଥିତ ସଙ୍ଗରୋଧ ଗୃହରେ ରହିଥିଲେ। ସଙ୍ଗରୋଧ ଗୃହରୁ ଛଡାଯିବା ପରେ ଗାଁକୁ ଯାଇଥିଲେ। କିନ୍ତୁ ସେଠାରେ ପରିବାର ଲୋକ ଘରେ ପୁରାଇ ନଥିଲେ। ଗ୍ରାମର ଏକ ଗଛ ତଳେ ରାତିସାରା ଆଶ୍ରୟ ନେଇଥିଲେ। ମା' ଗୃହ ସଦସ୍ୟା ପୁଷ୍ପାଞ୍ଜଳୀ ପାଣିଗ୍ରାହୀ ଓ ଭାଜପା ପୂର୍ବତନ ଜିଲା ସଭାପତି ଗୋବିନ୍ଦ ଜୈନ୍ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଯଦି ସେମାନଙ୍କୁ ପରିବାର ଲୋକ ଗ୍ରହଣ ନ କରନ୍ତି ତେବେ ନବରଙ୍ଗପୁର ଷ୍ଟେ-ହୋମରେ ରଖାଯିବ ବୋଲି ଡାକ୍ତର ସଂଗ୍ରାମ କେଶରୀ ସାହୁ କହିଛନ୍ତି।

### ସଂକ୍ଷେପରେ

## ଯାତ୍ରୀ ନ ହେବାରୁ ଘରୋଇ ବସ୍ ଚଳାଚଳ ବାଧାପ୍ରାପ୍ତ

ଜୟପୁର,୧।୬ (ଡି.ଏନ.ଏ )- କୋରାପୁଟ ଜିଲା ଘୋରଇ ବସ ମାଲିକ ସଂଘ ପକ୍ଷରୁ ବସ ଚଳାଚଳ ସୋମବାରଠାରୁ ଆରମ୍ଭ ହୋଇଛି। ମାତ୍ର ବସରେ ଯାତ୍ରା କରିବା ପାଇଁ ଯାତ୍ରୀ ନ ଥିବାରୁ ବସ ଚଳାଚଳ ସ୍ୱାଭାବିକ ହୋଇପାରିନାହିଁ। ଜୟପୁରଠାରୁ କୋରାପୁଟ, ଦାମନଯୋଡି, ପଟାଙ୍ଗି, ନବରଙ୍ଗପୁର, ମାଲକାନଗିରି ଏବଂ ରାୟଗଡା ଜିଲାକୁ ଯାତ୍ରୀ ନ ଥିବାରୁ ଅଧିକାଂଶ ବସ ଚଳାଚଳ କରିପାରିନାହିଁ।

## ଅତିରିକ୍ତ ସଚିବଙ୍କ ସ୍ୱାଭିମାନ ଅଞ୍ଚଳ ଗସ୍ତ



ଚିତ୍ରକୋଣ୍ଡା,୧।୬(ଡି.ଏନ.ଏ.)- ସୋମବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳ ଅତିରିକ୍ତ ସଚିବ ତଥା ନୋଡାଲ ଅଫିସର ରସିଦ ଖାନ ଗସ୍ତ କରି ଫେରିଛନ୍ତି। ତାଙ୍କ ସହ ପିଡି ବାଳ ମୁକୁନ୍ଦ ଭୂୟାଁ, ବିଡ଼ିଓ ଲରିମନ ଖରସେଲ, ତହସିଲଦାର ଟି.ପଦ୍ମନାଭ ଦୋରା, ସହାୟକ ଯନ୍ତ୍ରୀ ମନୋଜ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ଶିବାଶିଷ ଉପସ୍ଥିତ ବିଶ୍ୱାସ ଉପସ୍ଥିତ ଥିଲେ। ସଚିବ ଖାନ୍ ବଡପଦର ଗ୍ରାମକୁ ଯାଇ ସେଠାରେ ଏମଜିଏନଆରଇଜିଏସ କାମ ଦେଖିଥିଲେ। ଏଥିସହ ସେ ବ୍ଲକ ସ୍ତରରେ କୋଭିଡ଼-୧୯ର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ପରେ ସେ ମାଲକାନଗିରି ଫେରି ଯାଇଥିଲେ।

## ଭୋକ ଉପାସରେ ୪୨ ପ୍ରବାସୀ

ନବରଙ୍ଗପୁର,୧।୬(ବି.ପ୍ର.)- ଘରକୁ ଯିବା ଜିଦରେ ବଡ ମସିଗାଁ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଥିବା ୪୨ ପ୍ରବାସୀ ଭୋକ ଉପାସରେ ରହିଛନ୍ତି । ସେମାନଙ୍କ ୧୪ ଦିନ ଅବଧୀ ସୋମବାର ପୂରଣ ହୋଇଥିଲା । ପ୍ରଶାସନ ସେମାନଙ୍କୁ ଘରକୁ ନ ଛାଡିବାରୁ ସେମାନେ ଖାଇ ନ ଥିଲେ।ସେଣ୍ଟର ଇନଚାର୍ଜ ରାଜୁ ଜାନୀ ବହୁ ବୁଝାସୁଝା କରିଥିଲେ ମଧ ସେମାନେ ଜିଦରେ ଅଟଳ ରହିଛନ୍ତି । ଏସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଦର୍ଶା ଯାଇଛି ଯାହା ନିର୍ଦ୍ଦେଶ ଆସିବ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଇନଚାର୍ଜ କହିଛନ୍ତି।

## ବିରଳ ପକ୍ଷୀ ଉଦ୍ଧାର



ରାଇଘର,୧।୬(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ରାଇଘର ବ୍ଲକ ତୁରୁଣ୍ଡି ପଞ୍ଚାୟତରେ ଏକ ବିରଳ ପକ୍ଷୀ ରବିବାର ଦେଖିବାକୁ ମିଳିଛି। ତୁରୁଣ୍ଡି ପଞ୍ଚାୟତକୁ ସଂଯୋଗ କରୁଥିବା ବିଦ୍ୟୁତ୍ ତାରରେ ପକ୍ଷୀଟି ଲାଗି ତଳେ ପଡ଼ିଥିବା ବେଳେ ଗ୍ରାମର ଜଣେ ଯୁବକ ଉଦ୍ଧାର କରିଥିଲେ। ବିଦ୍ୟୁତ୍ ତାର ଲାଗି ପକ୍ଷୀର ଦୁଇଟି ଗୋଡ଼ କଟିଯାଇଥିବା ଜଣାପଡ଼ିଛି। ଏହି ପକ୍ଷୀର ଓଜନ ୬ କିଲୋଗ୍ରାମ ଥିବା ଯୁବକ ଜଣକ କହିଛନ୍ତି। ବନ ବିଭାଗ କର୍ମଚାରୀ ପକ୍ଷୀକୁ ଆଣିବା ପାଇଁ ଗ୍ରାମକୁ ଯାଇଥବା ବନପାଳ ପ୍ରକାଶ କରିଛନ୍ତି।

## ୧୧୭୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଗୁଣପୁର/ଗୁଡାରି,୧।୬(ଡି.ଏନ.ଏ.)- ରାୟଗଡ଼ା ଜିଲା ଗୁଡାରି ପୋଲିସ ୧୧୭୦ କେଜି ଗଞ୍ଜେଇ ଜବତ କରିଛି। ୯ ବାଇକ୍ ଏବଂ ୭ ଏଟିଏମ୍ କାର୍ଡ ଜବତ କରାଯାଇଛି। ଗୁଡାରି ବ୍ଲକ୍ ଖାରିଗୁଡ଼ା ଅଞ୍ଚଳରୁ ଛତିଶଗଡ଼କୁ ଗଞ୍ଜେଇ ଚାଲାଣ ପାଇଁ ପ୍ୟାକିଂ ଚାଲିଥିବା ଖବର ପାଇ ଏସ୍‌ଆଇ ପୁରୁଷୋତ୍ତମ ଯାନି ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଗଞ୍ଜେଇ ପ୍ୟାକେଟ୍ କରୁଥିବା ୧୨ ଜଣ ଫେରାର ହୋଇଯାଇଥିଲେ। ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି। ସେ ହେଲେ ସର୍ଗିଗୁଡ଼ା ଗ୍ରାମର ସମୀର ମାଝି ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ରାୟଗଡ଼ା ଏସ୍‌ପି ଶର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଗୁଣପୁର ଏସଡିପିଓ ରାଜକିଶୋର ଦାସ, ଗୁଡାରି ଆଇଆଇସି ସୁଶାନ୍ତ ତାଡ଼ିଆ ଉପସ୍ଥିତ ଥିଲେ।

# ପ୍ରବାସୀ ଫେରିବା ପରେ ବଖାଣିଲେ ନିର୍ଯାତନା

ନବରଙ୍ଗପୁର,୧।୬(ବି.ପ୍ର.)



ଫେରିଥିବା ପ୍ରବାସୀଙ୍କ ସହ ପ୍ରଦୀପ ମାଝୀ ଓ ମୁନା ତ୍ରିପାଠୀ କଥାବାର୍ତ୍ତା କରୁଛନ୍ତି ।

ନବରଙ୍ଗପୁର ଜିଲାକୁ ୪ ଜଣ ପ୍ରବାସୀ ଫେରିବା ପରେ ବଖାଣିଛନ୍ତି ସେମାନେ ଘରକୁ ଫେରିବା ପାଇଁ କେତେ କଷ୍ଟ ଓ ନିର୍ଯାତନା ସହିଛନ୍ତି। ୪ଜଣ ପ୍ରବାସୀଙ୍କ ମଧ୍ୟରୁ ନବରଙ୍ଗପୁର ବ୍ଲକ ପୂଜାରିଗୁଡ଼ା ଗାଁର ମଦନ ନାୟକ ଓ ଗୌରୀ ନାୟକଙ୍କ ନାବାଳିକା ଝିଅ କବିତା ନାୟକଙ୍କ କହିବା ଅନୁଯାୟୀ ସେମାନେ ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର ତିରିପୁର ରେଳଷ୍ଟେଶନରେ ଓଡ଼ିଶା ଆସିବା ପାଇଁ ଟୋକନକୁ ଅପେକ୍ଷା କରିଥିଲେ । ଟୋକନ ସରିଯିବାରୁ ପୋଲିସ ଆଉ ଟୋକନ ଦେଇ ନ ଥିଲା । ଟ୍ରେନ୍ ଚାଲିଯିବା ପରେ ସେମାନେ ହତାଶ ହୋଇ ରାସ୍ତା ଉପରକୁ ଚାଲି ଆସିଥିଲେ। ପୋଲିସ ସେମାନଙ୍କ ଉପରକୁ ଲାଠି ପ୍ରହାର କରିବାରୁ ଦୌଡି ଚାଲିଯାଇଥିଲେ। ୨ଟି ଅଟୋ ଭଡ଼ାକରି ଚାଲିଯିବାକୁ ଉଦ୍ୟମ କରିଥିଲେ। ଅଟୋଚାଳକ ଟୋକନ କରିଦେବା ପାଇଁ ୨ ହଜାର ଟଙ୍କା ମାଗିଥିଲେ । ସେମାନେ ଅଟୋରୁ ଓହ୍ଲାଇ ଜଙ୍ଗଲ ଭିତରକୁ ଚାଲି ଯାଇଥିଲେ । କବିତା ନିଜ ମାଆଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଜିଲା କଂଗ୍ରେସ ପକ୍ଷରୁ ପ୍ରବାସୀଙ୍କୁ ସହାୟତା ପାଇଁ ଜାରି କରାଯାଇଥିବା ମୋବାଇଲ ନମ୍ବର ମା'ଦେବାରୁ ସେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କୁ ଜଣାଇଥିଲେ । ମୁନା ତ୍ରିପାଠୀଙ୍କ କହିବା ଅନୁଯାୟୀ ୨୮ ତାରିଖରେ ନବରଙ୍ଗପୁର ଜିଲାପାଳଙ୍କୁ ଏହାର ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ । ପରେ ରାଜ୍ୟ କଂଗ୍ରେସ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ। ସେଠାରୁ ତାମିଲନାଡୁ ଡିଜିପିଙ୍କୁ ହ୍ୱାଟ୍ସଆପ୍ ଦ୍ୱାରା ସମସ୍ତ ତଥ୍ୟ ପ୍ରଦାନ କରିଥିଲେ । ଡିଜିପିଙ୍କ ଠାରୁ ଏ ସମ୍ପର୍କରେ ଜାଣିବା ପରେ ତିରିପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଏହାର ଦାୟିତ୍ୱ ନେଇଥିଲା । ପୋଲିସ ସେମାନଙ୍କୁ ଠାବକରି ଥାନାକୁ ଆଣିଥିଲା। ଘଟଣାର ତଦନ୍ତ କରାଯାଇ ଦୁଇ ଜଣ ଅଟୋ ଚାଳକଙ୍କୁ ଗିରଫ କରାଯାଇଥିଲା । ଯେଉଁମାନେ ଟୋକନ ଦେଇ ନ ଥିଲେ ଓ ଯେଉଁ ପୋଲିସ କର୍ମଚାରୀ ମାଡ଼ ମାରିଥିଲେ ସେମାନେ ନିଲମ୍ବିତ ହୋଇଥିଲେ । ପରେ ୨୦ ଜଣ ଟୋକନ ପାଇ ବଲାଙ୍ଗୀର ଦେଇ ରାୟଗଡ଼ା ଷ୍ଟେଶନରେ ଓହ୍ଲାଇଥିଲେ । ସେମାନଙ୍କ ମଧ୍ୟରେ ନବରଙ୍ଗପୁର ଜିଲାର ୪ ଜଣ ଏବଂ ଅନ୍ୟମାନେ ବଲାଙ୍ଗୀର, ଭଦ୍ରକ, ନୂଆପଡ଼ା ଓ ରାଉରକେଲାର ଥିଲେ । ସୋମବାର ଭୋରୁ ନବରଙ୍ଗପୁର ପ୍ରବେଶ ପଥରେ କବିତାଙ୍କ ସମେତ ପିଲିକା ଗାଁର ରାଜୁ ହରିଜନ, ହେମଧର ହରିଜନ,ଉମରଗାଁର ଖଗପତି ମାଝି ପହଞ୍ଚି ସଙ୍ଗରୋଧ କେନ୍ଦ୍ରକୁ ଯିବା ପାଇଁ ଅପେକ୍ଷା କରିଥିଲେ । ଜିଲା ସଭାପତି ତ୍ରିପାଠୀ ପହଞ୍ଚିବା ପରେ ପ୍ରବାସୀମାନେ ନିଜ ଦୁଃଖ ଜଣାଇବା ସହ ତାଙ୍କର ସହଯୋଗକୁ ପ୍ରଶଂସା କରିଥିଲେ । ପରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ନଗର କଂଗ୍ରେସ ସଭାପତି ଲାଲୁ ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ଅବଦୁଲ ଫିରୋଜ ପ୍ରମୁଖ ବିସ୍କୁଟ ଓ ପାଣି ବାଣ୍ଟିଥିଲେ।

## ୧୫ ସୁଦ୍ଧା ଘାଇ, ନଦୀତଟ ମରାମତି ନିର୍ଦ୍ଦେଶ

ପାରଳାଖେମୁଣ୍ଡି,୧।୬(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରଠାରେ ଜିଲାପାଳ ଅନୁପମ ଶାହାଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ଏସ୍‌ପି ସାରା ଶର୍ମା,ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଚୌଧୁରୀ, ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ଆସନ୍ତା ୧୫ ତାରିଖ ସୁଦ୍ଧା ବିଭିନ୍ନ ଘାଇ ଏବଂ ନଦୀତଟ ମରାମତି କରିବାପାଇଁ ଜଳସେଚନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ଅସ୍ଥାୟୀ ହେଲିପ୍ୟାଡ୍ ପାଇଁ ଜାଗା ଚିହ୍ନଟ କରିବାକୁ କୁହାଯାଇଥିଲା। ବଂଶଧାରା ନଦୀତଟରେ ଆବଶ୍ୟକ ଥିବା ଗାର୍ଡ ୱାଲ୍ ନିର୍ମାଣ ଓ ମରାମତି ବିଷୟରେ ଆଲୋଚନା ହୋଇଥିଲା ।

## ଜମି ମାପଚୁପ ବେଳେ ଜବରଦଖଲକାରୀଙ୍କ ବିରୋଧ



ଜମି ମାପଚୁପକୁ ବିରୋଧ କରୁଥିବା ଜବରଦଖଲକାରୀ ।

ଜୟପୁର,୧।୬(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ଦେବୋତ୍ତର ବିଭାଗର କେତେ ପରିମାଣର ମନ୍ଦିର ଜମି ରହିଛି । ଏହାର ମାପଚୁପ ପାଇଁ ଦେବୋତ୍ତର ଉପଦେଷ୍ଟା କମିଟିର ଏକ ଦଳ ଏବଂ ରାଜସ୍ୱ ବିଭାଗର କର୍ମଚାରୀମାନେ ହାତୀଶାଳର କପିଳେଶ୍ୱର,ପୁରୁଣାଗଡ଼ର ନୀଳକଣ୍ଠେଶ୍ୱର ଏବଂ କୁମ୍ଭାରସାହି ଲକ୍ଷ୍ମଣବାଲାଜୀ ମନ୍ଦିର ମାପଚୁପ ଉଦ୍ଦେଶ୍ୟରେ ଯାଇଥିଲେ । କିନ୍ତୁ ଲକ୍ଷ୍ମଣ ବାଲାଜୀ ମନ୍ଦିରର ପ୍ରାୟ୯ ଏକର ଜମି ରହିଥିବା ବେଳେ ଏକରରୁ ଉର୍ଦ୍ଧ୍ୱ ଜବରଦଖଲକାରୀଙ୍କ ଅଧୀନରେ ରହିଛି। ମାପଚୁପ ଆରମ୍ଭ ମାତ୍ରେ ପ୍ରାୟ ୨ଶହ ଜବରଦଖଲକାରୀ ପହଞ୍ଚି ବିରୋଧ କରିଥିଲେ। ଦୀର୍ଘ ଦେବୋତ୍ତର ଉପଦେଷ୍ଟା କମିଟି ସଭାପତି ଲାଲମୋହନ ମିଶ୍ର, ସଦସ୍ୟ ନଗେନ୍ଦ୍ରନାଥ ନାୟକ, ଶିବପ୍ରସାଦ ପ୍ରହରାଜ, କେ, ଲକ୍ଷ୍ମଣ ରାଓ ପ୍ରମୁଖ ବୁଝାଶୁଝା କରିଥିଲେ । ଦେବୋତ୍ତର ବିଭାଗ ସହିତ ଆଲୋଚନା ପରେ ମାପଚୁପ କରାଯାଉ ବୋଲି ଜବରଦଖଲକାରୀ ଜିଦ୍ ଧରିଥିଲେ। ଶେଷରେ ବିନା ମାପଚୁପରେ ସେଠାରୁ ଦେବୋତ୍ତର ଏବଂ ରାଜସ୍ୱ ବିଭାଗ କର୍ମଚାରୀ ଫେରିଥିଲେ । ପ୍ରକାଶ ଯେ, କପିଳେଶ୍ୱର ମନ୍ଦିରର ୧ଏକର ୧୩ ଡେସିମିଲ ଏବଂ ନୀଳକଣ୍ଠେଶ୍ୱର ମନ୍ଦିରର ପ୍ରାୟ ୫ ଏକର ଜମି ରହିଛି ।

# ସୀମାନ୍ତ ଲୋକଙ୍କୁ ଉତ୍ତମ ସେବା ଯୋଗାଇବ: ଡିଆଇଜି

ପଟ୍ଟାଙ୍ଗୀ,୧।୬(ଡି.ଏନ୍.ଏ.)

କୋରାପୁଟ ଜିଲା ତଥା ଆନ୍ଧ୍ର ସୀମାନ୍ତ ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ସୁଙ୍କି ପଞ୍ଚାୟତ କାର୍ଯ୍ୟାଳୟର ଅସ୍ଥାୟୀ ଗୃହରେ ଚାଲିଥିବା ସୁଙ୍କି ଫାଣ୍ଡିକୁ ସୋମବାର ଡିଆଇଜି ସଫିନ ଅହମ୍ମଦ କେ. ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ଏବଂ ପଟ୍ଟାଙ୍ଗୀ ଥାନା ଅଧିକାରୀ ବିଜୟରାଜ ମାଝିଙ୍କ ଉଦ୍ୟମରେ ଏଠାରେ ଥିବା ସରକାରଙ୍କ ଅବ୍ୟବହୃତ ବିକ୍ରିକର ଓ ମୋଟର ଯାନ ବିଭାଗର ଗୃହକୁ ପୁନରୁଦ୍ଧାର କରି ଫାଣ୍ଡି ପ୍ରତିଷ୍ଠା କରାଯାଇଛି। ମୁଖ୍ୟଅତିଥି ମହମ୍ମଦ କେ. କହିଲେ, ଏହି ସୀମାନ୍ତ ଫାଣ୍ଡି ଲୋକଙ୍କ ନିକଟତର ହୋଇ ସେମାନଙ୍କୁ ଉତ୍ତମ ସେବା ଯୋଗାଇବ। ଅନ୍ୟତମ ଅତିଥି ଜିଲା ଏସ୍‌ପି ମୁକେଶ କୁମାର ଭାମୋ କହିଲେ, ଫାଣ୍ଡିର ପୁନରୁଦ୍ଧାର ଯୋଗୁ ଏହା ଲୋକଙ୍କ ଦୀର୍ଘଦିନର ଆଶା ପୂରଣ କରିପାରିବ। ଉତ୍ସବରେ ଜୟପୁର ଏସ୍‌ଡିପିଓ ବରୁଣ ଗୁଣ୍ଠାପାଲି, ଆର୍‌ଆଇ ସୁବାସ ନାୟକ,



ପୁନରୁଦ୍ଧାର ଫାଣ୍ଡିକୁ ଡିଆଇଜି ଉଦ୍‌ଘାଟନ କରୁଛନ୍ତି ।

### ପୁନରୁଦ୍ଧାର ହେଲା ସୁଙ୍କି ଫାଣ୍ଡି

ବିଏସ୍‌ଏଫ୍ କମାଣ୍ଡାଣ୍ଟ ଭିବିନ ଯାଦବ, କମାଣ୍ଡାଣ୍ଟ ମହେଶ ବର୍ମା, କମାଣ୍ଡାଣ୍ଟ ବିନୋଦ ରାଜା, ଦାମନଯୋଡ଼ି ଥାନା ଅଧିକାରୀ ସମ୍ବିତ ବେହେରା, ସେମିଳିଗୁଡ଼ା ଥାନା ଅଧିକାରୀ ଧୀରେନ ବେହେରା, ସୁନାବେଡ଼ା ଥାନା ଅଧିକାରୀ ଭୀମସେନ ନାୟକ, ସୁଙ୍କି ନାଏବ ସରପଞ୍ଚ କେ. ଈଶ୍ୱରୀ ଆମ୍ମା, ସମିତିସଭ୍ୟ ପାଢ଼ୀ ଦୁର୍ଗା, ପେଟ୍ରୁ ସରପଞ୍ଚ ସିନ୍ଦେରି ଆପାନା, ଅମ୍ପାବାଲି ସରପଞ୍ଚ ଏ. ତୁଳସା, ଶ୍ୟାମସୁନ୍ଦର ମହାନ୍ତି, ଗୁପ୍ତଶଙ୍କର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଯେ, ଏଠାରେ ଫାଣ୍ଡି ଅଧିକାରୀ ଭାବେ ଏସ୍‌ଆଇ ସଂଗ୍ରାମ କେଶରୀ ସ୍ୱାଇଁ, ଏଏସ୍‌ଆଇ ଦୟାନିଧି ମୁର୍ଜାଙ୍କ ସହ ୩ଜଣ କନଷ୍ଟେବଲ ଏବଂ ଗୋଟିଏ ପ୍ଲାଟୁନ ଆଇଆର୍‌ବିଙ୍କୁ ନିଯୁକ୍ତ କରାଯାଇଛି।

## ମାଟି ଅତଡ଼ା ଖସି ଯୁବକଙ୍କ ମୃତ୍ୟୁ

ମୁନିଗୁଡ଼ା,୧।୬(ଡି.ଏନ୍.ଏ.):

ସୋମବାର ପୋଖରୀକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ମାଟି ଅତଡା ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମୁନିଗୁଡା ଶୁଣ୍ଡିସାହିର ଦେବରାଜ ବେହେରାଙ୍କ ପୁଅ ମୁକେଶ(୨୦)। ଏହି ପୋଖରୀ ପୂର୍ବରୁ ମରାମତି ପାଇଁ ମାଟି ଖୋଳାଯାଇଥିଲା। ମୁକେଶ ଶୌଚହେବା ସମୟରେ ହଠାତ୍ ମାଟି ଅତଡ଼ା ତାଙ୍କ ଉପରେ ଖସି ପଡ଼ିଥିଲା। ନିକଟରେ ଥିବା ଲୋକେ ତାଙ୍କୁ ଉଦ୍ଧାରକରି ମୁନିଗୁଡ଼ା ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମୁନିଗୁଡ଼ା ଆଇଆଇସି ରାଜେନ୍ଦ୍ର ଦେହୁରି ଟିମ୍ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ଦଇତାପତି , ସେବାୟତଙ୍କ ନମୁନା ସଂଗ୍ରହ

ଜୟପୁର,୧।୬(ଡି.ଏନ.ଏ )–

ଜୟପୁରସ୍ଥିତ ତିନି ଠାକୁରଙ୍କ ଦେବସ୍ନାନ ପୂର୍ବରୁ ସାମନ୍ତରାୟ ସାହି ଏବଂ ହେମଗିରି ସାହିର ୧୫ ଜଣ ଲେଖାଏ ୩୦ ଜଣ ଦଇତାପତି, ପୂଜକ ଓ ପତ୍ରି, ଗୌଡ, ପାଇକ ଏବଂ ପୁରୋହିତ ଆଦି ସେବାୟତ ୮ଜଣଙ୍କ କୋଭିଡ ପରୀକ୍ଷା ସୋମବାର ହୋଇଛି। ଦେବତ୍ତୋର ଅଧିକାରୀ ଅଶ୍ୱିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କୋଭିଡ ଚିକିତ୍ସାଳୟର କର୍ମଚାରୀ ନମୁନା ସଂଗ୍ରହ କରିଥିଲେ । ୪ ସୁଦ୍ଧା ରିପୋର୍ଟ ଅସିଲେ ୫ରେ ହେବାକୁ ଥିବା ଦେବସ୍ନାନ ପୂର୍ଣ୍ଣିମାରେ ସମସ୍ତ ଦଇତାପତି, ପୂଜକ ଓ ସେବାୟତ ଯୋଗେ ଦେବେ।

## ଦାବି ପୂରଣ ହେଲେ ଗଜପତିରେ ଗଡ଼ିବ ବସ୍

ପାରଳାଖେମୁଣ୍ଡି,୧।୬(ସ୍ୱ.ପ୍ର.):

ଜିଲା ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ ଗଜପତି ଜିଲାରେ ଘରୋଇ ବସ୍ ଚଳାଚଳ ପାଇଁ ବସ୍ କର୍ମଚାରୀମାନେ ଯୋଗ ଦେବେ ନାହିଁ ବୋଲି କହିଛନ୍ତି। ଏ ନେଇ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପାରଳାଖେମୁଣ୍ଡି ମୋଟର କର୍ମଚାରୀ ସଂଘର ସଭାପତି ପି. କ୍ରିଷ୍ଣା ସୂଚନା ଦେଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ୨ମାସରୁ ଉର୍ଦ୍ଧ୍ୱ ସମୟ ଧରି ବସ୍ ଚଳାଚଳ ବନ୍ଦ ରହିଥିଲା। ଇତିମଧ୍ୟରେ ସରକାର ବସ୍ ଚଳାଚଳ ପାଇଁ ଅନୁମତି ଦେଇଛନ୍ତି । ଏଥିସହ ବସ୍ ଚଳାଚଳ ପାଇଁ ଘରୋଇ ବସ୍ ମାଲିକଙ୍କ ପାଇଁ ସରକାର ୩ମାସର ରାସ୍ତା ଟିକସ ଛାଡ଼ ପାଇଁ ଘୋଷଣା ମଧ୍ୟ କରିଛନ୍ତି। ହେଲେ କର୍ମଚାରୀଙ୍କ ଆର୍ଥିକ ସଙ୍କଟକୁ ସରକାର ଅଣଦେଖା କରି ଏବେ ବସ୍ ଚଲାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଘରୋଇ ବସ୍ ମାଲିକଙ୍କୁ ଟିକସ ଛାଡ଼ ଭଳି କର୍ମଚାରୀମାନଙ୍କୁ ମଧ ୨ମାସର ଦରମା ବାବଦକୁ ୭ହଜାର ୫ଶହ ଟଙ୍କା ଲେଖାଏ ଦିଅନ୍ତୁ ବୋଲି ସେମାନେ ଦାବି ରଖିଛନ୍ତି। ଏଥିସହ କାର୍ଯ୍ୟ ସମୟରେ କରୋନା ସଂକ୍ରମଣ ହେଲେ ସୁରକ୍ଷା ପାଇଁ ସରକାରୀ ବୀମାର ବ୍ୟବସ୍ଥା କରିବା ପାଇଁ ମଧ୍ୟ ଦାବି କରିଛନ୍ତି। ଏହି ଦୁଇ ଦାବି ପୂରଣ ନ ହେଲେ ବସ୍ ଗଡ଼ିବ ନାହିଁ ବୋଲି ସେମାନେ କହିଛନ୍ତି। ସମ୍ମିଳନୀରେ ସଂଘର ଉପସଭାପତି ଆର. କେ. ନାୟକ, ସମ୍ପାଦକ କେ. ବି. କ୍ରିଷ୍ଣା, ସାଧାରଣ ସମ୍ପାଦକ ପି. ସୀମାଦ୍ରି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟଯେ, ଏହି ସଂଘ ଅଧୀନରେ ୪ଶହ ଡ୍ରାଇଭର, କଣ୍ଡକ୍ଟର ଏବଂ ହେଲ୍‌ପର ଆଦି କର୍ମଚାରୀ ରହିଛନ୍ତି।





ବସ୍ କର୍ମଚାରୀମାନେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

## ଦାଦନ ଶ୍ରମିକଙ୍କ ସୁରକ୍ଷା, ସହାୟତା ଦାବିକଲା ସିପିଆଇ

ଜୟପୁର ୧।୬ (ନି.ପ୍ର.)

କୋରାପୁଟ ଜିଲା ଜୟପୁର ଶ୍ରମିକ ଭବନ ନିକଟରେ ସିପିଆଇ ପକ୍ଷରୁ ଦାଦନ ଶ୍ରମିକଙ୍କୁ ସୁରକ୍ଷା ଓ ଆର୍ଥିକ ସହାୟତା ଯୋଗାଇଦେବା ଦାବିରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ଆହ୍ୱାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଶ୍ରମିକ କାମ କରିବାର ସମୟ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା କରିବା ନିଷ୍ପତ୍ତି ପ୍ରତ୍ୟାହାର କରିବା, ଲକ୍‌ଡାଉନ ସମୟରେ କାମ ହରାଇଥିବା ଉଠାଦୋକାନୀଙ୍କ ସହ ସମସ୍ତ ଶ୍ରମଜୀବୀଙ୍କୁ ମୁଣ୍ଡପିଛା ୧୦ କେଜି ଚାଉଳ ଏବଂ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଦେବା, ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଶିକ୍ଷା ଖର୍ଚ୍ଚ ସରକାର ବହନ କରିବା, କୃଷକଙ୍କ ଋଣ ଛାଡ , ବିହନ, ସାର ଓ ଆର୍ଥିକ ସହାୟତା ଦେବା, ସମସ୍ତ ବନ୍ଦ କଳ କାରଖାନା ଚାଲୁ କରିବା, ଯୁବତୀଯୁବକଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି କରିବା ଆଦି ଦାବି ରହିଛି। ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, ସୁରେଶ ଗୌଡଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।



## ବଧୂ ହତ୍ୟା: ସ୍ୱାମୀ, ଶାଶୁ ଗିରଫ

କୋରୁକୋଣ୍ଡା/କୁଡୁମୁଲୁଗୁମ୍ମା,୧।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ଗ୍ରାମର ବଜାରସାହିର ବଧୂହତ୍ୟା ଘଟଣାରେ ଅଭିଯୁକ୍ତ ସ୍ୱାମୀ ଓ ଶାଶୁଙ୍କୁ ସୋମବାର ପୋଲିସ ଗିରଫ କରିଛି । ସେମାନେ ହେଲେ ସ୍ୱାମୀ ଗୋବିନ୍ଦ ମହାରଣା ଓ ଶାଶୁ ଲକ୍ଷ୍ମୀ ମହାରଣା। ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଗ୍ରାମର ଶଙ୍କର ମହାରଣାଙ୍କ ଝିଅ ଅନିତା (୨୩) ୫ବର୍ଷ ତଳେ କୁଡୁମୁଲୁଗୁମ୍ମା ବଜାରସାହିର କାଳୁ ମହାରଣାଙ୍କ ପୁଅ ଗୋବିନ୍ଦଙ୍କୁ ବିବାହ କରିଥିଲେ। । ବିବାହ ପରଠାରୁ ବିଭିନ୍ନ ସମୟରେ ତାଙ୍କୁ ଅଧିକ ଯୌତୁକ ଦାବି କରି ସ୍ୱାମୀ ଓ ଶାଶୁ ନିର୍ଯାତନା ଦେଉଥିଲେ। ଗତରେ ଗୋବିନ୍ଦଙ୍କ ପାଇଖାନା ଗୃହରୁ ଅନିତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଥିଲା । ଅନିତାଙ୍କ ମୃତ୍ୟୁ ଖବର ପାଇ ତାଙ୍କ ଭାଇ ସନ୍ୟାସୀ ପହଞ୍ଚି କୁଡୁମୁଲୁଗୁମ୍ମା ଫାଣ୍ଡିରେ ଅଭିଯୋଗ କରିଥିଲେ। ଓର୍କେଲ ଥାନାରେ ୯୯/୨୦ ରେ ମାମଲା ରୁଜୁ ହୋଇ ତଦନ୍ତ ପରେ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଜଗଦିଶ ବାରା କହିଛନ୍ତି।

# ଚଳିତବର୍ଷ ୨୮ହଜାର ୪୯୦ ହେକ୍ଟର ଧାନଚାଷ

ପାରଳାଖେମୁଣ୍ଡି,୧।୬(ସ୍ୱ.ପ୍ର.):

ପାରଳାଖେମୁଣ୍ଡିସ୍ଥିତ ଜିଲା ପରିଷଦ ସମ୍ମିଳନୀ ଗୃହରେ ରବିବାର ଜିଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଅନୁପମ ଶାହା ଅଧକ୍ଷତା କରି ଚାଷୀଙ୍କ ଉନ୍ନତି ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ କୃଷି ଓ ଆନୁଷାଙ୍ଗିକ ବିଭାଗର ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଚାଷୀଙ୍କୁ ଯେପରି ସୁବିଧାରେ ସାର, ବିହନ ଏବଂ କୀଟନାଶକ ମିଳିପାରିବ, ସେଥିପ୍ରତି ଦୃଷ୍ଟିଦେବାକୁ କହିଥିଲେ। ଏଥିସହ ଜିଲାରେ ପୋଖରୀ ଖୋଳିବାକୁ ପରାମର୍ଶ ଦେବା ସହ ଏହା ଯେପରି ଚାଷ କାମରେ ଲାଗିପାରିବ ତାହାର ତଦାରଖ କରିବାକୁ କହିଥିଲେ। ଚଳିତବର୍ଷ ୮୬ହଜାର ୪୫୦ ହେକ୍ଟର ଜମିରୁ ଫସଲ ଅମଳ ଲାଗି ଯୋଜନା ହୋଇଛି । ଏଥିମଧ୍ୟରୁ ୨୮ହଜାର ୪୯୦ ହେକ୍ଟର ଧାନଚାଷ ପାଇଁ ଲକ୍ଷ୍ୟ ରହିଛି। ସେହିପରି ମକାଚାଷ ପାଇଁ ୩୮ହଜାର ୩୨୫ ହେକ୍ଟର, ମାଣ୍ଡିଆଚାଷ ପାଇଁ ୫ହଜାର ୬ଶହ ହେକ୍ଟର, ଡାଲି ଜାତୀୟ ଫସଲ ପାଇଁ ୮ହଜାର ୪୫୫ ହେକ୍ଟର, ତୈଳବୀଜ ଜାତୀୟ ଫସଲ ପାଇଁ ୨ହଜାର ୫୨୩ ହେକ୍ଟର ଏବଂ ୨୦ହଜାର ୮୮୫ ହେକ୍ଟର ଜମିରେ ପନିପରିବା ଚାଷ ପାଇଁ ଲକ୍ଷ୍ୟ ରହିଛି। ସେହିପରି ଜିଲାରେ ୩୭ହଜାର ୫୩୭ ଲକ୍ଷ ଟଙ୍କା କୃଷିଋଣ ପ୍ରଦାନ ପାଇଁ ସ୍ଥିର ହୋଇଥିବା ଜଣାପଡିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେବ, ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ କୁମାର ମହାନ୍ତିଙ୍କ ସମେତ ଜିଲା ମୃତ୍ତିକା ସଂରକ୍ଷଣ ଅଧିକାରୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ଜୁନ୍ ୨/୨୦୨୦ Tuesday, June 2/2020

## ସଂକ୍ଷେପରେ

### ଭିମ୍ ଆପ୍‌ରୁ ୭ମିଲିୟନ ଡାଟା ଚୋରି ଅଭିଯୋଗ

**ମୁମ୍ବାଇ,୧।୬ :** ଦିନକୁ ଦିନ ସାଇବର ଅପରାଧ ମାମଲା ବଢୁଥିବା ବେଳେ ଆଉ ଏକ ମାମଲା ସାମ୍ନାକୁ ଆସିଛି। ମୋବାଇଲ ପେମେଣ୍ଟ ଆପ୍ଲିକେଶନ ଭିମ୍ ଆପ୍‌ର ପ୍ରାୟ ୭୦ ଲକ୍ଷ ଡାଟା ଚୋରି ହୋଇଥିବା ଇସ୍ରାଏଲ ସାଇବର ସିକ୍ୟୁରିଟି ଫାର୍ମ ଭିପିଏନମେଣ୍ଟର ସୂଚନା ଦେଇଛି । ଏହି ସବୁ ତଥ୍ୟ ଆମାଜନ ୱେବ୍ ସର୍ଭିସ ଏସ୍ ୩ରେ ପ୍ରକାଶିତ ହୋଇଛି । ଭିପିଏନ ମେଣ୍ଟରର ବରିଷ୍ଠ ଗବେଷକ ରାନ୍ ଲୋକାର ଏବଂ ନୋମ୍ ରୋଟମ୍ ଏହି ଡାଟା ଚୋରି ସମ୍ପର୍କରେ ଜାଣିବାକୁ ପାଇଛନ୍ତି। ଭାରତର ବିଭିନ୍ନ ବର୍ଗର ଲୋକଙ୍କ ତଥ୍ୟ ଯଥା- ଆଧାର, ପାନ, ମୋବାଇଲ ନମ୍ବର,ବ୍ୟାଙ୍କ ତଥ୍ୟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି ହୋଇଯାଇଥିବା ରିପୋର୍ଟରେ କୁହାଯାଇଛି। ଲୋକଙ୍କର କୌଣସି ତଥ୍ୟ ଚୋରି ହୋଇ ନ ଥିବା ସରକାର କହିଛନ୍ତି।

### ହ୍ୟୁଣ୍ଡାଇର ରିଲିଫ୍ ଟାସ୍କ ଫୋର୍ସ

**ଭୁବନେଶ୍ୱର,୧।୬:** ପ୍ରମୁଖ କାର ନିର୍ମାତା ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିଃ ପକ୍ଷରୁ ଅମ୍ଫନ ବାତ୍ୟା ପ୍ରଭାବିତ ପଶ୍ଚିମବଙ୍ଗ ପାଇଁ ହ୍ୟୁଣ୍ଡାଇ ଏକ ରିଲିଫ୍ ଟାସ୍କ ଫୋର୍ସ ଗଠନ କରିଛି। ଏହି ଟାସ୍କ ଫୋର୍ସ ଟିମ୍ ତା'ର ଗ୍ରାହକମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଉଛି। ଏହି ରିଲିଫ୍ କ୍ୟାମ୍ପରେ ୩୦ଟି ଟ୍ରକ ଏବଂ ରାସ୍ତା କଡରେ ଗ୍ରାହକଙ୍କ ସହାୟତା ପାଇଁ ୨୦ଟି ଯାନକୁ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଛି। ବାତ୍ୟାରେ କ୍ଷତିଗ୍ରସ୍ତ ଯାନ ଗୁଡିକ ପାଇଁ ବୀମା କ୍ଲେମର ସୁବିଧା ମଧ୍ୟ କରାଯାଇଛି । ଏହି ଅବସରରେ କମ୍ପାନୀର ସେଲସ୍, ମାର୍କେଟିଂ ଏବଂ ସର୍ଭିସ ନିର୍ଦ୍ଦେଶକ ତରୁଣ ଗର୍ଗ କହିଛନ୍ତି, ଗ୍ରାହକଙ୍କର ବିଶ୍ୱସନୀୟ ବ୍ରାଣ୍ଡ ଭାବେ ଆମେ ଶ୍ରେଷ୍ଠ ସେବା ପ୍ରଦାନ ପାଇଁ ଉଦ୍ୟମ ଅବ୍ୟାହତ ରଖିଛୁ ।

## 'ୱାନ୍ ନେଶନ ୱାନ୍ ରାଶନ କାର୍ଡ' ଯୋଜନାରେ ଆଉ ୩ ରାଜ୍ୟ

**ନୂଆଦିଲ୍ଲୀ,୧।୬:** ଜୁନ୍ ପହିଲାରୁ 'ୱାନ୍ ନେଶନ ୱାନ୍ ରାଶନ କାର୍ଡ' ଯୋଜନାରେ ଓଡ଼ିଶା ସମେତ ସିକିମ ଏବଂ ମିଜୋରାମ ଭଳି ଆଉ ୩ ରାଜ୍ୟ ସାମିଲ ହୋଇଛନ୍ତି। ଫଳରେ ଉକ୍ତ ଯୋଜନାରେ ଯୋଗଦେଇଥିବା ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକର ସଂଖ୍ୟା ୨୦ ଛୁଇଁଥିବା କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ ସୋମବାର ସୂଚନା ଦେଇଛନ୍ତି। ଅଗଷ୍ଟ ସୁଦ୍ଧା ଉତ୍ତରାଖଣ୍ଡ, ନାଗାଲାଣ୍ଡ ଏବଂ ମଣିପୁର ଏଥିରେ




ସାମିଲ ହେବେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ଏସ୍ଏ)ରେ ଏହି ଯୋଜନା ଅନ୍ତର୍ଗତ ଦେଶର ଯେକୌଣସି ସ୍ଥାନରେ ରହିଲେ ମଧ୍ୟ ଗୋଟିଏ ରାଶନ କାର୍ଡରେ ରାଶନ ସାମଗ୍ରୀ ଉଠାଇ ହେବ। ମାର୍ଚ୍ଚ ୨୦୨୧ ପରଠାରୁ ଏହାକୁ ସାରା ଦେଶରେ ଲାଗୁ କରାଇବାକୁ ଯୋଜନା ରଖାଯାଇଛି। ଏଥିଲାଗି ବର୍ତ୍ତମାନ ଭିତ୍ତିଭୂମିକୁ ବିକଶିତ କରାଯାଉଛି। ଇଲେକ୍‌ଟ୍ରୋନିକ୍ସ ପଏଣ୍ଟ ଅଫ୍ ସେଲ୍ ସଫ୍ଟୱେର, ପିଡିଏସ୍ ସିଷ୍ଟମକୁ ସେଣ୍ଟ୍ରାଲ ଇଣ୍ଟିଗ୍ରେଟେଡ୍ ମ୍ୟାନେଜମେଣ୍ଟ ସିଷ୍ଟମ ସହ ସମନ୍ୱିତ କରିବା, ଅନ୍ନ ବିତରଣ ପୋର୍ଟାଲ, ସେଣ୍ଟ୍ରାଲ ରିପୋଜିଟୋରିରେ ହିତାଧିକାରୀଙ୍କ ଡାଟା ଭଳି ବିଭିନ୍ନ ଯୋଜନା ଉପରେ ବର୍ତ୍ତମାନ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି।

**ତୃତୀୟ ବାର୍ଷିକୀ ଜନ୍ମଦିନ**



ପ୍ରିୟଙ୍କା ବେହେରା (ସ୍ନେହା)
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଳାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେ, ଜେଜେ ମା, ବଡ଼ ବାପା, ବଡ଼ ବୋଉ, ବାପା, ବୋଉ, ବଡ଼ ଅଜା, ବଡ଼ ଆଈ, ସାନ ଅଜା, ସାନ ଆଈ, ବଡ଼ ମାମୁ, ସାନ ମାମୁ, କାହ୍ନା ମାମୁ, ମାଇଁ, ମାଉସୀ ଓ ସାଙ୍ଗସାଥୀ ।
ଧ-୬୭୬୧୯

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



ସାଇ
ତୁମର ଦ୍ୱିତୀୟ ଜନ୍ମଦିନରେ ପ୍ରଭୁ ସାଇ ନାଥଙ୍କ ପାଖରେ ପ୍ରାର୍ଥନା ତୁମର ଚଳାପଥ କୁସୁମିତ ହେଉ, ବାବାଙ୍କ ଆଶୀର୍ବାଦ ତୁମ ଉପରେ ସର୍ବଦା ରହିଥାଉ।
-:ଶୁଭେଚ୍ଛା ସହ:-
ମୁଖୀ ଫ୍ୟାମିଲ, ଜେଜେ, ଜେଜେ ମା, ଅଜା, ଆଈ, ମାମୁ, ଅପା, ବାବା, ମାମା , ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୨୭୭

**9th Birthday Wish**



Upansu (Subham)
" The best part of having an amazing son is that all of life's shortcomings undone".
Happy Birthday Beta.
-:Best Wishes:-
Papa, Mama, Tata, Maama, Peda Tata, Peda Maama, Kuni, Aja, Aai, Tulu, July, Lachu, Lila, Giri, Pushpa,Ashis Santu, Rinku, Rinki, Sonu, Mumu, Jyoshna, Rudra, Bhawana, Sanvi, Purbika & Mohil.
D-67116

# ଏମ୍ଏସ୍ଏମ୍ଇ ଲାଗି ନୂଆ ରୋଡ୍‌ମ୍ୟାପ୍

**ନୂଆଦିଲ୍ଲୀ,୧।୬**

କରୋନା ଦ୍ୱାରା କବଳିତ ଅର୍ଥ ବ୍ୟବସ୍ଥାକୁ ପୁଣି ଥରେ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ସରକାର ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ଦେଶର ବିକାଶ କ୍ଷେତ୍ରରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ)ଗୁଡ଼ିକ ପ୍ରମୁଖ ଯୋଗଦାନ ରଖୁଛନ୍ତି। ହେଲେ ଗତ କିଛି ବର୍ଷ ଧରି ଏମ୍ଏସ୍ଏମ୍ଇ ବିଭିନ୍ନ ଚାପର ସମ୍ମୁଖୀନ ହୋଇଛନ୍ତି। ବିଶ୍ୱ ମାନ୍ଦାବସ୍ଥା ଯୋଗୁ ରପ୍ତାନି କ୍ଷତିଗ୍ରସ୍ତ ହେଉ କି ବଜାରରେ ଚାହିଦା କମ୍ ହେଉ ବିଭିନ୍ନ ସମସ୍ୟାରେ କ୍ଷୁଦ୍ରଶିଳ୍ପ ଛନ୍ଦିହୋଇ ରହିଛି। ଏହି ଶିଳ୍ପଗୁଡିକୁ ପୁଣି ଥରେ ଛିଡା କରାଇବା ଲାଗି ସରକାର ନୂଆ ଯୋଜନା ଆରମ୍ଭ କରିଛନ୍ତି। ସରକାର ନିକଟରେ ଘୋଷଣା କରିଥିବା ଆତ୍ମନିର୍ଭର ଭାରତ ପଦକ୍ଷେପ ଦ୍ୱାରା କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପଗୁଡ଼ିକୁ ଟ୍ରାକ୍‌କୁ ଆଣିବା ଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି।

କେନ୍ଦ୍ର ସରକାର ସୋମବାର ଏମ୍ଏସ୍ଏମ୍ଇ କ୍ଷେତ୍ର ଲାଗି ନୀତି ପରିବର୍ତ୍ତନକୁ ମଞ୍ଜୁରୀ ଦେଇଛନ୍ତି। ଆତ୍ମନିର୍ଭର ଭାରତ ପ୍ୟାକେଜର ଅଂଶ ଭାବେ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ମୋଦି ୨.୦ର ଦ୍ୱିତୀୟ



■ କ୍ଷୁଦ୍ର ଶିଳ୍ପକୁ ୫୦ ହଜାର କୋଟି ଟଙ୍କାର ପୁଞ୍ଜି
■ ଚାପଗ୍ରସ୍ତ କମ୍ପାନୀଙ୍କ ସହାୟତା ଲାଗି ୪ ହଜାର କୋଟିର ପାଣ୍ଠି

ବର୍ଷ ପ୍ରଥମ କ୍ୟାବିନେଟ ବୈଠକରେ ଏମ୍ଏସ୍ଏମ୍ଇ ସଂଜ୍ଞା ପରିବର୍ତ୍ତନକୁ ମଞ୍ଜୁରୀ ଦିଆଯାଇଛି। ନୂଆ ସଂଜ୍ଞା ମୁତାବକ ୧ କୋଟି ଟଙ୍କାର ନିବେଶ ଏବଂ ୫ କୋଟି ପର୍ଯ୍ୟନ୍ତ କାରବାର କରୁଥିବା କମ୍ପାନୀକୁ ଅଣୁ ୟୁନିଟ ଭାବେ ବିବେଚନା କରାଯିବ। ସେହିଭଳି ୧୦ କୋଟି ଟଙ୍କାର ନିବେଶ ୫୦ କୋଟି ଟଙ୍କାର କାରବାର କରୁଥିଲେ କ୍ଷୁଦ୍ର ଏବଂ ୫୦ କୋଟି ଟଙ୍କାର ନିବେଶ ଏବଂ ୨୫୦ କୋଟି କାରବାର ସୀମା ହାସଲ କରୁଥିଲେ ଏହାକୁ ମଧ୍ୟମ ବର୍ଗ ୟୁନିଟ ବୋଲି ବିଚାର କରାଯିବ। କାରବାର କ୍ଷେତ୍ରରେ ରପ୍ତାନିକୁ ବାଦ୍ ଦିଆଯାଇନାହିଁ।

କେନ୍ଦ୍ର ସରକାର ଏମ୍ଏସ୍ଏମ୍ଇ ଗୁଡିକୁ ପୁଞ୍ଜି ଯୋଗାଣ ଲାଗି ବ୍ୟବସ୍ଥା କରିଛନ୍ତି। ନଗଦ ପୁଞ୍ଜି ଭାବେ ଏହି ଶିଳ୍ପଗୁଡିକୁ ୫୦ ହଜାର କୋଟି ଟଙ୍କା ଯୋଗାଇଦେବା ଲାଗି ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଦେଶର ଅର୍ଥ ବ୍ୟବସ୍ଥାକୁ ଏମ୍ଏସ୍ଏମ୍ଇ ପ୍ରମୁଖ ଯୋଗଦାନ ରଖୁଥିବାରୁ ଏହାର ଗୁରୁତ୍ୱକୁ ବୁଝି ସରକାର ନୂଆ ପଦକ୍ଷେପ ହାତକୁ ନେଇଛନ୍ତି ବୋଲି କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି। ଏହି ପଦକ୍ଷେପଗୁଡିକ ବାଣିଜ୍ୟିକ ପରିବେଶରେ ଉନ୍ନତି, ନିବେଶ ଆକୃଷ୍ଟ କରିବା ଏବଂ ନିଯୁକ୍ତି ସୃଷ୍ଟି ଉପରେ ଯୋଗଦାନ ରଖିବ ବୋଲି ସେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଯେ, ସାରା ଦେଶରେ ୬୦ ନିୟୁତ ଏମ୍ଏସ୍ଏମ୍ଇ ମୋଟ ଜିଡିପିକୁ ୨୯% ଯୋଗଦାନ ରଖୁଛନ୍ତି। ରପ୍ତାନି କ୍ଷେତ୍ରରେ ୪୮% ଏବଂ ୧୧୦ ନିୟୁତ ଲୋକଙ୍କୁ ନିଯୁକ୍ତି ଦେବାରେ କମ୍ପାନୀଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ୟୁ.କେ. ସିହ୍ନା କମିଟିର ସୁପାରିସକ୍ରମେ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ଚାପଗ୍ରସ୍ତ ସମ୍ପତ୍ତି ଲାଗି ସରକାର ୪ ହଜାର କୋଟି ଟଙ୍କାର ଏକ ପାଣ୍ଠି ଘୋଷଣା କରିଛନ୍ତି। ଏହି କମ୍ପାନୀଗୁଡିକ ୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏହି ଯୋଜନା ଦ୍ୱାରା ପ୍ରଭାବିତ ସ୍ଥିତିରେ ଥିବା ପ୍ରାୟ ୨ ଲକ୍ଷ ଏମ୍ଏସ୍ଏମ୍ଇ ଲାଭବାନ ହେବେ ବୋଲି କୁହାଯାଇଛି। ଏହାବାଦ୍ ସରକାର ଉଠାଦୋକାନୀଙ୍କ ଲାଗି ୧୦ ହଜାର କୋଟି ଟଙ୍କାର ପାଣ୍ଠି ଘୋଷଣା କରିଛନ୍ତି। ୫୦ ଲକ୍ଷ ବ୍ୟବସାୟୀ ଏହାଦ୍ୱାରା ଲାଭବାନ ହୋଇପାରିବେ।

## ମଝି ସିଟ୍ ଖାଲି ରଖିବାକୁ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୧।୬:** ବର୍ତ୍ତମାନ କରୋନା ମାମଲା ବଢୁଥିବାରୁ ସରକାର ଏହାକୁ ନଜରରେ ରଖି କଟକଣା କୋହଳ କରିଥିଲେ ମଧ୍ୟ ସତର୍କତା ଅବଲମ୍ବନ କରୁଛନ୍ତି। ମେ ମାସ ୨୫ ପରଠାରୁ ସାରା ଦେଶରେ ଘରୋଇ ବିମାନ ଉଡ଼ାଣକୁ ଅନୁମତି ମିଳିଛି। ଏଭଳି ସ୍ଥିତିରେ ବିମାନ ମଧ୍ୟରେ ମଝି ସିଟିକୁ ଖାଲି ରଖିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କମ୍ପାନୀଗୁଡିକୁ ନିର୍ଦ୍ଦେଶ ରହିଛି। ଅଧିକ ପାସେଞ୍ଜର ଲୋଡ୍ ରହିବା କ୍ଷେତ୍ରରେ ଯଦି କମ୍ପାନୀ ମଝି ସିଟ୍‌କୁ ବ୍ୟବାହାର କରନ୍ତି ତେବେ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ଏଥିଲାଗି ୩ ଲେୟାର ବିଶିଷ୍ଟ ଫେସ୍ ମାସ୍କ, ଫେସ୍ ସିଲ୍ଡ ବ୍ୟବହାର କରିବାକୁ ଡିଜିସିଏ ଅର୍ଡରରେ କହିଛି।

## କରୋନା ଯୋଦ୍ଧାଙ୍କୁ ଉତ୍ସାହିତ କଲା ଓଏମ୍‌ସି

**ଭୁବନେଶ୍ୱର, ୧।୬ :** ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ କରୋନା ଯୋଦ୍ଧାଙ୍କୁ ଉତ୍ସାହିତ ଲାଗି ପଦକ୍ଷେପ ନିଆଯାଇଛି। ରୋଗୀଙ୍କ ସେବାରେ କାର୍ଯ୍ୟରତ ସମସ୍ତ କରୋନା ଯୋଦ୍ଧାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓଡ଼ିଶା ଖଣି ନିଗମ ପକ୍ଷରୁ ଶନିବାର ସନ୍ଧ୍ୟା ୫ଘଟିକା ସମୟରେ ସମୂହ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଗମର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ସାମିଲ ହୋଇଥିଲେ।



# ଖେଳ ଖବର

### ବ୍ରାଜିଲ ଫୁଟବଲ କ୍ଲବର ୧୬ ଖେଳାଳି ପଜିଟିଭ୍

**ରିଓ ଡି ଜେନେରିଓ,୧।୬(ପି.ଟି.):** ବ୍ରାଜିଲର ଏକ ଫୁଟବଲ୍ କ୍ଲବ ଭାସ୍କୋଡାଗାମାର ୧୬ ଜଣ ଖେଳାଳି କୋଭିଡ- ୧୯ ପଜିଟିଭ ଜଣାପଡିଛି। ୨୫୦ ଜଣଙ୍କର ପରୀକ୍ଷା କରାଯାଇଥିଲା ବୋଲି ରିଓ ଡି ଜାନେଇରୋର ଏହି କ୍ଲବ ତରଫରୁ କୁହାଯାଇଛି। ଏମାନଙ୍କ ମଧ୍ୟରୁ ୩ଜଣ ସୁସ୍ଥ ହୋଇଛନ୍ତି। ବାକି ଖେଳାଳିମାନଙ୍କୁ ଗ୍ରୁପ୍‌ରୁ ଅଲଗା କରାଯାଇଛି। ପୂର୍ବରୁ ଆଟଲେଟିକୋ ମିନେଇରୋ ଓ କ୍ରୁଜେଇରୋର ଜଣେ ଲେଖାଏ ଖେଳାଳି କରୋନା ପଜିଟିଭ୍ ବୋଲି ଜଣା ପଡିଥିଲା। ଇକ୍ୟୁଏଡର ମିଡ୍‌ଫିଲ୍ଡର ଜୁଆନ କାଜାରେସଙ୍କ କରୋନା ଭାଇରସ ଅଛି ବୋଲି ଆଟଲେଟିକୋ ତରଫରୁ କୁହାଯାଇଛି। ସେହିପରି କ୍ରୁଜେଇରୋ ଫରୱାର୍ଡ ଭିନିସିଅସ୍ ପୋପୋ ମଧ୍ୟ ଏହି କରୋନା ଭାଇରସ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ବ୍ରାଜିଲରେ କେବେ ଫୁଟବଲର ପ୍ରତ୍ୟାବର୍ତ୍ତନ ହେବ ସେ ନେଇ ଏପର୍ଯ୍ୟନ୍ତ କୌଣସି ତାରିଖ ଧାର୍ଯ୍ୟ ହୋଇନାହିଁ।

## ପଙ୍ଘାଲ, ବିକାଶଙ୍କ ନାମ ସୁପାରିସ

**ନୂଆଦିଲ୍ଲୀ, ୧।୬ (ପି.ଟି.)**

ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍ଆଇ) ସୋମବାର ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ବିଶ୍ୱ ରୌପ୍ୟ ବିଜେତା ଅମିତ ପଙ୍ଘାଲ ଓ ଅଭିଜ୍ଞ ବକ୍ସର ବିକାଶ କ୍ରିଶନଙ୍କ ନାମ ସୁପାରିସ କରିଛି। ବାର୍ଷିକ ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ କେବଳ ଅଲିମ୍ପିକ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବକ୍ସରଙ୍କୁ

**ଖେଳରତ୍ନ ପୁରସ୍କାର**

ମନୋନୀତ କରିଛି। ପଙ୍ଘାଲ (୫୨କେଜି) ଜଣେ ଏସିଆନ ଗେମ୍ସ ଚାମ୍ପିୟନ। ସେ ଏପର୍ଯ୍ୟନ୍ତ କୌଣସି ଜାତୀୟ କ୍ରୀଡ଼ା ପୁରସ୍କାର ପାଇ ନାହାନ୍ତି। ଗତ ୩ ବର୍ଷ ଧରି ତାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଥିଲେ ମଧ୍ୟ ୨୦୧୨ର ଡୋପ୍ ଅପରାଧ ପାଇଁ ତାଙ୍କ ନାମ ବିଚାରକୁ ନିଆଯାଇ ନ ଥିଲା। ରାଜ୍ୟଗୋଷ୍ଠୀ ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା କ୍ରିଶନ (୬୯କେଜି) ୨୦୧୨ରେ



ଅମିତ ପଙ୍ଘାଲ ବିକାଶ କ୍ରିଶନ

ଅର୍ଜୁନ ପୁରସ୍କାର ଜିତିଥିଲେ। ବିଏଫ୍ଆଇ ୩ଜଣ ବିଶ୍ୱ ବ୍ରୋଞ୍ଜ ବିଜୟୀ ଲଭଲିନା ବେର୍ଗୋହେନ୍ (୬୯କେଜି) ଓ ସିମରନଜିତ୍ କୌର (୬୪କେଜି) ଏବଂ ମନୀଷ କୌଶିକ୍ (୬୩କେଜି)ଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରିଛି। ସେହିପରି ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ବିଏଫ୍ଆଇ ଜାତୀୟ ମହିଳା କୋଚ୍ ମହମ୍ମଦ ଅଲୀ କମାର ଏବଂ ଆସିଷ୍ଟାଣ୍ଟ କୋଚ୍ ଛୋଟେ ଲାଲ୍ ଯାଦବଙ୍କ ନାମ ଚୂଡ଼ାନ୍ତ କରିଛି। ଯାଦବ ଆହୁରିମଧ୍ୟ ୬ଥର ବିଶ୍ୱଚାମ୍ପିୟନ ଏମ୍‌ସି ମେରୀକମ୍‌ଙ୍କ ସହିତ ସଂଶ୍ଳିଷ୍ଟ। ଧ୍ୟାନଚାନ୍ଦ ପୁରସ୍କାର ପାଇଁ ପୂର୍ବତନ ବିଶ୍ୱ ପଦକ ବିଜୟିନୀ ଏନ୍. ଉଷାଙ୍କ ନାମ ସୁପାରିସ ହୋଇଛି। ପ୍ରାର୍ଥୀ ତାଲିକା ପଠାଇବା ଅନ୍ତିମ ଦିବସ ବୁଧବାର ରଖାଯାଇଛି। ଗତ ୪ ବର୍ଷର ପ୍ରଦର୍ଶନକୁ ଭିତ୍ତି କରି ଆଥଲେଟ୍ ଓ କୋଚ୍‌ଙ୍କ ନାମ ସୁପାରିସ କରାଯାଇଥିବା ବିଏଫ୍ଆଇ ପ୍ରକାଶ କରିଛି।

ହାଡ଼ଫୁଟିରେ ପୀଡ଼ିତ ଥିବାରୁ ପଙ୍ଘାଲଙ୍କୁ ଔଷଧ ସେବନ କରିବାକୁ ହୋଇଥିଲା। ଏହି ଔଷଧରେ ନିଷିଦ୍ଧ ଦ୍ରବ୍ୟର ମାତ୍ରା ଥିବା ବିଷୟରେ ସେ ଅବଗତ ନ ଥିଲେ। ଯୁବାବସ୍ଥାରେ ଏହି ଭୁଲ ପାଇଁ ସେ କ୍ଷମା ମଧ୍ୟ ମାଗିଥିଲେ। ତେଣୁ ତାଙ୍କ ସଫଳତା ବିଚାରକୁ ନିଆଯିବା ଉଚିତ୍ ବୋଲି ବିଏଫ୍ଆଇ ଗତବର୍ଷ ନାମ ତାଲିକା ପଠାଇବା ବେଳେ ଉଲ୍ଲେଖ କରିଥିଲା। କିନ୍ତୁ ତାହା ବୃଥାରେ ପରିଣତ ହୋଇଥିଲା। ପଙ୍ଘାଲ ଏଥିରେ ଅସନ୍ତୋଷ ପ୍ରକାଶ କରି କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ନିକଟକୁ ଏକ ଚିଠି ଲେଖିଥିଲେ। ପୁରସ୍କାର ପାଇଁ ଉଦ୍ଦିଷ୍ଟ ଚୟନ ପ୍ରକ୍ରିୟାରେ ପକ୍ଷପାତିତା ଅବଲମ୍ବନ କରାଯାଉଥିବାରୁ ଏଥିରେ ପରିବର୍ତ୍ତନ ପାଇଁ ସେ ଅନୁରୋଧ କରିଥିଲେ। ସେ ଦର୍ଶାଇଥିଲେ, ଆଥଲେଟମାନଙ୍କ ସଫଳତା ସମ୍ପର୍କରେ ଜନସାଧାରଣ ଅବଗତ। ତେଣୁ ମନ୍ତ୍ରଣାଳୟ ହିଁ ପୁରସ୍କାର ବିଜେତାଙ୍କ ନାମ ସ୍ଥିର କରିବା ଉଚିତ୍। ଅର୍ଜୁନ ପୁରସ୍କାର ପାଇଁ ରହିଥିବା ୩ ପ୍ରାର୍ଥୀଙ୍କ ମଧ୍ୟରେ କୌଶିକ୍‌ଙ୍କର ଗତ ଦୁଇ ବର୍ଷର ରେକର୍ଡ ଖୁବ୍ ଭଲ ରହିଛି। ବିଶ୍ୱ ଚାମ୍ପିୟନଶିପ୍ (୨୦୧୯)ରେ ପ୍ରଥମ ଥର ଭାଗ ନେଇ ସେ ଏକ ବ୍ରୋଞ୍ଜ ପଦକ ସହ ଅଲିମ୍ପିକ ଯୋଗ୍ୟତା ଅର୍ଜନ କରିଥିଲେ।

## ୭୫ ଦିନ ପରେ ଇଂଲଣ୍ଡକୁ ଫେରିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତା

**ଲଣ୍ଡନ, ୧।୬ (ଏପି):** କରୋନା ଭାଇରସ୍ ପାଇଁ ୭୫ ଦିନ ଶଟ୍‌ଡାଉନ୍ ପରେ ଇଂଲଣ୍ଡକୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତା ଫେରିଛି। ଇଂଲଣ୍ଡ କ୍ରୀଡ଼ା ପ୍ରଶଂସକଙ୍କ ପାଇଁ ଏହା ଅତ୍ୟନ୍ତ ଖୁସିର ମୁହୂର୍ତ୍ତ ଥିଲା। ସୋମବାର ୩ଟି ପ୍ରତିଯୋଗିତା ହୋଇଥିଲା।



ତାହା ହେଲା ଗ୍ରେହାଉଣ୍ଡ ରେସିଂ, ହର୍ସ ରେସିଂ ଏବଂ ସ୍ନୁକର। ସରକାରଙ୍କ କରୋନା ଭାଇରସ୍ ପ୍ରୋଟୋକଲ ଅନୁସାରେ ଏବଂ ବିନା ଦର୍ଶକରେ ସମସ୍ତ ପ୍ରତିଯୋଗିତା ହୋଇଥିଲା। ଶଟ୍‌ଡାଉନ୍ ପରେ ପ୍ରଥମ ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତା ଗ୍ରେହାଉଣ୍ଡ ରେସିଂରେ ୬ଟି କୁକୁର ଭାଗ ନେଇଥିଲେ। ନ୍ୟୁକାସ୍‌ଲେ ଗସଫୋର୍ଥ ପାର୍କର ଅଲ୍‌ୱେଦର ଟ୍ରାକ୍‌ରେ ହର୍ସ ରେସିଂ ପାଇଁ ୩୬୯ ଏଣ୍ଟ୍ରି ହୋଇଥିଲା। ଜକିମାନେ ମାସ୍କ ପରିଧାନ କରିଥିଲେ ଏବଂ ସାମାଜିକ ଦୂରତା ରକ୍ଷା କରାଯାଇଥିଲା। କୋର୍ସ ମଧ୍ୟକୁ ଅଳ୍ପକିଛି ବ୍ୟକ୍ତିଙ୍କୁ ଛଡ଼ାଯାଇଥିଲା। ତେବେ ବୁକ୍‌ମେକର ଏବଂ ମାଲିକମାନଙ୍କୁ ବାହାରେ ରଖାଯାଇଥିଲା। ଏହାପୂର୍ବରୁ ମାର୍ଚ୍ଚ ୧୭ରେ ବ୍ରିଟେନରେ ଶେଷଥରପାଇଁ ହର୍ସ ରେସିଂ ଅନୁଷ୍ଠିତ ହୋଇଥିଲା। ମିଲ୍‌ଟନ କେନ୍ସଠାରେ ଅପରାହ୍ନ ୩ଟାରେ ସ୍ନୁକର ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଟପ୍ ର୍ୟାଙ୍କ୍‌ପ୍ରାପ୍ତ ଖେଳାଳି ଜୁଡ୍ ଟ୍ରମ୍ପ ପ୍ରଥମ ମ୍ୟାଚରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ମୋଟ ୬୪ ଖେଳାଳି ଅଂଶଗ୍ରହଣ କରିଥିଲେ। ମ୍ୟାଚସ୍ଥଳକୁ ପ୍ରବେଶ କରିବା ପୂର୍ବରୁ ସମସ୍ତ ପ୍ରତିଯୋଗୀଙ୍କର କୋଭିଡ୍ ଟେଷ୍ଟ କରାଯାଇଥିଲା।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ନୀଳମଣୀ ପଟ୍ଟନାୟକ
ମାତୃଭବନ, କଟକରୋଡ୍, ଭୁବନେଶ୍ୱର-୭୫୧୦୦୬
ବୋଉ, ତୋର ୩୯ତମ ଶ୍ରାଦ୍ଧଦିବସରେ ଆମେ ସମସ୍ତେ ତୋର ତ୍ୟାଗପୂତ ଜୀବନର ମମତାଭରା ସ୍ମୃତିକୁ ସ୍ମରଣ କରି ତୋର ଆଦର୍ଶ ଆମ ସମସ୍ତଙ୍କର ଜୀବନାଦର୍ଶ ଓ ପ୍ରାତଃ ସ୍ମରଣୀୟ କରି ତୋର ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ଫକୁ, ଶାନ୍ତା, ପଟୁ, ପରୁ, ଲକ୍ଷ୍ମୀଧର, ନଳିନୀ, ପ୍ରଜ୍ଞା, ପ୍ରାଚୀ, ମୁନା, ଅରୁଣ, ପୂଜା, ଦିଶା, ଦ୍ରିଷ୍ଟି ଓ ପୀତାମ୍ବର ନୀଳମଣି ମେମୋରିଆଲ ଟ୍ରଷ୍ଟ ଓ ନୀଳମଣୀ ଡେଣ୍ଟାଲ କ୍ଲିନିକର କର୍ମକର୍ତ୍ତା ଓ କର୍ମଚାରୀ ବୃନ୍ଦ
ଧ-୧୭୩୯୨

## ଗୋଆ ସହ ଚୁକ୍ତି କଲେ ଥ୍ଲାଙ୍ଗ୍

**ଗୋଆ, ୧।୬:** ମେଘାଳୟ ଶିଲଂର ରିଡିମ ଥ୍ଲାଙ୍ଗ୍ ଇଣ୍ଡିଆନ ସୁପରଲିଗ୍‌ର (ଆଇଏସ୍ଏଲ୍) ଏଫ୍‌ସି ଗୋଆ କ୍ଲବ ସହିତ ଚୁକ୍ତିବଦ୍ଧ ହୋଇଛନ୍ତି। ଫଳରେ ୨୫ ବର୍ଷୀୟ ଥ୍ଲାଙ୍ଗ୍ ଆଗାମୀ ଆଇଏଓଏଲ ସିଜନରେ କମଳା ରଙ୍ଗର ଜର୍ସିରେ ନଜରକୁ ଆସିବେ। ସେହିପରି ଗୋଆର ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଅଭିଯାନରେ ମଧ୍ୟ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ''ଆମେ ଥ୍ଲାଙ୍ଗ୍‌ଙ୍କ ଉପରେ ନଜର ରଖି ଆସୁଥିଲୁ। ସେ ନର୍ଥଇଷ୍ଟ ୟୁନାଇଟେଡ ପକ୍ଷରୁ ଗତ ୨ ସିଜନ ଧରି ଆଇଏସଏଲରେ ପ୍ରଭାବୀ ପ୍ରଦର୍ଶନ କରି ଆସୁଥିଲେ। ତାଙ୍କ ବେଗ ଏବଂ ଦକ୍ଷତା ନିଶ୍ଚିତଭାବେ ଆମ ଦଳକୁ ଫାଇଦାରେ ରଖିବ'' ବୋଲି ଏଫ୍‌ସି ଗୋଆ ସଭାପତି ଅକ୍ଷୟ ଟଣ୍ଡନ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗୋଆ ଦଳରେ ଯୋଗ ଦେଇଥିବାରୁ ସେ ଅତ୍ୟନ୍ତ ଖୁସି ବୋଲି ଥ୍ଲାଙ୍ଗ୍ କହିଛନ୍ତି। ''ମୁଁ ସୁଯୋଗ ପାଇଲେ ଏଫ୍‌ସି ଗୋଆ ଖେଳ ଦେଖିଥାଏ। ମୁଁ ଏବେ ନିଜେ 'ଗୌର' ବାହିନୀର ସଦସ୍ୟ ହେବା ଜୀବନର ଅନ୍ୟତମ ଶ୍ରେଷ୍ଠ କ୍ଷଣ ବୋଲି ଭାବୁଛି। ନର୍ଥଇଷ୍ଟ ୟୁନାଇଟେଡ ସହିତ ମୁଁ ଖେଳକୁ ଉପଭୋଗ କରିଛି। ଏଠାରେ ମୁଁ ଉଚ୍ଚସ୍ତରରେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ସୁଯୋଗ ପାଇବି। ଏହା ମୋ ପାଇଁ ସମ୍ମାନ ସଦୃଶ। ଭାବପ୍ରବଣ ଗୋଆ ସମର୍ଥକଙ୍କ ସମ୍ମୁଖରେ ଏବଂ ଭାରତୀୟ ଦଳର କେତେଜଣ ଶ୍ରେଷ୍ଠ ଖେଳାଳିଙ୍କ ସହ ଖେଳିବା ଅନନ୍ୟ ଅନୁଭୂତି ଆଣିବ'' ବୋଲି ଥ୍ଲାଙ୍ଗ୍ କହିଛନ୍ତି।

### ଅଷ୍ଟ୍ରେଲିଆ କ୍ରିକେଟରଙ୍କ ଟ୍ରେନିଂ ଆରମ୍ଭ

**ସିଡ୍‌ନୀ, ୧।୬(ପି.ଟି.):** ସିଡ୍‌ନୀ ଅଲିମ୍ପିକ୍ ପାର୍କରେ ସୋମବାର ଆଗଧାଡିର କେତେକ ଅଷ୍ଟ୍ରେଲିଆ କ୍ରିକେଟର ଟ୍ରେନିଂ ଆରମ୍ଭ କରିଛନ୍ତି। ଏଥିରେ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ସାମିଲ ରହିଛନ୍ତି। କୋଭିଡ୍-୧୯ ଲକ୍‌ଡାଉନ୍ କାରଣରୁ ଗତ ଦୁଇମାସ ହେବ ଶାରୀରିକ ଓ ମାନସିକ ଫିଟ୍‌ନେସ ଉପରେ ଧ୍ୟାନ ଦେଇଛୁ। ଟ୍ରେନିଂ ଆରମ୍ଭ କରିବା ନେଇ ଆମେ ଏବେ ଉତ୍ସାହିତ ରହିଛୁ ବୋଲି ସ୍ମିଥ୍ କହିଛନ୍ତି। ଟ୍ରେନିଂରେ ତାରକା ଓପନର ଡେଭିଡ୍ ୱାର୍ନର ଓ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ମଧ୍ୟ ସାମିଲ ହୋଇଛନ୍ତି। ବୁଦ୍ଧ ଦ୍ୱାରରେ ସେସନ ପୂର୍ବରୁ ଏହି ଟ୍ରେନିଂ ଆରମ୍ଭ ହୋଇଛି। କୋଭିଡ-୧୯ ମହାମାରୀରେ ଅଷ୍ଟ୍ରେଲିଆ ବିଶ୍ୱର ଅନ୍ୟ ଦେଶଗୁଡିକ ତୁଳନାରେ ସବୁଠାରୁ କମ୍ ପ୍ରଭାବିତ ହୋଇଛି।

## ଆରମ୍ଭ ହେଲା ଖେଲୋ ଇଣ୍ଡିଆ ଇ-ପାଠଶାଳା

**ନୂଆଦିଲ୍ଲୀ, ୧।୬ (ପି.ଟି.):** ଖେଲୋ-ଇଣ୍ଡିଆ ପାଠଶାଳା ପ୍ରୋଗ୍ରାମ୍ ସୋମବାରଠାରୁ ଆରମ୍ଭ ହୋଇଛି। କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଓ ଜନଜାତି ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏକ ୱେବିନାର୍ ଜରିଆରେ ଏହାର ଉଦ୍‌ଘାଟନ କରିଛନ୍ତି। ଏଥିରେ ପ୍ରଥମେ ସମଗ୍ର ଦେଶର ଯୁବ ତୀରନ୍ଦାଜ, ତରନ୍ଦାଜୀ କୋଚ୍ ଓ ଏହି ଖେଳର ବିଶେଷଜ୍ଞମାନେ ଭାଗ ନେଇଥିଲେ। ଦୂରଦୂରାନ୍ତରେ ଥିବା ଆଥଲେଟ୍‌ମାନଙ୍କୁ ଅନ୍‌ଲାଇନ୍ ଜରିଆରେ କୋଚିଂ ଓ ଶିକ୍ଷାଦାନ କରିବା ଇ-ପାଠଶାଳାର ମୂଳ ଉଦ୍ଦେଶ୍ୟ। ନ୍ୟାଶନାଲ ସ୍ପୋର୍ଟିଂ ଫେଡେରେଶନ (ଏନ୍ଏସ୍ଏଫ୍)ର ମିଳିତ ସହଯୋଗରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ତରଫରୁ ଏହି ପ୍ରୋଗ୍ରାମ୍‌ର ଶୁଭାରମ୍ଭ କରାଯାଇଛି। ରିଜିଜୁ କହିଛନ୍ତି ବର୍ତ୍ତମାନ କରୋନାଭାଇରସ୍ ଜନିତ ପରିସ୍ଥିତିରୁ ଏଭଳି ସ୍କିମ୍‌ର ଆବଶ୍ୟକତା ରହିଛି। ଏହି ଅଭିନବ ପ୍ରୋଗ୍ରାମ ଜରିଆରେ ଭାରତର ବିଭିନ୍ନ ଅଞ୍ଚଳରେ ରହିଥିବା ଆଥଲେଟ୍‌ମାନଙ୍କ ସହିତ ଯୋଗସୂତ୍ର ସ୍ଥାପନ ହୋଇପାରିବ, ଯେଉଁମାନଙ୍କ ପକ୍ଷେ ପ୍ରତିଷ୍ଠିତ ଖେଳାଳି ଓ କୋଚ୍‌ଙ୍କ ସଂସ୍ପର୍ଶରେ ଆସିପାରୁ ନାହାନ୍ତି। ଏହି ପ୍ରୋଗ୍ରାମ ଯୁବ ଖେଳାଳିମାନଙ୍କୁ ଉତ୍ସାହିତ କରିବ। ପେସାଦାର ଖେଳାଳି ହେବା ଲାଗି ପ୍ରେରଣା ଦେବ ବୋଲି ରିଜିଜୁ କହିଛନ୍ତି।




ଇ-ଶିକ୍ଷାଦାନ ପ୍ରୋଗ୍ରାମରେ ୨୧ ପ୍ରକାର ଖେଳକୁ ସାମିଲ କରାଯାଇଛି। ସେଗୁଡ଼ିକ ମଧ୍ୟରେ ରହିଛି ଅଥଲେଟିକ୍ସ, ତୀରନ୍ଦାଜୀ, ବକ୍ସିଂ, ସାଇକ୍ଲିଂ, ଫେନ୍‌ସିଂ, ଫୁଟ୍‌ବଲ, ଜିମ୍ନାଷ୍ଟିକ୍ସ, ହକି ଜୁଡୋ, କାୟାକିଙ୍ଗ୍ ଓ କାନୋଇଙ୍ଗ, କବାଡ଼ି, ପାରା ଗେମ୍ସ, ରୋଇଂ, ଶୁଟିଂ, ଟାଏକୋଣ୍ଡୋ, ଟେବୁଲ ଟେନିସ୍, ଭଲିବଲ୍, ଭାରୋତ୍ତୋଳନ, କୁସ୍ତି ଓ ଉଷୁ। ଏହି ପ୍ରୋଗ୍ରାମ୍‌ରେ ସିନିୟର କୋଚ୍‌ମାନେ ଅଂଶଗ୍ରହଣ କରିବେ। ସ୍ପୋର୍ଟ୍ସ ସାଇଣ୍ଟିଷ୍ଟ, ହାଇପରଫର୍ମାନ୍ସ ଡାଇରେକ୍ଟର ଏବଂ ହାଇପରଫର୍ମାନ୍ସ ମ୍ୟାନେଜରମାନଙ୍କୁ ନେଇ ଗଠିତ କମିଟି ଏହାର ପର୍ଯ୍ୟବେକ୍ଷଣ କରିବ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ